


ଜାନୁଆରୀ ୧୬ରେ ହ୍ୟାପି ପଟେଲ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-160 ♦SATURDAY ♦6 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୬୦ ♦ଶନିବାର ♦୬ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ସମ୍ପର୍କର ନୂଆ ଯୁଗ
# ଭାରତ-ରୁଷ ୧୯ ଚୁକ୍ତି

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଆମେରିକାର ଟାରିଫ୍ ରଣନୀତି ଏବଂ ଚୀନ୍‌ର ବିସ୍ତାରବାଦୀ ରାଜନୀତିକୁ ପ୍ରତିହତ କରିବା ପାଇଁ ଭାରତ ତା'ର ମିତ୍ର ରାଷ୍ଟ୍ର ରୁଷ୍ ସହିତ ସମ୍ପର୍କର ନୂଆ ଯୁଗ ଆରମ୍ଭ କରିଛି। ଦୁଇଦିନିଆ ଭାରତ ଗସ୍ତରେ ଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରମାଣୁ, ତୈଳ, ଗ୍ୟାସ ଓ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୧୯ଟି ଚୁକ୍ତି ସ୍ୱାକ୍ଷର କରି ପରୋକ୍ଷରେ ଆମେରିକା ଓ ଚୀନ୍‌କୁ ଶକ୍ତ ଜବାବ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ସହ ଥିବା ପୂର୍ବ ସମ୍ପର୍କକୁ ଅତୁଟ ରଖିବାର ଦୃଢ଼ ପ୍ରତିଶ୍ରୁତି ଦେଇ ରୁଷ୍ ରାଷ୍ଟ୍ରପତି ପୁତିନ୍ ୨୦୨୬ ରୁଷ୍ ଶିଖର ବୈଠକରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମନ୍ତ୍ରଣ କରି ଶୁକ୍ରବାର ରାତିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଭାରତକୁ ଦୁଇ ଦିନିଆ ଗସ୍ତରେ ଆସି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିବା ପୁତିନ୍ ଆଜି ସକାଳେ ହାଇଦ୍ରାବାଦ ହାଉସ୍‌ଠାରେ ଅନୁଷ୍ଠିତ ଶିଖର ବୈଠକରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ

**କେବଳ ତୈଳ ଓ ଗ୍ୟାସ ଆଲୋଚନା ପାଇଁ ଆସିନାହୁଁ: ପୁତିନ**

**ରୁଷ୍ ସବୁଠୁ ଘନିଷ୍ଠ ବନ୍ଧୁ ଓ ଦୁଇ ଦେଶର ସମ୍ବନ୍ଧ ଧ୍ରୁବତାରା ଭଳି ସ୍ଥିର: ମୋଦୀ**

**୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାର ୧୦୦ ବିଲିୟନ ଡଲାର ଛୁଇଁବ**

**ଆମେରିକାର ଦୋମୁହାଁ ନୀତିକୁ ରୁଷ୍ ରାଷ୍ଟ୍ରପତିଙ୍କ ସମାଲୋଚନା**

**କୁଡନକୁଲମରେ ଭାରତର ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ**

**ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ କରାଯିବ**



ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁତିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଥିଲେ। ଉଭୟେ ନୈଶଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ▶ପୃଷ୍ଠା-୭

# ଟ୍ରମ୍ପଙ୍କୁ 'ଫୋମୋ'



■ ୱାଶିଂଟନ, ୫।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ୨୭ ଘଣ୍ଟାର ଗସ୍ତ ଓ ଭାରତ ସହ ଅନେକ ବୁଝାମଣା ପରେ ଅକସ୍ମାତ 'ଫୋମୋ' (ଫିଅର ଅଫ୍ ମିସିଂ ଆଉଟ)ର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ -ରୁଷ ମଧ୍ୟରେ ବଡ଼ ଚୁକ୍ତିନାମା ତାଙ୍କ ନିଦ ହଜାଇ ଦେଇଛି ଓ ଆକସ୍ମିକ ଭାବରେ ସେ ଭାରତକୁ ପ୍ରଶଂସା ସହ ୟୁରୋପୀୟ ଦେଶ ପ୍ରତି ଆକ୍ରମଣାତ୍ମକ ଟିପ୍ପଣୀ ଦେବା ଆରମ୍ଭ କରିଛନ୍ତି। ଏପରିକି ଚୀନ ବିରୋଧରେ ମୋର୍ଚ୍ଚା ଖୋଲିବା ନିମନ୍ତେ ଆମେରିକା ଭାରତର ସହଯୋଗ ଲୋଡ଼ିଛି ।

**ଲୋଡ଼ିଲେ ଭାରତର ସହଯୋଗ**

ଟ୍ରମ୍ପ ପ୍ରଶାସନ ଦ୍ୱାରା ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଟ୍ରମ୍ପ ପ୍ରଶାସନ ୟୁରୋପୀୟ ଦେଶଗୁଡ଼ିକୁ କଠୋର ଶବ୍ଦରେ ସମାଲୋଚନା କରିଛି। ୟୁରୋପୀୟ ଦେଶମାନେ ଗଣତନ୍ତ୍ରକୁ ନଷ୍ଟ କରିବାକୁ ଲାଗିଛନ୍ତି ଓ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁ ନାହାନ୍ତି। ଅର୍ଥନୀତିକୁ ଉନ୍ନତ କରିବା ପାଇଁ ରୁଷ ସହ ଶତ୍ରୁତା ଶେଷ କରିବା ଓ ୟୁକ୍ରେନ ସହ ଯୁଦ୍ଧ ରୋକିବା ୟୁରୋପୀୟ ଦେଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ସେହିପରି ଜାତୀୟ ରଣନୀତିରେ ଚୀନକୁ ଏକ ଆର୍ଥିକ ଚ୍ୟାଲେଞ୍ଜ ଭାବରେ ଆମେରିକା ଉଲ୍ଲେଖ କରିଛି। ଚୀନ ବିରୋଧରେ ଆର୍ଥିକ ମୋର୍ଚ୍ଚାରେ ଭାରତ ଆମେରିକାର ବଡ଼ ସହଯୋଗୀ ହୋଇପାରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ୱାଶିଂଟନ ଚୀନ ସହିତ ଆର୍ଥିକ ସମ୍ପର୍କକୁ ପୁନଃସନ୍ତୁଳନ କରିବା ପାଇଁ ପଦକ୍ଷେପ ନେବ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୁଦ୍ଧ ରୋକିବା ପାଇଁ ପ୍ରୟାସ କରିବ ବୋଲି କୁହାଯାଇଛି ।

## ରାଜ୍ୟରେ ପୁଣି ପରୀକ୍ଷା ବିଭ୍ରାଟ; ବିଧାନସଭାରେ ହଟ୍ଟଗୋଳ
# ପରୀକ୍ଷା ପୂର୍ବରୁ ଏଏନ୍‌ଏମ୍ ପ୍ରଶ୍ନପତ୍ର ଲିକ୍

■ ଭୁବନେଶ୍ୱର, ୫।୧୨ (ସମିସ): ରାଜ୍ୟରେ ପୁଣିଥରେ ପରୀକ୍ଷା ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର ଠିକ୍ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି। ଶୁକ୍ରବାର ଏଏନ୍‌ଏମ୍ ପରୀକ୍ଷା ଥିବା ବେଳେ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଛି। ଦ୍ୱିତୀୟ ବର୍ଷ ପିଲାଙ୍କ ପଞ୍ଚମ ପେପର୍ 'ମିଡ ୱାଇଫେରୀ' ଦିନ ୨ଟା ବେଳେ ଆରମ୍ଭ ହେବାର ଥିଲା। ହେଲେ ଦିନ ୧୧ଟା ବେଳକୁ ଏହା ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିଥିଲା। ଏପରିକି, ବଜାରରେ ଏହାର ପ୍ରିଣ୍ଟ କପି ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ମାଲକାନାଗିରି ଓ

**କ୍ୟାପିଟାଲ ଥାନାରେ ଏତଲା; ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ**


ODISHA NURSES & MIDWIVES EXAMINATION BOARD
SECOND YEAR ANNUAL EXAMINATION IN ANM-2025
Paper-V


ବଲାଙ୍ଗିରରୁ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ଡିଏମ୍‌ଇଟି ପକ୍ଷରୁ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

ବାରମ୍ବାର ପରୀକ୍ଷା ବିଭ୍ରାଟକୁ ନେଇ ଆଜି ବିଧାନସଭାରେ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ଏଏନ୍‌ଏମ୍ ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ବିବୃତି ରଖିବାକୁ ବାଚସ୍ପତି ସୁରମା ପାଢ଼ୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ଅଧିବେଶନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଏଏନଏମ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏନେଇ ଏତଲା ପ୍ରଦାନ ▶ପୃଷ୍ଠା-୭

## ଉଡ଼ାଣ ଅଚଳ
### ଯାତ୍ରୀଙ୍କୁ କ୍ଷମା ମାଗିଲା ଇଣ୍ଡିଗୋ
# ଡିଜିସିଏର ତଦନ୍ତ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଚତୁର୍ଥ ଦିନରେ ବି 'ଇଣ୍ଡିଗୋ'ର ବିମାନ ସେବାରେ ଅଚଳାବସ୍ଥା ଜାରି ରହିଛି। ପାଇଲଟ ଏବଂ କର୍ମଚାରୀଙ୍କ ଘୋର ଅଭାବ ପାଇଁ ଗତ ୪ ଦିନରେ ୧୭୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଶତାଧିକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଏଥିଯୋଗୁଁ ଦେଶର ପ୍ରାୟ ସବୁ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏହି ଘଟଣାରେ ଇଣ୍ଡିଗୋ ସିଇଓ ଦୁଃଖ ପ୍ରକାଶ କରିବା ସହ ଯାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଆସନ୍ତା ୧୦ରୁ ୧୫ତାରିଖ ମଧ୍ୟରେ ବିମାନ ▶ପୃଷ୍ଠା-୭

# କମିଲା ସୁଧ ହାର

■ ମୁମ୍ବଇ, ୫।୧୨ (ଏଜେନ୍ସି): ଦେଶରେ ହ୍ରାସ ପାଉଥିବା ଖୁଚୁରା ମୁଦ୍ରାସ୍ଫୀତିକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଏହାର ପ୍ରମୁଖ ସୁଧ ହାର ବା ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ ଘଟାଇଛି। ଏହା ପରେ ରେପୋ ହାର ୫.୫୦%ରୁ ୫.୨୫%କୁ ଖସିଆସିଛି। ଆର୍‌ବିଆଇ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ଦିବସରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଏହି ହ୍ରାସ ଘଟାଇଥିବା ଆର୍‌ବିଆଇ ଗଭର୍ଣ୍ଣର ▶ପୃଷ୍ଠା-୭

# ଦୁର୍ଘଟଣାରେ ଗଲା ୬ ଜୀବନ

■ ଯୋଡ଼ା/ବଡ଼ବିଲ, ୫।୧୨ (ସମିସ): କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୫୨୦ନମ୍ବର ଜାତୀୟ ରାଜପଥ ଆଜି ପୁଣି ୪ଜଣଙ୍କ ଜୀବନ ନେଇଛି। ବଡ଼ବିଲ ତହସିଲ ଅଧୀନ ଦୁଇଟି ପୃଥକ୍ ସ୍ଥାନରେ ଏହି ଅଘଟଣ ଘଟିଛି। ଗୋଟିଏ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି।

### ରାଜପଥରେ ଗଡ଼ିଲା ୪ ମୁଣ୍ଡ
### ଜନ୍ମଦିନ କେକ୍ କିଣି ଫେରିବା ବେଳେ ମାଡ଼ିଗଲା ହାଇୱା

ସଂଧ୍ୟା ପ୍ରାୟ ସାଢ଼େ ୬ଟାରେ ଯୋଡ଼ା ଥାନା ଅନ୍ତର୍ଗତ କଳାପାହାଡ଼ ଛକ ନିକଟରେ ବାଇକ୍ ଉପରେ ଏକ ଟ୍ରେଲର୍ ମାଡ଼ିଯିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଯୋଡ଼ା ୧ ନମ୍ବର ୱାର୍ଡ ତାରିଣୀ ହଟିଂର ଶଙ୍କର ବାହାଦୁର (୪୫), ଟୁନୁ ପାତ୍ର। ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ୩ଜଣ ଯାକ ଏକ ବାଇକ୍‌ରେ ଫେରୁଥିବା ବେଳେ ଟ୍ରେଲର (ଜେଏଚ୍ ୦୫ବିଏସ୍ ୬୫୧୭)ଟି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ଜଣ ଯାକ ଗାଡ଼ିରୁ ଛିଟିକି ପଡ଼ିବା ପରେ ଟ୍ରେଲର୍‌ଟି ସେମାନଙ୍କୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ଖବର ▶ପୃଷ୍ଠା-୭

### ୨ ବର୍ଷର ଶିଶୁକୁ ଛାଡ଼ି ଚାଲିଗଲେ ବାପା-ମା'

■ ଦିଗପହଣ୍ଡି, ୫।୧୨(ସମିସ): ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଢ଼େପାଗୁଡା ଗ୍ରାମର ପ୍ରତାପ ମଲ୍ଲିକ (୩୫) ଓ ସ୍ତ୍ରୀ ଲଳିତା ମଲ୍ଲିକ (୩୦)। ସେହିପରି ଏହି ଦୁର୍ଘଟଣାରେ ସେମାନଙ୍କ ୨ ବର୍ଷର ଶିଶୁ ଓ ଆର୍. ଉଦୟଗିରି ଅଞ୍ଚଳର ଜଣେ ବାଇକ୍ ଚାଳକ ସୁନୀଲ ଦଳାଇ (୩୬) ଗୁରୁତର ହୋଇଛନ୍ତି। ▶ପୃଷ୍ଠା-୭

# ଫେବ୍ରୁଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

■ କଟକ, ୫।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା-୨୦୨୬ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପାଇଁ ସମ୍ପୂର୍ଣ୍ଣ ସୂଚୀ ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦୨୬ ଫେବ୍ରୁଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ରେଗୁଲାର୍ ଏବଂ ଏକ୍ସ-ରେଗୁଲାର୍ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଗୋଟିଏ ବିଷୟର ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ଗଣିତକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ତେଣୁ ଏହା ୧୧ଟା ୪୫ରେ ଶେଷ ହେବ।

**ପ୍ରକାଶ ପାଇଲା ପରୀକ୍ଷା ସୂଚୀ**

**ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ୍**

ସୂଚୀ ଅନୁଯାୟୀ, ଫେବ୍ରୁଆରି ୧୯ରେ ମାତୃଭାଷା, ୨୧ରେ ଇଂରାଜୀ, ୨୩ରେ ତୃତୀୟ ଭାଷା (ସଂସ୍କୃତ/ ହିନ୍ଦୀ), ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ▶ପୃଷ୍ଠା-୭

# ସରକାରୀ ସହାୟତା ଅପେକ୍ଷାରେ ବିଶ୍ୱ ଚାମ୍ପିଅନ ପିଙ୍କି



■ ଭୁବନେଶ୍ୱର, ୫।୧୨ (ସମିସ): ମହିଳା ସଶକ୍ତିକରଣର ସଂଜ୍ଞା କେବଳ ଆର୍ଥିକ କ୍ଷେତ୍ରରେ ସୀମିତ ନୁହେଁ। ଏହା ସାମାଜିକ, ମାନସିକ ଓ ଶାରୀରିକ ଭଳି ବ୍ୟାପକ କ୍ଷେତ୍ରକୁ ବୁଝାଏ। ଶାରୀରିକ ସଶକ୍ତିକରଣ ବିନା କ୍ରୀଡ଼ାନୈପୁଣ୍ୟ ଓ ଉତ୍କର୍ଷ ବିଷୟରେ ଚିନ୍ତା କରାଯାଇ ପାରେନା। ଅଥଚ ପିଙ୍କି ବେହେରାଙ୍କ ଭଳି ଯେଉଁ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ସେମାନେ ଉପଯୁକ୍ତ ମର୍ଯ୍ୟାଦା, ସମ୍ମାନ ଓ ନ୍ୟାୟରୁ ବଞ୍ଚିତ। ରାଜ୍ୟ ସରକାର ସମ୍ପ୍ରତି ମହିଳା ସଶକ୍ତିକରଣ ଓ କ୍ରୀଡ଼ା ବିକାଶକୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ପାଇଁ ସୁନାମ ଆଣିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। କାରଣ ବଡି ବିଲଡିଙ୍ଗ୍‌ର ରାଜ୍ୟକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ସରକାରୀ ସହାୟତା ଅପେକ୍ଷାରେ। ବଡି ବିଲଡିଙ୍ଗ୍‌ରେ ଓଡ଼ିଶାର ପ୍ରଥମ ମହିଳା ବଡି ବିଲଡର ଭାବେ ବିଶ୍ୱ ବିଜୟୀ ହୋଇ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ପିଙ୍କି।

**ବଡି ବିଲଡିଂରେ ଆଣିଥିଲେ ସ୍ୱର୍ଣ୍ଣ ପଦକ**

**ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ କରିଥିଲେ ଗୌରବାନ୍ୱିତ**

ସୂଚନାଯୋଗ୍ୟ, ୨୦୨୨ ମସିହାରେ କେରଳରେ ଅନୁଷ୍ଠିତ ବଲିବିଲଡିଂ ଚାମ୍ପିଅନସିପ୍‌ରେ ସେ ପ୍ରଥମେ ଭାଗ ନେଇଥିଲେ। ସେଠାରେ ଯଦିଓ କିଛି ସ୍ଥାନ ଅଧିକାର କରିନଥିଲେ ସେହିଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ▶ପୃଷ୍ଠା-୭



୫ମ ସ୍ୱନକ୍ଷତ୍ର

ସକାଳ THE SAKALA
www.sakalaepaper.com
ରାଉରକେଲା

# ରାଉରକେଲା ବିମାନବନ୍ଦରକୁ ବନ୍ଦ କରିଦେବାକୁ ଚକ୍ରାନ୍ତ

ରାଉରକେଲା, ୫।୧୨(ସମିସ)



ରାଉରକେଲା ବିମାନବନ୍ଦରକୁ ସ୍ଥାଣୁ କରି ପରିଶେଷରେ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଜଣେ ଓଡ଼ିଆ ଆଇଏଏସ୍ ଅଫିସର ଚକ୍ରାନ୍ତ କରିଛନ୍ତି। ବିଶ୍ୱକପ୍ ହକି ଚାମ୍ପିଅନ୍ ଅବ୍ୟବହିତ ପୂର୍ବରୁ ତତ୍କାଳୀନ ୫-ଟି ସଚିବ ଜଣେ ଅଣ ଓଡ଼ିଆ ଆଇଏଏସ୍ ଅଫିସର ହୋଇ ବି ରାଉରକେଲାରୁ ଭୁବନେଶ୍ୱର ଓ କଲିକତାକୁ ଦୈନିକ ବିମାନ ଚଳାଚଳ ଆରମ୍ଭ କରିଥିଲେ। ହେଲେ ଏବେ ସମ୍ବଲପୁର ଅଞ୍ଚଳର ଜଣେ ପ୍ରଭାବଶାଳୀ ଓଡ଼ିଆ ଆଇଏଏସ୍ ଅଫିସର ଝାରସୁଗୁଡ଼ା ବିମାନବନ୍ଦରକୁ ଚଳଚଞ୍ଚଳ କରି ରଖିବା ଉଦ୍ଦେଶ୍ୟରେ ରାଉରକେଲା ବିମାନ ବନ୍ଦରକୁ ବନ୍ଦ କରିଦେବା ପାଇଁ ଯେଉଁ ହୀନ ଚକ୍ରାନ୍ତ କରିଛନ୍ତି, ତାକୁ ରାଉରକେଲାବାସୀ କେବେ ବି କ୍ଷମା କରିବେ ନାହିଁ ବୋଲି ହିନ୍ଦ ମଜଦୁର ସଭାର ସାଧାରଣ ସମ୍ପାଦକ ଶ୍ରମିକ ନେତା ଦିଗମ୍ବର ମହାନ୍ତି ଅଭିଯୋଗ ଆଣିଛନ୍ତି। ବିଶ୍ରାଛକ ସ୍ଥିତ ଏଚ୍ଏମ୍ଏସ୍ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଲେ ଓଡ଼ିଶାର ପ୍ରଥମ ଇସ୍ପାତ ଶିଳ୍ପ ସହର ରାଉରକେଲାରେ ୧୯୬୪ରେ ରାଜ୍ୟର ଦ୍ୱିତୀୟ ବିମାନବନ୍ଦର ସ୍ଥାପନ ହୋଇଥିଲା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଡାଣ ଯୋଜନାରେ ରାଉରକେଲା ବିମାନବନ୍ଦରରୁ ଉଡ଼ିଥିଲା ବିମାନ। ବିଶେଷକରି ୨୦୨୩ ବିଶ୍ୱକପ୍ ହକି ପୂର୍ବରୁ ଏଠାରୁ ଦୈନିକ ୭୨ ସିଟ୍ ବିଶିଷ୍ଟ ଏକ ବିମାନ ଭୁବନେଶ୍ୱର ଓ କଲିକତା ଯାତାୟାତ କରିଥିଲା। ଦୈନିକ ଯାତ୍ରୀ ସଂଖ୍ୟା ହ୍ରାସ ପାଇନଥିଲା। ଏହା ସତ୍ତ୍ୱେ ବି ଯାତ୍ରୀ ନ ହେବା ଆଳ ଦେଖାଇ ରାଉରକେଲାରୁ ବିମାନ ଉଡାଣ ବନ୍ଦ କରାଯାଇଥିଲା।

**ଓଡ଼ିଆ ଆଇଏଏସ୍ ଅଫିସରଙ୍କ ଚକ୍ରାନ୍ତ ଆଗରେ ବଳି ପଡ଼ିଲା ଅଣଓଡ଼ିଆ ଆଇଏଏସ୍ ଅଫିସରଙ୍କ ସ୍ୱାର୍ଥ : ହିନ୍ଦ ମଜଦୂର ସଭା**

ସୂଚନାଯୋଗ୍ୟ ଯେ ଝାରସୁଗୁଡା ବିମାନ ବନ୍ଦରରେ ଏବେ ଯେତିକି ସଂଖ୍ୟକ ଯାତ୍ରୀ ହେଉଛନ୍ତି, ତାର ୭୦ ପ୍ରତିଶତ ଯାତ୍ରୀ ହେଉଛନ୍ତି ରାଉରକେଲା ଓ ସୁନ୍ଦରଗଡ଼ର। ଯଦି ରାଉରକେଲା ବିମାନବନ୍ଦର ଚଳଚଞ୍ଚଳ ହୋଇଯିବ ତେବେ ଝାରସୁଗୁଡ଼ା ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ ପାଇବା ସହ ଏହା ବିମାନବନ୍ଦରକୁ ଭବିଷ୍ୟତରେ ପ୍ରଭାବିତ କରିବା ଆଶଙ୍କା ରହିଛି। ସେ ଆହୁରି କହିଛନ୍ତି ଯେ ନିକଟରେ ରାଜସ୍ୱମନ୍ତ୍ରୀ ଯେପରି ଗଣମାଧ୍ୟମ ଜରିଆରେ ରାଉରକେଲା ବିମାନବନ୍ଦର ସମ୍ପର୍କରେ ସହରବାସୀଙ୍କୁ ଭୁଆଁ ବୁଲାଇଗଲେ ତାହା ଏବେ ଦାଣ୍ଡରୁ ପଡ଼ି ହାଟରେ ଗଡୁଛି। ରାଉରକେଲା ବିମାନବନ୍ଦରକୁ ବଡ଼ ବିମାନ ଆସିବା ପଛରେ ପ୍ରତିବନ୍ଧକ ହେଉଛି ରାଉରକେଲା ଇସ୍ପାତ କାରଖାନାର ଏକ ଚିମିନି। ତେବେ ଶ୍ରୀ ମହାନ୍ତିଙ୍କ ଅଭିଯୋଗ ହେଲା ମନ୍ତ୍ରୀ କହିଥିବା ଆରଏସପିର ଉକ୍ତ ଚିମିନି ଠାରୁ ରାଉରକେଲା ବିମାନବନ୍ଦରର ଦୂରତା ହେଉଛି ୨୮ କିଲୋମିଟର। ତେବେ ଝାରସୁଗୁଡ଼ାରେ ମଧ୍ୟ ଏକ ଚିମିନି ବିମାନବନ୍ଦର ନିକଟରୁ ୧୪ କିଲୋମିଟର ଦୂରରେ ଅବସ୍ଥିତ। ସେଠାରେ ଯଦି ନିୟମିତ ବିମାନ ଚଳାଚଳରେ କୌଣସି ଅସୁବିଧା ହେଉନାହିଁ, ତାହାଲେ ରାଉରକେଲାରେ ୨୮ କିଲୋମିଟର ଦୂରରେ ଚିମିନି ରହିଥିଲେ ଅସୁବିଧା କେଉଁଠି ରହିଲା ବୋଲି ପ୍ରଶ୍ନ କରିଛନ୍ତି। ଝାରସୁଗୁଡ଼ାର ନୂଆକରି ଆରମ୍ଭ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ସେବା କାର୍ଯ୍ୟକାରୀ କରିଛନ୍ତି। ରାଉରକେଲାର ଏନଆଇଟିରୁ ସିଧାସଳଖ ଦିନକୁ ଦୁଇ ଥର ଭଲଭୋ ଲକ୍ଷ୍ମୀ ବସ୍‌ର ସମସ୍ତ ଯାତ୍ରୀ ଝାରସୁଗୁଡ଼ା ବିମାନ ବନ୍ଦରରୁ ଭୁବନେଶ୍ୱର ଓ ଅନ୍ୟାନ୍ୟ କସମୋପଲିଟନ ଟାଉନକୁ ଯାଉଛନ୍ତି। ଯଦି ରାଉରକେଲାବାସୀଙ୍କ ଦାବିକୁ ଯଥାର୍ଥ ଭାବି ଫେବୃଆରୀ ୧ ତାରିଖ ୨୦୨୫ ଦିନ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀ ତାଙ୍କର ଘୋଷଣାକୁ କାର୍ଯ୍ୟକାରୀ କରି ରାଉରକେଲା ବିମାନବନ୍ଦରକୁ ୪ସି ଲାଇସେନ୍ସ ଏୟାରପୋର୍ଟ ଏବଂ ନାଇଟ ଲ୍ୟାଣ୍ଡିଂ ସିଷ୍ଟମ ଓ ଆଇଏଲ୍ଏସ୍ ଲଗାଇ ଦେଇଥାନ୍ତେ ତେବେ ଝାରସୁଗୁଡ଼ା ବିମାନବନ୍ଦରକୁ କେବେବି ଇଣ୍ଡିଗୋ ଏୟାର ଲାଇନ୍ ନେଇ ନଥାନ୍ତା ଓ ରାଉରକେଲା ବାସିନ୍ଦାଙ୍କୁ ଶାନ୍ତ କରିବାକୁ ୯ ସିଟ ବିଶିଷ୍ଟ ଏକ ଛୋଟ ପ୍ଲେନ୍ ଅଣାଯାଇଛି ଯାହାକି ହେଲିକପ୍ଟର ପରି, ଏହା ରାଉରକେଲା ବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ମୁଖ୍ୟମନ୍ତ୍ରୀ ଦେଇଥିବା କଥା ଯଦି ନ ରଖନ୍ତି, ତେବେ ଆସନ୍ତା ନୂଆବର୍ଷରୁ ରାଉରକେଲା ବିମାନବନ୍ଦର ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ହିନ୍ଦ୍ ମଜଦୁର ସଭା ତରଫରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ହିନ୍ଦ୍ ମଜଦୁର ସଭାର ହରିକୃଷ୍ଣ ପାଢ଼ୀ, ଦିଗମ୍ବର ମହାନ୍ତି, ବିଜେଡି ନେତା ଗଗନ ପଣ୍ଡା ଓ ଜଗବନ୍ଧୁ ଜେନା, ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



କୋଇଡ଼ା, ୫।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲାରେ ହେବାକୁ ଥିବା ଖେଲୋଇଣ୍ଡିଆ ପକ୍ଷରୁ ସାଂସଦ ଖେଳ ମହୋତ୍ସବର ଉଦ୍‌ଘାଟନ କୋଇଡା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କୋଇଡ଼ାରେ ମଶାଲ୍ ଯାତ୍ରା ପରିକ୍ରମା କରି କାଲଟା ବାଟ ଦେଇ ଲହୁଣୀପଡ଼ା ବ୍ଲକ ଓ ପରିଶେଷରେ ସୁନ୍ଦରଗଡ଼ ଜିଲ୍ଲା ହେଡ କ୍ୱାର୍ଟର୍ସଠାରେ ପହଞ୍ଚିବ। ଶନିବାରଠାରୁ ସମଗ୍ର ଜିଲ୍ଲା ରେ ବିଭିନ୍ନ ଖେଳରେ ଭାଗ ନେବେ ଲକ୍ଷାଧିକ ଛାତ୍ରଛାତ୍ରୀ। କୋଇଡା ଉଦ୍‌ଘାଟନ ଉତ୍ସବରେ ବ୍ଲକର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ସମେତ କୋଇଡା ବିଡିଓ ସମରେନ୍ଦ୍ର ସାରା, କୋଇଡା ତହସିଲଦାର ଅନୀଲ ବିଶ୍ୱାଳ, କୋଇଡା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି, କୋଇଡା ସିଡିପିଓ ଅନିତା ସାହୁ, ବିଜେପି ମଣ୍ଡଳ ସଭାପତି ରାମଚନ୍ଦ୍ର ପଲେଇ, ସାଂସଦ ପ୍ରତିନିଧି ଚେତନାଦିପ୍ତ ନାୟକ, ଦିପକ ବାର୍ଲା, ମେଲେରି ବାରିକ, ଦିଲୀପ ପାତ୍ର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅତିଥି ଯୋଗଦେଇ ପାରମ୍ପରିକ ନୃତ୍ୟ ଗାନ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ପାଇଁ ସୁନ୍ଦରଗଡ଼ ଜିଲ୍ଲା ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଛନ୍ତି।

## ୧୩ ପଞ୍ଚାୟତରେ ଖେଳ ମହୋତ୍ସବ

ବଣାଇଁ, ୫।୧୨(ସମିସ): ବଣାଇଁଗଡ଼ ବ୍ଲକ ଅଧୀନ ୧୩ ଟି ପଞ୍ଚାୟତରେ ଶୁକ୍ରବାର ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ପଞ୍ଚାୟତରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଖେଳରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇଁ ବିଇଓ ସୁନୀଲ ମୁଣ୍ଡୁ, ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ ନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋଜ ପ୍ରଧାନ, ହେମନ୍ତ ସାହୁ, ଦିବ୍ୟ ମଞ୍ଜରୀ ଶେଖର ଦେଓ, ଦୁଃଖିଶ୍ୟାମ ନନ୍ଦ, ବଣାଇଁ ମଣ୍ଡଳ ସଭାପତି ମିଥିଲା ପାତ୍ର, ବୈକୁଣ୍ଠ ଗର୍ଡିଆ, ଶଙ୍କର୍ଷଣ ସେନାପତି, କେନ୍ଦ୍ରିକଳା ସରପଞ୍ଚ ଉଗ୍ରେସନ କିଷାନଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆରସିସି, ଖେଳଶିକ୍ଷକ ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଶନିବାର ବଣାଇଁରେ ବ୍ଲକସ୍ତରୀୟ ଖେଳ ମହୋତ୍ସବ ଅନୁଷ୍ଠିତ ହେବ।

## ମାଲିକ ସପକ୍ଷବାଦୀ ଶ୍ରମକୋଡ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ



ରାଉରକେଲା, ୫।୧୨(ସମିସ): ମୋଦି ସରକାର ଦେଶର ଶ୍ରମିକଶ୍ରେଣୀ ପ୍ରତି ବିଶ୍ୱାସଘାତକତା କରି ଶ୍ରମିକ ଶ୍ରେଣୀ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ୨୯ଟି ଶ୍ରମ ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରି ପୁଞ୍ଜିପତି, କର୍ପୋରେଟ ମାଲିକଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ୪ଟି ଶ୍ରମ କୋର୍ଡ ବା ଶ୍ରମ ସଂହିତା ନଭେମ୍ବର ୨୧ରେ ଲାଗୁ କରିଛନ୍ତି। ଯାହା ଦେଶର ଶ୍ରମିକ ଶ୍ରେଣୀକୁ ସମ୍ପୂର୍ଣ୍ଣ କ୍ରିତଦାସରେ ପରିଣତ କରିବ। ଏହି ଶ୍ରମ ସଂହିତା ଶ୍ରମିକ ବିରୋଧୀ ଓ ମାଲିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ମୋଦୀ ସରକାର ଆଣିଛନ୍ତି ବୋଲି ଅଭିଯୋଗ କରି ଶୁକ୍ରବାର ସିଆଇଟିୟୁ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତିଙ୍କ ସଭାପତିତ୍ୱରେ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ବି ପି ମହାପାତ୍ର, ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ଯଯାତି କେଶରୀ ସାହୁ, ଅଜିତ ଏକ୍କା, ଏନ୍ ଏନ୍ ପାଣିଗ୍ରାହୀ, ଲକ୍ଷ୍ମୀଧର ନାୟକ, ଦିବାକର ମହାରଣା, ସମ୍ବିତ ସ୍ୱାଇଁ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଅଜିତ ଦାସ୍ ପ୍ରମୁଖ ବକ୍ତବ୍ୟ ରଖି ମୋଦି ସରକାର ଶ୍ରମିକ ଶ୍ରେଣୀ ପ୍ରତି ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଓଡ଼ିଶା ସରକାର ଶ୍ରମ କୋର୍ଡ ଲାଗୁ କରିବାକୁ ଯାଇ ଶ୍ରମିକ ମାନଙ୍କ କାର୍ଯ୍ୟ ଦିବସ ୮ ଘଣ୍ଟାରୁ ବୃଦ୍ଧି କରି ୧୦ ଘଣ୍ଟା କରିବା ସହିତ ମହିଳାମାନେ ରାତ୍ରିକାଳୀନ କାର୍ଯ୍ୟ କରିବା ପାଇଁ ନୋଟିଫିକେସନ କରିଛନ୍ତି। ଏହାକୁ ପ୍ରତ୍ୟାହାର ନ କଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବକ୍ତାମାନେ କହିଥିଲେ। ଉପେନ୍ଦ୍ର ତ୍ରିପାଠୀ, ରଞ୍ଜନ ବେହେରା, ଅନିଲ୍ ସାହା, କ୍ଷିରୋଦ ବେହେରା, ଭବାନୀ ସାହୁ, ସରୋଜ ବାର୍ଲା, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ବିନତୀ ଟପ୍ପୋ, ସି ଦିବାକର ରାଓ, ଜୟନ୍ତୀ ମୋହିନୀ, ଶତ୍ରୁଘ୍ନ ବେହେରା, ଅନିତା ନାୟକ, କବି ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲା ବେଳେ ଶତାଧିକ ଶ୍ରମିକ ସାମିଲ ହୋଇଥିଲେ।

**ସମାଧାନ ନ ହେବା ଯାଏଁ ଜାରି ରହିବ ଆନ୍ଦୋଳନ**

## ରାଉରକେଲା କଲେଜର କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ



ରାଉରକେଲା, ୫।୧୨(ସମିସ): ରାଉରକେଲା କଲେଜରେ ୩୯ତମ ବାର୍ଷିକ କ୍ରୀଡା ଓ ଦୌଡ଼-କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଧ୍ୟକ୍ଷ ଡ.ରବୀନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଉରକେଲା ମହାନଗରର ରାସ୍ତା ଓ ଗୃହନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର। ଯୁବ ବର୍ଗ ଦ୍ୱନ୍ଦ୍ୱ ଠାରୁ ମୁକ୍ତ ହେବା ଜରୁରୀ। +୩ ଉପ-ସଭାପତି କରୁଣାକର ପାଟଶାଣୀ ଏବଂ +୨ ଉପ-ସଭାପତି ଅଜିତ୍ ବେକ ନିଜ ନିଜର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଉଭୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୩୦୦ ଜଣ ଛାତ୍ର-ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ବିଶେଷଜ୍ଞ ନିଖିଳ କଳାକାର ପ୍ରଧାନ, ବିଶେଷଜ୍ଞ ସମୀର ସାହୁ, ଈଶ୍ୱର ଚନ୍ଦ୍ର ଟୁଡୁ, ପ୍ରଭାତ ରାଉଳ, ପ୍ରକାଶ ପଣ୍ଡା, ଅଶୋକ ପ୍ରସାଦ, ଅଭିଜିତ ପ୍ରସାଦ, ସାହାବ ଖାଁ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। +୩ ବିଭାଗର ସହଯୋଗୀ ଅଧିକାରୀ ରଶ୍ମିପ୍ରଭା ମାଥାନ ଓ ରଞ୍ଜିତ ପ୍ରଧାନ ଏବଂ +୨ ବିଭାଗର ସହଯୋଗୀ ଅଧିକାରୀ ଅନୁପ ଏକ୍କା ଓ ତରଣି ନାୟକ ସମସ୍ତ ପ୍ରତିଯୋଗିତାର ଦାୟିତ୍ୱ ଗ୍ରହଣ କରିଥିଲେ। +୩ ପୁରୁଷ ବିଭାଗରେ ଅବିନାଶ ମୁଣ୍ଡାରୀ, ମହିଳା ବିଭାଗରେ ଅଙ୍କିତା କୁଲ୍ଲୁ, ପ୍ରିୟଙ୍କା ଲୁଗୁନ ଏବଂ +୨ ବାଳକ ବିଭାଗରେ ଦୀପକ ଭୂମିଜ ଓ ବାଳିକା ବିଭାଗରେ ଅସ୍ମିତା ଟପ୍ପୋ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ +୩ ବିଭାଗରେ ଅଜୟ କୁମାର ଯାଦବ, ରାଜଶ୍ରୀ ରାଉତିଆ, +୨ ବିଭାଗରେ ଅଞ୍ଜଳି ସାହୁ, ଧୀରଜ ଅଭିଜିତ ମିଞ୍ଜ୍ ସମ୍ମାନିତ ହୋଇଥିଲେ। କଲେଜ ପରିଚାଳନା ମଣ୍ଡଳୀ କହିଛନ୍ତି ଯେ ଏପରି କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ଛାତ୍ର-ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ତଥା ପୂର୍ଣ୍ଣ ବ୍ୟକ୍ତିତ୍ୱ ନିର୍ମାଣରେ ଅତ୍ୟନ୍ତ ଦରକାରୀ। କଲେଜର ପ୍ରଶାସନିକ ଅଧିକାରୀ ରଶ୍ମୀ ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। ପ୍ରାଧ୍ୟାପିକା ଭାରତୀ ବରୱା, ବନ୍ଦନା ସୋରେନ, ମନୋଜ କୁମାର ଦଳେଇ, ଦୀପାଳି ପ୍ରଧାନ, ମୌସୁମୀ ଦାସ, ସୌମ୍ୟରଞ୍ଜନ ପ୍ରଧାନ, ଅରବିନ୍ଦ ପ୍ରଧାନ, ମୀନକେତନ ନାଏକ, ଏଲିଜା ଡୁଙ୍ଗଡୁଙ୍ଗ, ଶ୍ୱେତା ସାହୁ, ଦିବ୍ୟା ଦୀପ୍ତି ଷଡ଼ଙ୍ଗୀ, ଅଙ୍କିତା ପାଇକରାୟ, ରଚନା ମିଶ୍ର, ରଞ୍ଜିତା ପାଣିଗ୍ରାହୀ, ସାଗରିକା ନାୟକ, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଅଧ୍ୟାପିକା-ଅଧ୍ୟାପକ ତଥା ଅନ୍ୱେଷା ନାୟକ, ଚାନ୍ଦିନୀ ଗିରି, ଦୀପକ କୁମାର ଶାହା, ନରମୀ ମହାକୁଡ଼, କବିତା କିଷାନ, ଇସରାନ୍ତି ମୁଣ୍ଡା, ପୂଜା ତିର୍କି, ଆୟୁଷୀ ସିଂ, ଦିଶା ସିଂ, କାହ୍ନା ମହାରଣା, ଝରଣା ଭଞ୍ଜ, ବିଜୟ କୁମାର ଯାଦବ, ରାଜା ଖେସ, ଜଗନ ମହାନ୍ତି, ବିକି ନାଗ, ରୋହିତ ବେବର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

## ଡିଭାଇଡରକୁ ପିଟିଲା ଟ୍ରକ୍

ରାଉରକେଲା, ୫।୧୨(ସମିସ): ରିଙ୍ଗରୋଡ୍‌ଠାରେ ଡିଭାଇଡରକୁ ଟ୍ରକ୍ ଧକ୍କା ଦେଇଛି। ଫଳରେ କିଛି ସମୟ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇଛି। ଏଭଳି ଘଟଣା ଉଦିତନଗର ଥାନା ଅଧୀନ ସିଂହାସିନୀ ମନ୍ଦିର ସମ୍ମୁଖ ରିଙ୍ଗରୋଡ ଠାରେ ଘଟିଥିଲା। ସୂଚନା ମୁତାବକ, ଉକ୍ତ ରାସ୍ତାଦେଇ ଟ୍ରକ୍ ଯାଉଥିବା ବେଳେ ହଠାତ୍ ଡିଭାଇଡରକୁ ଧକ୍କା ଦେଇ ଚଢ଼ି ଯାଇଥିଲା। ଫଳରେ ରାସ୍ତା ଉପରେ ଟ୍ରକ୍ ରହିଯିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ କ୍ରେନ୍ ଯୋଗେ ଅନ୍ୟ ସ୍ଥାନକୁ ନେଇଥିଲା। ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଆର୍‌ଏସ୍‌ପିର ୨୦୨୫-୨୬ ଆର୍ଥିକ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନ

ରାଉରକେଲା, ୫।୧୨(ସମିସ): ରାଉରକେଲା ଇସ୍ପାତ କାରଖାନାର ନୂତନ ୟୁନିଟ୍ ଗୁଡ଼ିକ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଅର୍ଥାତ୍ ଅପ୍ରେଲ-ନଭେମ୍ବର ମଧ୍ୟରେ ସେମାନଙ୍କର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛନ୍ତି। ଦେଶର ସର୍ବ ବୃହତ କାର୍ଯ୍ୟକ୍ଷମ ବ୍ଲାଷ୍ଟ ଫର୍ଣ୍ଣେସ ମଧ୍ୟରୁ ଅନ୍ୟତମ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ୍-୫) ‘ଦୁର୍ଗା’ ଏପ୍ରିଲ-ନଭେମ୍ବର ମଧ୍ୟରେ ୨୧, ୩୩, ୪୦୬ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହିତ ଅନୁରୂପ ପୂର୍ବବର୍ଷ ଅବଧିର ୨୦, ୩୩, ୦୬୮ ଟନ ପୂର୍ବ ଶ୍ରେଷ୍ଠ ଉତ୍ପାଦନ ପରିମାଣକୁ ଅତିକ୍ରମ କରିଛି। ପୁନଃନିର୍ମିତ ବ୍ଲାଷ୍ଟ ଫର୍ଣ୍ଣେସ୍-୧ ମଧ୍ୟ ସମାନ ଅବଧିରେ ଏହାର ସର୍ବକାଳୀନ ଶ୍ରେଷ୍ଠ ୭, ୨୧, ୪୭୩ ଟନ୍ ଉତ୍ତପ୍ତଧାତୁ ଉତ୍ପାଦନ ରେକର୍ଡ ହାସଲ କରିଛି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ଏପ୍ରିଲ-ନଭେମ୍ବର ମଧ୍ୟରେ ୧୭, ୪୫, ୭୧୪ ଟନ୍ ଏଚ୍‌ଆର କଏଲ ରୋଲିଙ୍ଗ ପୂର୍ବକ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି ଏବଂ ଅନୁରୂପ ପୂର୍ବବର୍ଷ ଅବଧି ତୁଳନାରେ ୪.୬୨% ଅଭିବୃଦ୍ଧି ହାସଲ କରିଛି। ନୂତନ ପ୍ଲେଟ୍ ମିଲ୍ ମଧ୍ୟ ଅନୁରୂପ ଅବଧିରେ ୬, ୪୫, ୯୦୫ ଟନ୍ ପ୍ଲେଟ୍ ପ୍ରସ୍ତୁତ କରି ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଏଚ୍‌ଏସ୍‌ଏମ୍-୨ ବିଭାଗର ସିଟ୍ ସିୟରିଂ ଲାଇନ ମଧ୍ୟ ସମାନ ଅବଧି ମଧ୍ୟରେ ୨, ୦୬, ୦୭୩ ଟନ୍ ଏଚ୍‌ଆର ପ୍ଲେଟ୍ ଉତ୍ପାଦନ ସହକାରେ ଏହାର ସର୍ବଶ୍ରେଷ୍ଠ ଉତ୍ପାଦନ ପଞ୍ଜିକୃତ ପୂର୍ବକ ଏହାର ପୂର୍ବ ଶ୍ରେଷ୍ଠ ୧, ୬୧, ୦୮ ୬ ଟନ୍ ରେକର୍ଡକୁ ଅତିକ୍ରମ କରିଛି। ଗତ ୨୦୨୫ ନଭେମ୍ବର ମାସରେ ଅନେକ ୟୁନିଟ୍ ମଧ୍ୟ ବ୍ୟକ୍ତିଗତ ରେକର୍ଡ ପଞ୍ଜିକୃତ କରିଛନ୍ତି। ନଭେମ୍ବର ୨୮ ତାରିଖରେ ସିଣ୍ଟର ପ୍ଲାଣ୍ଟ ସମୂହ ୨୨୫୪୩ ଟନ୍ ସିଣ୍ଟର ଉତ୍ପାଦନ କରି ଏକ ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଛନ୍ତି। ଏଚ୍‌ଏସ୍‌ଏମ୍-୨ ବିଭାଗ ନଭେମ୍ବର ୮ ତାରିଖରେ ରେକର୍ଡ ୧୦୦୩୪ ଟନ୍ ସ୍ଲାବ୍ ରୋଲିଙ୍ଗ କରି ୯୮୨୨ ଟନ୍ ଏଚ୍‌ଆର କଏଲ୍ ଉତ୍ପାଦନ ସହ ଏକ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଥିଲା।

## ପ୍ରାକ୍ତନ ପୌରନିର୍ବାହୀ ଅଧିକାରୀଙ୍କ ପରଲୋକ

ରାଉରକେଲା, ୫।୧୨(ସମିସ): ପ୍ରାକ୍ତନ ପୌରନିର୍ବାହୀ ଅଧିକାରୀ ଗୋଲକବିହାରୀ ପଣ୍ଡାଙ୍କ ଶୁକ୍ରବାର ଭୋର୍ ସମୟରେ ଛେଣ୍ଡ କଲୋନୀସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ରାଉରକେଲା ପ୍ରାକ୍ତନ ଏନଏସି (ଏସଟି)ରେ ହେଡ୍‌କ୍ଲର୍କ ଥିଲେ। ପରେ ସେ ପଦୋନ୍ନତି ପାଇ ବେଲପାହାଡ଼ ଏନଏସିରେ ପୌର ନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଶେଷରେ ସେ ବୀରମିତ୍ରପୁର ପୌରପାଳିକାରୁ ପୌରନିର୍ବାହୀ ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। ଆଜି ତାଙ୍କର ଦେହାନ୍ତ ଖବର ପାଇ ସହରରେ ଶୋକର ଛାୟା ଖେଳିଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଭୁବନେଶ୍ୱରରୁ ତାଙ୍କ ବିୟୋଗରେ ଗଭୀରଶୋକ ପ୍ରକାଶ କରି କହିଛନ୍ତି ଯେ ରାଉରକେଲା ଜଣେ ଭଲଲୋକଙ୍କୁ ହରାଇଲା। ତାଙ୍କ ପରଲୋକ ଖବର ପାଇ ବିଜେଡିର ବରିଷ୍ଠ ନେତା ଗଗନ ବିହାରୀ ପଣ୍ଡା, ବିଜେଡି ନେତ୍ରୀ ଛବି ମହାନ୍ତି, ସନ୍ଧ୍ୟା ଲାକ୍ରା, ଜ୍ୟୋତ୍ସ୍ନାରାଣୀ ନାୟକ, ଯୁବ ସଭାପତି ସୁଶାନ୍ତ ରାଉତ, କାବୁଲି ପ୍ରତିହାରୀ, ଅଙ୍କିତ, ରଞ୍ଜନ ନାୟକ, ଜୟନ୍ତ କୁମାର ମିଶ୍ର, ସଞ୍ଜୀବ ଛୋଟରାୟ, ସୁଧାଂଶୁ ସାମଲଙ୍କ ସମେତ ବହୁ ସଂଖ୍ୟାରେ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ।



## ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍‌ର ସମ୍ମିଳନୀ

କୋଇଡ଼ା, ୫।୧୨(ସମିସ): ସିଆଇଟିୟୁ ଅନୁବନ୍ଧିତ ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍‌ର ନବମ କର୍ମୀ ଓ ସାନଇନ୍ଦିପୁର ମାଇନ୍ସ ମଜଦୂର ସଂଘର ଦ୍ୱିତୀୟ ସମ୍ମିଳନୀ କୋଇଡା ସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବିଧାୟକ ତଥା ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍ ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମ୍ମିଳନୀରେ ଉପସଭାପତି ପ୍ରମୋଦ କୁମାର ସାମଲ, ସାଧାରଣ ସମ୍ପାଦକ ପ୍ରଭାତ ପଣ୍ଡା, ସମ୍ପାଦକ ବାଦଲ ବାରିକ, ଉପସଭାପତି ପ୍ରଭାତ ପାତ୍ର, ଜିଲ୍ଲା ବରିଷ୍ଠ କର୍ମୀ ଜାହାଙ୍ଗିର ଅଲ୍ଲୀ, ଜିଲ୍ଲା କୃଷକ ସଭା ସଭାପତି ସୁରେନ୍ଦ୍ର ଦାଶ, ଅଶୋକ ସାମଲ, ସୁରେଶ ମୁଦୁଲି, କୃଷ୍ଣଚନ୍ଦ୍ର ବାରିକ, ଚନ୍ଦ୍ର ମଣି ନାଏକ ଲକ୍ଷ୍ମଣ ମହାକୁଡ଼, ଅସିତ ଚୌଧୁରୀ, ହରିଶ ରାୟ, ସହଦେବ ନାଏକ, ଜନ ଡୁଙ୍ଗଡୁଙ୍ଗ, ଆଶୁତୋଷ ସିହ୍ନା ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ସମ୍ମିଳନୀରେ ସର୍ବସମ୍ମତି କ୍ରମେ ୬୧ ଜଣିଆ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ୧୨ ଜଣ କାର୍ଯ୍ୟାଳୟ ପାଇଁ ବରିଷ୍ଠ ପଦାଧିକାରୀ ଚୟନ ହୋଇଥିଲେ। ୟୁନିୟନ୍ ଜରିଆରେ ଆଗକୁ ଶ୍ରମିକଙ୍କ ଅଧିକାର, ନ୍ୟାୟ, ପ୍ରାପ୍ୟ, ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ
‘ସକାଳ’ ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଲବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।
ନିବେଦକ
‘ବନ୍ଦେ ଉତ୍କଳ ଜନନୀ’


## ଇସ୍ପାତ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଉପହାର ପକ୍ଷରୁ ‘ଶେଷ ଚିଠି’ ମଞ୍ଚସ୍ଥ





ରାଉରକେଲା, ୫।୧୨(ସମିସ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷାକତା ଏବଂ ଆରଏସପି ଆନୁକୂଲ୍ୟରେ ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ ସିଭିକସେଣ୍ଟର ଠାରେ ନାଟ୍ୟାନୁଷ୍ଠାନ ତରଫରୁ ନାଟକ ‘ଶେଷ ଚିଠି’ ନାଟକ ମଞ୍ଚସ୍ଥ ହୋଇଯାଇଛି। ପ୍ରଥମ ସ୍ତ୍ରୀ ମରିଗଲା ପରେ ଦ୍ୱିତୀୟ ବିବାହ କରନ୍ତି ଅଭିନାଶ ବାବୁ। ପ୍ରଥମ ସ୍ତ୍ରୀର ଜନ୍ମିତ ଶିଶୁକୁ ଲାଳନପାଳନ କରି ବଡ଼ ମଣିଷ କରିବା ପାଇଁ ଶାନ୍ତି ଦେବୀ ନିଜ ମାତୃତ୍ୱକୁ ବନ୍ଧା ପକେଇ ଦିଅନ୍ତି। ସାବତ ପୁଅ ନ ଭାବି ପୁଅକୁ ମଣିଷ ପରି ମଣିଷ ଟିଏ ଗଢି ତୋଳିବା ପାଇଁ ସ୍ୱପ୍ନ ଦେଖନ୍ତି। ପୁଅ ସ୍ୱାଧୀନକୁ ପାଠ ପଢେଇବା ପାଇଁ ସାହୁକାରଙ୍କ ପାଖରେ ଘର ଡିହକୁ ବନ୍ଧା ପକେଇ ଟଙ୍କା କରଜ କରନ୍ତି ଏବଂ ପୁଅ ଚାକିରି କଲେ ସୁଝି ଦେବି ବୋଲି କୁହନ୍ତି। କିନ୍ତୁ ତାଙ୍କ ଆଶା, ଆଶାରେ ରହିଯାଏ। ପୁଅ ପାଠପଢ଼ି ହାକିମ ହୁଏ। ଧୀରେଧୀରେ ନିଜର ଗାଆଁ ଭିଟାମାଟିକୁ ଭୁଲି ଯାଇ ସହରରେ ରହିଯାଏ। ଅଭିନାଶ ବାବୁ ଆଉ ଶାନ୍ତି ଦେବୀ ପୁଅର ବାଟକୁ ଅନେଇ ଥାଆନ୍ତି। ପୁଅ ଟଙ୍କା ଦେଲେ ସାହୁକାରଠାରୁ ଆଣିଥିବା କରଜ ଟଙ୍କା ସୁଝି ଘର ଡିହକ ମୁକୁଳେଇବା ପାଇଁ। ଚିଠି ପରେ ଚିଠି ଦେଇ ଚାଲନ୍ତି। କିନ୍ତୁ ଚିଠିର ଉତ୍ତର କିଛି ମିଳେନି। ସାହୁକାର ବାରମ୍ବାର ଆସି ସେମାନଙ୍କୁ କଟୁ କଥା କହି ଚାଲିଯାଏ। ଶାନ୍ତି ଦେବୀ ପୁଅର ବାଟକୁ ଚାତକ ପକ୍ଷୀ ପରି ଅନେଇ ଥାଆନ୍ତି। କେବେ ସ୍ୱାଧୀନର ଚିଠି ଆସିବ। ଶେଷରେ ଅଭିନାଶ ବାବୁ ଲେଖନ୍ତି ତାଙ୍କର ‘ଶେଷ ଚିଠି’। ଏଭଳି ଏକ ସାମାଜିକ କାହାଣୀର ବିଷୟବସ୍ତୁକୁ ନେଇ ଗତିଶୀଳ ହୋଇଥିଲା ନାଟକ ‘ଶେଷ ଚିଠି’। ନାଟ୍ୟକାର ସୂର୍ଯ୍ୟକାନ୍ତ ସାହୁ ତଥା ନିର୍ଦ୍ଦେଶକ ଅଭିରାମ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ ‘ଶେଷ ଚିଠି’ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଦେବେନ୍ଦ୍ର ନାଥ ରଣା। ଆଲୋକ ସଜ୍ଜାରେ ବିଷ୍ଣୁ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିବାବେଳେ ବିଭିନ୍ନ ଭୂମିକାରେ ଅଭିରାମ ପ୍ରଧାନ, ପ୍ରଫୁଲ୍ଲ ଜେନା, ଯୁବଜାନି ବେଜ, ସୌମ୍ୟ ପରିଡ଼ା, ଦିବ୍ୟାଂଶୁ ସାହୁ, ଆୟୁଷ ବାରିକ, ରାଜଲକ୍ଷ୍ମୀ ପ୍ରଧାନ, ନିଲେଶ୍ୱରୀ ନାୟକ, ଅର୍ଚ୍ଚନା ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ପୁଷ୍ପଲତା ବାରିକ, ଫୁଲ ମୁର୍ମୁ, ସସ୍ମିତା ପରିଡ଼ା, ଖୁସିପ୍ରିୟ ସେଠୀ, ପୂର୍ଣ୍ଣମାସୀ ସାହୁ ଏବଂ ନନ୍ଦିନୀ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ଏଥିରେ ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ ଅଭୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ଉଦଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଦର୍ଶକ ଭାବେ ୱାଟରକ୍ରାଫ୍ଟ ର ମୁଖ୍ୟ ନିହାରିକା ବସ୍ତିଆ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏକତ୍ରର ଉପସଭାପତି ଆଲୋକ ବୋଷ ସଭାପତିତ୍ୱ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ କାଶୀନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଝିଲିମା ମହାନ୍ତି ସଂଯୋଜନା କରିଥିଲେ। ପ୍ରସନ୍ନ କୁମାର ମହାନ୍ତି, ପ୍ରଜ୍ଞାନନ୍ଦ ମହାନ୍ତି, କଲ୍ୟାଣୀ ଦାଶ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଧାନସଭାରୁ...

### ବିଶ୍ୱବିଦ୍ୟାଳୟରେ ୧୪୩୦ ଅଧ୍ୟାପକ ପଦ ଖାଲି

ଭୁବନେଶ୍ୱର, ୫।୧୨(ସମିସ): ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି। ପ୍ରାୟ ଦୁଇ-ତୃତୀୟାଂଶ ଅଧ୍ୟାପକ ପଦ ଖାଲି ପଡ଼ିଛି। ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ପ୍ରାୟ ୧୯୩୯ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ଥିବା ବେଳେ ୧୪୩୦ଟି ଖାଲି ପଡ଼ିଛି। ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଏହି ଉତ୍ତର ରଖିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ମୋଟ୍ ୨୭୮ଟି ପ୍ରାଧ୍ୟାପକ ପଦ ରହିଛି। ତନ୍ମଧ୍ୟରୁ ମାତ୍ର ୩୮ଟି ପଦ ପୂରଣ ହୋଇଥିବା ବେଳେ ଅବଶିଷ୍ଟ ୨୬୧ଟି ପଦ ଫାଙ୍କା ରହିଛି। ସେହିପରି ମୋଟ୍ ୫୫୧ଟି ସହଯୋଗୀ ପ୍ରାଧ୍ୟାପକ ପଦରୁ ୪୫୯ଟି ପଦରେ କେହି ନାହାନ୍ତି। ଅନୁରୂପ ଭାବେ ୧୧୧୦ଟି ସହକାରୀ ପ୍ରାଧ୍ୟାପକ ପଦ ଥିବା ବେଳେ ୭୧୦ଟି ପଦ ଫାଙ୍କା ପଡ଼ିଛି। ଏସବୁ ପଦରେ ଖୁବ୍‌ଶୀଘ୍ର ନିଯୁକ୍ତି ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଥିବା ମନ୍ତ୍ରୀ କହିବା ସହ ପ୍ରାଧ୍ୟାପକ ଅଭାବରୁ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ପାଠ୍ୟକ୍ରମ ବନ୍ଦ ହେବାର ସ୍ଥିତି ସୃଷ୍ଟି ହୋଇ ନ ଥିବା କହିଛନ୍ତି।

### ବଦଳିବ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକ

ଭୁବନେଶ୍ୱର, ୫।୧୨(ସମିସ): ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବଦଳିବ। ସ୍ଥାନୀୟ ପ୍ରସଙ୍ଗ ସହ ଓଡ଼ିଶାର ସାଂସ୍କୃତିକ ଓ ଭୌଗୋଳିକ ବିଷୟବସ୍ତୁକୁ ସ୍ଥାନିତ କରାଯିବ। ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍) ଢାଞ୍ଚାରେ ରାଜ୍ୟରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ସୂଚନା ଦେଇଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ସରକାରଙ୍କ ପରିକଳ୍ପନା ରହିଛି। ଏହାର ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ପର୍ଯ୍ୟାୟ କ୍ରମେ ଆରମ୍ଭ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତିତ ପାଠ୍ୟପୁସ୍ତକ ଡ୍ରାଫ୍ଟ କରିବା ପାଇଁ ସରକାର କମିଟି ଗଠନ କରିଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଓ ଗଣିତ ପାଠ୍ୟକ୍ରମ ପରିବର୍ତ୍ତନ ପାଇଁ ୧୦ ଜଣିଆ କମିଟି ଗଠିନ କରାଯାଇଥିବା ବେଳେ ଇଂରାଜୀ ଓ ସାଧାରଣ ଜ୍ଞାନ ପାଇଁ ୭ ଜଣିଆ କମିଟି କରାଯାଇଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ପାଇଁ କମିଟି ଗଠନ କରାଯାଇଥିବା ବେଳେ ବିଭିନ୍ନ ବର୍ଗର ବରିଷ୍ଠ ଓ ଅଭିଜ୍ଞ ଶିକ୍ଷାବିତ୍‌ଙ୍କୁ କମିଟିରେ ରଖାଯାଇଛି।

### ଶିକ୍ଷାବର୍ଷ ସରିବ; ପିଲାଙ୍କୁ ମିଳିନି ପୋଷାକ

**ବାଲେଶ୍ୱର ଜିଲ୍ଲାରେ ୧୦୬ ବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷାକରୁ ବଞ୍ଚିତ**

ଭୁବନେଶ୍ୱର, ୫।୧୨ (ସମିସ): ଶିକ୍ଷାବର୍ଷକୁ ୧୦ ମାସ ବିତିଥିଲେ ମଧ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମିଳିପାରିନି ପୋଷାକ। ରାଜ୍ୟର ବହୁ ବିଦ୍ୟାଳୟରେ ଏପରି ଅବ୍ୟବସ୍ଥା ଲାଗି ରହିଛି। କେବଳ ବାଲେଶ୍ୱର ଜିଲ୍ଲାର ୧୦୬ଟି ବିଦ୍ୟାଳୟରେ ଏଯାଏଁ ପୋଷାକ ବଣ୍ଟନ କରାଯାଇ ନଥିବା ଖୋଦ୍ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ବିବୃତ୍ତି ରଖିଛନ୍ତି। ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଅଗଷ୍ଟ ୧୫ ତାରିଖକୁ ପୋଷାକ ବିତରଣ ପାଇଁ ଅନ୍ତିମ ତାରିଖ ଧାର୍ଯ୍ୟ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ପୋଷାକ ବଣ୍ଟନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍‌ରେ ୫ଟି ବିଦ୍ୟାଳୟରେ ଏଯାବତ୍ ପୋଷାକ ବଣ୍ଟନ କରାଯାଇନାହିଁ। ସେହିପରି ବସ୍ତାର ୧୦ଟି ବିଦ୍ୟାଳୟରେ ପୋଷାକ ବଣ୍ଟନ କରାଯାଇନାହିଁ। ବାଲିଆପାଳରେ ୨ଟି, ଭୋଗରାଇରେ ୨୩, ଜଳେଶ୍ୱରରେ ୪, ଖଇରାରେ ୧୦, ନୀଳଗିରିରେ ୫, ରେମୁଣାରେ ୧୧, ବାଲେଶ୍ୱର ସଦରରେ ୨୪, ସିମୁଳିଆରେ ୩ ଏବଂ ସୋରର ୯ଟି ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ପୋଷାକ ବଣ୍ଟନ କରାଯାଇ ନ ଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

# ପୁଣି ମୁଣ୍ଡ ନେଲା 'ଆମ ବସ୍'

ଭୁବନେଶ୍ୱର, ୫।୧୨(ସମିସ): ପୁଣି ମୁଣ୍ଡ ନେଇଛି 'ଆମ ବସ୍'। ୧୬ ନମ୍ବର ରୁଟ୍‌ରେ ଯାଉଥିବା 'ଆମ ବସ୍' ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଆଜି ସତ୍‌ସଙ୍ଗବିହାର ସାମ୍ନାରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଭୁବନେଶ୍ୱର ଭୋଇନଗରର ସୁଦର୍ଶନ ସାହୁ। ସୁଦର୍ଶନ ଏକ ବାଇକ୍‌ରେ ଯାଉଥିବା ବେଳେ ବସ୍‌ଟି ତାଙ୍କୁ ପଛପଟୁ ଧକ୍କା ଦେବା ସହ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌ଟିକୁ ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇବା ପରେ ଚାଳକଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ପୁଲିସ ସୂଚନା ମୁତାବକ, ଆମ ବସ୍‌ଟି (ଓଆର୍‌୦୫ସିବି୦୦୪୧) ରସୁଲଗଡ଼ରୁ ଖଣ୍ଡଗିରି ଆଡ଼କୁ ଆସୁଥିଲା। ସୁଦର୍ଶନ ମଧ୍ୟ ସମାନ ରାସ୍ତାରେ ଥିଲେ। ରାତି ପ୍ରାୟ ସାଢ଼େ ୮ଟାରେ ବସ୍‌ଟି ସୁଦର୍ଶନଙ୍କୁ ପଛପଟୁ ଧକ୍କା ଦେଇ ତାଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ବେପରୁଆ ଗାଡ଼ି ଚାଳନା ଯୋଗୁଁ ଆମ ବସ୍ ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି। କିଛି ଦିନ ତଳେ ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁରରେ ଆମ ବସ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା।। ସେହିପରି ଗତ ସେପ୍ଟେମ୍ବର ୨୫ତାରିଖରେ କଟକରେ ଦୁଇଟି 'ଆମ ବସ୍' ମଧ୍ୟରେ ଧକ୍କା ହେବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଟିକିଏ ପଛକୁ ଗଲେ, ଗତ ମେ' ୧୪ ତାରିଖରେ ଭିଙ୍ଗାରପୁର ପଞ୍ଚାୟତ ଅଞ୍ଚଳରେ ଆମ ବସ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଗତ ଫେବ୍ରୁଆରୀ ୧୪ ତାରିଖରେ ପାତ୍ରପଡ଼ା ନିକଟରେ ଆମ ବସ୍ ଧକ୍କାରେ ମା'-ଝିଅଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଥିଲା। ସେହିପରି ଜାନୁଆରୀ ୨୦ ତାରିଖରେ ଜଣେ ବୃଦ୍ଧଙ୍କ ଉପରେ 'ଆମ ବସ୍' ଚଢ଼ି ଯାଇଥିଲା। ଏମିତି ପୁଳାପୁଳା ଉଦାହରଣ ରହିଥିଲେ ହେଁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି।

## ଆନ୍ତର୍ଜାତିକ କୋଣାର୍କ ଉତ୍ସବ ଉଦ୍‌ଯାପିତ



କୋଣାର୍କ, ୫।୧୨(ସମିସ): ୩୬ତମ କୋଣାର୍କ ଉତ୍ସବ ଏବଂ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ତାଙ୍କ ପତ୍ନୀ ଡ. ଜୟଶ୍ରୀ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ଓଡ଼ିଶାକୁ ଦାଦନମୁକ୍ତ କରିବୁ: ମନ୍ତ୍ରୀ

ଭୁବନେଶ୍ୱର, ୫।୧୨(ସମିସ): ମହାତ୍ମା ଗାନ୍ଧୀ କହିଥିଲେ 'ଗାଁର ଉନ୍ନତି ହେଲେ ଭାରତର ଉନ୍ନତି'। ମହାତ୍ମା ଗାନ୍ଧୀଙ୍କ ଲକ୍ଷ୍ୟ ଏ ସରକାର ପୂରଣ କରିବେ। ଗାଁକୁ ବିଜୁଳି, ପାଣି, ରାସ୍ତା ଯୋଗାଇ ଦିଆଯିବ। ଆମେ ସଂକଳ୍ପ ନେଇଛୁ, ଆଗାମୀ ଦିନରେ ଓଡ଼ିଶାକୁ ଦାଦନ ମୁକ୍ତ କରିବୁ। ଗାଁର ବିକାଶ ସହିତ ସାଲିସ ହେବ ନାହିଁ ବୋଲି ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ରବି ନାଏକ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଏମଜିଏନଆରଇଜିଏସ କାର୍ଯ୍ୟକ୍ରମର ଅବଧିକୁ ଆଉ ୪ ବର୍ଷ ଅର୍ଥାତ ଆର୍ଥିକ ବର୍ଷ ୨୦୨୫-୨୬ ରୁ ୨୦୨୮-୨୯ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ୯ ଟି ଜିଲ୍ଲାର ୩୦ ଟି ଦାଦନ ପ୍ରବଣ ବ୍ଲକର ଏମଜିଏନଆରଇଜିଏସ ରେ କାର୍ଯ୍ୟ ନିଯୁକ୍ତି ଚାହୁଁଥିବା ଶ୍ରମିକ ମାନଙ୍କୁ, ମୋଟ ୩୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯିବ। ପ୍ରଥମ ୧୦୦ ଦିନ ପାଇଁ, ଏମଜିଏନଆରଇଜିଏସ ଅଧିସୂଚିତ ମଜୁରୀ ହାରକୁ ଛାଡି, ପ୍ରତି ଶ୍ରମ ଦିବସ ପିଛା ୯୮ ଟଙ୍କାର ଅତିରିକ୍ତ ଟପ-ଅପ ମଜୁରୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯିବ। ୧୦୦ ଦିନର ନିଶ୍ଚିତ କାର୍ଯ୍ୟପରେ, ଅତିରିକ୍ତ ୨୦୦ ଦିନର କାର୍ଯ୍ୟଦିବସ ପାଇଁ ବର୍ଦ୍ଧିତ ହାରରେ ମଜୁରୀ ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ଯୋଗାଇ ଦିଆଯିବ। ୨୦୧୪-୧୫ରୁ ଆଜି ସୁଦ୍ଧା ୩୯.୪୯ ଲକ୍ଷ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ୧,୩୬,୯୦୫ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୨୦୨୫-୨୬ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଯୋଜନାରେ ୧,୨୧,୫୨୬ଟି ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି। ୨୦୨୭ ମସିହା ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳ ପରିବାରକୁ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ପ୍ରାୟ ୫୪,୦୦୦ କୋଟି ଟଙ୍କା ପୁଞ୍ଜି ବିନିମୟରେ ବିଭିନ୍ନ ପାଇପ୍ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**ମନରେଗାରେ ମିଳିବ ୩୦୦ ଦିନର କାର୍ଯ୍ୟ**

**୨୦୨୭ ସୁଦ୍ଧା ସମସ୍ତଙ୍କୁ ସ୍ୱଚ୍ଛ ପିଇବା ପାଣି**

## ଡାଏଲିସିସ ମେସିନ ଅଚଳ ହେବା ଦୁର୍ଭାଗ୍ୟଜନକ: ବିରୋଧୀ

ଭୁବନେଶ୍ୱର, ୫।୧୨ (ସମିସ): କଟକ ଏସ୍‌ସିବି ହସ୍ପିଟାଲରେ ଡାଏଲିସିସ ମେସିନ କାମ କରୁନାହିଁ। ଫଳରେ ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଛନ୍ତି। ସରକାର ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ। ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜରେ ଡାଏଲିସିସ ମେସିନ ଅଚଳ ପଡ଼ିଛି। ଏକ ନିର୍ଦ୍ଦିଷ୍ଟ ଫ୍ଲୁଇଡ୍ ଅଭାବରୁ ମେସିନ ଅଚଳ ଅଛି। ରାଜ୍ୟର ସବୁଠାରୁ ବଡ଼ ଡାକ୍ତରଖାନାରେ ଏପରି ସ୍ଥିତି ଗ୍ରହଣୀୟ ନୁହେଁ। ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ବିଜେଡି ସରକାର ସମୟରେ ଗରିବ ଲୋକଙ୍କ ପାଇଁ ନବୀନ ପଟ୍ଟନାୟକ ନିରାମୟ ଯୋଜନା ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ୨୦୦ ପ୍ରକାରର ଔଷଧ ଦିଆଯାଉଥିଲା। ମାତ୍ର ବର୍ତ୍ତମାନ ନିରାମୟ ଯୋଜନାରେ ପ୍ରାୟ ୮୦ ପ୍ରକାର ଔଷଧ ମିଳୁନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ସବୁ ଔଷଧ ରୋଗୀଙ୍କୁ ଦିଆଯିବା ନେଇ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ।

## ପ୍ରଫେସର୍ କେ. ଲକ୍ଷ୍ମୀବାଇଙ୍କୁ ରାଷ୍ଟ୍ରପତିଙ୍କ ପ୍ରଶଂସା

**ଜନ୍ମ ଶତବାର୍ଷିକୀରେ ଏମ୍ସ ଭୁବନେଶ୍ୱରକୁ ୩.୪ କୋଟି ଟଙ୍କା ଦାନ କରିଥିଲେ**

ଭୁବନେଶ୍ୱର, ୫।୧୨(ସମିସ): ପ୍ରଫେସର୍ ଡାକ୍ତର କେ. ଲକ୍ଷ୍ମୀବାଇଙ୍କ ଜନ୍ମଦିନ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କର୍କଟ ରୋଗର ଚିକିତ୍ସା ପାଇଁ ତାଙ୍କର ସ୍ୱ-ଅର୍ଜିତ ସଞ୍ଚୟ ଦାନ କରିବାର ଅସାଧାରଣ ଭାବନାକୁ ସାଧୁବାଦ ଜଣାଇବା ସହ ଏକ ସରକାରୀ ଚିଠିରେ ପ୍ରଫେସର୍ ଲକ୍ଷ୍ମୀବାଇଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ତାଙ୍କର ମହାନ ଅବଦାନକୁ ପ୍ରଶଂସା କରିଛନ୍ତି। ଭୁବନେଶ୍ୱର ଏମ୍‌ସ ଗରିବ ଏବଂ ଅବହେଳିତ ସମ୍ପ୍ରଦାୟର କର୍କଟ ରୋଗୀଙ୍କ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ ତାଙ୍କ ଉଦାର ସମର୍ଥନ ସର୍ବୋତ୍ତମ ଏବଂ ପ୍ରଭାବଶାଳୀ ହୋଇପାରିବ ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଛନ୍ତି। ପ୍ରଫେସର୍ ଲକ୍ଷ୍ମୀବାଇଙ୍କ ପରି ଦୟାଳୁ ଏବଂ ଦାୟିତ୍ୱବାନ ନାଗରିକ ସାରା ଦେଶର ଅନ୍ୟମାନଙ୍କ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣରେ ସରକାରଙ୍କ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ପ୍ରେରଣା ବୋଲି ରାଷ୍ଟ୍ରପତି କହିଛନ୍ତି।



ସୂଚନାନୁଯାୟୀ, ପ୍ରସିଦ୍ଧ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର କେ. ଲକ୍ଷ୍ମୀବାଇ ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସ୍ୱ-ଅର୍ଜିତ ସଞ୍ଚୟରୁ ୩.୪ କୋଟି ଟଙ୍କା ଏମ୍‌ସ ଭୁବନେଶ୍ୱରକୁ ଦାନ କରିଛନ୍ତି। ଦାନ ରାଶିରେ ଏମ୍ସ ପକ୍ଷରୁ ଏକ କର୍ପସ ପାଣ୍ଠି ଗଠନ କରାଯିବ। ଏହା ସହାୟତାରେ ସ୍ତ୍ରୀ ରୋଗ ସମ୍ବନ୍ଧୀୟ କର୍କଟ ରୋଗ ନିରାକରଣ କ୍ଷେତ୍ରରେ ଗବେଷଣା କରିବ ଏମ୍ସ। ଅସହାୟ ଏବଂ ଗରିବ ଲୋକଙ୍କୁ ସାମଗ୍ରିକ କର୍କଟ ସେବା ପ୍ରଦାନ, ପ୍ରତିରୋଧକ ଅଙ୍କୋଲୋଜି ପଦକ୍ଷେପକୁ ସୁଦୃଢ଼ କରିବା ପାଇଁ ଏହା ବ୍ୟବହାର କରାଯିବ।

## ଲୋକଲଜ୍ଜା ଭୟ: ଦୁଷ୍କର୍ମ ପୀଡ଼ିତାଙ୍କ ଆତ୍ମହତ୍ୟା

ଢେଙ୍କାନାଳ, ୫।୧୨(ସମିସ): ଲୋକଲଜ୍ଜା ଭୟରେ ଜଣେ ଦୁଷ୍କର୍ମ ପୀଡ଼ିତା ଆତ୍ମହତ୍ୟା କରିବା ଭଳି ସାଂଘାତିକ ଘଟଣା ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ୫ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଆଜି ଲୋକଲୋଚନକୁ ଆସିଛି। ତେବେ ଏହି ଘଟଣାରେ ଏଯାଏ ପୁଲିସ ଅଭିଯୁକ୍ତକୁ ଗିରଫ କରିପାରିନାହିଁ।

ଗତ ୩୦ ତାରିଖ ରାତି ପ୍ରାୟ ୧୦ଟାରେ ମହିଳାଜଣଙ୍କ ଏକୁଟିଆ ବାଡ଼ିପଟକୁ ପରିସ୍ରା କରିବାକୁ ଯାଇଥିବା ବେଳେ ସାହିର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲା। ମହିଳାଜଣକ ଚିତ୍କାର କରିବାରୁ ସେ ତାଙ୍କ ମୁହଁକୁ ଚାପି ଧରିଥିଲା। ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏମିତିକି, କାହାକୁ କହିଲେ ସ୍ୱାମୀ ଏବଂ ପିଲାକୁ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲା। ଭୟରେ ମହିଳାଜଣଙ୍କ କାହାରିକୁ କିଛି କହି ନଥିବା ବେଳେ ପରଦିନ ସନ୍ଧ୍ୟାରେ ପୁଣି ଦୁଷ୍କର୍ମକାରୀ ତାଙ୍କୁ ଧମକ ଦେବା ସହ ବାଡ଼ିପଟକୁ ଡାକିଥିଲା। କିନ୍ତୁ ମହିଳାଜଣଙ୍କ ଲୋକଲଜ୍ଜା ଭୟରେ ଘରେ ଆତ୍ମହତ୍ୟା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଛାତ୍ର ସଂସଦ ନିର୍ବାଚନ: ଭୁଆଁ ବୁଲାଉଛନ୍ତି ସରକାର !

ଭୁବନେଶ୍ୱର, ୫।୧୨(ସମିସ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ନ ହେବା ପ୍ରସଙ୍ଗକୁ ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ ଉଠାଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ଉପରେ ରାଜ୍ୟ ସରକାର ରୋକ୍ ଲଗାଇଛନ୍ତି କି ବୋଲି ପଚାରିବା ସହ କାହିଁକି ଓ କେଉଁ କାରଣରୁ ନିର୍ବାଚନ ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହାର ଲିଖିତ ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ନିର୍ବାଚନ ଉପରେ ସରକାର ରୋକ୍ ଲଗାଇ ନାହାନ୍ତି। ସୁରୁଖୁରୁରରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ସରକାର ସକାରାତ୍ମକ ଅଛନ୍ତି।

ମନ୍ତ୍ରୀଙ୍କ ଉତ୍ତର ପରେ ଛାତ୍ରଛାତ୍ରୀମାନେ ପୁଣି ସରକାରଙ୍କ ପ୍ରଶ୍ନ ବାଣରେ ସରକାରଙ୍କୁ ପୋତିଛନ୍ତି। ସରକାର ଯଦି ସକାରାତ୍ମକ ଅଛନ୍ତି, ତାହାଲେ ନିର୍ବାଚନ କରିବାରେ କାହିଁକି ଅକ୍ଷମ ବୋଲି ଅନେକେ ପ୍ରଶ୍ନ କରିଛନ୍ତି। ସରକାରକୁ ଆସିବା ପରେ ଦୁଇଟି ଛାତ୍ର ସଂସଦ ନିର୍ବାଚନର ସମୟ ଅତିକ୍ରାନ୍ତ ହୋଇସାରିଛି। ପ୍ରତିଥର ନିର୍ବାଚନ ହେବ କହିବା ସହ ଶେଷ ମୁହୂର୍ତ୍ତରେ ଛାତ୍ରଛାତ୍ରୀଙ୍କୁ ଲଲିପପ୍ ଧରାଇ ଦେଉଛନ୍ତି। ପ୍ରଥମ ବର୍ଷ ସମୟ ଅଭାବ କାରଣରୁ ନିର୍ବାଚନ ହୋଇ ପାରି ନଥିବା ସଫେଇ ଦେଇଥିଲେ। ହେଲେ ଦ୍ୱିତୀୟଥର କୌଣସି ଉତ୍ତର ରଖି ନ ଥିଲେ। ଏପରିକି, ନିର୍ବାଚନ ପ୍ରଶ୍ନକୁ ଏଡ଼ାଇବା ପାଇଁ ଛାତ୍ରାଛାତ୍ରୀଙ୍କୁ ଧରାଛୁଆଁ ଦେଇନଥିବା ଆଉ କିଛି ଛାତ୍ରନେତା ଅଭିଯୋଗ କରିଛନ୍ତି।

**ସୁରୁଖୁରୁ ନିର୍ବାଚନ ପାଇଁ ସରକାର ସକାରାତ୍ମକ: ମନ୍ତ୍ରୀ**

**ପୁଣି ଆନ୍ଦୋଳନ ଚେତାବନୀ ଦେଲା ଏବିଭିପି**

ଅଭିଯୋଗ ଅନୁସାରେ, ସରକାର ଓ ମନ୍ତ୍ରୀ କେବଳ କାଗଜକଲମରେ ସକାରାତ୍ମକ। ବାସ୍ତବରେ ଛାତ୍ର ସଂସଦ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇ ପାରୁନାହାନ୍ତି। ଯଦି ସରକାର ସକାରାତ୍ମକ, ତାହାଲେ କେଉଁ ଶକ୍ତି ତହିଁରେ ପ୍ରତିବନ୍ଧକ ସାଜୁଛି ବୋଲି ପ୍ରଶ୍ନ କରିବା ସହ ଛାତ୍ରଛାତ୍ରୀଙ୍କୁ ଭୁଆଁ ବୁଲାଇବାକୁ ଏହା ସରକାରଙ୍କ ପ୍ରୟାସ ବୋଲି ମଧ୍ୟ ଅଭିଯୋଗ କରିଛନ୍ତି।

ଅପରପକ୍ଷେ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟ ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ନିର୍ବାଚନ କରିବାକୁ ପୁଣିଥରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ପୂର୍ବରୁ ଦେଇଥିବା ଚେତାବନୀକୁ ଦୋହରାଇଛି। କ୍ୟାମ୍ପସ୍‌ରେ ଉପଯୁକ୍ତ ସୁରକ୍ଷା, ସମ୍ପୂର୍ଣ୍ଣ ପାଚେରୀ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ପୁଅ ଏବଂ ଝିଅଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ, କମନ ରୁମ, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ, ଇ-ଲାଇବ୍ରେରୀ ସ୍ଥାପନ, ସଠିକ୍ ସମୟରେ ପୋଷ୍ଟ ମାଟ୍ରିକ ମେଧାବୃତ୍ତି ପ୍ରଦାନ ଆଦି ବିଭିନ୍ନ ମୌଳିକ ସମସ୍ୟା ରହିଛି। ନିର୍ବାଚନ ହେଉନଥିବାରୁ ଏସବୁ ବିରୋଧରେ ପ୍ରତିବାଦର ସ୍ୱର ଉଠୁନାହିଁ। ନିର୍ବାଚନ ବନ୍ଦ କରି କ୍ୟାମ୍ପସ୍‌ରୁ ହିଁ ନେତୃତ୍ୱର ଭ୍ରୂଣହତ୍ୟା କରିବାକୁ ସରକାର ଯୋଜନା କରୁଥିବା ଏଆଇଏସ୍‌ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଅଭିଯୋଗ କରିବା ସହ ଆସନ୍ତାବର୍ଷ ନିର୍ବାଚନ କରା ନ ଗଲେ ଦୁର୍ବାର ଛାତ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

**ସମ୍ପତ୍ତିକୁ ନେଇ ପୁଅ-ଝିଅଙ୍କ ମଧ୍ୟରେ ବିବାଦ**

## ୧୦ ଘଣ୍ଟା ଧରି ପଡ଼ିରହିଲା ମା'ର ଶବ

ପାରାଦୀପ, ୫।୧୨(ସମିସ): ସମ୍ପତ୍ତି ଭାଗବଣ୍ଟାକୁ ନେଇ ପୁଅ-ଝିଅଙ୍କ ମଧ୍ୟରେ ବିବାଦ ଯୋଗୁଁ ମା'ର ଶବ ୧୦ ଘଣ୍ଟା ଧରି ପଡ଼ିରହିବା ଭଳି ଏକ ଅଭାବନୀୟ ଘଟଣା ପାରାଦୀପରେ ଚର୍ଚ୍ଚାର ବିଷୟ ହୋଇଛି। ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଶବକୁ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି।

ସୂଚନାନୁଯାୟୀ, ପାରାଦୀପ ଉପକଣ୍ଠ ବିଶ୍ୱାଳୀ ଗ୍ରାମର କାଉରା ସାମଲ ଓ ମାଳି ସାମଲଙ୍କ ଚାରି ଝିଅ ଓ ଗୋଟିଏ ପୁଅ। କାଉରା ନିଜର ସମ୍ପତ୍ତିକୁ ଝିଅମାନଙ୍କ ନାମରେ କରିଦେଇଥିଲେ। ଫଳରେ ଏକମାତ୍ର ପୁଅ ସମ୍ପତ୍ତିରୁ ବଞ୍ଚିତ ହୋଇ ଏକ ଚାଳ ଛପର ଘରେ ନିଜ ପରିବାର ସହ ରହୁଥିଲେ। କାଉରାଙ୍କ ମୃତ୍ୟୁ ପରେ କୁଜଙ୍ଗ ମଙ୍ଗରାଜପୁର ଗ୍ରାମରେ ବାହା ହୋଇଥିବା ଝିଅ କୁମାରୀ ନିକଟରେ ମା' ମାଳି ସାମଲ ରହୁଥିଲେ। ଗତକାଲି ସକାଳେ ମାଳିଙ୍କର ମୃତ୍ୟୁ ହୋଇଯାଇଥିଲା। ଝିଅ-ଜ୍ୱାଇଁ ମା'ଙ୍କ ଶବ ବିଶ୍ୱାଳୀ ଘରକୁ ଆଣି ପୁରୀ ନେବାକୁ ବସିଥିବା ବେଳେ ସୃଷ୍ଟି ହୋଇଥିଲା ଉତ୍ତେଜନା। ପୁଅବୋହୂ, ପଡ଼ୋଶୀ ଏବଂ ଗ୍ରାମବାସୀ ଘେରିଯାଇ ବାଟ ଓଗାଳିଥିଲେ। ପରେ ସାଇ ପଡ଼ିଶାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଯେପର୍ଯ୍ୟନ୍ତ ସମ୍ପତ୍ତିରେ ପୁଅକୁ ଭାଗ ନ ମିଳିଛି, ସେ ପର୍ଯ୍ୟନ୍ତ ମା'ର ମୃତଦେହ ସଂସ୍କାର ହୋଇପାରିବନି ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ ଗ୍ରାମାବାସୀ। ଫଳରେ ମଧ୍ୟାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଗାଁ ଦାଣ୍ଡରେ ଶବ ପଡ଼ି ରହିଥିଲା। ଖବର ପାଇ ଲକ୍‌ଥାନା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ। ପରେ ରାତି ୧୦ଟା ପରେ ସାଇପଡ଼ିଶା ଓ ଭଦ୍ରଲୋକଙ୍କ ଉପସ୍ଥିତରେ ମୀମାଂସା ହୋଇଥିଲା। ମୀମାଂସରୁ ପୁଅ ବାପା ଜାଗାରେ ଥିବା ଚାଳଘରେ ସବୁଦିନ ପାଇଁ ରହିବ ବୋଲି ଆଲୋଚନା ହେବା ପରେ ଶବ ସ୍ୱର୍ଗଦ୍ୱାର ଯାଇଥିଲା।

**ପଞ୍ଚାୟତିରାଜ ବିଭାଗର ଖର୍ଚ୍ଚଦାବି ଆଲୋଚନା**

# ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ହେଉଛି: ବିଜେଡି

ଭୁବନେଶ୍ୱର, ୫।୧୨(ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ଦାଦନ ସମସ୍ୟାଠାରୁ ଆରମ୍ଭ କରି ମନରେଗା ପର୍ଯ୍ୟନ୍ତ କଥା ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ। ସରକାର କେବଳ ରଙ୍ଗବୋଲାରେ ମାତିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର କ୍ଷମତାକୁ ସଙ୍କୁଚିତ କରାଯାଉଛି। ନିର୍ବାଚିତ ପ୍ରତିନିଧିଙ୍କ ସହ ଅଲିଖିତ ଚୁକ୍ତି କରାଯାଉଛି। ଦଳରେ ମିଶିଲେ ସୁରୁଖୁରୁରେ ଯିବେ ନ ହେଲେ ନାହିଁ। କ୍ଷମତା ହାସଲ କରିବା ଉଦ୍ଦେଶ୍ୟରେ ବିଜେପି ଏଭଳି କରୁଛି ବୋଲି କହି ସରକାରଙ୍କୁ ଘେରିଛନ୍ତି ବିରୋଧୀ।

ଅପରାହ୍ନରେ ପଞ୍ଚାୟତିରାଜ ବିଭାଗର ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରି ବିଜେଡି ସଦସ୍ୟ ଅରୁଣ ସାହୁ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାର ମାଗଣା ବାଲି ଦେବେ ବୋଲି କହିଥିଲେ। ପଲ୍ଲୀସଭା ମାଧ୍ୟମରେ କାମ ବାଣ୍ଟିବାକୁ କଥା ଦେଇଥିଲେ। ବାଲିର ପତ୍ତା ମିଳୁନାହିଁ, ପଲ୍ଲୀସଭାର ଚିହ୍ନବର୍ଣ୍ଣ ନାହିଁ। ମନ୍ତ୍ରୀ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପରେ ଅନିୟମିତତା କହୁଛନ୍ତି, ମାତ୍ର କାର୍ଯ୍ୟାନୁଷ୍ଠାନ କାହିଁକି ନେଉ ନାହାନ୍ତି। ଏପର୍ଯ୍ୟନ୍ତ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇବାରେ ସରକାର ଅସମର୍ଥ। ମଣିଷର ବଞ୍ଚିବାପାଇଁ ଯାହା ଆବଶ୍ୟକତା ତାହା ସରକାର ଯୋଗାଇପାରୁ ନାହାନ୍ତି ବୋଲି ଉଲ୍ଲେଖ କରି ପଞ୍ଚାୟତ ନିଜସ୍ୱ ଆସେଟ୍ ସୃଷ୍ଟି ନହେବା ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନକୁ ନେଇ ତିଷ୍ଠିବ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ ଯେ ସରକାର ୫୪ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି କହୁଛନ୍ତି। ହେଲେ ବାସ୍ତବରେ କେତେ ଟଙ୍କା ବ୍ଲକସ୍ତରରେ ପହଞ୍ଚିଛି ତାହା ଗୃହକୁ ଜଣାନ୍ତୁ। ବିକଶିତ ଗାଁ ଓ ବିକାଶିତ ଓଡ଼ିଶା ଯୋଜନାର ଟଙ୍କା ବର୍ଷକ ପରେ ବି ପହଞ୍ଚି ନାହିଁ। ମନରେଗା' ରାଜ୍ୟରେ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନଥିବାରୁ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ଭାଜପା ସରକାର ୧୮ ମାସ ହେଲାଣି ସରକାରକୁ ଆସିଲେଣି। ଏପର୍ଯ୍ୟନ୍ତ କେତେ ପ୍ରକଳ୍ପ କରିଛନ୍ତି ତାହା ଗୃହକୁ ଜଣାଇବାକୁ ମନ୍ତ୍ରୀଙ୍କଠାରେ ଦାବି କରିଥିଲେ।

**ଶେଷ ପାହାଚରେ ଥିବା ଲୋକ ପାଖରେ ସବୁ ସୁବିଧା ପହଞ୍ଚିବା ପାଇଁ ଉଦ୍ୟମ**

ଅନ୍ୟପକ୍ଷରେ ବିଜେପି ବିଧାୟକ ସନାତନ ବିଜୁଳି କହିଥିଲେ ଯେ ରାଜ୍ୟ ସରକାର ସମାଜର ଶେଷ ପାହାଚରେ ଥିବା ଲୋକ ପାଖରେ ସବୁ ସୁବିଧା ପହଞ୍ଚାଇବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ପୂର୍ବ ସରକାର କେବଳ ପାଇପ ବିଛାଇ ପାନୀୟ ଜଳ ପ୍ରକଳ୍ପ କାମ ଛାଡି ଯାଇଛନ୍ତି। ସେସବୁକୁ ସମୀକ୍ଷା କରାଯାଉଛି ବୋଲି ସେ କହିଥିଲେ। ଆଲୋଚନାରେ ସଦସ୍ୟ ସୁବାସିନୀ ଜେନା, ପବିତ୍ର ସାଉନ୍ତା, ଅମର ନାୟକ, ଅରବିନ୍ଦ ମହାପାତ୍ର, ମଙ୍ଗୁ ଖିଲ, ଦୁଷ୍ମନ୍ତ କୁମାର ନାୟକ, ମାନସ ଦତ୍ତ, ଅଶୋକ କୁମାର ମହାନ୍ତି, ଭାଦବ ହାଁସଦା, ଅଗସ୍ତି ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ



'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଲବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।
ନିବେଦକ
'ବନ୍ଦେ ଉତ୍କଳ ଜନନୀ'

# ମହାବିଦ୍ୟାଳୟରେ ବେଟି ବଚାଓ, ବେଟି ପଢ଼ାଓ କର୍ମଶାଳା

**ରାଜନଗର, ୫।୧୨(ସମିସ):** ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବେଟି ବଚାଓ, ବେଟି ପଢ଼ାଓ କର୍ମଶାଳା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ ନାରୀ ଶିକ୍ଷା କ୍ଷେତ୍ରରେ କିପରି ଆଗୁଆ ରହୁଛନ୍ତି, ଚାକିରି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି ସେ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ସରପଞ୍ଚ ସଙ୍ଗୀତା ମହାପାତ୍ର, ରାଜନଗର ସିଡିପିଓ ଦୀପାଳି ମିଶ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଆଲୋକ ବେହେରା ମହିଳାଙ୍କ ରାଜନୈତିକ ଅଧିକାର ଓ ସାମାଜିକ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ଅଭିଜିତ ଖୁଣ୍ଟିଆ ଅର୍ଥନୈତିକ ଅଧିକାର ଓ କନ୍ୟା ଶିକ୍ଷା ଦିଗରେ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଆକ୍ସିସ୍ ବ୍ୟାଙ୍କ୍ ଶାଖା ପରିଚାଳକ ବଳଭଦ୍ର ଦାସ ବିଭିନ୍ନ ଅର୍ଥନୈତିକ କଲ୍ୟାଣ ଯୋଜନା ବିଶେଷକରି ସୁକନ୍ୟା ଯୋଜନାରେ କିପରି ଅଭିଭାବକମାନେ ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ କେନ୍ଦ୍ରାପଡ଼ା ଗସ୍ତ

# ଛତୁଆ ଗୁଣମାନ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ୍

କେନ୍ଦ୍ରାପଡ଼ା, ୫।୧୨(ସମିସ)




ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଶୁକ୍ରବାର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ପୌରୋହିତ୍ୟରେ ବୈଠକ ହୋଇଥିଲା। ଏଥିରେ ଅଧ୍ୟକ୍ଷ ସାହୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ-୨୦୧୩ ଅନୁଯାୟୀ ଯୋଗ୍ୟତା ଆଧାରରେ ରାସନକାର୍ଡ ବଣ୍ଟନ ସୁନିଶ୍ଚିତ କରିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟ ହିତାଧିକାରୀ କୌଣସି ପ୍ରକାରେ ବଞ୍ଚିତ ହେବା ଉଚିତ୍ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମ୍ବନ୍ଧରେ ବି ଅଧ୍ୟକ୍ଷ କୌଣସି ଅନ୍ୟାୟ କିମ୍ବା ବିଳମ୍ବ ନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଛତୁଆ ପ୍ରସ୍ତୁତି ପ୍ରକ୍ରିୟା ଏବଂ ଗୁଣମାନ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ ଗଠନ କରିବାକୁ ଗୁରୁତ୍ୱ ଦିଆଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ମଧ୍ୟାହ୍ନଭୋଜନ ଏବଂ ସ୍କୁଲ ଡ୍ରପଆଉଟ୍ ଛାତ୍ରଛାତ୍ରୀ ସମସ୍ୟା ଉପରେ ମଧ ଆଲୋଚନା ହୋଇଛି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଗୀତା ଜୟନ୍ତୀରେ ସାମୂହିକ ଗୀତାପାଠ



**ରାଜନଗର, ୫।୧୨(ସମିସ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ଅବସରରେ ସାମୂହିକ ଗୀତାପାଠ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନୀହାର ରଞ୍ଜନ ପରିଡ଼ା, ଆଦିତ୍ୟ ତ୍ରିପାଠୀଙ୍କ ସହ ଛାତ୍ରଛାତ୍ରୀମାନେ ଗୀତାପାଠ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଆଳତି କରାଯାଇଥିଲା। ଅରୁଣ କୁମାର ରାଉତ, ଦୟାନିଧି ସାହୁ, ରବିନାରାୟଣ ଦାସ, ସାମ୍ବାଦିକ ଅଭିରାମ ଦାସ ସହଯୋଗ କରିଥିଲେ।

# ଭିନ୍ନକ୍ଷମ ଶିବିରରେ ଫଲ୍ସ ଖାଦ୍ୟ ବିଲ୍ ଅଭିଯୋଗ

**କେନ୍ଦ୍ରାପଡ଼ା, ୫।୧୨(ସମିସ):** ଗରଦପୁର ବ୍ଲକରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନାଁରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ହୋଟେଲ ନ ଥିବା ସତ୍ତ୍ୱେ ବିଲ୍ କରାଯାଇଥିବାରୁ ପ୍ରଶାସନିକ ବ୍ୟୟ ସମ୍ପର୍କରେ ସନ୍ଦେହ ବଢ଼ିଛି। ହୋଟେଲ ନାହିଁ, ମାଛ ମିଲ ନାମରେ ୧୨ ହଜାର ବିଲ୍ କରାଯାଇଛି। କଳାବୁଦା ଅଞ୍ଚଳରେ ହୋଟେଲ ଆନନ୍ଦ ନାମର କୌଣସି ହୋଟେଲ ନ ଥିବା ସତ୍ତ୍ୱେ ଚଳିତବର୍ଷ ଜାନୁଆରୀ ୧୦ରେ ନୈନ୍ଦିପୁର ସ୍କୁଲ ପଡ଼ିଆରେ ଆୟୋଜିତ ଭିନ୍ନକ୍ଷମ ଶିବିର ପାଇଁ 'ସ୍ପେଶାଲ ମାଛ ମିଲ' ବିଲ୍ କଟାଯାଇଛି। ଏହି ବିଲରେ ୧୨୦ ଓ ୧୦୦ ଟଙ୍କାର ମାଛ ମିଲ ପାଇଁ ୧୨ ହଜାର ଟଙ୍କା ଖର୍ଚ୍ଚ ଦର୍ଶାଇଯାଇଛି। ସେହିପରି ଗରଦପୁର ବଜାରରେ ଶ୍ରୀ ଗଣେଶ ସୁଇଟ୍ସ ନାମରେ କୌଣସି ଷ୍ଟଲ/ହୋଟେଲ ନ ଥିଲେ ମଧ୍ୟ ୨୦ ଟଙ୍କା ଲେଖାଏଁ ୪୦୦ଟି ଟିଫିନ ପ୍ୟାକେଟ ପାଇଁ ୮, ୦୦୦ ଟଙ୍କା, ୩୦ ଟଙ୍କାର ୧୫୦ଟି ସ୍ୱତନ୍ତ୍ର ପ୍ୟାକେଟ ୧୨, ୫୦୦ ଟଙ୍କା ବିଲ୍ ଦର୍ଶାଇଯାଇଛି। ହୋଟେଲ ନ ଥାଇ ବିଲ୍ କିପରି ହେଲା, କାହା ପକେଟକୁ ଗଲା ସେହି ଟଙ୍କା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଞ୍ଚଳବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ତଦନ୍ତ ହେଲେ କେତେ ଟଙ୍କା ହରିଲୁଟ ହୋଇଛି ସବୁ ସ୍ପଷ୍ଟ ହେବ ବୋଲି ମତ ପ୍ରକାଶ ପାଇଛି।

# ଜନମଞ୍ଚ ନେତା ପାରେଶ୍ୱର ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ, ୫।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଜନମଞ୍ଚ ପକ୍ଷରୁ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷକ ନେତା ପାରେଶ୍ୱର ବିଶ୍ୱାଳଙ୍କ ବିୟୋଗରେ ବେଲତଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଉମାକାନ୍ତ ପାତ୍ର, କାଉନସିଲର ମଳୟ ଓଝା, ସର୍ବେଶ୍ୱର ସେଠୀ, ଅଭିରାମ ଲେଙ୍କା, କୃପାସିନ୍ଧୁ ସାମଲ, କାଳୀପ୍ରସାଦ ନାୟକ, ବାରେଣୀ ସେଠୀ, ବିଭୁପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳ କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ମଦନପୁର କଟ୍ କାର୍ଯ୍ୟକାରୀ କରିବା ଆଦି ଦାବି ପୂରଣ ପାଇଁ ଆନ୍ଦୋଳନ କରିବା ସହ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସମସ୍ୟା ପାଇଁ ଲଢ଼େଇ କରି ଆସୁଥିଲେ ବୋଲି ମତ ପ୍ରକାଶ କରିଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟକ୍ରମ କରାଯିବାକୁ ସଭାରେ ନିଷ୍ପତ୍ତି ହୋଇଛି। ପ୍ରାଧ୍ୟାପକ ସୁନୀଲ ପ୍ରଧାନ, ଅମୀୟ କର, ବାବାଜୀ ସାହୁ, କୁଞ୍ଜବିହାରୀ ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କବି ମନୋରଞ୍ଜନ ଦାଶଙ୍କ ୧୧ତମ କବିତା ସଂକଳନ

# 'ବିଶ୍ୱର ଅସ୍ମିତା: କାଳିଆ ଠାକୁର' ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ, ୫।୧୨(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ କବି ଓ ପରିବେଶବିତ ଡା. ମନୋରଞ୍ଜନ ଦାଶଙ୍କ ଏକାଦଶ କବିତା ସଂକଳନ 'ବିଶ୍ୱର ଅସ୍ମିତା: କାଳିଆ ଠାକୁର' ଉନ୍ମୋଚିତ ହୋଇଛି। ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ଓ କଥାକାର ଡ. ନୀଳମଣି ଲେଙ୍କା ଯୋଗଦେଇ କହିଲେ ଭାବର ଠାକୁର ପ୍ରଭୁ ଜଗନ୍ନାଥ ହିଁ ଓଡ଼ିଆଙ୍କ ଗର୍ବ ଓ ସ୍ୱାଭିମାନ। କବି ଦାଶଙ୍କ ରଚନାରେ ଭକ୍ତି, ଅଭିବ୍ୟକ୍ତି ଓ ଆତ୍ମନିଷ୍ଠାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ ବୋଲି କହିଥିଲେ। କବି ଗୌରହରି ବିଶ୍ୱାଳ କହିଲେ ଯେ ସମସ୍ତେ ଜଗନ୍ନାଥଙ୍କ ବିଷୟରେ ଲେଖିବାର ଯୋଗ୍ୟତା ରଖି ନ ଥାନ୍ତି। ବଳରାମ ଦାସଙ୍କ ପରମ୍ପରାୟ ଭଳି ଭକ୍ତିମୟ ସମ୍ବେଦନା କେବଳ ଦୃଢ଼ ଆତ୍ମବିଶ୍ୱାସ ଓ ଭକ୍ତିଶ୍ରଦ୍ଧା ଥିବା କବିଙ୍କ ମଧ୍ୟରେ ଦୀକ୍ଷିତ ହୁଏ। ଯାହା ଆଜି ଡା. ଦାଶଙ୍କ ନୂତନ ସଂକଳନରେ ପ୍ରତିଫଳିତ ହୋଇଛି ବୋଲି କହିଥିଲେ। କବୟିତ୍ରୀ ମିନାକୁମାରୀ ସିଂହ ଓ ଗୀତାଞ୍ଜଳି ଦାଶ କବିତାଗୁଡ଼ିକର ସମୀକ୍ଷା କରିଥିଲେ। କବୟିତ୍ରୀ ଅନୀତା ନନ୍ଦୀ, ଜ୍ୟୋତିର୍ମୟୀ ନନ୍ଦୀ, ସୁଜିତ ରାଉତ, ବିଶ୍ୱଜିତ୍ ଦାଶ, ବଲ୍ଲଭ ଗୋଛାୟତ କବିତା ଆବୃତ୍ତି କରିଥିଲେ। ଅଭିରାମ ରାୟ ସ୍ୱାଗତ ସୂଚନା ଓ ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ରାଜକନିକା, ୫।୧୨(ସମିସ):** ରାଜକନିକା ବ୍ଲକ ଡାଳିକାଏନ୍ଦାର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ତରଫରୁ ଆୟୋଜିତ ହେଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୪ରେ ଉଦଯାପିତ ହେବ। ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ଗୁରୁବାର ଅପରାହ୍ନରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି କନିକା ଭାସ୍କର ଡାଳିକାଏନ୍ଦା ରତ୍ନ ଡ. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବ ୫ ଟିମ୍‌ର କ୍ୟାପ୍ଟେନଙ୍କ ସହ କ୍ଲବ ସଦସ୍ୟମାନେ ଯୋଗଦେଇ ଶୃଙ୍ଖଳିତ ଟୁର୍ଣ୍ଣାମେଣ୍ଟ ପରିଚାଳନା ପାଇଁ ଗୁରୁତ୍ୱାରୋପ କରିଥିଲେ। ଡିସେମ୍ବର ୨୫ ଅପରାହ୍ନରେ ଟ୍ରଫି ଉନ୍ମୋଚିତ ହେବା ସହ ସନ୍ଧ୍ୟାରେ ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣ ଜୟନ୍ତୀ କମିଟି କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ବେହେରା, ଉପସଭାପତି ନିଗମାନନ୍ଦ ସାହୁ, କୋଷାଧ୍ୟକ୍ଷ ବସୁଦେବ ସ୍ୱାଇଁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସହ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ, ସମିତି ସଭ୍ୟ ଅମିତ ନାୟକ, ଗ୍ରାମ ସଭାପତି ରବୀନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ରମେଶ ନାୟକ, ଅନିରୁଦ୍ଧ ସେଠୀ, ପରେଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ସଭାପତି ପ୍ରମୋଦ ରାଉତ, ଉପସଭାପତି ପ୍ରକାଶ ବେହେରା, ସମ୍ପାଦକ ସରୋଜ ବେହେରା, ବିଶ୍ୱାମିତ୍ର ଜେନା, ସହ ସମ୍ପାଦକ ଅଜିତ କୁମାର ଗୁରୁ, ସଭ୍ୟ ପ୍ରଶାନ୍ତ ମହଲା, ପ୍ରେମାନନ୍ଦ ରାଉତ, ସୁବ୍ରତ ବେହେରା, ସୁମନ ସ୍ୱାଇଁ, ପିଣ୍ଟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



# ସମାଜସେବୀଙ୍କ ପରଲୋକ

**ଗୋବିନ୍ଦପୁର, ୫।୧୨(ସମିସ):** ଆଳି ବ୍ଲକ ମାନପୁର ଗ୍ରାମର ସମାଜସେବୀ ବିଜୟ କୁମାର ମହାକୁଡ଼ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ଅନୁଷ୍ଠାନ ପ୍ରେମୀ, ତଥା ଅଞ୍ଚଳର ବିକାଶ ପାଇଁ ସର୍ବଦା କାର୍ଯ୍ୟ କରୁଥିବା ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ପ୍ରହ୍ଲାଦ ସାମଲ, ସତ୍ୟବତୀ ସାମଲ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ରାଜେନ୍ଦ୍ର ପାଣ୍ଡବ, ମନୋଜ କୁମାର ବୋଇତି, ସନ୍ତୋଷ ଦାସ, ପ୍ରଫୁଲ୍ଲ ସାମଲ, ରାଜେନ୍ଦ୍ର ପାତ୍ର, ଅଜୟ ମହାକୁଡ଼ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# କର୍କଟ ରୋଗୀଙ୍କୁ ସହାୟତା



**କେନ୍ଦ୍ରାପଡ଼ା, ୫।୧୨(ସମିସ):** କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ମୁଖ୍ୟ ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ପଞ୍ଚାୟତର କର୍କଟ ରୋଗୀ ସରୋଜ ପଣ୍ଡାଙ୍କ ପତ୍ନୀ ସରୋଜିନୀ ତ୍ରିପାଠୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସରଲୋଜିନୀ ରକ୍ତ କର୍କଟରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆୟୁଷ୍ମାନ ଯୋଜନାରେ ଥିବା ବୀମାରାଶି ଶେଷ ହୋଇଯାଇଛି। ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକତା ଥିବା ଖବର ପାଇଁ ସୋସାଇଟି ସଭାପତି ପ୍ରମୋଦ ସାହୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରୋଜିନୀ ବାଗଚୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବାରୁ ଏହି ଆର୍ଥିକ ସହାୟତାକୁ ତାଙ୍କ ସ୍ୱାମୀ ସରୋଜ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟରୁ ସଭାପତି ସାହୁଙ୍କଠାରୁ ଗ୍ରହଣ କରିଥିଲେ। ସମିତିର ମୁଖ୍ୟ ଶାଖା ସାଧାରଣ ପରିଚାଳକ ମନୋଜ ସାହୁ ଓ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ ଉପସ୍ଥିତ ଥିଲେ।

# ନୂଆ ବିଡିଓଙ୍କୁ ସରପଞ୍ଚ ସଙ୍ଘର ସମ୍ବର୍ଦ୍ଧନା



**ରାଜନଗର, ୫।୧୨(ସମିସ):** ରାଜନଗର ବ୍ଲକ ସଦଭାବନା ସଭାଗୃହରେ ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ନୂତନ ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିକ, ସରପଞ୍ଚ ସଙ୍ଘ ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ସଙ୍ଗୀତା ମହାପାତ୍ର, ସସ୍ମିତା ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ମିଶ୍ର, ରାଣୀମଞ୍ଜରୀ ସେଠୀ, ଦ୍ରୌପଦୀ ସେଠୀ, ସମୀର ସେଠୀ, ବରିଷ୍ଠ ନେତା ଦେବେନ୍ଦ୍ର ଜେନା, ରଞ୍ଜନ ମହାନ୍ତି, ସରୋଜ ରାଉତ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ ରାଜନଗର ବିଡିଓ ପଦ ଦୀର୍ଘଦିନ ଧରି ଖାଲି ପଡ଼ିଥିଲା। କେନ୍ଦ୍ରାପଡ଼ା ଏବିଡିଓ ଅନିରୁଦ୍ଧ ବେହେରା ଡେପୁଟେସନରେ ଆସି ଅସ୍ଥାୟୀ ଭାବେ ଦାୟିତ୍ୱ ତୁଲାଉଥିଲେ। ତିଲୋତ୍ତମା ଯୋଗଦେବା ପରେ ବ୍ଲକର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସରପଞ୍ଚ ସଙ୍ଘ ସଭାପତି ଆଶାବ୍ୟକ୍ତ କରିଛନ୍ତି।

# ମହାବିଦ୍ୟାଳୟରେ ସାଂସ୍କୃତିକ ସପ୍ତାହ

**ଗୋବିନ୍ଦପୁର, ୫।୧୨(ସମିସ):** ଅଙ୍ଗଲୋ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ସାଂସ୍କୃତିକ ସପ୍ତାହ ପାଳିତ ହୋଇଛି। ଅଧ୍ୟାପକ ସୁବ୍ରତ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ତର୍କ, ଇଂରାଜୀ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ରଙ୍ଗୋଲି, ଫେସନ୍ ସୋ, ରୋଷେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପ୍ରଫେସର ଜୟଦେବ ଥାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁକ୍ତ ଦୁଇ ଅଧ୍ୟକ୍ଷ ଆଶିଷ କୁମାର ରାୟ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦିଲୀପ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭରତ ଚନ୍ଦ୍ର ବେହେରା, ମଦନ ମୋହନ ପରିଡ଼ା, ସୁବ୍ରତ କୁମାର ଓଝା, ଅଧ୍ୟାପିକା ମୋନାଲିସା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ଡେରାବିଶ, ୫।୧୨(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଯମଧର ପଞ୍ଚାୟତ ଜଣ୍ଟିଲୋସ୍ଥିତ ପଦନବାବା ମଠ ପରିସରରେ ବାଲିଆ ସରକାରୀ ହାଇସ୍କୁଲର ୧୯୮୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ରାଜକିଶୋର ଲେଙ୍କା, ଗଙ୍ଗାଧର ସେଠୀ, ଅମିୟ ନାୟକ, ମନୋଜ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଅଧ୍ୟୟନ ସମୟର ମଧୁର ସ୍ମୃତିକୁ ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ସଦ୍ୟ ବ୍ୟାଙ୍କ ଚାକିରିରୁ ଅବସର ନେଇଥିବା ଏହି ବ୍ୟାଚ୍‌ର ଛାତ୍ର ଗଙ୍ଗାଧର ସେଠୀ ସମସ୍ତ ସହପାଠୀଙ୍କୁ ଭୋଜନରେ ଆପ୍ୟାୟିତ କରିଥିଲେ। ଅଭୟ ନାୟକ, ସମରେନ୍ଦ୍ର ମହାପାତ୍ର, ମଳୟ ବାରିକ, ଲଳିତ ମୋହନ ପଟ୍ଟନାୟକ, ସୁବାସ ଚନ୍ଦ୍ର ନାୟକ, ଜୟଦେବ ନାୟକ, ଶ୍ରୀକାନ୍ତ ମହାନ୍ତି, ପ୍ରଭାକର ସ୍ୱାଇଁ, ଅରକ୍ଷିତ ସେଠୀ, ଶ୍ରୀକାନ୍ତ ସାମଲ, ପ୍ରସନ୍ନ ବାରିକ, କିଶୋର ସ୍ୱାଇଁ, ପ୍ରଭାତ ନାୟକ, ସଞ୍ଜୟ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

# ରାଷ୍ଟ୍ର ନିର୍ମାଣରେ ଭାଗୀଦାର ହେବାକୁ ଆହ୍ୱାନ

କେନ୍ଦ୍ରାପଡ଼ା, ୫।୧୨(ସମିସ)




ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଶୁକ୍ରବାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବଶକ୍ତିକୁ ଦେଶ ଓ ରାଜ୍ୟ ଗଠନରେ ଅଗ୍ରସର ହେବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସଂକଳ୍ପକୁ ସାର୍ଥକ କରିବାରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଲିଳିତା ଦାସ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ସାହିତ୍ୟ ସଂସଦ ସଭାପତି କବି କରୁଣାକର ଦାସ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ।

ଯୁବ ଉତ୍ସବ ମାଧ୍ୟମରେ ଯୁବମାନଙ୍କ ସୁପ୍ତ ପ୍ରତିଭାକୁ ଉଜାଗର କରିବା ସହ ସାମାଜିକ, ସାହିତ୍ୟ, ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କ ନୂତନ ପରିଚୟ ଗଢ଼ିବା ପାଇଁ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।

# ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶୀତକାଳୀନ ଶିବିର




**ଡେରାବିଶ, ୫।୧୨(ସମିସ):** ଡେରାବିଶ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନଭେମ୍ବର ୨୭ରୁ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ଉଦଯାପିତ ହୋଇଛି। ଅଧ୍ୟକ୍ଷା ଡ. ରତ୍ନମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ଦାସ, ଜ୍ୟୋତ୍ସ୍ନାମୟୀ ଶତପଥୀ, ଚିନ୍ମୟୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜିକା ପୁଷ୍ପିତା ରାଉତ ବିବରଣୀ ପାଠ କରିଥିଲେ। ଶିକ୍ଷା ବିଭାଗର ପ୍ରତିପାଦକ ଶ୍ରୀନିବାସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଦିଲୀପ କୁମାର ସାହୁ, କର୍ମଚାରୀ ଅରକ୍ଷିତ ଦାସ, ନିର୍ମଳ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କର୍ମଚାରୀ ସୌମ୍ୟରଞ୍ଜନ ମହାରଣା, ନଦିଆ ଜେନା, ଦିବାକର ମଲ୍ଲିକ ସହଯୋଗ କରିଥିଲେ।

### ଦନ୍ତାହାତୀଙ୍କ ଉତ୍ପାତ

# ଦୁଇ ଗାଁରେ ଘର ଓ ପାଣିଟାଙ୍କି ଭାଙ୍ଗିଲେ

**କଲ୍ୟାଣସିଂହପୁର,୫।୧୨(ସମିସ):**

ଦିନକୁ ଦିନ ହାତୀଙ୍କ ଉତ୍ପାତରେ ନିୟମଗିରିବାସୀ ଭୟଭୀତ ହୋଇ ଘରୁ ବାହାରୁନାହାନ୍ତି। କଳାହାଣ୍ଡିଆ ୧୮ ଥାକିଆ ହାତୀପଲ ଦୀର୍ଘ ତିନିବର୍ଷ ହେବ ନିୟମଗିରି ପାହାଡ଼ ଅଞ୍ଚଳର ମୁନିଗୁଡା, ବିଷମକଟକ, ଲାଞ୍ଜିଗଡ, ଥୁଆମୂଳ ରାମପୁର, କଲ୍ୟାଣସିଂହପୁର ବ୍ଲକରେ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। କିନ୍ତୁ ଜଙ୍ଗଲ ନଷ୍ଟ ପାଇଁ ଖାଦ୍ୟ ମିଳୁନଥିବାରୁ ଚାଷବାସ ଓ ମଣିଷକୁ ମାରିବାକୁ ପଛଉ ନାହାନ୍ତି ହାତୀମାନେ। ହାତୀ ଗୋଠ ଖଣ୍ଡିଆ ହୋଇ ଯିବାରୁ ଗାଁ ଗାଁରେ ପଶି କୋଠି ଚାଉଳ ମାଣ୍ଡିଆ କାନ୍ଧୁଲ ଓ ଟଙ୍କା ମଧ ଖାଇ ଯାଉଛନ୍ତି। ଗତ ଏକ ମାସ ପୂର୍ବେ ତ୍ରିଲୋଚନପୁର ପଞ୍ଚାୟତର କୁନାକାଡୁ ଠାରେ ଶିଶୁକୁ କଚାଡି ମାରି ଜୀବନ ନେଇଯାଇଥିବା ବେଳେ ବଡ଼ ଭାଇକୁ ଶୁଣ୍ଢରେ ମାରି ଆହତ କରିଦେଇଥିଲା। ଦୁଇଦିନ ପୂର୍ବେ କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର ବୁଡୁଣୀ ଗ୍ରାମର ଦଙ୍ଗରିଆ ବାଲା ଶିକକାକୁ କଚାଡି ମାରିବାରୁ ବ୍ରହ୍ମପୁର ମେଡିକାଲରେ ଜୀବନ ମରଣ ସହ ସଂଘର୍ଷ କରିଛି। ବର୍ତ୍ତମାନ ହାତୀ ଗୋଠରୁ ଦୁଇଟି ହାତୀ ଗୋଠ ଖଣ୍ଡିଆ ହୋଇଯାଇ ବିଭିନ୍ନ ଗ୍ରାମରେ ପସି ତାଣ୍ଡବ ରଚୁଥିବା ବେଳେ ଘରୁ ବାହାରକୁ ଲୋକେ ବାହାରିବା ପାଇଁ ଭୟ କରୁଛନ୍ତି। ଗତକାଲି ୧୧ଟାରେ ଖୁରସୁମୁହିଁ ଓ ପଟାଙ୍ଗ ପଦର ଗ୍ରାମରେ ଭିନ୍ନ ଭିନ୍ନ ହାତୀ ପସି ଗ୍ରାମରେ ଥିବା ଚାଳକୁଡ଼ିଆ ବାହାରେ ଥିବା ହାଣ୍ଡିକୁଣ୍ଡି ଚାଲିଆ ଭାଙ୍ଗିରୁଜି ଦେଇଥିଲେ। ଦୀର୍ଘ ଦୁଇ ଘଣ୍ଟା ସାହିରେ ରହି ଭୟଙ୍କର ଶବ୍ଦ କରିଥିଲେ। ଭୟରେ ଘରୁ ପଦାକୁ ବାହାରିବା ପାଇଁ ସାହସ ଜୁଟାଇ ପାରିଲେନାହିଁ ପଟାଙ୍ଗ ପଦର ଓ ଖୁର୍ଷୁମୁହିଁ ଗ୍ରାମବାସୀ ମାନେ। ଗ୍ରାମରେ କୁକୁରମାନେ ଭୁକିବାରୁ ପରେ ଚାଲିଗଲେ ପାହାଡ଼ ଭିତରକୁ। ଏମିତି ନିତି ଦିନିଆ ହାତୀଙ୍କ ଉତ୍ପାତ ଯୋଗୁ ନିୟମଗିରିବାସୀ ଅତିଷ୍ଠ ହୋଇ ପଡ଼ିଥିବା ଅଭିଯୋଗ କରିଛନ୍ତି। ବନ ବିଭାଗ କେବଳ ସଚେତନା ସୃଷ୍ଟି କରି କେବଳ ଗତିପଥ ଦେଖୁଛି। ଏମିତି ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଚାଲିଲେ, ବନ ବିଭଗ ଦାୟୀ ରହିବ ବୋଲି ନିୟମଗିରି ଡଙ୍ଗରିଆ ମାନେ ଅଭିଯୋଗ କରିଛନ୍ତି। ଜିଲ୍ଲା ବନଖଣ୍ଡ ଅଧିକାରୀ ଉଚିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ‘ଚଇତି’ ଅବସରରେ ସାହିତ୍ୟ ମହାକୁମ୍ଭ




**ରାମନାଗୁଡ଼ା,୫।୧୨(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପରେ ଯୁବ ପୀଢ଼ି ଙ୍କ ସାହିତ୍ୟ ରୁଚି ବଢେଇବା ତଥା ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ଚଇତି ସାହିତ୍ୟ ମହାକୁମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ତଥା ପଞ୍ଚବଟୀ ପତ୍ରିକା ସମ୍ପାଦକ ସୁଶାନ୍ତ ନାୟକ, ମୁଖ୍ୟବକ୍ତା ରୂପେ ସାହିତ୍ୟିକ ରାଜୀବ କୁମାର ଷଡ଼ଙ୍ଗୀ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସମାଜସେବୀ ଅକ୍ଷୟ କୁମାର ଦାସ,ସାହିତ୍ୟିକ ପ୍ରତାପ ରାୟ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ,ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ବକ୍ତା ରୂପେ ବଂଶୀଧର ସେଠୀ, ଅବସରପ୍ରାପ୍ତ ଅଧ୍ୟାପକ ସୀମାଞ୍ଚଳ କର, ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ କୈଳାସ ମଲ୍ଲିକ ଯୋଗଦେଇ ଭଞ୍ଜ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ତୃତୀୟ ଅଧିବେଶନରେ କବିତା ଆସର ଆୟୋଜିତ ହୋଇଥିଲା ଏଥିରେ ୧୦୦ ଜଣ କବି କବିୟତ୍ରୀ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ରଛାତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଶ୍ୱନୀ ତ୍ରିପାଠୀ, ରମେଶ ମିଶ୍ର, ଗାୟତ୍ରୀ ମିଶ୍ର ଓ ଅକ୍ଷୟ କୁମାର ପଣ୍ଡା ସହଯୋଗ କରିଥିଲେ। ଶେଷରେ ଦୁର୍ଗା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ



**କୋରୁକୋଣ୍ଡା,୫।୧୨(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ସହରରୁ ଚିତ୍ରକୋଣ୍ଡା ଯିବା ରାସ୍ତା ଟନେଲ୍ କ୍ୟାମ୍ପ ନିକଟରେ ଘଟିଥିଲା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏଥିରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନାନୁଯାୟୀ, କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ସାଧନ କେନ୍ଦ୍ର ସଂଯୋଜକ ତଥା ଡାଇକ-୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଯତିନ୍ଦ୍ର କୁମାର ସ୍ୱାଇଁ ଚିତ୍ରକୋଣ୍ଡା ଶିକ୍ଷକ ତାଲିମ କେନ୍ଦ୍ରରୁ କିଛି କାର୍ଯ୍ୟ ଶେଷ କରି ଫେରୁଥିବା ବେଳେ ଘଟିଥିଲା ଏଭଳି ମର୍ମନ୍ତୁଦ ଦୁର୍ଘଟଣା। ଯେହେତୁ ଶୁକ୍ରବାର ଦିନ ଭୁବନେଶ୍ୱର ଠାରେ ରାଜ୍ୟ ଶିକ୍ଷକ ମହାସଂଘର ଏକ ବିଶାଳ ଆନ୍ଦୋଳନ ରହିଥିଲା। ସେଥିରେ ଯୋଗ ଦେବା ପାଇଁ ଶିକ୍ଷକ ଯତିନ୍ଦ୍ର କୁମାର ସ୍ୱାଇଁ ଉପରିସ୍ଥ ଅଧିକାରୀଙ୍କ ଠାରୁ ଅନୁମତି ନେଇ ତରଭରିଆ ଭାବେ ବାଲିମେଳା ଫେରୁଥିବା ବେଳେ ଟନେଲ୍ କ୍ୟାମ୍ପ ଠାରେ କୌଣସି ଏକ ଅଜଣା ପିକ୍‌ଅପ ଗାଡ଼ି ତାଙ୍କୁ ଧକ୍କା ଦେଇଥିବା ସ୍ଥାନୀୟ ବାସିନ୍ଦା କହୁଛନ୍ତି। ଦୁର୍ଘଟଣା ପରେ କିଛି ବାଟୋଇ ତାଙ୍କୁ ତୁରନ୍ତ ଚିତ୍ରକୋଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଯାଞ୍ଚ କରିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜାଣି ଭୁବନେଶ୍ୱରକୁ ନେଇ ଯିବାକୁ ମାଲକାନଗିରି ମେଡିକାଲର ଡାକ୍ତର କହିଥିଲେ। ବାଟରେ ଯିବା ସମୟରେ ତାଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହେବାରୁ କୋରାପୁଟ ମେଡିକାଲରେ ଦେଖାଇବା ପରେ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। କିନ୍ତୁ ସ୍ଥିତି ଅଣାୟତ୍ତ ହେବାରୁ ଗତକାଲି ରାତିରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବ୍ରହ୍ମପୁର ମେଡିକାଲର ଆଇସିୟୁରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଦ୍ୱାରା ମାଲକାନଗିରି ଜିଲ୍ଲାରେ ବ୍ୟାସକବି ସାହିତ୍ୟ ସଂସଦ ପ୍ରତିଷ୍ଠା କରାଯାଇଥିଲା। ଦୁର୍ଘଟଣା ସମ୍ବନ୍ଧରେ ଜାଣିବା ପରେ ଜଣେ ସ୍ୱେଚ୍ଛାସେବୀ ମଦନ ଖୋସଲା ଏନେଇ ଚିତ୍ରକୋଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ଥାନାଧିକାରୀ ଜୟ ନାରାୟଣ ଖଣ୍ଡାଇଙ୍କୁ ପଚାରିବାରୁ ଅଭିଯୋଗକୁ ଆଧାର କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

**ଲକ୍ଷ୍ମୀପୁର,୫।୧୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁକ୍ତ ତିନି ଓ ଯୁକ୍ତ ଦୁଇ ବିଭାଗରେ ପୃଥକ ପୃଥକ ଭାବେ ଆୟୋଜନ କରାଯାଇଥିଲା। ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲି ଓ ଯୁକ୍ତ ଦୁଇ ଅଧକ୍ଷ ଗିରିଜା ଚୌଧୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଶ୍ରୀ ମୁଦୁଲି ଛାତ୍ର ଛାତ୍ରୀମାନଙ୍କୁ ଏଡସ୍ ରୋଗ ବିଷୟରେ ସମ୍ପୂର୍ଣ୍ଣ ଭାବେ ବୁଝାଇଥିଲେ। ରାଜନୀତି ବିଭାଗର ଅଧ୍ୟାପିକା ମହିମାରାଣି ରାଜୁ ଓ ଇତିହାସ ବିଭାଗର ଅଧ୍ୟାପିକା ସଙ୍ଗୀତା ନାଗ ଏବଂ ଅର୍ଥନୀତି ବିଭାଗର ଅଧ୍ୟାପକ ରମାକାନ୍ତ ଖରା ଏଚଆଇଭି ଏଡସ୍ କାହିଁକି ଓ କିପରି ହୋଇଥାଏ ଏବଂ ଏହାର ପ୍ରଭାବ କଣ ସେ ନେଇ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାୟର ଅଧ୍ୟାପିକା ଜେକେ ପଟ୍ଟନାୟକ, ଅଙ୍କିତା ୱାଡେକା, ଅଧ୍ୟାପକ ବବଲୁ ବେନ୍ୟା, ଆମ୍ରି ହିକକା, ଏଙ୍କେଶ ଖରା, କୃଷ୍ଣଚନ୍ଦ୍ର ବିଶୋଇ, ଏକାଦଶ ଟାକ୍ରୀ, ହରିଶ୍ ଚନ୍ଦ୍ର ବିଶୋଇ, ଭଜରାଜ୍ ବିଶୋଇ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ।

● ସ୍ମାର୍ଟଇଣ୍ଡିଆ ହ୍ୟାକାଥନ୍-୨୦୨୫ ଗ୍ରାଣ୍ଡ ଫିନାଲେ

# ଜିଆଇଇଟି ବିଶ୍ୱବିଦ୍ୟାଳୟ ନୋଡାଲ୍ ସେଣ୍ଟର ମନୋନୀତ




**ଗୁଣପୁର,୫।୧୨(ସମିସ):** ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲ୍, ଏଆଇସିଟିଇ, ନୂଆଦିଲ୍ଲୀ , ଓଡ଼ିଶା ସରକାର ଏବଂ ଖଣିଜ ମନ୍ତ୍ରଣାଳୟଙ୍କ ମିଳିତରେ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍-୨୦୨୫ ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିସନ) ନିମନ୍ତେ ନୋଡାଲ ସେଣ୍ଟର ମନୋନୀତ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କୁଳପତି ଡ. ଏଭିଏନ୍ ଏଲ ଶର୍ମା ସୂଚନା ଦେଇଛନ୍ତି। ଏହି ହ୍ୟାକାଥନର ଗ୍ରାଣ୍ଡ ଫିନାଲି (ହାର୍ଡୱେର ଏଡିସନ) ଦେଶର ବିଭିନ୍ନ ପ୍ରଦେଶ ଯଥା ଓଡ଼ିଶା, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଏବଂ ହରିୟାଣା ପ୍ରମୁଖ ସ୍ଥାନରୁ ୨୦ ଗୋଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଗୋଟିଏ ଦଳରେ ୬ଜଣ ପ୍ରତିଯୋଗୀ ରହିଥିବା ବେଳେ ୨ ଜଣ ମେଣ୍ଟର ଭାବେ ଯୋଗ ଦେବେ। ଏହି ଦଳମାନେ ନୂତନ ଚିନ୍ତାଧାରା ସହ ସମାଜରେ ଉପୁଜିଥିବା ବିଭିନ୍ନ ସମସ୍ୟା ସମାଧାନର ଉପାୟ ବାହାର କରିବେ। ଆସନ୍ତା ୮ ଡିସେମ୍ବର ଏହି ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିସନ)ର ଶୁଭ ଉଦଘାଟନ ହେବ ଏବଂ ଏହା ୧୨ ଡିସେମ୍ବର ପର୍ଯ୍ୟନ୍ତ ଚାଲୁରହିବ। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ ପି ବିଜୟ କୁମାର ଯୋଗ ଦେଇ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍ ବିଷୟରେ କହିଥିଲେ।ଏହି କାଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏସ୍‌ପିଓପି ଡ. ରାଘବେନ୍ଦ୍ର କୁମାର ପରିଚାଳନା କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ, ସୁସ୍ଥତା ସଚେତନତା ପାଠଚକ୍ର



**ରାୟଗଡା,୫।୧୨(ସମିସ):** ସୁସ୍ଥତା କହିଲେ କେବଳ ଶାରୀରିକ ନୁହେଁ, ବରଂ ମାନସିକ ସୁସ୍ଥତାକୁ ବୁଝାଏ। ବ୍ୟସ୍ତବହୁଳ ଜୀବନରେ ମନୁଷ୍ୟ ସର୍ବଦା ଶାନ୍ତି ଖୋଜିଥାଏ। ତା'ର ଆଶା ଆକାଂକ୍ଷା ପୂରଣ ନ ହେଲେ ତା' ମନରେ ଦେଖାଦିଏ ମାନସିକ ଅଶାନ୍ତି। ଏସବୁର ସମାଧାନ ପାଇଁ ସଚେତନତା ହିଁ ଏକ ମାତ୍ର ବିକଳ୍ପ ବୋଲି ମତ ପ୍ରକାଶ ପାଇଛି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ରାୟଗଡ଼ାରେ ଅନୁଷ୍ଠିତ ପାଠଚକ୍ରରେ। ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସଚେତନତା ଶୀର୍ଷକ ପାଠଚକ୍ରରେ ଅଧକ୍ଷା ଡକ୍ଟର ଶ୍ୟାମା ମହାପାତ୍ର ସଭାପତିତ୍ୱ କରିଥିଲେ। ଉକ୍ତ ପାଠଚକ୍ରରେ ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରାକେଶ ରଞ୍ଜନ ପାଢ଼ୀ ଏବଂ ସହଯୋଗୀ ବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର କାଦାମ୍ବାଲୁ ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ବିଭାଗମୁଖ୍ୟ ଡକ୍ଟର ସଂଯୁକ୍ତା ମାଝୀ ଯୋଗ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଲଳିତ ମୋହନ ବେହେରା ପାଠଚକ୍ରକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡକ୍ଟର ସୁରେଶ କୁମାର ମାଝୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

**ନବରଙ୍ଗପୁର,୫।୧୨(ସମିସ):** ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଆୟୋଜିତ ହୋଇଯାଇଛି। ଜିଲ୍ଲା କୃଷି ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧୀରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ୫୦ ଜଣ ଚାଷୀ ଯୋଗଦାନ କରିଥିଲେ। ଜିଲ୍ଲାରେ ୨୦୨୫-୨୬ ପାଇଁ ୧୩୦୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୬୧୯୯ ଜଣ କୃଷକ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଯୌତୁକ ନିଷେଧ ଅଧିନିୟମ ତାଲିମ ଶିବିର




**ନବରଙ୍ଗପୁର,୫।୧୨(ସମିସ):**

ଜିଲ୍ଲା ସମାଜ କଲ୍ୟାଣ ବିଭାଗ ନବରଙ୍ଗପୁର ପକ୍ଷରୁ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ବନ୍ଧୀୟ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଉକ୍ତ ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରି ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୌତୁକ ନିଷେଧ ଅଧିକାରୀ ଯୌତୁକ ନିର୍ଯାତନାରେ ଆସୁଥିବା ଅଭିଯୋଗ ଗୁଡ଼ିକ ସମାଧାନ ଓ ନିରାକରଣ କିପରି ହେବ ତା ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ସମାଜରେ ଯୌତୁକ ପ୍ରଥା ଏବଂ ଏହା ସହିତ ଜଡ଼ିତ ଅପରାଧ, ନିର୍ଯାତନା ଏକ ସାମାଜିକ ବ୍ୟାଧି ଓ ଦଣ୍ଡନୀୟ ଅପରାଧ, ଯୌତୁକ ନେବା ଓ ଦେବା ଏକ ଅପରାଧ ଏବଂ ଏହାର ମୂଳୋତ୍ପାଟନ ନିମନ୍ତେ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଜିଲ୍ଲାପାଳ ଯୌତୁକ ପାଇଁ ଘଟୁଥିବା ଅପରାଧ ଓ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ଏସ୍‌ଡିପିଓ ସରୋଜ ପୁନମ୍ କିଷ୍ପଟା ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରତିନିଧି ଭାବେ ଓକିଲ ରାକ୍ଷୀ ଜୈନ ସାଧନ କର୍ମୀ ଭାବରେ ଉପସ୍ଥିତ ଥିଲେ। ଏହି ତାଲିମ ଶିବିରରେ ଏଡିପିଏଚଓ ଡାକ୍ତର ମଳୟ କୁମାର ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ଡିଆଇପିଆର୍ ଓ ମନୋଜ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରାକେଶ ପଟ୍ଟନାୟକ, ଏଡଡବ୍ଲୁଓ ଭାରତ ଚନ୍ଦ୍ର ସାହୁ, ଧାର୍ମିକ ଅନୁଷ୍ଠାନ ସୁନୀ ଅଞ୍ଜୁମନ୍ କମିଟିର ସଦସ୍ୟ , ରେଭ ଡ ବିସପ ନାଗ, ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା, ନବରଙ୍ଗପୁର ମହାବିଦ୍ୟାଳୟ ଉପାଧକ୍ଷ ସଙ୍ଗୀତା ତ୍ରିପାଠୀ, ଛାତ୍ରୀ, ଶୋଭା ଏନ୍‌ଜିଓର ଜିଲ୍ଲା ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ରୋମା ପଟ୍ଟନାୟକ ତାଲିମ ଶିବିରକୁ ସମ୍ପାଦନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଓଭରବ୍ରିଜରେ ଲାଗିଲା ସାଇନ୍ ବୋର୍ଡ

**ଜୟପୁର, ୫।୧୨(ସମିସ) :** କୋରାପୁଟ ଜିଲ୍ଲା ଜୟପୁର ସହରକୁ ପୌରସଂସ୍ଥା ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରେ ଓଡିଆ ଓ ଇଂରାଜୀ ଭାଷାରେ ସୁସଜ୍ଜିତ ସାଇନବୋର୍ଡ ଲାଗିବା ନେଇ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜୟପୁର ସହରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜାତୀୟ ରାଜପଥ ଉପରେ ବିଶ୍ୱବିଦ୍ୟାଳୟର ଦୁଇଟି ଭବନକୁ ସଂଯୋଗ କରୁଥିବା ଫୁଟପାଥ ଓଭର ବ୍ରିଜ୍‌ର ଉଭୟ ପାଶ୍ୱର୍ରେ ଓଡିଆ ଭାଷାରେ “ଜୟପୁର-ବିଜୟର ସହର’ ଓ ଇଂରାଜୀ ଭାଷାରେ “ଜୟପୁର- ଦ’ ସିଟି ଅଫ ଭିକ୍ଟରି’ ଲେଖା ସାଇନବୋର୍ଡ ଆଜି ଲଗାଯାଇଛି। ରାତିରେ ଏହା ସୁନ୍ଦର ରଙ୍ଗୀନ ଲାଇଟ ଦ୍ୱାରା ଦୃଶ୍ୟମାନ ହେବ। ପ୍ରାୟ ସାଢେ ୨ ଲକ୍ଷ ଟଙ୍କାର ଟେଣ୍ଡର ମାଧ୍ୟମରେ ଏହା ଠିକାସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ସହରର ମୁଖ୍ୟ ତଥା କୁମାର ବିଦ୍ୟାଧର ସିଂ ଦେଓ ଦୈନିକ ବଜାରରେ ପୂର୍ବପଟେ ରହିଥିବା ଦୁଇଟି, ଉତ୍ତର ଏବଂ ପଶ୍ଚିମରେ ଗୋଟିଏ ଲେଖାଏଁ ପାଇଁ ୨ ଲକ୍ଷ ଟଙ୍କାର ଏବଂ ଦକ୍ଷିଣ ଦିଗରେ ରହିଥିବା ମୁଖ୍ୟ ଫାଟକ ନିମନ୍ତେ ୫ ଲକ୍ଷ ଟଙ୍କାର ସୌନ୍ଦର୍ଯ୍ୟ କରଣ କରାଯିବ। ଏଥିନେଇ ଗାଈ ପ୍ରବେଶ ନ କରିବା ଫାଟକ ଏବଂ ସାଇନବୋର୍ଡ ଏବଂ ଅନ୍ୟାନ୍ୟ ପ୍ରବେଶ ପଥର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଟେଣ୍ଡର ଶେଷ ହୋଇଯାଇଛି। ଅତିଶିଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ପୌର ଯନ୍ତ୍ରୀ ଅଜୟ କୁମାର ଜାନୀ ପ୍ରକାଶ କରିଛନ୍ତି।

● ନିର୍ବାଚନ ମଣ୍ଡଳିରେ ରୁଗ୍‌ଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

# ବିଧାନସଭାରେ ପ୍ରଶ୍ନ କଲେ ବିଷମ କଟକ ବିଧାୟକ



**ବିଷମକଟକ,୫।୧୨ (ସମିସ):**

ରାୟଗଡା ଜିଲ୍ଲା ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ନିଳମାଧବ ହିକକା ଗତ ବର୍ଷ ଶୀତ ଅଧିବେଶରେ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ, ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ସ୍ୱାସ୍ଥ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ ସାଙ୍ଗକୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୁବିଧା ତଥା ଉନ୍ନତ ମାନର ପରୀକ୍ଷାଗାର,ଏକ୍ସ-ରେ ର ସୁବିଧା, ଇସିଜି ମେସିନ୍ ଯୋଗାଣ ସହିତ ମେଡିକାଲର ଅନ୍ତବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ନିମନ୍ତେ ଅକ୍ସିଜେନ୍‌ର ସୁବିଧା ଯୋଗାଇବା ସାଙ୍ଗକୁ ରାୟଗଡା ଠାରେ ମେଡିକାଲ କଲେଜ ସ୍ଥାପନ ନେଇ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ସମସ୍ତ ଦାବି ପୁରଣ କରାଯିବା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଡାକ୍ତର ନିଯୁକ୍ତି ରାୟଗଡାରେ ମେଡିକାଲ କଲେ ସ୍ଥାପନ କରାଯିବା ବୋଲି ଉତ୍ତର ରଖିଥିଲେ। ବର୍ଷକ ପରେ ମଧ ମନ୍ତ୍ରୀ ବିଧାନ ସଭାରେ ଦେଇଥିବା ପ୍ରତିଶ୍ରୁତିର କୌଣସି କାର୍ଯ୍ୟକାରୀ କରିନଥିବାରୁ ଚଳିତ ଶିତ ଅଧିବେଶନ ରେ ପୁଣି ସର୍ବ ପ୍ରଥମେ ବିଧାୟକ ନିଳମାଧବ ହିକକା ବିଭାଗୀୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଦୁର୍ଗମ ଇଲାକାର ବିଭିନ୍ନ ସ୍ଥାନକୁ ଗମନା ଗମନର ସୁବିଧା ନଥିବାରୁ ଆମ୍ବୁଲାନସ୍ ପହଞ୍ଚି ପାରୁନାହିଁ । ଡାକ୍ତରଖାନାରେ ଡାକ୍ତର ବଦଳରେ ଫର୍ମାସିଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଗତ ବର୍ଷ ବିଷମ କଟକ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ନ ପାଇ ୧୨ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ନେଇ ଗୃହରେ ବାଚସ୍ପତି ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ବିଷମ କଟକ ନିର୍ବାଚନ ମଣ୍ଡଳି ରେ ଅବସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ପୁରଣ ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରିବା ନେଇ ଦାବି କରିଛନ୍ତି।

### ୬ ଦିନହେବ ମୋଟର ଅଚଳ

# ପାଣି ପାଇଁ ଲୋକେ ତହଲବିକଳ, ପ୍ରଶାସନ ନିରବ



**କଲ୍ୟାଣସିଂହପୁର,୫।୧୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସଦର ମହାକୁମାରେ ଅଧା ଗ୍ରାମରେ ଲୋକେ ହାଣ୍ଡିଏ ପାଣି ପାଇଁ ଦୀର୍ଘ ଛଅ ଦିନହେବ ତହଲ ବିକଳ ଅବସ୍ଥାରେ ରହିଛନ୍ତି। ବ୍ଲକ ପ୍ରଶାସନ ଜାଣିଶୁଣି ଚୁପ ରହିଛି। ପ୍ରଶାସନ ସଦର ମହାକୁମାରେ ଯଦି ଛଅ ଦିନ ଧରି ଲୋକଙ୍କୁ ପାଣି ଯୋଗାଇ ପାରୁନି, ତେବେ ଗ୍ରାମାଞ୍ଚଳରେ କିପରି ପାଣି ସମସ୍ୟା ଥିବ ତାହା ସହଜେ ଅନୁମେୟ। ସଦର ଶିବ ମନ୍ଦିର ନିକଟରେ ଥିବା ପାଣି କୁଣ୍ଡ ଓ ଟାଙ୍କି ରହିଛି। ଏହି ଟାଙ୍କି ଦ୍ୱାରା କାଦମ୍ବଦ୍ୱାର ସାହି, କୁମ୍ଭାର ସାହି, ଦାନୁ ସାହି, ଆଦିବାସୀ ସାହି, ପଣସ ପଦର ସାହି, ବଡ଼ ବ୍ରାହ୍ମଣ ସାହି, ଗୌଡ଼ ସାହି ଧୋବା ସାହି, ବେହେରା ସାହି, ମୁଖ୍ୟ ରାସ୍ତା, ଥାନା କଲୋନିକୁ ଛଅ ଦିନ ହେବ ପିଇବା ପାଣି ଯୋଗାଣ ହେଉନଥିବାରୁ ପ୍ରାୟ ପାଞ୍ଚ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ମୁନ୍ଦାଏ ପାଣି ପିଇବା ପାଇଁ ତହଲ ବିକଳ ହେଉଛନ୍ତି। ଜଳ ଯୋଗାଣ ବିଭାଗ ନାହିରେ ତେଲମାରି ଶୋଇବା ଘଟଣା ସାହିବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ୬ ଦିନହେବ ପାଣି କୁଣ୍ଡରୁ ମୋଟର ଯୋଗେ ଉପର ଟାଙ୍କିକୁ ପାଣି ଚଢୁଥିବାରୁ ଗ୍ରାମରେ ପାଣି ଯୋଗାଣ ହୋଇପାରୁନି। ମଟର ଖରାପ ବୋଲି ଛଅ ଦିନ ଲୋକଙ୍କୁ ପାଣି ନ ଯୋଗାଇବା ପଛରେ ଓ ସରକାରକୁ ବଦନାମ କରିବା ପଛରେ କାହାର ହାତ ଅଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଟର ମରାମତି କରିବା ପାଇଁ କଣ ୬ ଦିନ ଲାଗୁଛି ନା ଜଳ ଯୋଗାଣ ଅଧିକାରିଣୀଙ୍କ ଇଛା ନାହିଁ ତାହା ଜଣା ପଡୁନି। ପ୍ରତିଦିନ ସକାଳ ୬ଟା ସମୟରେ ପାଣି ଆସୁଛି କେବଳ ଦଶ ମିନିଟ୍ ପାଇଁ। ପାଣି ବନ୍ଦ ହୋଇଯାଉଥିବାରୁ ଲୋକେ ପାଣି ପାଇଁ ନଳକୂପ ଥିବା ଘର ମାନଙ୍କୁ ହାଣ୍ଡି ଡେକିଚି ବାଲଟି ଗୋରା ଧରି ଯାଇ ନେହୁରା ହେବାକୁ ପଡୁଛି ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବି. ଗୌତମଙ୍କୁ ପଚାରିବାରୁ ପାଣି ଉଠାଇବା ମଟର ଖରାପ ଅଛି, ମରାମତି ଚାଲିଛି କହିବା ସହ ଯନ୍ତ୍ରୀଙ୍କୁ ପଚାରନ୍ତୁ ବୋଲି ପ୍ରକାଶ କରିଛନ୍ତି। ସରପଞ୍ଚଙ୍କ ଏହି ମନ୍ତବ୍ୟକୁ ନେଇ ଉଭୟଙ୍କ ମଧ୍ୟରେ ତାଳମେଳ ରହୁ ନଥିବା ଜଣାପଡିଛି। ଯୁଦ୍ଧ କାଳୀନ ଭିତରେ ମରାମତି କରି ପାଣି ଯୋଗାଣ ନହେଲେ ମହିଳାମାନେ ଗରା ମାଠିଆ ଧରି ରାଜରାସ୍ତାକୁ ଓଲ୍ହାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଗ୍ରାମରେ ପାଣି ଯୋଗାଇବା ପାଇଁ ଦାବି ହୋଇଛି।

# ଭୂମିହୀନ ପରିବାରକୁ ଜମି ଦେବାକୁ ଦାବି



**ଜଗତସିଂହପୁର, ୫।୧୨(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୂରଣ ଓଡପଡ଼ା ଗ୍ରାମରେ ୫୦ ବର୍ଷରୁ ଅଧିକ ସମୟ ଧରି ରହି ଆସୁଛନ୍ତି ଅନେକ ଅନୁସୂଚିତ ଜନଜାତି ପରିବାର। ପାରାଦୀପ ବନ୍ଦର ଡକ୍ ଖନନ, କଟକ-ପାରାଦୀପ ରେଳପଥ ଏବଂ ଅନ୍ୟାନ୍ୟ ବଡ଼ବଡ଼ ପ୍ରକଳ୍ପରେ ସୁଦୁର ମୟୂରଭଞ୍ଜରୁ ଏମାନଙ୍କ ପୂର୍ବଜମାନେ ଜଗତସିଂହପୁର ଜିଲ୍ଲାକୁ ଆସି ଶ୍ରମିକ ଭାବେ କାମ କରୁଥିଲେ। ରହିବା ପାଇଁ ଅନ୍ୟ କୈାଣସି ବିକଳ୍ପ ନଥିବାରୁ ଏହି ଆଦିବାସୀ ସମ୍ପ୍ରଦାୟର ଶ୍ରମିକ ମାନେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୂରଣ ଓଡପଡ଼ା ଠାରେ ଅପନ୍ତରା ପରିତ୍ୟକ୍ତ ଜଙ୍ଗଲିଆ ଜାଗାରେ ଭୂଇଁପଲ୍ଲା ମାରି ରହିଥିଲେ। ସେବେଠାରୁ ଅତ୍ୟନ୍ତ ଦୟନୀୟ ଭାବେ ଏହି ଆଦିବାସୀ ପରିବାର ଗୁଡିକ ଏହିଠାରେ ରହି ଆସୁଥିବା ବେଳେ ବର୍ଷା ଦିନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ସେହିପରି ଏହି ବସ୍ତିକୁ ଭଲ ରାସ୍ତା ଖଣ୍ଡେ ନଥିବା ବେଳେ ବିଦ୍ୟୁତ୍ ସଂଯୋଗ ମଧ୍ୟ ମିଳିନାହିଁ। ଏଭଳି ପରିସ୍ଥିତିରେ ଜନ ଅଧିକାର ସୁରକ୍ଷା ସମିତିର ଆବାହକ ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଏହି ବସ୍ତିବାସିନ୍ଦାମାନେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦେଇଥିଲେ। ଶେଷରେ ଏକ ୩ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଜୟ ସିଂ, ଝୁମୁରୀ ସିଂ, ଅନାମ ସିଂ, ଚମ୍ପା ସିଂ, ସୁଶାନ୍ତ ସିଂ, ସୀତା ସିଂ, ଗୁରୁବାରୀ ସିଂ, ଲକ୍ଷ୍ମୀ ସିଂ, ପଦ୍ମା ସିଂ, ସବିତା ସିଂ, ଝୁନି ସିଂ ଏବଂ ମାନ ସିଂ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଆର୍‌ଏନ୍ ଅବନୀକାନ୍ତ ପାରାଦୀପ ବନ୍ଦରର ଚିଫ୍ ଭିଜିଲାନ୍ସ ଅଫିସର



**ପାରାଦୀପ, ୫।୧୨(ସମିସ):** ପାରାଦୀପ ବନ୍ଦରର ମୁଖ୍ୟ ସତର୍କତା ଅଧିକାରୀ ଭାବେ ଆର୍‌ଏନ ଅବନୀକାନ୍ତ ପରିଡ଼ା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୧୧ ବ୍ୟାଚର ଜଣେ ଆଇଆର୍‌ପିଏସ (ଭାରତୀୟ ରେଳବାଇ କାର୍ମିକ ସେବା) ଅଧିକାରୀ ଅଟନ୍ତି। ସେ ଜଗତସିଂପୁର ଜିଲ୍ଲାର ବାସିନ୍ଦା। ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ବିଏସ୍‌ସି ପାଠ ସମାପ୍ତ କରି ଜଣେ ବାଣିଜ୍ୟ ନୌସେନା ଅଧିକାରୀ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ତାଙ୍କର ୧୮ ବର୍ଷର ସେବା ସମୟରେ, ସେ ମର୍ଚ୍ଚାଣ୍ଟ ନୌସେନାରେ ୪ ବର୍ଷ ଏବଂ ରେଳ ମନ୍ତ୍ରଣାଳୟରେ ପ୍ରାୟ ୧୪ ବର୍ଷ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇରେ ଥିବା ବେଳେ ଶ୍ରୀ ପରିଡ଼ା ଖୋର୍ଦ୍ଧା ଡିଭିଜନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ପିପିଏରେ ଯୋଗଦେବା ପୂର୍ବରୁ, ସେ ପୂର୍ବତଟ ରେଳବାଇର ଖୋର୍ଦ୍ଧା ଡିଭିଜନର ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ସାମୁଦ୍ରିକ କାର୍ଯ୍ୟ (ବିଶେଷକରି ଜାହାଜ ଚଳାଚଳ), ମାନବ ସମ୍ବଳ, ଶୃଙ୍ଖଳାଗତ କାର୍ଯ୍ୟ ଇତ୍ୟାଦିରେ ସମୃଦ୍ଧ ଅଭିଜ୍ଞତା ଅଛି। ସେ ବିଭିନ୍ନ ସରକାରୀ/ସରକାରୀ ସଂସ୍ଥାରେ ଅତିଥି ଅଧ୍ୟାପକ ଭାବରେ ଯୋଗଦେଇ ଶୃଙ୍ଖଳାଗତ କାର୍ଯ୍ୟ ଉପରେ ତାଲିମ ପ୍ରଦାନ କରନ୍ତି।

# କୃଷି ବିଜ୍ଞାନ କେନ୍ଦ୍ରରେ ମୃତ୍ତିକା ଦିବସ

**ଜଗତସିଂହପୁର, ୫।୧୨(ସମିସ):** କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ଆନୁକୂଲ୍ୟରେ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ୍‌ଙ୍କ ସଭାପତିତ୍ୱରେ ପାଳିତ ଏହି ମୃତ୍ତିକା ଦିବସ ଅବସରରେ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୁଳମଣି ବାରିକ, କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝୀ, କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ ପ୍ରମୁଖ ଯୋଗଦେଇ ମୃତ୍ତିକା ଓ ଜଳ ସଂରକ୍ଷଣ ଉପରେ ଚାଷୀମାନଙ୍କୁ ବିଶେଷ ଭାବରେ ଅବଗତ କରାଇଥିଲେ। ସ୍ୱରାଜ କୁମାର ବେହେରା ଓ ସୌମ୍ୟ ପ୍ରିୟଦର୍ଶିନୀ, ସହକାରୀ କୃଷି ଅଧିକାରୀ ମୃତ୍ତିକାର ସ୍ୱାସ୍ଥ୍ୟ କିପରି ବଢ଼ା ଯାଇପାରିବ ଏବଂ ଏହା ଦ୍ୱାରା ଚାଷୀମାନେ କିପରି ଲାଭବାନ ହେବେ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାହାମା ଅଞ୍ଚଳର ଅଗ୍ରଣୀ ଚାଷୀ ନୃସିଂହ ଚରଣ ବେହେରା ସମନ୍ୱିତ ଖାଦ୍ୟ ସାର ପରିଚାଳନା ଉପରେ ଆଲୋଚନା କରିଥିଲେ। ସଭାରେ ୪୦ଜଣ ଚାଷୀ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ଜୀବନ୍ତ କରିଥିଲେ। ପରିଶେଷରେ ଚାଷୀ ମାନେ ମୃତ୍ତିକା ପରୀକ୍ଷାଗାର ପରିଦର୍ଶନ କରିଥିଲେ ଏବଂ କିଛି ଚାଷୀ ଭାଇ ଭଉଣୀମାନଙ୍କୁ ମୃତ୍ତିକା କାର୍ଡ ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତପନ କୁମାର ପଲେଇ, ସରିତା ଦାସ, ରାଜଶ୍ରୀ ସିଂ, ସମୀର ପଟ୍ଟନାୟକ, ବଳିଆ ମାଝୀ, ବିଜୟିନୀ ସାହୁ, ରୁଦ୍ରପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

**ପାରାଦୀପ, ୫।୧୨(ସମିସ):** ପାରାଦୀପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଷଣ୍ଢକୁଦ ବସ୍ତି ଅଞ୍ଚଳରେ ବୃଦ୍ଧ, ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହା ସହିତ ଜେଏସଡବ୍ଲୁର ଚେୟାରମ୍ୟାନ ସଜ୍ଜନ ଜିନ୍ଦଲଙ୍କ ଜନ୍ମଦିନ ଅବସରରେ ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ଟ୍ରଷ୍ଟ ମାଧ୍ୟମରେ ଷଣ୍ଢକୁଦ ଅଞ୍ଚଳରେ ଏହି କମ୍ବଳ ବଣ୍ଟନ କରାଯାଇଥିଲା। ହନୁମାନ ମନ୍ଦିର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ପୁତ୍ର ଶାଶ୍ୱତ ନାୟକ ଯୋଗଦେଇଥିଲେ। ଡମ୍ପର ମାଲିକ ସଂଘର ନୂତନ ସଭାପତି ବିଜୟ ନାୟକ (ସଦା)ଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉତ୍ସବରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ପ୍ରୀତିରଞ୍ଜନ ମହାପାତ୍ର, ଉପଦେଷ୍ଟା ଅରୁଣ କୁମାର ଓଝା, ସଭାପତି ପଞ୍ଚାନନ ବେହେରା, ଉପସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, ସହ ସମ୍ପାଦକ କୈଳାଶ ଗୋଛାୟତ ଓ ଅନ୍ୟ ମାନଙ୍କ ମଧ୍ୟରେ ରଶ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ମାଇତି, ରୁନିଆ ଜେନା, ରଶ୍ମିତା ଓଝା, ଶିବ ପ୍ରସାଦ ବାରିକ, ଉପସ୍ଥିତ ରହି ଅସହାୟ ବୃଦ୍ଧ, ବୃଦ୍ଧା, ମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରେମଲତା ବାରିକ ଧନ୍ୟବାଦ ଦେଇଥିଲେ।



## ସମ୍ପତ୍ତିକୁ ନେଇ ପୁଅ-ଝିଅଙ୍କ ମଧ୍ୟରେ ବିବାଦ

# ୧୦ ଘଣ୍ଟା ପଡ଼ିରହିଲା ମା'ର ଶବ

ପାରାଦୀପ, ୫।୧୨(ସମିସ)



ସମ୍ପତ୍ତିବାଡ଼ି ଭାଗବଣ୍ଟାକୁ ନେଇ ପୁଅଝିଅଙ୍କ ମଧ୍ୟରେ ବିବାଦ। ପୁଅକୁ ଅଣଦେଖା କରି ଝିଅମାନଙ୍କ ନାଁରେ ସମ୍ପତ୍ତି ଲେଖିଦେବାରୁ ବନ୍ଧା ପଡ଼ିଲା ମା'ର ଶବ। ଦୀର୍ଘ ୧୦ ଘଣ୍ଟା ଧରି ଗାଁ ଦାଣ୍ଡରେ ପଡ଼ିରହିଲା ଶବ। ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଶବ ଗଲା ସ୍ୱର୍ଗଦ୍ୱାର।

ସୂଚନା ଅନୁଯାୟୀ ପାରାଦୀପ ଉପକଣ୍ଠ ବିଶ୍ୱାଳୀ ଗ୍ରାମର କାଉରା ସାମଲ ଓ ମାଳି ସାମଲଙ୍କ ଚାରିଝିଅ ଓ ଗୋଟିଏ ପୁଅ। କାଉରା ସାମଲ ବଞ୍ଚିଥିବା ସମୟରେ ନିଜର ସମ୍ପତ୍ତିକୁ ଝିଅମାନଙ୍କ ନାମରେ କରିଦେଇଥିଲେ। ଫଳରେ ଏକମାତ୍ର ପୁଅ ସମ୍ପତ୍ତିରୁ ବଞ୍ଚିତ ହୋଇ ଏକ ଚାଳ ଛପର ଘରେ ନିଜ ପରିବାର ସହ ରହୁଥିଲେ। ବାପ କାଉରା ସାମଲଙ୍କ ମୃତ୍ୟୁ ପରେ କୁଜଙ୍ଗ ମଙ୍ଗରାଜପୁର ଗ୍ରାମରେ ବିଭା ହୋଇଥିବା ଝିଅ କୁମାରୀ ନିକଟରେ ମା'ମାଳି ସାମଲ ରହୁଥିଲେ। ଗତକାଲି ସକାଳେ ମା' ମାଳିଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଝିଅ ଜ୍ୱାଇଁ ମା'ଙ୍କ ଶବ ବିଶ୍ୱାଳୀ ଘରକୁ ଆଣି ପୁରୀ ନେବାକୁ ବସିଥିବା ବେଳେ ସୃଷ୍ଟି ହୋଇଥିଲା ଉତ୍ତେଜନା। ପୁଅବୋହୂ, ପଡ଼ୋଶୀ ଏବଂ ଗ୍ରାମବାସୀ ଘେରିପଡ଼ି ବାଟ ଓଗାଳିଥିଲେ। ପରେ ସାଇ ପଡ଼ିଶାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଯେ ପର୍ଯ୍ୟନ୍ତ ସମ୍ପତ୍ତିରେ ପୁଅକୁ ଭାଗ ନ ମିଳିଛି, ସେ ପର୍ଯ୍ୟନ୍ତ ମା'ର ମୃତଦେହ ସଂସ୍କାର ହୋଇପାରିବନି ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ ଗ୍ରାମବାସୀ। ଫଳରେ ମଧ୍ୟାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଗାଁ ଦାଣ୍ଡରେ ଶବ ପଡ଼ି ରହିଥିଲା। ଖବର ପାଇ ଲକ୍‌ଥାନା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ।

> ▶▶ ଝିଅକୁ ସମସ୍ତ ସମ୍ପତ୍ତି ଦେଇଦେବା ହେଲା କାଳ
>
> ▶▶ ସାଇ ପଡ଼ିଶାଙ୍କ ସହିତ ଆଲୋଚନା ପରେ ଶବ ଗଲା ସ୍ୱର୍ଗଦ୍ୱାର

ପରେ ରାତି ୧୦ଟା ପରେ ସାଇପଡ଼ିଶା ଓ ଭଦ୍ରଲୋକଙ୍କ ଉପସ୍ଥିତରେ ମୀମାଂସା ହୋଇଥିଲା। ମୀମାଂସରୁ ପୁଅ ବାପା ଜାଗାରେ ଥିବା ଚାଳଘରେ ସବୁଦିନ ପାଇଁ ରହିବ ବୋଲି ଆଲୋଚନା ହେବା ପରେ ଶବ ସ୍ୱର୍ଗଦ୍ୱାର ଯାଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ

**ବାଲିକୁଦା, ୫।୧୨(ସମିସ):** ବୋରିକିନା ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କୈଳାସ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ବାରିକ, ଡ. ବିଷ୍ଣୁ ଚରଣ ସ୍ୱାଇଁ, ବଂଶୀଧର ଶତପଥୀ, ଅରୁଣ କୁମାର ମହାନ୍ତି, ବ୍ରହ୍ମାନନ୍ଦ ମହାନ୍ତି, ଗଗନ ବିହାରୀ ଶତପଥୀ, ଧର୍ମାନନ୍ଦ ଦାସ, ଭ୍ରମରବର ପାଇଟଲ, ବିଷ୍ଣୁ ପରିଡ଼ା, କୈଳାସ ସାହୁ, ଶ୍ୱେତ କୁମାର ସ୍ୱାଇଁ, ସର୍ବେଶ୍ୱର ବିଶ୍ୱାଳ, ଶିବ ଚରଣ ଜେନା, ଶରତ ଚନ୍ଦ୍ର ବାରିକ, ପ୍ରମୋଦ ବାରିକ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଭୋଳାନାଥ ମହାନ୍ତି, ବୁଲାକି ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ଶିବ ଚରଣ ଜେନା, ଆଡ଼ଭୋକେଟ ଡଃ. ବୀର ନାରାୟଣ ପାତ୍ର, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବାଲିକୁଦା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କିଶୋର କାନୁନଗୋଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା। ପଣ୍ଡିତ ହୃଷୀକେଶ ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଜଗତସିଂହପୁର ଜିଲ୍ଲା ଗସ୍ତରେ ଢେଙ୍କାନାଳ ଚାଷୀ




**ଜଗତସିଂହପୁର, ୫।୧୨(ସମିସ):** ଢେଙ୍କାନାଳ ଜିଲ୍ଲାର ୩ଟି କୃଷକ ଉତ୍ପାଦକ ସଂଗଠନର ୧୫ ଜଣ ନିର୍ଦ୍ଦେଶକ ମଣ୍ଡଳୀ ଓ ସଦସ୍ୟମାନେ ଦାୟିତ୍ୱରତ ଅଧିକାରୀ ଡ. ରୋଜାଲିନ ମହନ୍ତଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସିଛନ୍ତି। ସେମାନେ ଜଗତସିଂପୁର କୃଷି ବିଜ୍ଞାନ କେନ୍ଦ୍ରର କୃଷକ ଉତ୍ପାଦକ ସଂଗଠନର ଦାୟିତ୍ୱରତ ଅଧିକାରୀ ସସ୍ମିତା ପୁରୋହିତଙ୍କ ସହଯୋଗରେ ଏକ ବ୍ୟାପକ ଅନୁଭବ ବୃଦ୍ଧିର ଶିକ୍ଷାରକ ଭ୍ରମଣରେ ଅମୃତା କୃଷକ ଉତ୍ପାଦକ ସଙ୍ଗଠନ, ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରକୁ ଭ୍ରମଣ କରିଛନ୍ତି।

ସଦସ୍ୟମାନେ ଏଠାରେ ଛେନା, ପନିର୍, ଘିଅ, ଖୁଆ, ପେଡ଼ା ଇତ୍ୟାଦି ପ୍ରସ୍ତୁତି ପ୍ରକ୍ରିୟାକୁ ବୁଲି ଦେଖିନେଲେ। ଏହି ପ୍ରୟୋଗ ଗୁଡିକରେ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ର- ମିଲ୍କ ସେପାରେଟର, ପାସ୍ୱେଚରାଇଜର, ଚିଜ୍ ୟୁନିଟ୍ ଇତ୍ୟାଦିର ବ୍ୟାପକ ପ୍ରଦର୍ଶନ ଦେଖି ସଦସ୍ୟମାନେ ଦୁଗ୍ଧ ଉତ୍ପାଦନରୁ କିପରି ଅଧିକ ଆର୍ଥିକ ଲାଭ ହାସଲ କରିପାରିବେ ସେ ବିଷୟରେ ନୂଆ ଧାରଣା ପାଇଛନ୍ତି। ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟମାନେ ୧୩୮ଟି ସ୍ଥାନୀୟ ଧାନ ପ୍ରଜାତିର ପ୍ୟୁର୍ ଲାଇନ୍ ସଞ୍ଚୟ ପ୍ରକ୍ରିୟା ବିଷୟରେ ଯଥାର୍ଥ ତଥ୍ୟ ଅଧିଗତ ହୋଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରରେ କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନେ ମୃତ୍ତିକାର ଜୀବାଣୁ, ପୋଷକ ତତ୍ତ୍ୱ ଓ ବୃଦ୍ଧିତା ନିର୍ଣ୍ଣୟ ପଦ୍ଧତିକୁ ମୃତ୍ତିକା ପରୀକ୍ଷାଗାରରେ ନିକଟରୁ ଅନୁଭବ ନେଇଥିଲେ। ଏତତ୍ ବ୍ୟତୀତ ପ୍ଲାଣ୍ଟ ହେଲ୍ଥ କ୍ଲିନିକ୍ ରେ ରୋଗ-କୀଟ ଚିହ୍ନଟ ଓ ବୈଜ୍ଞାନିକ ବ୍ୟବସ୍ଥାପନ ବିଷୟରେ ବ୍ୟାପକ ଜ୍ଞାନ ପ୍ରାପ୍ତ ହୋଇଥିଲେ।

# ରଣପୁର ଜାଗ୍ରତ ଗୌରୀ ପୀଠରେ ଗୀତା ମହାଯଜ୍ଞ

**ବାଲିକୁଦା, ୫।୧୨(ସମିସ):** ବାଲିକୁଦା ବ୍ଲକ ଅଲାଭର ପଞ୍ଚାୟତର ରଣପୁର ସ୍ଥିତ ଜାଗ୍ରତ ଗୌରୀ ପୀଠରେ ଦୀର୍ଘ ୫ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ସମାପନ ହୋଇଯାଇଛି। ଏଥିରେ ସୁନାମଧନ୍ୟ ଯାଜ୍ଞିକ ପଣ୍ଡିତ ମାନଙ୍କ ଦ୍ୱାରା ଏହି ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତିରେ ବାଲିକୁଦା, ଏରସମା, ନାଉଗାଁ, ଜଗତସିଂହପୁର, ମାଛଗାଁ ପ୍ରଭୃତି ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଗୀତାପ୍ରେମୀ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ଏହି ଗୀତା ଯଜ୍ଞ ପୂର୍ଣ୍ଣାହୁତିକୁ ପଣ୍ଡିତ ପ୍ରଫୁଲ୍ଲ ମିଶ୍ର, ହୃଦାନନ୍ଦ ମିଶ୍ର, ହୃଦୟାନନ୍ଦ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ପଣ୍ଡିତ ହୃଷୀକେଶ ସାହୁ, ବରିଷ୍ଠ ଆଇନଜୀବୀ ଡ. ବୀରନାରାୟଣ ପାତ୍ର, ସଭାପତି ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ଚନ୍ଦ୍ରଶେଖର ଶତପଥୀ, ବଟକୃଷ୍ଣ ମିଶ୍ର, ଶରତ ଚନ୍ଦ୍ର ବାରିକ, ଚକ୍ରଧର ଷଡ଼ଙ୍ଗୀ, ନରୋତ୍ତମ ଶତପଥି, ରାମଚନ୍ଦ୍ର ଗାୟା, ସୁଶାନ୍ତ କୁମାର ମହାନ୍ତି, ପ୍ରାଣକୃଷ୍ଣ ସାହୁ, ଆର୍ତ୍ତବନ୍ଧୁ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଦୁର୍ଗାଚରଣ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଶତପଥି, ଶିଶିର କୁମାର ଶତପଥି, କୁଳମଣି ରଥ, ଗଗନ ବିହାରୀ ଶତପଥି, ବିଷ୍ଣୁ ପ୍ରସାଦ ଦାସ, କୀର୍ତ୍ତିରଞ୍ଜନ ଶତପଥି, ଦୁର୍ଗା ଚରଣ ଷଡ଼ଙ୍ଗୀ, ସଚ୍ଚିକାନ୍ତ ଶତପଥି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସକ୍ରିୟ ପରିଚାଳନା କରିଥିଲେ। ବାଲିକୁଦା ପୁଲିସ ତରଫରୁ ଆଇନ ଶୃଙ୍ଖଳା ରକ୍ଷାର ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# ଡାକ୍ତର ନିଯୁକ୍ତିକୁ ବିରୋଧ କରି ଗଣଧାରଣା



**ତିର୍ତ୍ତୋଲ, ୫।୧୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ଶୁଭଜ୍ୟୋତି ମହାନ୍ତିଙ୍କ ବଦଳି ଓ ତାଙ୍କ ସ୍ଥାନରେ ଏଠାରେ ପୂର୍ବରୁ କାର୍ଯ୍ୟ କରିଥିବା ଡା. ପଙ୍କଜ ଚାନ୍ଦଙ୍କ ପୁନଃ ନିଯୁକ୍ତିକୁ ବିରୋଧ କରି ଗଣଧାରଣା ଦିଆଯାଇଛି। ଏହି ଗଣଧାରଣାରେ ଶିକ୍ଷାବିତ୍ ଅକ୍ଷୟ ସାହୁ, ପୂର୍ବତନ ସମବାୟ ବ୍ୟାଙ୍କ୍ ଅଧିକାରୀ ଫକିର ଚରଣ ସ୍ୱାଇଁ, ପୂର୍ବତନ ସେନା ଅଧିକାରୀ ସୁଶାନ୍ତ ଚରଣ ସାହୁ, ପିତାମ୍ବର ସାହୁ, ଯଶୋବନ୍ତ ନାଥ, ଜଗବନ୍ଧୁ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ଆଦିତ୍ୟ ନାଥ ଶର୍ମା, ଦେବାଶିଷ ଶର୍ମା, ସୁକାନ୍ତ ସାହୁ, ପ୍ରମୋଦ ମହାନ୍ତି, ସ୍ଥାନୀୟ ସରପଞ୍ଚ ଶଶଧର ମଲ୍ଲିକ, ଜଡତିରା ସରପଞ୍ଚ ଶିବ ପ୍ରସାଦ ସାହୁ, କୋଳର ସରପଞ୍ଚ ଉମେଶ ବେହେରା, ପିପଳ ମାଧବ ସରପଞ୍ଚ ଅଶୋକ ନାୟକ, ମୁଳିସିଂ ସରପଞ୍ଚ ସାଫି ଆଜମଙ୍କ ସମେତ ବହୁ ଜନପ୍ରତିନିଧି, ସଚେତନ ନାଗରିକ ଓ ବୁଦ୍ଧିଜୀବୀ ଗଣଧାରଣାରେ ସାମିଲ ହୋଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବାବେଳେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହାନ୍ତି ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ତେଣୁ ତାଙ୍କ ବଦଳି ବାତିଲ କରାଯାଉ। ପୂର୍ବରୁ ଏଠାରେ ନିଯୁକ୍ତ ହୋଇ ସେବା କାର୍ଯ୍ୟରେ ତ୍ରୁଟି କରିଥିବା ଡା. ଚାନ୍ଦଙ୍କ ପୁନଃ ନିଯୁକ୍ତିକୁ ବାତିଲ ସହ ଡା. ଚାନ୍ଦ ଦୁଇ ଜଣ ପିଲାଙ୍କ ନାମରେ ତିର୍ତ୍ତୋଲ ଥାନାରେ କରିଥିବା ମକଦ୍ଦମାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି ହୋଇଥିଲା। ଏହି ଗଣଧାରଣା ସନ୍ଧ୍ୟା ଯାଏ ଚାଲିଥିଲେ ମଧ୍ୟ କେହି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ ଅଧିକାରୀ କିମ୍ବା ପ୍ରଶାସନର ଅଧିକାରୀ ଧାରଣାସ୍ଥଳକୁ ଆସିନଥିଲେ। ଆସନ୍ତାକାଲି ମଧ୍ୟ ଏହି ଧାରଣା ଜାରି ରହିବ ଧାରଣାକାରୀ ସୂଚନା ଦେଇଛନ୍ତି।

# କୁଜଙ୍ଗରେ 'ଗୃହ ସମ୍ପର୍କ ଅଭିଯାନ' ଶୁଭାରମ୍ଭ



**କୁଜଙ୍ଗ, ୫।୧୨(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକରେ ଏକ ମାସ ବ୍ୟାପୀ 'ଗୃହ ସମ୍ପର୍କ ଅଭିଯାନ' ଆରମ୍ଭ କରାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜଗତସିଂପୁର ଜିଲ୍ଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏଥିରେ ସ୍ଥାନୀୟ ପଙ୍କପାଳ ପଞ୍ଚାୟତ ପ୍ରସିଦ୍ଧ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଶିଷ୍ଟ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ପାଣି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବରିଷ୍ଠ କାର୍ଯ୍ୟକର୍ତ୍ତା କୃଷ୍ଣପ୍ରସନ୍ନ ଦାସ, ଶିବ ଚରଣ ପାତ୍ର, ସଚ୍ଚିକାନ୍ତ ଦାଶ, କ୍ଷୀରୋଦ ଦାସ ଓ ସିଦ୍ଧେଶ୍ୱର କୁମାର ଦାସ ସମେତ ବହୁ ସଂଖ୍ୟକ ସ୍ୱୟଂସେବକ ଉପସ୍ଥିତ ଥିଲେ। ଏକ ମାସ ମଧ୍ୟରେ ବ୍ଲକର ୧୧୫ ଗ୍ରାମ ପାଖାପାଖି ପାଞ୍ଚ ଲକ୍ଷ ପରିବାର ସହ ସମ୍ପର୍କ ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଛି।

## କାଉଡ଼ିଆ ନଦୀରେ ବୁଡ଼ିଲା ଡଙ୍ଗା

# ଜଣେ ମତ୍ସ୍ୟଜୀବୀ ଉଦ୍ଧାର; ଜଣେ ନିଖୋଜ

**ପାରାଦୀପ, ୫।୧୨(ସମିସ):** ଅଠରବାଙ୍କି ବାଲିପ୍ଲଟ ନିକଟ କାଉଡ଼ିଆ ନଦୀରେ ଏକ ହାତବୁହା ଡଙ୍ଗା ବୁଡ଼ି ଯାଇ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ନିଖୋଜ ମତ୍ସ୍ୟଜୀବୀ ଜଣଙ୍କ ହେଲେ ଯଦୁପୁର ଗ୍ରାମର ପ୍ରଫୁଲ୍ଲ ବେହେରା। ନଦୀରୁ ଜୁଆର ଛାଡ଼ିବା ସମୟରେ ଡଙ୍ଗାରେ ସ୍ଥାନୀୟ କିଛି ମତ୍ସ୍ୟଜୀବୀ ଛୋଟ ଛୋଟ ହାତ ବୁହା ଡଙ୍ଗାରେ ମାଛ ଧରୁଥିଲେ। ତେବେ ବୁଡିଯାଇଥିବା ଡଙ୍ଗାରେ ୨ ମତ୍ସ୍ୟଜୀବୀ ଥିଲେ। ସେମାନେ ଛୋଟ ଟଣାଜାଲ ସହାୟତାରେ ମାଛ ଧରୁଥିଲେ। ହଠାତ୍ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଦୁଇଜଣ ମତ୍ସ୍ୟଜୀବୀ ନଦୀରେ ପଡ଼ିଯାଇଥିଲେ। ଜଣେ ମତ୍ସ୍ୟଜୀବୀ ବୁଡିଯାଇଥିବା ଡଙ୍ଗାକୁ ଧରି କୂଳକୁ ଆସିଥିବା ବେଳେ ଅନ୍ୟ ମତ୍ସ୍ୟଜୀବୀ ପ୍ରଫୁଲ୍ଲ ବେହେରା ନିଖୋଜ ହୋଇଯାଇଛନ୍ତି। ଘଟଣାସ୍ଥଳରେ କୁଜଙ୍ଗ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଓ ଆଦର୍ଶ ଥାନା ଏବଂ ମେରାଇନ ପୁଲିସ ପକ୍ଷରୁ ଖୋଜାଖୋଜି ଜାରିରହିଛି। ଜୁଆର ଭଟ୍ଟା ସମୟରେ ନଦୀରୁ ପାଣି ଗୁଡିକ ବହୁତ ଯୋରରେ ସମୁଦ୍ରକୁ ଯାଇଥାଏ। ସେହି ସ୍ରୋତରେ ମତ୍ସ୍ୟଜୀବୀ ଜଣଙ୍କ ଭାସିଯାଇଥିବା ଅନୁମାନ କରାଯାଉଛି। ଖବର ଲେଖା ହେବା ବେଳକୁ ମତ୍ସ୍ୟଜୀବୀଙ୍କ ପତ୍ତା ମିଳି ନଥିଲା।

# ଏସ୍‌ବିଆଇର କଏନ୍ ମେଳା

**ପାରାଦୀପ, ୫।୧୨(ସମିସ):** ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ପାରାଦୀପ ଶାଖା ଆନୁକୂଲ୍ୟରେ ଏକ କଏନ ମେଳା ଏସ୍‌ବିଆଇ ମୁଖ୍ୟ ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ପୁରୁଣା ଟଙ୍କା ବିନିମୟରେ ନୂତନ ଟଙ୍କା ଦିଆଯିବା ସହ ଖୁଚୁରା କଏନ ମଧ୍ୟ କାରବାର ହୋଇଥିଲା। ବନ୍ଦର ସହରର ଅନ୍ତେବାସୀ ଏହି ଖୁଚୁରା ମୁଦ୍ରା ନେବା ସହ ପୁରୁଣା ଓ ଚିରା ଟଙ୍କା ବିନିମୟରେ ନୂଆ ଟଙ୍କା ନେଣଦେଣରେ ଭାଗ ନେଇଥିଲେ। ଆର୍‌ବିଆଇ ଅଧିକାରୀ ବାଣିଶ୍ରୀ ରାୟ ଏବଂ ପିକେ ମିଶ୍ରଙ୍କ ନେତୃତ୍ୱରେ ଏହି ମେଳା ଆୟୋଜିତ ହୋଇଥିଲା। ଏହି ମେଳାରେ ୨ ଲକ୍ଷ ୩୭ ହଜାର ୬୫୦ ଟଙ୍କା କାରବାର ହୋଇଥିଲା। ତେବେ ସଧାରଣରେ ବଜାରରେ ଖୁଚୁରା ମୁଦ୍ରାର ଅଭାବ ଏବଂ ଚିରାଫଟା ଟଙ୍କାର ଅବ୍ୟବହାରକୁ ଦୃଷ୍ଟିରେ ରଖି ଏହି ମେଳାର ଆୟୋଜନ କରାଯାଇଥିବା ନେଇ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ବିଶ୍ୱଜିତ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଜଗତସିଂହପୁର ପୁସ୍ତକମେଳାର ପ୍ରସ୍ତୁତି ବୈଠକ

ଜଗତସିଂହପୁର, ୫।୧୨(ସମିସ)

ଆସନ୍ତା ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ୨୭ତମ ପୁସ୍ତକ ମେଳା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ଜ୍ୟୋତିଶଙ୍କର ରାୟ ଓ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ସଭା ପରିଚାଳନା କରିଥିଲେ। ଆଗାମୀ ପୁସ୍ତକମେଳାକୁ କିପରି ଭାବରେ ବିଗତ ଦିନ ଅପେକ୍ଷା ଆହୁରି ଭଲ ଭାବରେ କରାଯିବ ସେଥିପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାବକୁ ଜିଲ୍ଲାପାଳ କହିଥିଲେ। ଏହା ସହିତ ଶ୍ରୀମଦ୍ ଭଗବଦ ଗୀତାର ପ୍ରଚାର ପ୍ରସାର ନିମନ୍ତେ ଏକ ଗୀତା ଜ୍ଞାନ ଯଜ୍ଞର ଆୟୋଜନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଯୋଗ ଦେଇ ଆଦିକବି ସାରଳା ଦାସଙ୍କ ରଚିତ ଗ୍ରନ୍ଥର ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ପୁସ୍ତକମେଳାକୁ ଅଧିକ ଲୋକାଭିମୁଖୀ କରିବାକୁ ଅନ୍ୟ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ପୁସ୍ତକମେଳା ସହିତ ଜଡ଼ିତ ହୋଇ କିପରି ଅଧିକରୁ ଅଧିକ ବହି କିଣିବେ ସେଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ସହିତ ଯୋଗାଯୋଗ କରାଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ବୈଠକରେ ଜଗତସିଂହପୁର ପୌରନିର୍ବାହୀ ଅଧିକାରିଣୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ପ୍ରତିଚି ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ପୂର୍ତ୍ତ ବିଭାଗର ଅଧିକ୍ଷକ ଯନ୍ତ୍ରୀ ସର୍ବେନ୍ଦୁ ସୁତାର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ଜଗତସିଂହପୁର ପୁସ୍ତକ ମେଳା ଅବସରରେ ପ୍ରକାଶିତ ହେଉଥିବା ସ୍ମୃତିପତ୍ର ନିମନ୍ତେ ଲେଖକ ଓ ସଦସ୍ୟ ସଦସ୍ୟା ମାନେ ସେମାନଙ୍କ ଲେଖା ଆସନ୍ତା ୨୦ ସୁଦ୍ଧା ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ କିମ୍ବା ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ସାରଦା ଦାସଙ୍କ ନିକଟରେ ଦାଖଲ କରିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ସାରଦା ପ୍ରସାଦ ଦାସ ଆଗାମୀ ପୁସ୍ତକମେଳାର ସାମ୍ଭାବ୍ୟ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ସ୍ୱଗତ ଅଭିଭାଷଣ ଏବଂ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ବିଦ୍ୟାପୁରୀ ପ୍ରକାଶନ ସଂସ୍ଥାର କଟକର ସ୍ୱତାଧିକାରୀ ଜୀବାନନ୍ଦ ମିଶ୍ର, ଜଗତସିଂହପୁର ସାଂସ୍କୃତିକ ପରିଷଦର ଯୁଗ୍ମ ସମ୍ପାଦକ ଡ. ସୁଧୀର କୁମାର ମହାନ୍ତି, ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ସଦସ୍ୟ ନଟବର ବାରିକ, ପ୍ରଦୀପ ଶତପଥି, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ମନୋଜ କୁମାର ଦାଶ, ମାନସ କୁମାର କାନୁନଗୋ, ଡ. ଜ୍ୟୋତିର୍ମୟୀ ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ହରପ୍ରସନ୍ନା ମହାନ୍ତି, ସରୋଜିନୀ ରଥ, ସତ୍ୟବ୍ରତ ବିଶ୍ୱାଳ, ମନୋଜ ମହାପାତ୍ର, ପ୍ରଭାତ ଦାଶ, ନାଟ୍ୟକାର କୈଳାସ ମଲ୍ଲିକ, ଲୋକନାଥ ଦାସ, ଅତନୁ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ମହାପାତ୍ର, ନିକୁଞ୍ଜ କିଶୋର ବେହେରା, ପ୍ରଦୀପ୍ତ କୁମାର ମିତ୍ର, ପ୍ରଦିପ୍ତ କିଶୋର ଚୌଧୁରୀ, ଅବନୀକାନ୍ତ ମହାରଣା, ଡ. ନିରଞ୍ଜନ ବିଶ୍ୱାଳ, ଉତ୍କଳ ରଞ୍ଜନ ମହାନ୍ତି, ରମାକାନ୍ତ ସାହୁ, ଦୁର୍ଯ୍ୟୋଧନ ମହାରଣା, ତିଳୋତ୍ତମା ଦାଶ, ଶ୍ରଦ୍ଧାମୟୀ ରାଉତ, ନିବେଦିତା ମହାନ୍ତି, ବେଦଦ୍ୟୁତ ପୃଷ୍ଟି, ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ରାଧାନାଥ ସାହୁ, ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲୋକନାଥ ରଗ୍‌ବୀ ଫୁଟବଲ୍ ପାଇଁ ରେଫ୍‌ରୀ ମନୋନୀତ



**ଦଶରଥପୁର, ୫।୧୨(ସମିସ):** ଦଶରଥପୁର ବ୍ଲକ ସ୍ଥିତ କଟିକଟା ଗ୍ରାମପଞ୍ଚାୟତ ହଲୁଆପାଟଣା ଗାଁର ଲୋକନାଥ ସାହୁ ଚଳିତ ବର୍ଷ ରଗ୍‌ବୀ ଇଣ୍ଡିଆ ଓ ଭାରତ ସରକାରଙ୍କ ଦ୍ୱାରା ଗୌହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଇଷ୍ଟ ଜୋନ ଖେଲୋ ଅସ୍ମିତା ରଗବି ଚାମ୍ପିଅନସିପ ପାଇଁ ରେଫ୍‌ରୀ ଭାବରେ ମନୋନୀତ ହୋଇଛନ୍ତି। ଏହି ଖେଳ ଆସନ୍ତା ୬ ଓ ୭ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଓଡ଼ିଶାର ଏକମାତ୍ର ରେଫ୍‌ରୀ ଭାବେ ଲୋକନାଥ ଯୋଗ ଦେବେ। ତାଙ୍କ ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ, ଜିଲ୍ଲା ରଗବି ଆସୋସିଏସନ୍‌ର ସଭାପତି ନାରାୟଣ ସାହୁ, ସମ୍ପାଦକ ଭରତ ସାହୁ ଶୁଭେଚ୍ଛା ଜଣାଇଛନ୍ତି।

### ଜାତୀୟ ରାଜପଥ ଜମି ଅଧିଗ୍ରହଣ ମାମଲା କୋର୍ଟରେ

# ବିରୋଧ ହେବାରୁ ଫେରିଗଲା ପ୍ରଶାସନ

**ଦଶରଥପୁର, ୫।୧୨(ସମିସ)**



ଯାଜପୁର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ କୁଆଖିଆଠାରୁ କେନ୍ଦ୍ରାପଡ଼ାର ସାତଭାୟା (ଯାଜପୁର ଟାଉନ-ମଙ୍ଗଳପୁର କର୍ଯ୍ୟାଁଗୋଲା) ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି। ଏହି ଅବସରରେ ଦଶରଥପୁର ବ୍ଲକ ବଡଲାଙ୍ଗଠାରେ ମଧ୍ୟ ଜମି ଅଧିଗ୍ରହଣ ପାଇଁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ସ୍ଥାନୀୟ ଗ୍ରାମବାସୀ ଏବଂ କୋର୍ଟରେ ଦ୍ୱାରସ୍ଥ ହୋଇଥିବା ଅଭିଯୋଗକାରୀ ପ୍ରତିବାଦ କରିବାରୁ ଫେରିଯାଇଥିଲା ପ୍ରଶାସନ।

ଅଭିଯୋଗ ଅନୁସାରେ ୨୦ ନମ୍ବର ଜାତୀୟ ରାଜପଥ ପାଇଁ ବର୍ତ୍ତମାନ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି। ମାତ୍ର ପୂର୍ବ ରାସ୍ତାର ଉଭୟ ପାର୍ଶ୍ୱରେ ସମାନ ଭାବେ ଜମି ଅଧିଗ୍ରହଣ କରାଯାଉଥିବା ବେଳେ ବଡଲାଙ୍ଗ ଠାରେ ବ୍ୟତିକ୍ରମ ଘଟିଛି। ଯାହାକୁ ନେଇ ପ୍ରତିବାଦ କରାଯାଇଛି। ବଡଲାଙ୍ଗ ଠାରେ ପୂର୍ବ ରାସ୍ତାର ଉଭୟ ପାର୍ଶ୍ୱରେ ଜମି ଅଧିଗ୍ରହଣ କରା ନ ଯାଇ ଡାହାଣ ପାର୍ଶ୍ୱକୁ କେବଳ ଜୋର ଜବରଦସ୍ତି ଅଧିଗ୍ରହଣ ପାଇଁ ଚେଷ୍ଟା କରାଯାଉଛି। ଡାହାଣ ପାର୍ଶ୍ୱରେ ମୁଖ୍ୟ ରାସ୍ତାକୁ ଛାଡ଼ି ନିକଟରେ ଥିବା ୧ ଡି ୧ କେନାଲ ବନ୍ଧ ଠାରୁ ପାଖାପାଖି ୮୫ ଫୁଟରୁ ଅଧିକ ଜମି ଦଖଲ କରାଯିବାକୁ ଯୋଜନା ବିଭାଗ ପକ୍ଷରୁ କରାଯିବା ଫଳରେ ଗାଁ ଶ୍ମଶାନ, ଅଙ୍ଗନବାଡି କେନ୍ଦ୍ର, ଏକ ଶହ ବର୍ଷର ବଡଲାଙ୍ଗ ବିଦ୍ୟାଳୟ, ଶହଶହ ବିଭିନ୍ନ ପ୍ରକାରର ଗଛ, ବହୁ ମହଲା ବିଶିଷ୍ଟ କୋଠା ଘର ସହିତ ୨୫ ପରିବାର ବାସହରା ହୋଇଯିବେ। ଏଣୁ ଏଥିନେଇ ସ୍ଥାନୀୟ ବାସିନ୍ଦା କ୍ଷୀରୋଦ କୁମାର ସାହୁ, ମିର ଆସଲାମ ଅଲ୍ଲୀ, ଖଗେଶ୍ୱର ବାରିକ, ବଟକୃଷ୍ଣ ସାହୁ, ପଦ୍ମନାଭ ସାହୁ, ଶୁଭ୍ରାଂଶୁ ଶେଖର ବାରିକ, ଅକ୍ଷୟ କୁମାର ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। କେବଳ ଡାହାଣ ପାର୍ଶ୍ୱରେ ରାସ୍ତା ଗଲେ ବ୍ୟାପକ କ୍ଷତି ଘଟିବ। ଏଣୁ ଉଭୟ ପାର୍ଶ୍ୱରେ ରାସ୍ତା ପ୍ରଶସ୍ତୀକରଣ କରିବାକୁ ସେମାନେ କହିଥିଲେ। ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ପି. ଅନ୍ୱେଷା ରେଡ୍ଡୀଙ୍କୁ ଅବଗତ କରିଥିଲେ। ମାତ୍ର କୌଣସି ସମାଧାନ ନ ହେବାରୁ ହାଇକୋର୍ଟର ଆଶ୍ରୟ ନେଇଥିଲେ। ଜାତୀୟ ରାଜପଥ ଅଧିକାରୀ, ଜିଲ୍ଲାପାଳ, ତହସିଲଦାରଙ୍କ ବିରୋଧରେ ହାଇକୋର୍ଟ ୨୦୨୩ରେ କେସ ନମ୍ବର ଡବ୍ଲ୍ୟୁପି (ସି) ୧୩୨୯ ଏବଂ ୨୦୨୪ ରେ ୬୦୭୧ ଏବଂ ୩୧୧୫୦ ରେ ଏଯାବତ ୩ଟି ମାମଲା କରାଯାଇଛି। ମାମଲାର କୌଣସି ଫଇସଲା ହୋଇନଥିବା ବେଳେ ପ୍ରଶାସନ ପକ୍ଷରୁ କିପରି ଜମି ଅଧିଗ୍ରହଣ ପାଇଁ ଏକ ପ୍ଲାଟୁନ ପୁଲିସ ସହିତ ବିଭିନ୍ନ ଅଧିକାରୀ ମାନେ ପହଞ୍ଚିଥିଲେ। ଏହାକୁ ବିରୋଧ କରିବାରୁ ଆସିଥିବା ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀ ବାସୁଦେବ ନାୟକ, ଦଶରଥପୁର ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ, ଜାତୀୟ ରାଜପଥ ବିଭାଗର ଯନ୍ତ୍ରୀ ସୁଭସ୍ମିତା ପାଣି, ଜିଲ୍ଲା ଜମି ଅଧିଗ୍ରହଣ ଆର୍‌ଆଇ ବିଷ୍ଣୁ ଚରଣ ପଣ୍ଡା, ଶ୍ୟାମସୁନ୍ଦର ରାଉତ, ଅମିନ ପ୍ରଭାକର ଜେନା, ହୃଦାନନ୍ଦ ନାୟକ, ସୁବାସ ବାନାର୍ଜୀଙ୍କ ସମେତ ଦଶରଥପୁର ଥାନା ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଗ୍ରାମବାସୀ ପ୍ରବଳ ବିରୋଧ କରିବାରୁ ଅଧିକାରୀମାନେ ହଟହଟା ହୋଇ ଫେରିଯାଇଥିଲେ। ଯଦି ପ୍ରଶାସନ ଏକତରଫା ନିଷ୍ପତି ନିଅନ୍ତି ତେବେ ବାଧ୍ୟ ହୋଇ ଆନ୍ଦୋଳନ କରିବାକୁ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

## ସାହି ଅଞ୍ଜୁମ ମୁସଲିମ କମିଟି ପକ୍ଷରୁ କମ୍ବଳ ବଣ୍ଟନ




**ବଡ଼ଚଣା, ୫।୧୨(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାହି ଅଞ୍ଜୁମ ମୁସଲିମ କମିଟି' ପକ୍ଷରୁ କମ୍ବଳ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ସମାଜସେବୀ ସେକ ଅଲିମୁଦ୍ଦିନଙ୍କ ନେତୃତ୍ୱରେ ଦର୍ପଣ ପଞ୍ଚାୟତ ଗୁଲଜାରନଗର ପାଟଣାରେ ଥିବା ଗରିବ ଅସହାୟମାନଙ୍କୁ ଟ୍ରଷ୍ଟ ତରଫରୁ କମ୍ବଳ ବଣ୍ଟା ଯାଇଥିଲା। ୨୫୦ରୁ ଉର୍ଦ୍ଧ୍ୱ ଗରିବଲୋକଙ୍କୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ସହିତ କିଛି ଆର୍ଥିକ ସହାୟତା କରାଯାଇଥିଲା। ଏହି ସହାୟତା କାର୍ଯ୍ୟରେ ସେକ ମେହେରବାନ୍, ମିର୍ଜା ଗୁଫରାନ୍ ବେଗ୍, ସେକ ଖାଲିଦ, ସେକ ମୋଜିଉଦ୍ଦିନ, ସେକ ସାବିର, ସେକ ଗୋଲାମ ନବି, ରିହାନ ୟାସୀନ ଏବଂ ମିରଜା ରେହମାନି ପ୍ରମୁଖ ଉପସ୍ଥିତ ଥିଲେ। ମିରଜା ମହମ୍ମଦ ବେଗ ଧନ୍ୟବାଦ ଦେଇଥିଲେ।

## ଜାରକାରେ କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ



**ଧର୍ମଶାଳା, ୫।୧୨(ସମିସ):** ଧର୍ମଶାଳା ବ୍ଲକ ଜାରକା ସ୍ଥିତ ପ୍ରୟାଗ ମାର୍କେଟ କମ୍ପ୍ଲେକ୍ସ ପରିସରରେ କାନାରା ବ୍ୟାଙ୍କର ୧୦ ହଜାର ୫ତମ ଶାଖା ଆଜି ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଏହା ଏକ ଅଗ୍ରଣୀ ବ୍ୟାଙ୍କ। ରାସ୍ତା ଓ ଗୃହ ନିର୍ମାଣ ହୋଇଗଲେ ଯେ ସବୁ କିଛି ହୋଇଯିବ, ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାଙ୍କର ଆବଶ୍ୟକତା ରହିଛି। ବ୍ୟାଙ୍କର ଋଣ ଓ ପ୍ରୋତ୍ସାହନ ଦ୍ୱାରା ଆମେ ସ୍ୱାବଲମ୍ବୀ ହୋଇପାରିବା। ଏହା ଜନସାଧାରଣଙ୍କ ସ୍ୱାର୍ଥ ସାଧନ କରୁ ବୋଲି ମତବ୍ୟକ୍ତ କରିଥିଲେ। ବ୍ୟାଙ୍କର ସର୍କଲ ହେଡ ତଥା ସାଧାରଣ ପରିଚାଳକ ସୁମନ ଚକ୍ରବର୍ତ୍ତୀ ଓ ଆଞ୍ଚଳିକ ସହକାରୀ ସାଧାରଣ ପରିଚାଳକ ଶୁଭମୟ ହାଲଦର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ ମତବ୍ୟକ୍ତ କରି ଏହା ସରକାରୀ ଅନୁବନ୍ଧିତ ବ୍ୟାଙ୍କ। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏହାର ଗ୍ରାହକ ମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ମିଳିବ। ଏହା ଦେଶର ୧୦ ହଜାର ୫ ତମ ଶାଖା ହୋଇଥିବା ବେଳେ ଜିଲ୍ଲାର ୧୨ ତମ ଶାଖା ବୋଲି ସୂଚନା ଦେଇଥିଲେ। କଂପ୍ଲେକ୍ସ ମାଲିକ ନରୋତ୍ତମ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ୟାଙ୍କ ଅଧିକାରୀ ଅଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଜାରକା ଶାଖା ପ୍ରବନ୍ଧକ ରାଜିବ କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲାର ଅନ୍ୟ ବ୍ୟାଙ୍କ ଶାଖାର ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଏଠାରେ ଶତାଧିକ ଗ୍ରାହାକ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିବା ଜଣାପଡ଼ିଛି।

## ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶୋଭାଯାତ୍ରା

**ଯାଜପୁର, ୫।୧୨(ସମିସ):** ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଦିବସ ଅବସରରେ ଆସନ୍ତ ୭ ତାରିଖରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ବଜରଙ୍ଗ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଇଥିଲେ। ଶୋଭାଯାତ୍ରାଟି କୁଆଖିଆ ମଧୁବନ ନିକଟସ୍ଥ ମା' ହିଙ୍ଗୁଳା ପଡ଼ିଆରୁ ବାହାରି କୁଆଖିଆ, ହରିପୁର, ବରୁଆଁ, ବୁଢ଼ାଘାଟ, ମଲ୍ଲିକାପୁର, ଗୋଖନା, ଏନ୍‌ସି କଲେଜ, ମାନସାପୋଲ, ରେଡ୍‌କ୍ରସ ଛକ, ମେଡ଼ିକାଲ ଛକ, ଗାନ୍ଧୀ ଛକ ଦେଇ ହାବେଳି ବଜାର, ବଡ଼ବଜାର, ନାରାୟଣ ଛକ, ଗରିଆପୁର, ଯୋଡ଼ିକୁଅ, କୁଆଁସରପୁର, ବିରଜା ହାଟ ଦେଇ ବଜରଙ୍ଗ ଦଳ ମୁଖ୍ୟ କାର୍ଯ୍ୟାଳୟରେ ସମାପନ ହେବ। ଏହି ଶୋଭାଯାତ୍ରାରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ମୋଟ ସାଇକଲ ଓ କିଛି ଚାରିଚକିଆ ଯାନ ସାମିଲ ହେବ ବୋଲି କମିଟିର କର୍ମକର୍ତ୍ତା ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସଭାପତି ପ୍ରଭାତ ମଲ୍ଲିକ, ଜିଲା ଗୋ ରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ବାଦଲ ନାୟକ, ଅନିଲ କୁମାର ଦାଶ, ଗୌତମ ପ୍ରସାଦ ସାହୁ, ଆନନ୍ଦ କୁମାର ରାଉତ, ଅରବିନ୍ଦ ଦାଶ, ସୁରେଶ କୁମାର ପତି, ଦିପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁର ସଦର ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

**ବରୁଆଁ, ୫।୧୨(ସମିସ):** ଆଜି ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ସଦର ମହୋତ୍ସବ ନିମନ୍ତେ କମିଟିର ସଭାପତି ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବକୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହିତ କରିବା ଲାଗି ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତିପୂଜା ବିଧି ଅନୁସାରେ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ କରାଯିବ। ଠାକୁରଙ୍କ ପୂଜା ସାଙ୍ଗକୁ ମଣ୍ଡପ, ତୋରଣ ଓ ସାଜସଜ୍ଜା ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ମହୋତ୍ସବ ରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରାଯିବ। ମହୋତ୍ସବ ନିମନ୍ତେ ପଡ଼ିଆର ଚତୁପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ କରିବା, ପାନୀୟଜଳଯୋଗାଣ, ବିଦ୍ୟୁତ୍ ଯୋଗାଇବା ସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସ୍ଥାନୀୟ ପୁଲିସ ପ୍ରଶାସନର ସହାୟତା ନିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ମହେଶ୍ୱରପୁର ସରପଞ୍ଚ ସୁଜିତ୍ କୁମାର ରାୟ, ଯମଧର ପଞ୍ଚାୟତ ସରପଞ୍ଚ ବାଦଲ ଖୁଣ୍ଟିଆ, ଉପଦେଷ୍ଟା ମାଧବ ମାଝି, ଦୀନବନ୍ଧୁ ମଲ୍ଲିକ, ପ୍ରଦୀପ ନାୟକ, ରଞ୍ଜନ ପାଢ଼ୀ, ସମ୍ପାଦକ ମୋହନ ସୁନ୍ଦର୍ ରାଉତ୍, ବିଭୂତି ଭୂଷଣ ନାୟକ, ବିଜୟ ପାଢ଼ୀ, ବାଦଲ ରାଉତ୍, ପ୍ରଦୀପ ତରାଇ, ଜଗନ୍ନାଥ ରାଉତ, ବିକ୍ରମ ସାମଲ, ପ୍ରଶାନ୍ତ ଘଡାଇ, ବିଜୟ ମହାନ୍ତି, ଗଣେଶ ପତି, ନରୋତ୍ତମ ରଣା, ରାଜେନ୍ଦ୍ର ବେହେରା, ମହେଶ୍ୱର ପାଢ଼ୀ, ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମା' ମଙ୍ଗଳା ମନ୍ଦିରରେ ରତ୍ନମୁଦ କାର୍ଯ୍ୟ

**କର୍ଯ୍ୟାଁଗୋଲା, ୫।୧୨(ସମିସ):** ଦଶରଥପୁର ବ୍ଲକ ବିରିପଟା ଗ୍ରାମରେ ମା'ମଙ୍ଗଳାଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଉଛି। ଆଜି ମା'ଙ୍କ ମନ୍ଦିରର ରତ୍ନମୁଦ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଇନ୍ଦ୍ରଇନ୍ଦ୍ରାଣୀଙ୍କ ବିବାହ ସମ୍ପନ୍ନ କରାଯାଇ ମନ୍ଦିର ନିର୍ମାତା ବିଶ୍ୱକର୍ମାଙ୍କ ଦ୍ୱାରା ଦଧିନଉତିରେ ଅବସ୍ଥାପିତ କରାଯାଇଥିଲା। ପୁରୀ ଶ୍ରୀମନ୍ଦିର, କାକଟପୁର ମଙ୍ଗଳା, ବିରଜା ମନ୍ଦିର ସମେତ ବିଭିନ୍ନ ମନ୍ଦିରରୁ ପୂଜକ ପୁରୋହିତ ମାନେ ଏଠାକୁ ନିମନ୍ତ୍ରିତ ହୋଇ ଆସିଥିଲେ। ଯଜ୍ଞ କାର୍ଯ୍ୟ ସହିତ ଭଜନ କୀର୍ତ୍ତନ ହୋଇଥିଲା। ଗତ ଦୁଇବର୍ଷ ତଳୁ ଏଠାରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଦୁଇବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରହିଛି। ଆମେରିକାରେ ରହୁଥିବା ଏ ଅଞ୍ଚଳର ଜଣେ ପ୍ରବାସୀ ଭାରତୀୟ ଏହାର ଅନତି ଦୂରରେ ନରୀଗାଁ ଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ବେଳେ ଏଠାରେ ମଙ୍ଗଳା ମା'ଙ୍କ ଏହି ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଫଳରେ ଏ ଅଞ୍ଚଳରେ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଙ୍କ କୃତିତ୍ୱ

**କର୍ଯ୍ୟାଁଗୋଲା, ୫।୧୨(ସମିସ):** ମଙ୍ଗଳପୁର ମହିଳା ମହାବିଦ୍ୟାଳୟର ଛାତ୍ରୀ ଦେବୀଶ୍ରୀ ବେହେରା ରମାଦେବୀ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ତରଫରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ପୌରୋହିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବ ପରିଚାଳନା କମିଟି ସଭାପତି ଜଗଦୀଶ ସଙ୍କର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଦୀପ ଜେନା ଯୋଗ ଦେଇ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବୁଧବାର ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦେବିଶ୍ରୀ ପ୍ରଥମ ସ୍ଥାନ ଅଧିକାର କରି ନିଜ କଲେଜ ପାଇଁ ସୁନାମ ଆଣିଛନ୍ତି। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ।

## ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ



**ଧର୍ମଶାଳା, ୫।୧୨(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଅପରାହ୍ନରେ ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଅଧକ୍ଷ ଡ. ପୁରୁଷୋତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ହରିହର ରଥ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଡ. ତୁହିନାଂଶୁ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ ଓ କବି ତଥା ସାହିତ୍ୟିକ ସଂଗ୍ରାମ କେଶରୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନର ପ୍ରଗତି ଓ ମନୁଷ୍ୟର ଦୁର୍ଗତି ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାମାଜିକ କର୍ମୀ ସତ୍ୟବ୍ରତ ରାଉତ ଓ ଶିକ୍ଷୟିତ୍ରୀ ନୀଳକଣ୍ଠେଶ୍ୱରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଡ଼କ୍ଟର ଅଜୟ କୁମାର ମହାପାତ୍ର ସଂଯୋଜନା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, କୁଇଜ, ତର୍କ, ଅଭିଯୋଗ୍ୟତା, ସଙ୍ଗୀତ, ନୃତ୍ୟ, ସ୍ୱେଚ୍ଛାସେବୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ସମେତ ୫ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସାୟଦା ଅମ୍ବାରିନ କାଦ୍ରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଦୀପାଞ୍ଜଳି ଖୁଁଟିଆ, ପଦ୍ମାଳୟା ସାହୁ ଓ ଛାତ୍ର ଆୟୁଷ୍ମାନ ବଳ ପ୍ରମୁଖ ଆଲୋଚନା କରିଥିଲେ। ଦିବ୍ୟାଶ୍ରୀ ଜେନା ପ୍ରାରମ୍ଭିକ ସଙ୍ଗୀତ ଓ ଦୀପାଞ୍ଜଳି ଖୁଣ୍ଟିଆ ସମାପନ ସଙ୍ଗୀତ ଗାନ କରିଥିଲେ। ସାମାଜିକ କର୍ମୀ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

### ସ୍କୁଲରୁ ନାଗସାପ ଉଦ୍ଧାର

**ଦଶରଥପୁର, ୫।୧୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ରାମବାଗ ସ୍ଥିତ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ନାଗସାପ ଉଦ୍ଧାର କରାଯାଇଛି। ସାପ ଦେଖି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ନାୟକ ଫୋନ ଯୋଗେ ସ୍ନେକ ହେଲ୍ପଲାଇ ର ସଂଯୋଜକ ପ୍ରମୋଦ କୁମାର ସାହଙ୍କୁ ଜଣେଇବା ପରେ ପ୍ରମୋଦ ବିଦ୍ୟାଳୟରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ଏକ ସୁରକ୍ଷିତ ପ୍ରାକୃତିକ ଆବାସ ସ୍ଥଳରେ ଛାଡିଦେଇଥିବା ଜଣାପଡ଼ିଛି।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଯାଜପୁର, ୫।୧୨(ସମିସ):** ଯାଜପୁରର ବରିଷ୍ଠ ଆଇନଜୀବୀ ତଥା ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଜିଲ୍ଲା ସଭାପତି ଶ୍ରୀଧର ନାୟକଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବୟସ ହୋଇଥିଲା। ଦୀର୍ଘ ୧୫ ଦିନ ହେବ କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଯାଜପୁର ସହର ବିବିସରାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ବାର୍ତ୍ତାରେ ଯାଜପୁର ଜଣେ ସୁଦକ୍ଷ ଆଇନଜୀବୀଙ୍କୁ ହରାଇଲା ବୋଲି ଜଣାଇଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ମର ଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ମଧୁସୂଦନ ମାହନ୍ତ, ରାଜ୍ୟ ଆଇନଜୀବୀ ପରିଷଦ ଉପସଭାପତି ରାଜୀବ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ବାର୍ ଆସୋସିଏସନ ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ କୃତ୍ତିବାସ ପଣ୍ଡା, ଚକ୍ରଧର ବିଶ୍ୱାଳ, ଶିବ ପ୍ରସାଦ ମହାନ୍ତି, ଅଶୋକ ବିଶ୍ୱାଳ, ଶୈଳେନ୍ଦ୍ର ଦାସ, ସନ୍ତୋଷ ଦାସ, ଲୟର୍ସ ଆସୋସିଏସନ ସଭାପତି ପ୍ରତାପ ରାୟ, ସମ୍ପାଦକ ମାନଗୋବିନ୍ଦ ଧଳ, ଦିବାକର ମହାନ୍ତି, କୁଳମଣି ନାୟକ, ଅଲିଫ ନାୟକ, ରାକେଶ ମିଶ୍ର, ନବକିଶୋର ସାହୁ, ଚିତ୍ତରଞ୍ଜନ ମିଶ୍ର, କ୍ରିମିନାଲ ବାର୍ ଆସୋସିଏସନ ସଭାପତି କିଶୋର ଚନ୍ଦ୍ର କର, ସାଧାରଣ ସମ୍ପାଦକ ଉତ୍କଳ କେଶରୀ ଦାସ, ଅମର ରାଉତରାୟ, ମହେଶ୍ୱର ଦାସ, ବରିଷ୍ଠ ଆଇନଜୀବୀ ପ୍ରବୀର ରାୟ, ଦିଲ୍ଲୀପ ଦାସ, ଅଶୋକ କୁମାର ପାହିଲି, ନିତାଇଚାନ୍ଦ ମହାନ୍ତି, ସମରଜିତ ମହାନ୍ତି, ହେମାଙ୍ଗିନୀ ମହାନ୍ତି, ଆଇନଜୀବୀ ତରୁଣ କୁମାର ନନ୍ଦ, ପୂର୍ବତନ ଜିଲା ଭାଜପା ସଭାପତି ଗୌତମ ରାୟ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ସୂର୍ଯ୍ୟମଣି ଖୁଣ୍ଟିଆ, ସାଧାରଣ ସମ୍ପାଦକ ସୁଦିପ୍ତ ପଣ୍ଡା, ସମ୍ପାଦକ ସୁରଜଲାଲ ସାମଲ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ସନ୍ତୋଷ ନନ୍ଦ, ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାକୁ ସମବେଦନା ଜଣାଇଛନ୍ତି।

## ସାମ୍ବାଦିକ ସଙ୍ଘର ବୈଠକ



**ଦାନଗଦି, ୫।୧୨(ସମିସ):** ଏସ୍‌ୟୁଜେ ଓଡ଼ିଶା ଦାନଗଦୀ ଶାଖା ତରଫରୁ ଏକ ବନ୍ଧୁମିଳନ ଓ ବୈଠକ କାର୍ଯ୍ୟକ୍ରମ ଶୁକ୍ରବାର ଟମକାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ରାଜ୍ୟ ସାମ୍ବାଦିକ ସଂଘ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ଏନ୍‌ୟୁଜେ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଚିନ୍ତାମଣୀ ପାଢ଼ୀ, ଯାଜପୁର ଜିଲ୍ଲା ସଭାପତି ସୁବାସ ଧଳ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ମହାଗିରୀ ପ୍ରେସ୍ କ୍ଲବର ନବନିର୍ବାଚିତ ସଭାପତି ମଳୟ କୁମାର ରାଉତ, ସାଧାରଣ ସମ୍ପାଦକ ଅବତାର ଅଲ୍ଲୀ, କୋଷାଧକ୍ଷ ଅଜୟ କୁମାର ଦେହୁରୀ, କାର୍ଯ୍ୟକାରୀ ସଭାପତି ନରୋତ୍ତମ ବେହେରା, ସହ ସମ୍ପାଦକ ଅନିଲ କୁମାର ଦାସ, ଉପ ସଭାପତି ସ୍ୱରାଜ ଜେନା, ଉପଦେଷ୍ଟା ଉମାକାନ୍ତ ମହାପାତ୍ରଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ମଣ୍ଡଳ ସଭାପତି ଯୁବ ନେତା ସନ୍ତୋଷ ପାଣିଗ୍ରାହୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଦାନଗଦୀ ଶାଖା ତରଫରୁ ଜିଲ୍ଲା ସମ୍ପାଦକ ଅକ୍ଷୟ ଧଳ, ବରିଷ୍ଠ ସଭ୍ୟ ନୀଳ ମାଧବ ନାୟକ, ଅନୁଜ ମଲ୍ଲିକ, ଭାଗିରଥି ବାରିକ, ଦିଲ୍ଲିପ ପରିଡ଼ା, ଶ୍ରୀକାନ୍ତ ମହାପାତ୍ର, ବିଷ୍ଣୁ ଚରଣ ମହାନ୍ତ, ବାଦଲ ବାଣି ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଲଘୁ ଖଣିଜ ସମ୍ପଦ ଚୋରି ରୋକିବାକୁ ଉଦ୍ୟମ

# ଇ-ଟ୍ରାଞ୍ଜିଟ୍ ପାସ ଲାଗୁ ପାଇଁ ନିଷ୍ପତି

**ଯାଜପୁର, ୫।୧୨(ସମିସ)**

ଯାଜପୁର ଜିଲ୍ଲାର ବିଭିନ୍ନ ତହସିଲ ଅଞ୍ଚଳରେ ବ୍ୟାପକ ମାତ୍ରାରେ ଖଣିଜ ସମ୍ପଦ ବିଶେଷ କରି ଲଘୁ ଖଣିଜ ସମ୍ପଦ ଚୋରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ଏବେ ଆକ୍ସନ ମୋଡକୁ ଆସିଛି। ଜିଲ୍ଲାର ବାଲି, ମୋରମ ଠାରୁ ଆରମ୍ଭ କରି ପଥର ଖାଦାନରେ ମନଇଚ୍ଛା ଲୁଟ୍‌କୁ ନେଇ ପ୍ରତିଦିନ ଗଣମାଧ୍ୟମରେ ତୁମ୍ଭିତୋଫାନ ହେବା ସହିତ ଏହି ପ୍ରସଂଗ ଏବେ ବିଧାନସଭା ଓ ରାଜ୍ୟସଭାରେ ଉଠିଥିବା ଜଣାପଡ଼ିଛି। ଗତକାଲି ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ ରାଜ୍ୟସଭାରେ ଧର୍ମଶାଳାରେ ହେଉଥିବା ବେଆଇନ ବାଲି ଉତ୍ତୋଳନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ପୂର୍ବରୁ ଧର୍ମଶାଳାର ବାଜବାଟି ପଥର ଖାଦାନ ମାମଲା ଏନ୍‌ଜିଟିର ବିଚାରଧୀନ ରହିଛି। ଏପରିକି ଜିଲ୍ଲାପାଳ ଏହାର ଯୁଗ୍ମ ରିପୋର୍ଟ ପ୍ରଦାନରେ ଅବହେଳା ପାଇଁ ତାଙ୍କୁ ଦୁଇଟି ମାମଲାରେ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଜିଲ୍ଲାରେ ବଢୁଥିବା ଲଘୁ ଖଣିଜ ସମ୍ପଦ ଲୁଟ୍ ଘଟଣାରେ ଜିଲ୍ଲା ପ୍ରଶାସନ ବିବାଦୀୟ ହେବା ପରେ ଆଜି ଏ ସଂକ୍ରାନ୍ତରେ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ, ଡିଏଫଓ ଏବଂ ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଏହି ଚୋରାଚାଲାଣକୁ ରୋକିବାକୁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଛି। ଓଏମ୍‌ସିସିର ୫୧ ଧାରାର ସଂଶୋଧନ କରାଯାଇ ଏବେ କୌଣସି ଖାଦାନ ଉପରେ ପୁଲିସ ଏସ୍‌ଆଇ କିମ୍ବା ତଦୁର୍ଦ୍ଧ ଅଧିକାରୀ ଚଢ଼ଉ କରିବା ପାଇଁ କ୍ଷମତା ଦିଆଯାଇଥିବାରୁ ଏହାକୁ ଅଧିକ ଚଢ଼ଉ କରାଯିବାକୁ ନିଷ୍ପତି ନିଆଯାଇଥିଲା। କୌଣସି ପ୍ରକାର ଅବୈଧ ଚାଲାଣ କିମ୍ବା ଚୋରି ରୋକିବାର ସମସ୍ତ ଦାୟିତ୍ୱ ତହସିଲଦାରଙ୍କୁ ଦିଆଯାଇଛି। ଲଘୁ ଖଣିଜ ବିଭାଗର ଡିଡିଏମଙ୍କ ନେତୃତ୍ୱରେ ବ୍ୟାପକ ମାତ୍ରାରେ ଚଢ଼ଉ କରାଯିବାକୁ ନିଷ୍ପତି ହୋଇଥିଲା। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ତହସିଲଦାରଙ୍କୁ ନେଇ ବିଭିନ୍ନ କମିଟି ମାଧ୍ୟମରେ ଏହି ଚଢ଼ଉ କରାଯିବ। ଅନୁମତିପ୍ରାପ୍ତ ଏବଂ ବେଆଇନ ଖାଦାନ ଗୁଡିକର ଡିଜିଟାଲ ସର୍ଭେ କରାଯିବା ପାଇଁ ନିଷ୍ପତି ହୋଇଥିଲା। ମାତ୍ରାଧିକ ଖନନ କିମ୍ବା ଅନୁମତି ଠାରୁ ଅଧିକ ଖନନ କରିଥିବା ଖାଦାନ ଗୁଡିକୁ ତୁରନ୍ତ ବନ୍ଦ କରିବାକୁ ନିଷ୍ପତି ହୋଇଥି?ଲା। ପ୍ରତ୍ୟେକ ଖାଦାନରେ ଇ-ଟ୍ରାଞ୍ଜିଟ ପାସ ଲାଗୁ କରିବା ପାଇଁ ଡିଡିଏମ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧର୍ମଶାଳା ତହସିଲ ଅଞ୍ଚଳର ବିଭିନ୍ନ ଖାଦାନ ଅଞ୍ଚଳକୁ ତୁରନ୍ତ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିଷ୍ପତି ହୋଇଥିବା ଜଣାପଡ଼ିଛି।

**ଜିଲ୍ଲା ଟାସ୍କ ଫୋର୍ସର ରଣନୀତି**

# ବସ୍ ଅଟକ; ୨୨ ଦାଦନ ଶ୍ରମିକ ଉଦ୍ଧାର

ଆନନ୍ଦପୁର, ୫।୧୨ (ସମିସ):



ଦାଦନ ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିବା ଏକ ଘରୋଇ ବସ୍‌କୁ ପୁଲିସ ଅଟକ ରଖି ସବିଶେଷ ତଦନ୍ତ ଆରମ୍ଭ କରିଛି । ପରେ ଆନନ୍ଦପୁର ବ୍ଲକ୍ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକଙ୍କ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ ହୋଇଛି । ପୁରୁଷ ଓ ମହିଳା ଶ୍ରମିକଙ୍କୁ ମିଶାଇ ବସ୍‌ରେ ମୋଟ୍ ୨୨ ଜଣ ଶ୍ରମିକ ଯାତ୍ରା କରୁଥିଲା ବେଳେ କେତେକ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ଓ ଅନ୍ୟମାନେ ଆନନ୍ଦପୁର ବ୍ଲକ୍ ବୁଢିକୁଦ ପଞ୍ଚାୟତ ଓ ଗୟଳମୁଣ୍ଡା ପଞ୍ଚାୟତ ଅଞ୍ଚଳର ହୋଇଥିବା ସୂଚନା ମିଳିଛି । ଦଲାଲ୍ ମାଧ୍ୟମରେ ପ୍ରତି ଶୁକ୍ରବାର ତାମିଲନାଡୁର ଏକ ବସ୍ ଯୋଗେ ଆନନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳରୁ ଶ୍ରମିକ ଚାଲାଣ ହେଉଥିବା ଖବରପାଇ ସଂପୃକ୍ତ ବସ୍‌କୁ ପୁଲିସ୍ ସହାୟତାରେ ଅଟକ ରଖିଛି ଶ୍ରମ ବିଭାଗ । ପରେ ବସ୍‌ଟିକୁ ଆନନ୍ଦପୁର ବ୍ଲକ୍ ପରିସରକୁ ଅଣାଯାଇ ସମସ୍ତ ଶ୍ରମିକଙ୍କ ବୟସ ପ୍ରମାଣପତ୍ର ଓ ଲେବର କାର୍ଡର ଯାଞ୍ଚ କରାଯାଉଛି । ଦଲାଲ ମାଧ୍ୟମରେ ଶ୍ରମିକ ଚାଲାଣ ଘଟଣାର ମଧ୍ୟ ତଦନ୍ତ ଚଳାଇଛି ଆନନ୍ଦପର ପୁଲିସ୍ । ସେପଟେ କିନ୍ତୁ ଶ୍ରମିକମାନେ ନିଜ ଇଚ୍ଛାରେ ଦାଦନ ଖଟିବାକୁ ତାମିଲନାଡୁ ଯାଉଥିବା କହିଛନ୍ତି । ହେଲେ ଯାଞ୍ଚପରେ କୌଣସିଥିରେ ତାଳମେଳ ନଥିବାରୁ ଅନ୍ୟ ଏକ ବସ କରି ସମସ୍ତ ଶ୍ରମିକଙ୍କୁ ଘରକୁ ପଠାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଶ୍ରମ ବିଭାଗ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳରେ ୨୦୨୦ରେ ଘଟିଯାଇଥିବା ବହୁଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଘଟଣାର ଶୁକ୍ରବାର ରାୟ ପ୍ରକାଶ ପାଇଛି । କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ଓ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଜଜ ମୋନାଲିଶା ମହାନ୍ତି ଅଭିଯୁକ୍ତ ଜମାଦାର ମୁଣ୍ଡାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୨ ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି । ପୀଡ଼ିତାକୁ ପ୍ରାଧିକାରଣ ତରଫରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୦ ମାର୍ଚ୍ଚ ୩ ତାରିଖ ଅପରାହ୍ନରେ ଜଣେ ୧୫ ବର୍ଷିୟ ନାବାଳିକା ତାଙ୍କ ଘର ନିକଟସ୍ଥ ଗାଡିଆକୁ ଶାଗ ତୋଳିବାକୁ ଏକୁଟିଆ ଯାଇଥିଲେ । ଏହି ସମୟରେ ଗାଡ଼ା ହାଟିଙ୍ଗର ମୁଦାଲା ଜମାଦାର ମୁଣ୍ଡା ଗାଡିଆରେ ପହଞ୍ଚି ନାବାଳିକାକୁ ଜୋରଜବରଦସ୍ତ ପାଟିରେ ହାତ ଦେଇ ନିକଟସ୍ଥ ଏକ ବୁଦାମୂଳକୁ ଟେକିନେଇ ଦୁଷ୍କର୍ମ କରିଥିଲା । ନାବାଳିକାର ପାଟିଶୁଣି ସେହିବାଟଦେଇ ଯାଉଥିବା ଟୁନୁ ଗୋପ ନାମକ ଜଣେ ବ୍ୟକ୍ତି ପୀଡ଼ିତାଙ୍କ ମା'କୁ ଏ ବାବଦରେ ଜଣାଇଥିଲେ । ପୀଡ଼ିତାଙ୍କ ମା' ଜାଣିଲା ପରେ ଏକ ବୈଠକ ହୋଇଥିଲା । ସେଠାରେ କିଛି ସମାଧାନ ହୋଇ ନପାରିବାରୁ ପୀଡ଼ିତାଙ୍କ ମା' ଘଟଣାର ପରଦିନ ବଡ଼ବିଲ ଥାନାରେ ଦ୍ୱାରସ୍ଥ ହୋଇଥିଲେ । ଲିଖିତ ଅଭିଯୋଗ ଅନୁସାରେ ବଡ଼ବିଲ

## ପୀଡ଼ିତାଙ୍କୁ ୧୦ ଲକ୍ଷ ଅନୁକମ୍ପା ରାଶି

ଥାନା କେସ୍ ନମ୍ବର ୩୧/୨୦୨୦ରେ ମାମଲା ରୁଜୁକରି ତଦନ୍ତକାରୀ ପୁଲିସ ଅଧିକାରୀ ସୁଶିଲା ବାର୍ଲା ଅଭିଯୁକ୍ତକୁ ଗିରଫକରୀ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାଟି କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର କୋର୍ଟରେ ବିଚାର ଚାଲିଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର କେସ୍ ପରିଚାଳନା କରୁଥିଲେ । ୧୫ ଜଣ ସାକ୍ଷ ଓ ପ୍ରମାଣ ଆଧାରରେ ଶୁକ୍ରବାର କୋର୍ଟ ଧାରା ୩୭୬(୩),୪(୨) ପୋକ୍‌ସୋ ଆଇନ ଅନୁସାରେ ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି ।

■ ଲୁହାପଥର ଲୁଟ୍; ବୋଝେଇ ଟ୍ରକ୍ ଜବତ

# ଦୌଡ଼ି ପଳାଇଲେ ମାଫିଆ ଓ ଡ୍ରାଇଭର

ଯୋଡ଼ା/ବଡ଼ବିଲ, ୫।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଖଣିଜ ଚୋରି ଥମିବାର ନାଁ ଧରୁନାହିଁ । ଚୋର ରାତି ଅନ୍ଧାରରେ ଖଣିଜ ଚୋରିରେ ଉତ୍ପାତ ଚଳାଇଥିବା ବେଳେ ଏବେ ସ୍ପଷ୍ଟ ଦିବାଲୋକରେ ଲୁହାପଥର ଲୁଟ ହେଉଥିବା ଖବର ସାମ୍ନାକୁ ଆସିଛି ।



ଖଣି ମାଫିଆମାନେ ବଡ଼ ବଡ଼ ଟ୍ରକ ଲଗାଇ ଲୁଟିନେଉଛନ୍ତି ମୂଲ୍ୟବାନ ଲୁହାପଥର । ଶୁକ୍ରବାର ସଂରକ୍ଷିତ ଜଙ୍ଗଲରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ୍ କରିଛି ବନବିଭାଗ । ବଡ଼ବିଲ ରେଞ୍ଜ ଠାକୁରାଣୀ ସଂରକ୍ଷିତ ଜଙ୍ଗଲ କଳାପାହାଡ଼ ନିକଟରେ ଖଣିଜ ମାଫିଆମାନେ ଟ୍ରକ୍ ଲଗାଇ ଲୁହାପଥର ବୋଝେଇ କରୁଥିବାନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଚାନକ ଚଡଉ କରିଥିଲା ବନ ବିଭାଗ । ବଡ଼ବିଲ ରେଞ୍ଜର ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ବିଲେଇପଦା ଫରେଷ୍ଟର ମୋହିନୀ ମହନ୍ତ ଓ ତାଙ୍କର ସହଯୋଗୀମାନେ ଏହି ଚଢ଼ଉ କରିଥିଲେ । ବନ କର୍ମଚାରୀଙ୍କୁ ଦେଖି ଖଣି ମାଫିଆ ଏବଂ ଟ୍ରକ୍ ଚାଳକ ଟ୍ରକକୁ ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ । ସଂପୃକ୍ତ ଟ୍ରକକୁ ବନ ବିଭାଗ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି ।

# ୨୨ ଟିକିଆ ହାତୀପଲର ଉତ୍ପାତ; ଖାଇଗଲେ ୪ ଶହ ଧାନବିଡ଼ା



ବାଲିବନ୍ଧ, ୫।୧୨ (ସମିସ): ଗୁରୁବାର ବିଳମ୍ବିତ ରାତି ଚମ୍ପୁଆ ରେଞ୍ଜ, ବାଲିବନ୍ଧ ଫରେଷ୍ଟ ସେକ୍ସନ ଅଧୀନ ବାଲିବନ୍ଧ ଗ୍ରାମର ଚାଷୀ ନରହରି ପଟ୍ଟନାୟକଙ୍କ ଧାନ ବିଲରେ ହାତୀ ଉପଦ୍ରବ କରିଛନ୍ତି । ପ୍ରାୟ ୪୦୦ ବିଡ଼ା ଧାନ ଦଳମକଚି ଖାଇବା ସହ ପ୍ରାୟତଃ ନଷ୍ଟ କରି ଦେଇଛନ୍ତି । ଏନେଇ ବାଲିବନ୍ଧ ଫରେଷ୍ଟରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଚାଷୀ ନରହରି । ନରହରିଙ୍କ ରଜାବସା ମୌଜାରେ ଥିବା ଚାଷଜମିରେ ଧାନ କାଟି ୪ ଶହ ଧାନବିଡ଼ା ବାନ୍ଧି ଚାଷ ଜମି ନିକଟରେ ଜମାକରି ରଖିଥିଲେ । ଗୁରୁବାର ବିଳମ୍ବିତ ରାତିରେ ନିଶ୍ଚିନ୍ତପୁର ପଞ୍ଚାୟତ ଅସୁରଖୋଲ ଜଙ୍ଗଲ ଦେଇ ବାଲିବନ୍ଧ ସଂରକ୍ଷିତ ଜଙ୍ଗଲରେ ୨୨ ଟିକିଆ ହାତୀପଲ ପହଞ୍ଚିଥିଲେ । ବାଲିବନ୍ଧ ଦେଇ ରଜାବସା ଅତିକ୍ରମ କରୁଥିବା ବେଳେ ଜମା ହୋଇଥିବା ୪ଶହ ଧାନବିଡ଼ା ଖାଇଯାଇଥିଲେ ହାତୀପଲ । ସକାଳେ ଖବର ପାଇ ଚାଷୀ ନରହରି ଧାନ କ୍ଷେତ ନିକଟକୁ ଦୌଡ଼ି ଯାଇଥିଲେ । ସେଠାରେ ପହଞ୍ଚି ଦେଖିଲା ବେଳକୁ ହାତୀପଲ ଧାନବିଡ଼ା ସବୁ ଖାଇବା ସହ ପାଦରେ ଦଳିମକଚି ନଷ୍ଟ କରିଦେଇଛନ୍ତି । ଏବେ ସେହି ୨୨ ଟିକିଆ ହାତୀପଲ ଲକ୍ଷ୍ମୀପଶି ଫରେଷ୍ଟ ବିଟ ଅଧିନ ଜଙ୍ଗଲରେ ବିଶ୍ରାମ ନେଇଥିବା ବନ ବିଭାଗ ପକ୍ଷରୁ ସୂଚନା ରହିଛି । ଏନେଇ ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର କୁମାର ଜେନାଙ୍କ ମତାମତ ଲୋଡ଼ିବାରୁ ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ କରି କ୍ଷିତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ଜୁଆଖେଳରେ ଚଢ଼ଉ; ୧୭ ବାଇକ୍ ଜବତ, ୮ ଗିରଫ

ହାଟଡ଼ିହି,୫।୧୨(ସମିସ): ନନ୍ଦିପଦା ଥାନା ଅଁରାଠାରେ ଚାଲିଥିବା ଜୁଆଖେଳ ଉପରେ ଉଭୟ ଜିଲ୍ଲା ସ୍ପେସାଲ ସ୍କ୍ୱାଡ୍ ଏବଂ ନନ୍ଦିପଦା ପୁଲିସ ଚଢ଼ଉ କରି ୧୭ଟି ବାଇକ୍ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଛନ୍ତି । ଏଠାରେ ଅନେକ ଦିନ ହେଲା ଜୁଆଖେଳ ଚାଲିଥିବା ଖବର ପାଇ ଏହି ଚଢ଼ଉ ହୋଇଥିଲା । ଥାନା ଇନ୍ସପେକ୍ଟର ବଳିଆ ବାରିକ, ଏସ୍‌ଆଇ ଅନୁପ କୁମାର କର ସଦଳବଳ ନେଇ ଚଢ଼ଉ କରିଥିଲେ । ଜୁଆ ଖେଳୁଥିବା ଅନେକ ଲୋକ ଦୌଡ଼ି ପଳାଇ ଯାଇଥିଲେ । ପୁଲିସ ୮ ଜଣଙ୍କୁ ଗିରଫ କରିଥିବା ବେଳେ ୧୭ଟି ବାଇକ୍, କାତି ଓ କିଛି ନଗଦ ଟଙ୍କା ଜବତ କରିଛି । ନନ୍ଦିପଦା ପୁଲିସ ଓପିଜି (ଜୁଆ ନିରୋଧ ଆଇନ୍) ଧାରା ୩ ଅନୁଯାୟୀ କେସ୍ ନଂ ୩୯୩/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ତେବେ ଅଁରା ଗ୍ରାମଟି କେନ୍ଦୁଝର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଥିବାରୁ ସେଠାରେ ଚାଲିଥିବା ଜୁଆଖେଳରେ ଅନେକ ଲୋକ ଭଦ୍ରକ ଜିଲ୍ଲା ଅଞ୍ଚଳର ଥିବାନେଇ ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି ।

● ଜିଲ୍ଲା ବାର୍ଷିକ ଦୌଡ଼ ପ୍ରତିଯୋଗିତା ଉଦ୍‌ଯାପିତ

# କୁଳମଣି ଏବଂ ଲକ୍ଷ୍ମୀପ୍ରିୟା ଦ୍ରୁତତମ ଧାବକ ଓ ଧାବିକା



କେନ୍ଦୁଝର, ୫।୧୨(ସମିସ) ଏକ ବର୍ଣ୍ଣାଢ୍ୟ ପରିବେଶ ଏବଂ ଏବଂ ସୁଲଳିତ ବ୍ୟାଣ୍ଡ ଧ୍ୱନି, ସମବେତ କ୍ରୀଡ଼ାବିତଙ୍କ ମାର୍ଚ୍ଚପାଷ୍ଟ ମଧ୍ୟରେ ଗୁରୁବାର ଅପରାହ୍ନରେ କେନ୍ଦୁଝର ଜିଲ୍ଲାର ବାର୍ଷିକ ଦୌଡ଼ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଶଙ୍କରପୁର ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସିନ୍‌ଥେଟିକ ଟ୍ରାକରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଯୁଗ୍ମ ସମ୍ପାଦକ ରବିନ୍ଦ୍ର ପାଢୀ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ସ୍ୱାଗତ କରିଥିଲେ । କ୍ରୀଡ଼ା ସଂସ୍ଥାର ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଞ୍ଚ ପରିଚାଳିତ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା ନିକୁ ସାହୁ ଅସଫଳତା ହିଁ ସଫଳତାର ଚାବିକାଠି ବୋଲି ସେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଡିଏଫ୍‌ଓ ଏଚଡି ଧନରାଜ କ୍ରୀଡାବିତମାନଙ୍କୁ ମେଡାଲ ଜିତି ଜିଲ୍ଲାର ସୁନାମ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ଚଳିତବର୍ଷ ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ କୁଳମଣି ଜେନା ଏବଂ ମହିଳା ବିଭାଗରେ ଲକ୍ଷ୍ମୀପ୍ରିୟା ବାରିକ ୧୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରି ଦ୍ରୁତତମ ଧାବକ ଏବଂ ଧାବିକା ଭାବେ ବିବେଚିତ ହୋଇଛନ୍ତି । ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍କାର କାଉନସିଲ ସଦସ୍ୟ ରାଜକିଶୋର ମିଶ୍ର, ସନାତନ ବେହେରା, ସଦସ୍ୟ ସନ୍ଦିପ ପଟନାୟକ ଓ ଜିଲ୍ଲାର କ୍ରୀଡ଼ା ଶିକ୍ଷକ ଏହାକୁ ପରିଚାଳନା କରିଥିଲେ । କ୍ରୀଡ଼ା ସଂସ୍ଥାର କୋଷାଧ୍ୟକ୍ଷ ସରୋଜ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ମେସର୍ସ ବୈତରଣୀ ଆଇରନ୍ ଓର୍ ଖଣିର ଜନଶୁଣାଣି

ଯୋଡା,୫।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ, ବଡ଼ବିଲ ତହସିଲ ଅନ୍ତର୍ଗତ ଇଙ୍ଗାଣୀ ଝରଣ ଦଡୁଆଁ ଗ୍ରାମରେ ଥିବା ମେସର୍ସ ବୈତରଣୀ ଆଇରନ ଓର ଖଣିର ଜନଶୁଣାଣି ଶେଷ ହୋଇଛି । ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୬୫.୩୯୭ ହେକ୍ଟର ପରିମିତ ଅଞ୍ଚଳରେ ବୈତରଣୀ ଲୁହା ଖଣିର ଉତ୍ପାଦନ କ୍ଷମତା ୦.୫୭୧୬ ଏମଟିପିଏରୁ ୪.୯୯ ଏମଟିପିଏକୁ ସମ୍ପ୍ରସାରଣ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଦ୍ୱାରା ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣି ସର୍ବସମ୍ମତିକ୍ରମେ ଖଣି ସପକ୍ଷରେ ଯାଇଥିଲା । ପରିବେଶ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡବିଲ ତହସିଲ ଦଡୁଆଁ ମୌଜାରେ ଶୁକ୍ରବାର ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣିକୁ ପରିଚାଳନା କରିଥିଲେ । ପ୍ରଶାସନିକ ପଦାଧିକାରୀ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ତହସିଲଦାର ରାକେଶ ପଣ୍ଡା ଓ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଥମେ ଖଣି କମ୍ପାନୀ ପ୍ରତିନିଧି ପ୍ରଣବ କୁମାର ମହାନ୍ତିଙ୍କ ପକ୍ଷରୁ ବୈତରଣୀ ଆଇରନ ଓର ଖଣି ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ବିରିକଳା, କଣ୍ଡରା, ଫସେଇକଳା, ଚମକପୁର, ଦେଓଝର ପଞ୍ଚାୟତର ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ । ଏହି ସର୍ବସାଧାରଣ ଜନଶୁଣାଣିରେ ସ୍ଥାନୀୟ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀ ନିଜ ମତ ରଖିଥିଲେ । ପାରିପାର୍ଶିକ ଉନ୍ନତି, ପାନୀୟଜଳ, ଗମନାଗମନ, ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖଣି କମ୍ପାନୀ ଯତ୍ନବାନ ହେବାକୁ ଆଖପାଖ ସ୍ଥାନୀୟ ଗ୍ରାମବାସୀ ମତ ଉପସ୍ଥାପନ କରିଥିଲେ । ଖଣି ଜନଶୁଣାଣିକୁ ୩୧ ଜଣ ସମ୍ପୂର୍ଣ୍ଣ ସପକ୍ଷରେ ମତ ପ୍ରଦାନ କରିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଜଣ ଅତିରିକ୍ତ ଜିଲ୍ଲପାଳଙ୍କ ନିକଟରେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଏହି ଜନଶୁଣାଣୀକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ ପ୍ରଭାବିତ ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳର ସୁବନ୍ଦୋବସ୍ତ, ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରି ସର୍ତ୍ତମୂଳକ ସମର୍ଥନ ଜାଣଇଥିଲେ ଗ୍ରାମବାସୀ । ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ କହିଥିଲେ ଯେ ଦୁଇଟି ପର୍ଯ୍ୟାୟରେ ଏହାକୁ ଅନୁଶୀଳନ କରାଯାଉଛି । ଗୋଟିଏ ପାରିପାର୍ଶ୍ୱିକ ଉନ୍ନତିକରଣ ଏବଂ ଅନ୍ୟଟି ପରିବେଶ ସନ୍ତୁଳନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥାସମ୍ଭବ ପୂରଣ କରିବା ପାଇଁ ଖଣି କମ୍ପାନୀ ପ୍ରତିନିଧିଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ।

# ଟ୍ରେଲର ଧକ୍କାରେ ଓଲଟିଲା ଟ୍ରକ୍

ତେଲକୋଇ, ୫।୧୨(ସମିସ): ତେଲକୋଇ ଥାନା ଜଗମୋହନପୁର ଛକ ୪୯ନଂ ଜାତୀୟ ରାଜପଥରେ ଏକ ଟ୍ରେଲର ଧକ୍କାରେ ଗୋଟିଏ କମଳା ବୋଝେଇ ଟ୍ରକ ରାସ୍ତା



ଉପରେ ଓଲଟି ପଡିଛି । ମହାରାଷ୍ଟ୍ରଠାରୁ କମଳା ବୋଝେଇ ହୋଇଥିବା ଏକ ଟ୍ରକ କଲିକତା ଯାଉଥିଲା । ଜଗମୋହନପୁର ଛକରେ ଏକ ହମ୍ପ ନିକଟରେ ଗାଡ଼ି ଧୀରେ କରିବାକୁ କମଳା ବୋଝେଇ ଟ୍ରକ ବ୍ରେକ ଲଗାଇଥିବା ବେଳେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରେଲର ଟ୍ରକକୁ ଧକ୍କା ଦେବାରୁ ରାସ୍ତା ଉପରେ ଟ୍ରକଟି ଓଲଟି ପଡିଥିଲା । ତେବେ କମଳା ବୋଝେଇ ଟ୍ରକର ଡ୍ରାଇଭର ଓ ସଙ୍ଗରେ ବସିଥିବା ଅନ୍ୟ ଦୁଇଜଣ ଏବଂ ଟ୍ରେଲର ଡ୍ରାଇଭରଙ୍କର କୌଣସି କ୍ଷତି ହୋଇନାହି । ଏନଏଚଆଇ ପକ୍ଷରୁ ରାସ୍ତାରୁ ଦୁର୍ଘଟଣା ଗ୍ରସ୍ତ ଟ୍ରକକୁ ହଟାଇଯାଇଛି ।

# ଘଟଗାଁ ମା' ତାରିଣୀ ମନ୍ଦିର ପ୍ରକଳ୍ପ ଭିତ୍ତିପ୍ରସ୍ତର ୭ରେ




କେନ୍ଦୁଝର/ଘଟଗାଁ, ୫।୧୨(ସମିସ): ଆସନ୍ତା ୭ ତାରିଖ ରବିବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁସ୍ଥିତ ମା'ତାରିଣୀଙ୍କ ପୀଠର ଉନ୍ନତିକରଣର ଭୂମିପୂଜନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷରୁ ସୂଚନା ଦିଆଯାଇଛି । ୩୫୦ କୋଟି ଟଙ୍କା ବ୍ୟୟରେ ଏହି ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ଭୂମିପୂଜନ ଉତ୍ସବରେ ସମସ୍ତ ବିଧାୟକ, ସାଂସଦ, ଜନପ୍ରତିନିଧିଙ୍କ ସହ ୩୦ ହଜାରରୁ ଅଧିକ ଜନସାଧାରଣ ଉପସ୍ଥିତ ରହିବେ ବୋଲି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ସୂଚନା ଦେଇଛନ୍ତି । ଘଟଗାଁସ୍ଥିତ ହାଇସ୍କୁଲ ପଡିଆରେ ନିର୍ମିତ ଅସ୍ଥାୟୀ ହେଲିପେଡରେ ଅବତରଣ କରିବା ପରେ ଏକ ମଟର ସାଇକଲ ରାଲିରେ ମୁଖ୍ୟମନ୍ତ୍ରୀ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ଯିବେ । ସେଠାରେ ମା'ଙ୍କ ଦର୍ଶନ ଏବଂ ପୂଜା ପରେ ଚଣ୍ଡୀ ପାଠ ଓ ଯଜ୍ଞର ପୂର୍ଣ୍ଣାହୁତିରେ ସାମିଲ ହେବେ । ସେଠାରେ ମହାରାଜ ଗୋବିନ୍ଦ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଘଟଗାଁ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବେ ବୋଲି ଜିଲ୍ଲା ବିଜେପି ସଭାପତି କେନ୍ଦୁଝର ସର୍କିଟ ହାଉସଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ନଗରପାଳ ନିକୁ ସାହୁ, ସାଂସଦ ପ୍ରତିନିଧି ହରିହର ମହାନ୍ତ, ନଗର ସଭାପତି ଅସିତନନ୍ଦନ ମହାନ୍ତି, ବିଜେପି ନେତା ଦିଲୀପ ପଣ୍ଡା, ବିଶ୍ୱଜିତ ତ୍ରିପାଠୀ, ବ୍ରଜକିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

● ଗାଁସାଥୀ ମେଟ ସଂଘର ବୈଠକ

# ମନରେଗା ରାଜ୍ୟ ଅନୁଦାନରେ କେନ୍ଦୁଝର ଜିଲ୍ଲା ବଞ୍ଚିତ



କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପରିସରରେ ଗାଁ ସାଥୀ ମେଟ ସଂଘର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘର ଉପଦେଷ୍ଟା ଅଜିତ କୁମାର ମହାନ୍ତଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ଆଇଟିଡିଏର ମନରେଗା ସହଅଧିକାରୀ ଅନିରୁଦ୍ଧ ସୁନ୍ଦର ରାଉତ ଯୋଗ ଦେଇଥିଲେ । ପାଟଣା ବିଧାୟକଙ୍କ ବ୍ଲକ ମନରେଗା ପ୍ରତିନିଧି ମୋହନ ଚରଣ ମହାନ୍ତ, ସାହାରପଡା ବ୍ଲକ ପ୍ରତିନିଧି ମନୋସରୋଜ ପଣ୍ଡା, ଝୁମ୍ପୁରା ବ୍ଲକ ପ୍ରତିନିଧି ମାଟୁରାମ ମୁଣ୍ଡା ମନରେଗା ଅନୁଦାନ ସମ୍ପର୍କରେ ଆଲୋଚନା ପୂର୍ବକ ରାଜ୍ୟକୋଷରୁ କେନ୍ଦୁଝର ଜିଲ୍ଲାକୁ ବଞ୍ଚିତ ରଖାଯାଇଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିଲେ । ରାଜ୍ୟର ଅନ୍ୟ ୯ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଥିବାରୁ କେନ୍ଦୁଝର ଜିଲ୍ଲା କିପରି ଏହି ଯୋଜନାରେ ସାମିଲ ହୋଇପାରିବ ସେ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ଆଗାମୀ ଦିନରେ ଏନେଇ ଜିଲ୍ଲା ମୁଖ୍ୟାଳୟରେ ଏକ ବିଶାଳ ରାଲି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ । କେନ୍ଦୁଝର ଜିଲ୍ଲାକୁ ଷ୍ଟେଟ୍ ସପୋର୍ଟ ପ୍ରଦାନ କରି ଜବକାର୍ଡଧାରୀଙ୍କୁ ୩୦୦ ଦିନର କାର୍ଯ୍ୟ ଯୋଗାଇବା, ମନରେଗା କାର୍ଯ୍ୟରେ ମେଟ୍ ମାନଙ୍କ ଭୂମିକା ଓ ମେଟ୍ ମାନଙ୍କୁ ନିଯୋଜନକୁ ବାଧ୍ୟତାମୂଳକ କରିବା, ମେଟ୍ ମାନଙ୍କୁ ସେମାନଙ୍କ ଦୈନିକ ପ୍ରାପ୍ୟ ପ୍ରଦାନ କରିବା, ଇକେୱାଇସି ଓ ଏନ୍‌ଏମ୍‌ଏମ୍‌ଏସ୍‌ର ସୁପରିଚାଳନା, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ମନରେଗା କାର୍ଯ୍ୟରେ ମେଟମାନଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ମନରେଗା କାର୍ଯ୍ୟର କାର୍ଯ୍ୟାଦେଶ ମେଟ୍‌ମାନଙ୍କ ନାମରେ ପ୍ରଦାନ କରିବା ଆଦି ସମ୍ବଳିତ ଦାବିପତ୍ର ପ୍ରକଳ୍ପ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବ୍ଲକ ପ୍ରମୁଖ ନେତୃତ୍ୱ ବିରେନ୍ଦ୍ର ନାଏକ, ରମେଶଚନ୍ଦ୍ର ମହାନ୍ତ, ରବିନ୍ଦ୍ରନାଥ ନାଏକ, ତ୍ରିଲୋଚନ ମହାନ୍ତ, ସୁରେଶଚନ୍ଦ୍ର ନାଏକ, ଚକ୍ରଧର ପାତ୍ର, ମଧୁସୂଦନ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ମଙ୍ଗୁଲୁ ପଲେଇ, ଗୁରୁଦେବ ନାଏକ, ମନୋଜ ପଟେଲ, ଜଗବନ୍ଧୁ ସର୍ଦ୍ଦାର, ଆର୍ତ୍ତତ୍ରାଣ ମହାନ୍ତ, ନିଶାକର ନାଏକ, ଦାଶରଥୀ ନାଏକ, ନିରୁପମା ଟୁଡୁ, ପ୍ରମିଳା ମହାନ୍ତ, ପ୍ରତିମା ମହାନ୍ତଙ୍କ ସମେତ ଏଥିରେ ସାହାରପଡା, ପାଟଣା, ସଦର, ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ଝୁମ୍ପୁରା ଓ ଆନନ୍ଦପୁର ବ୍ଲକର ଗାଁସାଥୀ ମେଟ ଯୋଗ ଦେଇଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ

■ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ



କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ରାଙ୍କିସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ କେନ୍ଦୁଝର ପୁଲିସ ପ୍ରଶାସନ ଆଡିସନାଲ ଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆରୋବିକ୍ ଡ୍ୟାନ୍ସ ଏବଂ ଦୁଲଦୁଲି ବାଜା ମାଧ୍ୟମରେ ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଥିଲା । ଉତ୍ସବରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ତଥା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ସଂଘର ସଂପାଦକ ଦେବରାଜ ଆଚାର୍ଯ୍ୟ, ଉପାଧ୍ୟକ୍ଷା ରଶ୍ମିନ ସାହୁ, କାର୍ଯ୍ୟକାରୀ ସଦସ୍ୟ ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡା ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ ଇଂରାଜୀ ଶିକ୍ଷକ ଦୁଷ୍ମନ୍ତ ସାହୁ ଓ ହିନ୍ଦୀ ଶିକ୍ଷୟିତ୍ରୀ ସୁଶ୍ରୀ ମାଧୁରୀ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଗୀତ ଶିକ୍ଷକ ଦେବାଞ୍ଜନ ସାହାନା, ଶିକ୍ଷୟିତ୍ରୀ ସତ୍ୟା ମିଶ୍ର, ନୂପୁର କୁମାରୀ ଓ ବନସ୍ମିତା ପୃଷ୍ଟି । କୃତୀ ପ୍ରତିଯୋଗୀମାନଙ୍କୁ ତଥା ଜାତୀୟସ୍ତର କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ ପୁରସ୍କୃତ କରିଥିଲେ । ଶିକ୍ଷକ ସୁବ୍ରତ କୁମାର ବେହେରା, ଶାଶ୍ୱତ ଗୋସ୍ୱାମୀ, ତପନ କୁମାର ମହାନ୍ତ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି କ୍ରୀଡ଼ା ଉତ୍ସବ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା ।

■ ଚନ୍ଦ୍ରଶେଖର ମହାବିଦ୍ୟାଳୟ

ଚମ୍ପୁଆ: ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୯ତମ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ମଶାଲ ଜଳାଇ ଏହାକୁ ଉଦଘାଟନ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଗିରି, ରାଜକିଶୋର ମହାନ୍ତ, ସଚିନ କୁଲୁ, କୁନୁ ମୋହର, ଚମ୍ପେଶ୍ୱର ମିଶ୍ର ଉତ୍ସବକୁ ପରିଚାଳନା କରିଥିଲେ । ଖେଳ ଅଧ୍ୟାପକ ଦେବାଶିଷ ମହାନ୍ତ, ଶିଶୁମନ୍ଦିରର ଖେଳ ଶିକ୍ଷକ ବସନ୍ତ ମହାନ୍ତ, ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ଖେଳ ପରିଚାଳନା କରିଥିଲେ । ସମସ୍ତ ପ୍ରତିଯୋଗିତାରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ୨ ଦିନିଆ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ୧୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଅନ୍ୟ ସମସ୍ତ ପ୍ରତିଯୋଗିତା ଆୟୋଜିତ ହେବ । ଉଭୟ +୨ ଓ +୩ର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗନେଇଥିବା ବେଳେ ଚନ୍ଦ୍ରଶେଖର ମହାଦେବ ମନ୍ଦିରରୁ ମଶାଲ ଯାତ୍ରା ଆରମ୍ଭ ହୋଇ ମହାବିଦ୍ୟାଳୟରେ ସ୍ଥାପନ କରାଯାଇଛି ।






## ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ଶିଶୁ ସୁରକ୍ଷା ଆମର କର୍ତ୍ତବ୍ୟ ହେବା ଉଚିତ'

ଭଦ୍ରକ,୫ ।୧୨(ସମିସ): ଶିଶୁ ହସିଲେ ଦୁନିଆ ହସେ। ଶିଶୁର ନୈତିକ ଶିକ୍ଷା ସହିତ ବୌଦ୍ଧିକ ବିକାଶ ଏବଂ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ଭଦ୍ରକ ଜିଲ୍ଲା ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ଉଦଘାଟନ କରି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ମନସ୍ମିତା ଖୁଣ୍ଟିଆ କହିଛନ୍ତି। ଭାରତର ପ୍ରଥମ ମହିଳା ଶହୀଦ ପରି ବେଓ୍ୱା ମଞ୍ଚର ଶିଶୁର ବୌଦ୍ଧିକ ବିକାଶ ଓ ଅମର କର୍ତ୍ତବ୍ୟ "ଶୀର୍ଷକ ଏହି ଆଲୋଚନାଚକ୍ରରେ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟ ମହିଳା କମିସନ ସଦସ୍ୟା ତଥା ଅନ୍ତର୍ଜାତୀୟ କବି ଡକ୍ଟର କଳ୍ପନା ମଲ୍ଲିକ ଶିଶୁର ବୌଦ୍ଧିକ ବିକାଶ ହେଲେ କିପରି ସମାଜର ବିକାଶ ହେବ ସେସମ୍ପର୍କରେ ମୂଲ୍ୟବୋଧଭିତ୍ତିକ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଭଦ୍ରକର ଐତିହ୍ୟ ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଭଦ୍ରକ ଜିଲ୍ଲା ମହୋତ୍ସବର କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଶିଶୁ ସାହିତ୍ୟ ଗବେଷକ ତଥା ସାରସ୍ୱତ ସାଧକ ଡ.ମନୀନ୍ଦ୍ର ମହାନ୍ତି ଶିଶୁର ବୌଦ୍ଧିକ ବିକାଶ ଦିଗରେ ପିତାମାତା ଏବଂ ଅଭିଭାବକର କର୍ତ୍ତବ୍ୟ କିପରି ହେବା ଉଚିତ୍ ସେ ସମ୍ପର୍କରେ ଗବେଷଣା ଧର୍ମୀ ବକ୍ତବ୍ୟ ରଖିଥିଲେ। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଦୁର୍ଗାଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥିଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ପ୍ରଭାତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଳ୍ପନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ସନ୍ଧ୍ୟାରେ ଆର୍‌ଡିଏସ ନୃତ୍ୟ ଗ୍ରୁପ ଭଦ୍ରକ ଏବଂ ସାଇ ସମ୍ରାଟ ଭଜନ ସନ୍ଧ୍ୟା କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଘୋଡ଼ା ନାଚ ଓ ଚତୁର୍ଦ୍ଧାମୂର୍ତ୍ତି ଭଜନ ସନ୍ଧ୍ୟା ବେଶ୍ ଚିତ୍ତାକର୍ଷକ ଥିଲା। ଏହି ଅବସରରେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ଭଜନ ପରିବେଷଣ ହୃଦୟସ୍ପର୍ଶୀ ଥିଲା। କମିଟି ଉପସଭାପତି ପ୍ରମୋଦ ରାୟ, ଆବାହକ ଶଶିଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମସମ୍ପାଦକ ଅରୁଣ ମଲ୍ଲିକ, ପ୍ରଶାନ୍ତ ତ୍ରିପାଠୀ, ମନସ୍ମିତା ଦାସ, ଦୀପାଳି ନାୟକ, ସୁମିତ୍ରା ପାଣି, ସୁନିଲ ଦତ୍ତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବର ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା ଆୟୋଜିତ ହେଉଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ମଞ୍ଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।







## ଇଟୁଆ ରାସ୍ତାର ଶିଳାନ୍ୟାସ

ବନ୍ତ/ଆଗରପଡ଼ା,୫।୧୨(ସମିସ): ବନ୍ତ ବ୍ଲକ୍ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ତେଲନଟୀ-ବିଷ୍ଣୁପୁର ଭାୟା ଇଟୁଆ ଆରଡି ରାସ୍ତାର ଶୁଭାରମ୍ଭ କରାଯାଇଛି। ପଞ୍ଚାୟତ ସଭାପତି ପର୍ଶୁରାମ ପାଣିଗ୍ରାହୀ ଏହାର ଶୁଭାରମ୍ଭ କରିଥିଲେ। ୧୪ ନଂ ଜୋନ ତରଫରୁ ବିଜେଡି ପକ୍ଷରୁ ଇଟୁଆଠାରେ ଅନୁଷ୍ଠିତ ପଦଯାତ୍ରା ସଭାରେ ଗ୍ରାମବାସୀ ରାସ୍ତା ସଂପର୍କରେ ବିଧାୟକ ସଂଜୀବ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଧାୟକ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ବିଧାୟକ ତାଙ୍କ ପ୍ରତିଶ୍ରୁତି ପାଳନ କରିଥିବାରୁ ଗ୍ରାମବାସୀ ବିଧାୟକ ଶ୍ରୀ ମଲ୍ଲିକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସରପଞ୍ଚ ଗୀତିକା ଭୋଇ ଓ ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାସ୍ତା ଶୁଭାରମ୍ଭ ସମୟରେ ପୂର୍ବତନ ସରପଞ୍ଚ ବନମାଳି ବେହେରା, ନାଏକ ସରପଞ୍ଚ ଅକ୍ଷୟ ବେହେରା, ମାର୍କଣ୍ଡ ମହାକୁଡ଼, ହରିହର ନାଥ, ବସନ୍ତ କର, ନିଶିକାନ୍ତ ବେହେରା,ଅଭିମନ୍ୟୁ ପାଣିଗ୍ରାହୀ,ସୁରେନ୍ଦ୍ର ମଲ୍ଲିକ,ଗଜେନ୍ଦ୍ର ଜେନା,ସୀତାକାନ୍ତ ଜେନା, ଶ୍ରୀକାନ୍ତ ଜେନା,ଆନନ୍ଦ ଜେନା ଓ ରବି ଜେନା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।









## ସ୍ଲାବ୍ ଖସି ଯୁବକ ଆହତ

ବାରିକପୁର, ୫ ।୧୨(ସମିସ): ଭଣ୍ଡାରିପୋଖରୀ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ବଜାରଠାରେ ନିର୍ମାଣାଧୀନ ଓଭରବ୍ରିଜ କାର୍ଯ୍ୟ ବେଳେ ଏକ ସିମେଣ୍ଟ କଂକ୍ରିଟ ସ୍ଲାବ୍ ଖସିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ବାରିକପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ମୁତାବକ, ଧାମନଗର ଥାନା ଅନ୍ତର୍ଗତ ମୁନସୀ ପାଟଣା ଗାଁର ରାଜୁ ବେହେରା ଭଦ୍ରକରୁ ନିଜ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣାରେ ଶିକାର ହୋଇଥିଲେ। ଉକ୍ତ ସ୍ଥାନରେ ପୂର୍ବରୁ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହୋଇଥିବା ଜଣାପଡିଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସତ୍ତ୍ୱେ ନିର୍ମାଣକାରୀ ସଂସ୍ଥାର ମନମାନି ପାଇଁ ଅନେକ ବାର ଏଭଳି ଦୁର୍ଘଟଣା ମାନ ଘଟୁଛି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଉପରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।
























# ଜେଲ୍‌ରୁ ଅପରେଟ ହେଉଛି 'ମୋରମ୍ ସାମ୍ରାଜ୍ୟ'

ଭୁବନେଶ୍ୱର, ୫।୧୨ (ସମିସ): ରାଜଧାନୀ ଉପକଣ୍ଠରୁ ଲୁଟ୍ ହେଉଛି ଲଘୁ ଖଣିଜ ଦ୍ରବ୍ୟ। ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ଖଣି ମାଫିଆ। ରାତି ସାରା ଲୁଟ୍ ହେଉଛି ଲଘୁ ଖଣିଜ ଦ୍ରବ୍ୟ। ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀ ତହସିଲ ଅଧୀନସ୍ଥ ବିଭିନ୍ନ ମୌଜାରୁ ମୋରମ୍ ଓ ମାଙ୍କଡ଼ା ପଥର ବୋହି ନେଉଛନ୍ତି। ଅନାବାଦି ଠାରୁ ଆରମ୍ଭ କରି ଜଙ୍ଗଲ କିସମର ଜମି ପର୍ଯ୍ୟନ୍ତ କିଛି ବି ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡୁନାହିଁ। ଯେଉଁଠି ପାରୁଛନ୍ତି ସେଇଠୁ ଖୋଳୁଛନ୍ତି। ମୋରମ ଓ ମାଙ୍କଡ଼ା ପଥର ପାଇଁ ଶହ ଶହ ଗଛ କାଟି ସଫା କରି ଦେଉଛନ୍ତି। ମନଇଚ୍ଛା ଖନନ ହେଉଥିବାର ଖାଲ ସୃଷ୍ଟି ହେବା ସହ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ମୋରମ୍ ସାମ୍ରାଜ୍ୟ ଏବେ ଜେଲରୁ ଅପରେଟ ହେଉଛି।

- **ମଙ୍ଗ ଧରିଛି କୁଖ୍ୟାତ ଅପରାଧୀ**
- **ସଞ୍ଜ ନଇଁଲେ ସକ୍ରିୟ ମାଫିଆ**
- **ବୋହି ନେଉଛନ୍ତି ଲଘୁ ଖଣିଜ**



ଖୋର୍ଦ୍ଧା ସବ୍ ଜେଲରେ ରହିଥିବା ଜଣେ କୁଖ୍ୟାତ ଅପରାଧୀ ଏହି ବେପାରର ମଙ୍ଗ ଧରିଥିବା ଜଣାପଡ଼ିଛି। ଏସବୁ ସତ୍ୱେ ଖଣି ବିଭାଗ ପକ୍ଷରୁ ଧରପଗଡ଼ ହେଉ ନ ଥିବା ଅଭିଯୋଗ ହେଉଛି। ପୁଲିସର ନୀରବତା ପାଇଁ ଏଭଳି କାର୍ଯ୍ୟକଳାପ କ୍ରମେ ବଢ଼ିବାରେ ଲାଗିଛି।

ସୂଚନା ଅନୁସାରେ, ରାଜଧାନୀରୁ ଆରମ୍ଭ କରି ଜଟଣୀ ଓ ଖୋର୍ଦ୍ଧା ମଧ୍ୟରେ ଏକାଧିକ ସରକାରୀ ଓ ବେସରକାରୀ ପ୍ରକଳ୍ପ କାମ ଜାରି ରହିଛି। ଉକ୍ତ ପ୍ରକଳ୍ପ ଗୁଡ଼ିକରେ ପୋତା ପୋତି ଓ ଅନ୍ୟାନ୍ୟ କାମ ଲାଗି ପ୍ରଚୁର ମାଟି ଓ ମୋରମର ଆବଶ୍ୟକତା ରହିଛି। ଏହାର ସୁଯୋଗ ନେଇ ସକ୍ରିୟ ହୋଇ ଉଠିଛନ୍ତି ମୋରମ୍ ମାଫିଆ। ଦୁଇ ବର୍ଷ ପୂର୍ବେ ଏକ ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଏହି ବ୍ରାଉନସୁଗର ବେପାରୀ ଏହି ସାମ୍ରାଜ୍ୟର ନେତୃତ୍ୱ ନେଉଛି। ତା'ର ସହଯୋଗୀମାନେ ଏବେ ରାଜଧାନୀ ଉପକଣ୍ଠରେ ସକ୍ରିୟ ରହିଛନ୍ତି। ଏକାଧିକ ଜେସିବିରେ ଖଣି ଖନନ କରି ହାଇୱାରେ ମୋରମ୍ ଚାଲାଣ କରୁଛନ୍ତି। ବିଶେଷକରି ଇନଫୋଭ୍ୟାଲି, ଚନ୍ଦକା, ମଦନପୁର ପଞ୍ଚାୟତରେ ମାତିଛନ୍ତି ମୋରମ୍ ମାଫିଆ। ବିଶେଷକରି ଇନଫୋଭ୍ୟାଲି ଓ ଚନ୍ଦକା ଥାନା ଅଞ୍ଚଳକୁ ଏବେ ସେମାନେ ଟାର୍ଗେଟ କରିଛନ୍ତି। ସଞ୍ଜ ନଇଁବା ମାତ୍ରେ ଆରମ୍ଭ ହୋଇଯାଉଛି ଖଣି ଖନନ। ଆଉ ରାତି ୧୧ ପରେ ପୁଲିସ ପ୍ରଶାସନର ଆଖିରେ ଆଙ୍ଗୁଠି ଖେଞ୍ଚି ଶହ ଶହ ଟ୍ରିପ୍ ମୋରମ୍ ବୋହି ନେଉଛନ୍ତି। ସରକାର ରାଜସ୍ୱ ହରାଉଥିବା ବେଳେ ଜେଲରେ ବସି ମଧ୍ୟ ଲକ୍ଷ ଲକ୍ଷ ଟଙ୍କା କମାଉଛି ହତ୍ୟା ଅଭିଯୁକ୍ତ।

ଏହା ବାଦ୍ ଜଟଣୀ, ଖୋର୍ଦ୍ଧା ଓ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଖଣିଗୁଡ଼ିକ ମଧ୍ୟ ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡ଼ିନାହିଁ। ଅଳକର, ମଧୁପୁର, ଚନ୍ଦକା ଅଭୟାରଣ୍ୟ, ପାଇକରାପୁର, ଦେଉଳିଆ ପାଟଣା, ଛତାବର, ଗଙ୍ଗପଡ଼ା, ପଳାସପୁର, ପିତାପଲ୍ଲୀ, ଅରାଙ୍ଗ, ନିଆଳ, କୁମାରବସ୍ତ, ଷଣ୍ଢପୁର, ରାମଚନ୍ଦ୍ରପୁର, ଖୁଦୁପୁର, କୁସୁମାଟି, ଛଣଘର, ରଥିପୁର, କନ୍ତିଆ, ନିରଞ୍ଜନପୁର, ଜାମୁକୋଳି, ପାଣ୍ଡିଆବିଲି, ବୁଢାଙ୍ଗରା, ପୁରୁସାହି ଓ ବରସାହି ଆଦି ମୌଜାରେ ମାଫିଆମାନେ ଏବେ ବେଶ୍ ସକ୍ରିୟ। ପ୍ରତିଦିନ ଏହି ଅଞ୍ଚଳରୁ ମୋରମ୍ ଓ ମାଙ୍କଡ଼ା ପଥର ଚାଲାଣ ହେଉଛି। ପୂର୍ବାପେକ୍ଷା ସ୍ଥାନୀୟ ଅଞ୍ଚଳରେ ବେଆଇନ ମୋରମ ଖଣି ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ମୋରମ ଲାଗି ଶହ ଶହ ସଂଖ୍ୟାରେ ଗଛ କାଟି ଦେଉଛନ୍ତି। ଜମି ଗୁଡ଼ିକୁ ସଫା କରି ସେଠାରୁ ଶହ ଶହ ଟ୍ରିପ ମୋରମ ଖନନ ହେଉଛି। ଏକାଧିକ ହାଇୱା ଗାଡ଼ି ମାଧ୍ୟମରେ ମୋରମ ଚୋରା ଚାଲାଣ ହେଉଛି। ଅନାବାଦି ଠାରୁ ଆରମ୍ଭ କରି ଜଙ୍ଗଲ କିସମର ଜମି ପର୍ଯ୍ୟନ୍ତ, କିଛି ବି ସେମାନଙ୍କ କବଳରୁ ବାଦ୍ ପଡୁନାହିଁ। ମନଇଚ୍ଛା ଖନନ ହେଉଥିବାର ଖାଲ ସୃଷ୍ଟି ହେବା ସହିତ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସବୁ ଜାଣି ମଧ୍ୟ ପୁଲିସ ହାତ ଟେକି ଦେଇଥିବା ବେଳେ ଖଣି ବିଭାଗର ନୀରବତା ମାଫିଆମାନଙ୍କୁ ପରୋକ୍ଷରେ ବେଆଇନ କାମ କରିବାକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି।

## ପାହାଳ ଡକାୟତି ମାମଲାରେ ଆଉ ଜଣେ ଗିରଫ



ହଂସପାଳ/ଭୁବନେଶ୍ୱର, ୫।୧୨(ସମିସ): ପାହାଳ ଡକାୟତି ମାମଲାରେ ପୁଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ସଦର ନୂଆପଡ଼ା ବେହେରାସାହି ଅଞ୍ଚଳର ଜଗନ୍ନାଥ ମଲ୍ଲିକ। ତାଙ୍କ ଠାରୁ ନଗଦ ୮ ଲକ୍ଷ ଟଙ୍କା ଏବଂ ଅପରାଧରେ ବ୍ୟବହୃତ ମୋଟରସାଇକଲ ଜବତ ହୋଇଛି। ଏହି ମାମଲାରେ ଅଭିଯୋଗକାରୀଙ୍କ ଠାରୁ ୨୦ଲକ୍ଷ ଟଙ୍କା ଡକାୟତି କରାଯାଇଥିଲା ବେଳେ ଏପର୍ଯ୍ୟନ୍ତ ୧୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ଦୁଇ ଅଭିଯୁକ୍ତ ସରୋଜ ସୂତାର ଏବଂ ବବୁଲ ବେହେରା ଗିରଫ ହୋଇଥିଲେ। ଅଭିଯୋଗକାରୀ ପ୍ରଭାତ କୁମାର ସାହୁ କଟକରୁ ୨୦ଲକ୍ଷ ଟଙ୍କା ନେଇ ଭୁବନେଶ୍ୱର ଆସିଥିଲେ। କଟକ ଲିଙ୍କ ରୋଡ୍ ଠାରେ ସେ ତାଙ୍କ ଦୁଇ ବନ୍ଧୁ ସୁରେଶ ଏବଂ ସରୋଜ ସୂତାରଙ୍କୁ ଭେଟି ଥିଲେ। ଏହି ଦୁଇ ବନ୍ଧୁ ପ୍ରଭାତଙ୍କ ସହ କାରରେ ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ ଏକ ତାରକା ହୋଟେଲର ଫୁଡ୍ କୋର୍ଟ୍‌କୁ ଖାଇଥିଲେ। ପ୍ରଭାତଙ୍କ ପାଖରେ ୨୦ଲକ୍ଷ ଟଙ୍କା ଦେଖି ସରରୋଜଙ୍କ ଲୋଭ ବଢ଼ିଥିଲା। ଡାକାୟତି ମାଧ୍ୟମରେ ଲୁଟ୍ କରିବାକୁ ଯୋଜନା କରିଥିଲେ। ସରୋଜ ଏଥିପାଇଁ ଏକ ଡକାୟତ ଗ୍ୟାଙ୍ଗ ସହାୟତାରେ ଏହି ଅପରାଧକୁ ଅନ୍ତିମ ରୂପ ଦେଇଥିଲେ। ବବୁଲ ଏବଂ ଜଗନ୍ନଥ ଉକ୍ତ ଗ୍ୟାଙ୍ଗର ସଦସ୍ୟ ଅଟନ୍ତି। ଶେଷର ଏହି ଗ୍ୟାଙ୍ଗ୍ ପ୍ରଭାତଙ୍କ ଠାରୁ ଖଣ୍ଡା ଲଗାଇ ୨୦ଲକ୍ଷ ଥିବା ବ୍ୟାଗ୍‌କୁ ଛଡାଇ ନେଇଥିଲେ।

## ତାଲା ଭାଙ୍ଗି ୪ ଲକ୍ଷ ଟଙ୍କା ଓ ସୁନାଗହଣା ଲୁଟ୍

ଭୁବନେଶ୍ୱର, ୫।୧୨ (ସମିସ): ଏୟାରପୋର୍ଟ ଥାନା ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। ଘରେ କେହି ନଥିବା ବେଳେ ତାଲା ଭାଙ୍ଗି କଳା କନା ବୁଲାଇଛନ୍ତି। ସୁନାଗହଣା ସହିତ ଲକ୍ଷାଧିକ ଟଙ୍କା ନେଇ ଯାଇଛନ୍ତି। ଏନେଇ ବିଜୟ କୁଅଁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ବିଜୟ ପରିବାର ସହିତ ନିୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ରହୁଛନ୍ତି। ଗତମାସ ୨୪ ତାରିଖ ଦିନ ଘରେ ତାଲା ପକାଇ ସପରିବାର ପୈତୃକ ଗାଁକୁ ଯାଇଥିଲେ। ଏହାରି ଭିତରେ ଦୁର୍ବୃତ୍ତ ମାନେ ତାଙ୍କ କବାଟର ତାଲା ଭାଙ୍ଗି ଘରେ ପଶିଥିଲେ। ଘର ଭିତରେ ଥିବା ୧୦ଟି କୁମ୍ପି, ୨ଟି ସୁନା ମୁଦି, ସୁନା ଚୁଡ଼ି ୨ ହଳ ଓ ଅନ୍ୟାନ୍ୟ ଜିନିଷପତ୍ର ଲୁଟି ନେଇଥିଲେ। ଗତ ୧ ତାରିଖ ଦିନ ବିଜୟ ଗାଁରୁ ଫେରିବା ବେଳକୁ ଘର ତାଲା ଭଙ୍ଗା ହୋଇଥିଲା। ଘର ଭିତରେ ଜିନିଷପତ୍ର ଏଣେତେଣେ ପଡ଼ିଥିବା ବେଳେ ୧୦ଟି କୁମ୍ପିରେ ଥିବା ୪ ଲକ୍ଷ ଟଙ୍କା ଓ ସୁନାଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଏୟାରପୋର୍ଟ ଥାନା ପୁଲିସ ମାମଲା ରୁଜୁ କରିଛି।

## ଏଟିଏମ୍ ଚୋରି କରି ନେଇଗଲେ ୬୦ ହଜାର

ଭୁବନେଶ୍ୱର, ୫।୧୨ (ସମିସ): ଏଟିଏମ୍ କାର୍ଡ ଚୋରି କରିବା ପରେ ଟଙ୍କା ଉଠାଇଛନ୍ତି ଲୁଟେରା। ଏଭଳି ଚୋରିର ଶିକାର ହୋଇଥିବା ପଞ୍ଚସଖା ନଗରର ପ୍ରଫୁଲ୍ଲ କୁମାର ଜେନା ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପଞ୍ଚସଖା ନଗରର ପ୍ରଫୁଲ୍ଲ କିଣାକିଣି କରିବାକୁ ସ୍ଥାନୀୟ ବଜାରକୁ ଯାଇଥିଲେ। ଗହଳିର ସୁଯୋଗ ନେଇ କେହି ତାଙ୍କ ଠାରୁ ଏଟିଏମ୍ କାର୍ଡ ଲୁଟି ନେଇଥିଲା। ଘରେ ଆସି ପହଞ୍ଚିବା ବେଳକୁ ଏଟିଏମ୍ କାର୍ଡ ପାଇ ନ ଥିଲେ। ପରେ ପରେ ଦୁର୍ବୃତ୍ତ ମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୭ ହଜାର ଟଙ୍କା ଉଠାଇ ନେଇଥିଲେ। ଏନେଇ ଜାଣିବା ପରେ ପ୍ରଫୁଲ୍ଲ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି।

## ଚୋରି ଅଭିଯୋଗରେ ଜଣେ ଗିରଫ

ଭୁବନେଶ୍ୱର, ୫।୧୨(ସମିସ): ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଢେଙ୍କାନାଳ ଜିଲ୍ଲାର ଧୁଷାସନ ଅଙ୍କୁଡା ତଳ ସାହି ଗ୍ରାମର ସ୍ୱାଇଁଙ୍କୁ ଗିରଫ କରିଛି। ତାଙ୍କ ଠାରୁ ପୁଲିସ ସୁନା ଲକେଟ ଜବତ କରିଛି। ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ଗୋଠପାଟଣା ଅଞ୍ଚଳରେ ରୁହନ୍ତି। ଗତ ୧୯ ସନ୍ଧ୍ୟାରେ ସେ ନିଜର କିଛି ବନ୍ଧୁଙ୍କ ସହ ମିଶି ଭୋଜିଭାତ କରିବା ସହ ଶିବ ରଣାଙ୍କ ଘରେ ବିଶ୍ରାମ ନେଉଥିଲେ। ଧୁଷାସନ ଓରଫ ଧୁଷା ମଧ୍ୟ ସେମାନଙ୍କ ସହ ଉକ୍ତ ଘରେ ବିଶ୍ରାମ ନେଇଥିଲେ। କିଛି ସମୟ ପରେ ଅଭିଯୋଗକାରୀ ନିଦରୁ ଉଠି ବେକରେ ପିନ୍ଧିଥିବା ସୁନା ଚେନ କେହି ଚୋରୀକରି ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଉକ୍ତ ଘରେ ବିଶ୍ରାମ ନେଉଥିବା ସମସ୍ତ ବନ୍ଧୁଙ୍କୁ ସୁନା ଚେନ ଚୋରୀ ସମ୍ପର୍କରେ ପଚାରି ବୁଝିଥିଲେ ମଧ୍ୟ କେହି ସନ୍ତୋଷଜନକ ଉତ୍ତର ଦେଇଥିଲେ। ପରେ ସେ ବାଧ୍ୟ ହୋଇ ଥାନାରେ ଅଭିଯୋଗ କରିଥିଲେ।

## ଗଞ୍ଜେଇ ଜବତ; ୨ ଗିରଫ

ଭୁବନେଶ୍ୱର, ୫।୧୨(ସମିସ): ଅବକାରୀ ବିଭାଗ ଏବଂ ରେଳ ସୁରକ୍ଷା ବଳ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେସନରେ ଚଡଉ କରାଯାଇଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋଶନ କୁମାର ଏବଂ ସୁମିତ କୁମାର। ଏମାନଙ୍କ ଠାରୁ ୧୨କେଜି ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ କରୁଥିଲେ।

## ବାପା ଓ ଭଉଣୀକୁ ହାଣି ବନ୍ଧାହେଲା



ଭୁବନେଶ୍ୱର, ୫।୧୨ (ସମିସ): ବାପା ଓ ଭଉଣୀକୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ପୁଅକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଲ୍ୟାଣ ପ୍ଲାଜା ଆପାର୍ଟମେଣ୍ଟରେ ରହୁଥିବା ଜିତେନ୍ଦ୍ର ପ୍ରଧାନ ଓରଫ୍ ଜିତୁ (୨୮)।

ପୁଲିସ ସୂଚନାନୁସାରେ, କିଛିଦିନ ପୂର୍ବେ ଜିତୁ ଏକ ବାଇକ୍ କିଣିଥିଲା। ହେଲେ ସାନଭାଇ ଉକ୍ତ ବାଇକକୁ ତା'ର ସାଙ୍ଗ ଶୁଭମ୍ ଓ ପ୍ରୀତିରଞ୍ଜନକୁ ଦେଇଥିଲା। ଗତ ସୋମବାର ରାତିରେ ଶୁଭମ୍ ଓ ପ୍ରୀତିରଞ୍ଜନ ଯାଉଥିବା ବେଳେ ବଡ଼ଗଡ଼ କଟ୍ ନିକଟରେ ଡିଭାଇଡରକୁ ପିଟି ପ୍ରାଣ ହରାଇଥିଲେ। ଫଳରେ ପୁଲିସ ବାଇକକୁ ମଧ୍ୟ ଜବତ କରିଥିଲା।

ଏହି ଘଟଣାରେ ଜିତୁ ଉତକ୍ଷିପ୍ତ ହୋଇ ବାପାମାଆଙ୍କୁ ଟଙ୍କା ଓ ବାଇକ୍ ଆଣିବାକୁ ଦାବି କରିଥିଲା। ସେମାନେ ଟଙ୍କା ଦେବା ଲାଗି ମନା କରିବା ସହ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ଜିତୁ ବୁଝି ନ ଥିଲା। ଓଲଟି ବାପା, ମାଆ ଓ ଭଉଣୀଙ୍କୁ ଗାଳିଗୁଲଜ କରିଥିଲା। ମାଡ଼ ମାରିବାରୁ ମାଆ ଦୌଡ଼ି ପଳାଇଥିଲେ। ହେଲେ ଜିତୁ ତାର ବାପା ଓ ଭଉଣୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଥିଲା। ଏଥିସହିତ ପଥର ମାଡ଼ କରି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲା। ଏହି ଆକ୍ରମଣରେ ତାଙ୍କ ବାପା ଓ ଭଉଣୀ ଗୁରୁତର ଆହତ ହୋଇଥିଲେ। ଖବରପାଇ ପିସିଆର ଓ ଥାନା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜିତୁକୁ କାବୁ କରିବା ସହ ବାପା ଓ ଭଉଣୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ସେହି ସମୟରେ ଜିତୁ ପୁଲିସ କର୍ମଚାରୀମାନଙ୍କୁ ଧକ୍କା ମାରିବା ସହ ଜେଲରୁ ଫେରିଲେ ସମସ୍ତଙ୍କୁ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା। ଭଉଣୀ ପ୍ରିୟଙ୍କା ଏନେଇ ଅଭିଯୋଗ କରିବା ପରେ ଏୟାରଫିଲ୍ଡ ଥାନା ପୁଲିସ ମାମଲା ରୁଜୁ କରିବା ସହ ଜିତୁକୁ କୋର୍ଟ ଚାଲାଣ କରିଛି। ତା' ଠାରୁ ଖଣ୍ଡା ଓ ଛୁରି ଜବତ କରିଛି।

## ଏକତରଫା ପ୍ରେମ କରି ଯୁବକ ଗିରଫ

ଭୁବନେଶ୍ୱର, ୫।୧୨ (ସମିସ): ଏକତରଫା ପ୍ରେମ କରି ଯୁବତୀଙ୍କୁ ପିଛା କରିବା ମହଙ୍ଗା ପଡ଼ିଲା। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୪ ମା ମଙ୍ଗଳା ବସ୍ତିର ସିକେନ୍ଦ୍ର ବେହେରା ଓରଫ୍ ସିକୁ (୪୦)।

ପୁଲିସ ସୂଚନା ଅନୁସାରେ, ସିକୁ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। ବିଭିନ୍ନ ସମୟରେ ତାଙ୍କୁ ପିଛା କରିବା ସହ ପ୍ରେମ ନିବେଦନ କରୁଥିଲା। ହେଲେ ଯୁବତୀ ଜଣକ ସିକୁର ନିବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ। ନିକଟରେ ଯୁବତୀଙ୍କ ବାପାଙ୍କ ଦୋକାନକୁ ଆସି ତାଙ୍କ ଝିଅକୁ ବିବାହ କରିବ ବୋଲି କହିଥିଲା। ପ୍ରସ୍ତାବରେ ରାଜି ନହେଲେ ଯୁବତୀଙ୍କ ଫଟୋ ଏଡିଟିଙ୍ଗ କରି ଭାଇରାଲ କରିଦେବାକୁ ଧମକ ଦେଇଥିଲା। ସିକୁ ଗତମାସ ୨୧ ତାରିଖ ଦିନ ଯୁବତୀଙ୍କୁ ଟଣାଓଟରା କରିଥିଲା। ଏନେଇ ପୀଡ଼ିତାଙ୍କ ବାପା ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସିକୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗାଡ଼କଣରେ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର, ୫।୧୨(ସମିସ): ବିଡିଏ ବିଜ୍ଞପ୍ତି ସଂଖ୍ୟା ୨୩୫୪୦ ଅନୁଯାୟୀ ଗାଡ଼କଣ ମୌଜା ପ୍ଲଟ ନମ୍ବର ୪୩ (ପି), ୨୬୨, ୨୬୩/୯୮୦, ୨୬୩, ୨୬୪, ୨୬୩/୯୮୭୯, ୪୩/୧୦୫୬୭, ୪୩/୧୦୫୬୪, ୨୦୪, ୨୦୫ ଓ ୨୦୮ ରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ ଜମି ବିଭାଗ ଓଏସଡିଙ୍କ ଦ୍ୱାରା କରାଯାଇଥିବା ଏହି ଚିଠିରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଚ୍ଛେଦରେ ୧୪ଟି ଆଜବେଷ୍ଟ ଘର ସହ ୪ଟି ଟିଣ ଘର ପଥରେ ନିର୍ମିତ ଗୁହାଳ, ୭ଟି ଶୌଚାଳୟ, ୨ଟି ଲୁହା ଗ୍ରିଲ୍, ୨ଟି ପାଣି ଟାଙ୍କି, ଗୋଟିଏ ନିର୍ମାଣାଧୀନ ଘର ସହ ୩୦୦ ଫୁଟର ବାଉଁଶ ବାଡ଼ ଭଙ୍ଗାଯାଇଛି। ପାଖାପାଖି ୩ ଡିସିମିଲର ସରକାରୀ ଜମି ଜବରଦଖଲରୁ ମୁକ୍ତ ହୋଇଥିବାବେଳେ ଉଚ୍ଛେଦରେ ବିଡିଏ ଓ ବିଏମସିର ଗୋଟିଏ ଲେଖାଏଁ ଜେସିବି ସହ ବିଡିଏ ଅଧିକାରୀ ଓ କମିଶନରେଟ୍ ପୁଲିସ ବଳ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକ ରାତିରେ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। (ଫଟୋ: ସନ୍ତୋଷ)

**ଖେଳାଳିଙ୍କ ପାଇଁ ଭୁବନେଶ୍ୱରରେ ତ୍ରିସ୍ତରୀୟ ସୁରକ୍ଷା**

## ମୁତୟନ ହେବେ ୨୨ ପ୍ଲାଟୁନ୍ ଫୋର୍ସ, ୧୧୧ ସ୍ୱତନ୍ତ୍ର ଅଧିକାରୀ




ଭୁବନେଶ୍ୱର, ୫।୧୨(ସମିସ): ଭୁବନେଶ୍ୱରରେ ଖେଳାଳିଙ୍କ ସୁରକ୍ଷା ପାଇଁ କମିସନରେଟ୍ ପୁଲିସ ତ୍ରିସ୍ତରୀୟ ସୁରକ୍ଷା କରାଯାଇଛି। ଏଥିପାଇଁ ସହରରେ ୨୨ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏହାସହ ୧୧୧ ସ୍ୱତନ୍ତ୍ର ପୁଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରିବେ ବୋଲି ପୁଲିସ୍ କମିସନର ଏସ ଦେବଦତ୍ତ ସିଂହ କହିଛନ୍ତି। ପୁଲିସ୍ କମିଶନରଙ୍କ ସୂଚନାରେ ସୁରକ୍ଷା ବେଳେ ଏରିଏଲ ସର୍ଭେ କରାଯିବ। ଖେଳାଳି ଭୁବନେଶ୍ୱରରେ ପହଞ୍ଚିବା ପରେ ଏୟାରପୋର୍ଟଠାରୁ ଆରମ୍ଭ କରି ହୋଟେଲ ଓ ହୋଟେଲରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ରହିବ। ଯିବା ଆସିବା ବାଟ, ଷ୍ଟାଡିୟମ ଓ ଷ୍ଟାଡିୟମ ଭିତରେ ଡ୍ରୋନ୍ ନଜର ରଖିବ। ଏହି କ୍ୟାମେରାଗୁଡ଼ିକ କଣ୍ଟ୍ରୋଲ ରୁମ୍ ସହ ସଂଯୋଗ କରାଯାଇ ସେଠାରୁ ନିୟନ୍ତ୍ରଣ କରାଯିବ। ପୁଲିସ ସହ ମେଡିକାଲ୍ ଟିମ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ହେବେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏକ ୬ ଜଣିଆ ଟିମ୍ ନିୟୋଜିତ ହେବେ। ଏଥିରେ ଗୋଟିଏ ଅଗ୍ନିଶମ ଗାଡ଼ି ରହିବ। ହଜାର ହଜାର କ୍ରୀଡ଼ା ପ୍ରେମୀ ଏକାଠି ହେବାକୁ ଥିବାବେଳେ କୌଣସି ଅଘଟଣ ଏଡ଼ାଇବାକୁ ଉଭୟ ଅଗ୍ନିଶମ ଓ ଡାକ୍ତରୀ ଟିମ୍ ସଜାଗ ନେଇ ପୁଲିସ କମିସନର୍ ସୂଚନା ଦେଇଛନ୍ତି। ତେବେ ୮ ତାରିଖରେ ଅଭ୍ୟାସ ମ୍ୟାଚ୍ ଓ ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି-୨୦ ମ୍ୟାଚ୍ ଖେଳାଯିବ। ଏହାକୁ ଦୃଷ୍ଟିରେ ରଖି କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ଖେଳାଳି, ଭିଆଇପି ଓ ଦର୍ଶକଙ୍କ ସୁରକ୍ଷା ତଥା ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।

**ଇଣ୍ଡିଗୋ ବିମାନ ବାତିଲ ଯୋଗୁଁ ହନ୍ତସନ୍ତ ହଜାର ହଜାର ଯାତ୍ରୀ**

## ଫ୍ଲାଇଟ୍ ବାତିଲ: ଅନ୍‌ଲାଇନ୍‌ରେ ହେଲା ବାହାଘର ରିସେପସନ୍



- **ସିଡ୍ୟୁଲ ଦେଖି ଘରୁ ବାହାରିବାକୁ ନିବେଦନ କଲେ ବିମାନବନ୍ଦର କର୍ତ୍ତୃପକ୍ଷ**

ଭୁବନେଶ୍ୱର, ୫।୧୨(ସମିସ): ସରିଥିଲା ବାହାଘର, ହୋଇଥାଆନ୍ତା ରିସେପସନ୍। ହେଲେ ଇଣ୍ଡିଗୋ ବିମାନ ବାତିଲ ଯୋଗୁଁ ହଟହଟା ହୋଇଛନ୍ତି ନବଦମ୍ପତି। ଫ୍ଲାଇଟ୍ ବାତିଲ ଯୋଗୁଁ ନବ ଦମ୍ପତି ଆସିନପାରି ଶେଷରେ ରିସେପସନ୍ ପାର୍ଟିରେ ଭର୍ଚୁଆଲରେ ଯୋଗଦେଲେ। ପେଶାରେ ଆଇଟି ଇଞ୍ଜିନିୟର ଥିବା ବେଙ୍ଗାଲୁରୁ ହୁବଲୀର ମେଧା କ୍ଷୀରସାଗରଙ୍କ ସହ ଭୁବନେଶ୍ୱରର ସଙ୍ଗମ ଦାସଙ୍କର ବିବାହ ହୋଇଥିଲା। ତେବେ ଆଜି ମେଧାଙ୍କ ହୋମ୍‌ଟାଉନରେ ଗ୍ରାଣ୍ଡ ରିସେପସନ୍ ଥିଲା। ଭୋର୍ ୪ ଟାରେ ସେମାନେ ଯିବାକୁ ଥିବା ବିମାନକୁ ବାତିଲ କରିଥିଲା ଇଣ୍ଡିଗୋ। ଟିକଟ୍ ବୁକ୍ ହୋଇନଥିବା ଇଣ୍ଡିଗୋ ଫ୍ଲାଇଟ୍ ଉଡ଼ାଣ ରଦ୍ଦ ହେବାରୁ ସେମାନେ ରିସେପନ୍‌ରେ ପହଞ୍ଚି ପାରି ନ ଥିଲେ। ଫଳରେ ଏହି ଦମ୍ପତି ଭିଡିଓକଲ୍‌ରେ ରିସେପସନ୍‌କୁ ସମ୍ବୋଧିତ କରିଥିଲେ। ଯାହା ମାଧ୍ୟମରେ ବନ୍ଧୁ ପରିଜନମାନଙ୍କ ଠାରୁ ଆଶିର୍ବାଦ ଓ ଶୁଭେଚ୍ଛା ଗ୍ରହଣ କରିଥିଲେ। ଏପରି ଏକ ନିଆରା ରିସେପସନ୍ ସାମାଜିକ ଗଣମାଧ୍ୟରେ ବେଶ୍ ଚର୍ଚ୍ଚାର ଖୋରାକ ଯୋଗାଇଛି। ଦେଶବ୍ୟାପୀ କର୍ମଚାରୀ ଅଭାବ ଯୋଗୁଁ ଦେଶବ୍ୟାପୀ ଇଣ୍ଡିଗୋ ବିମାନ ଉଡ଼ାଣ ରଦ୍ଦ ହେବାରୁ ଅନେକ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ତେବେ ଏହି ନବ ଦମ୍ପତି ନୁହନ୍ତି ଇଣ୍ଡିଗୋ ବିମାନ ଉଡ଼ାଣରେ ବିଭ୍ରାଟରୁ ଏମିତି ହନ୍ତସନ୍ତ ହୋଇଛନ୍ତି ହଜାର ହଜାର ଯାତ୍ରୀ।

ସୂଚନା ଅନୁସାରେ, କ୍ରମାଗତ ଚତୁର୍ଥ ଦିନ ପାଇଁ ବିମାନ ବାତିଲ ପରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମଧ୍ୟ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। କେତେବେଳେ ନିଜ ଫ୍ଲାଇଟ ଚାଲିବ ଏବଂ ଯାତ୍ରୀମାନେ ନିଜ ଲକ୍ଷ୍ୟସ୍ଥଳକୁ ଯିବେ ସେବିଷୟରେ ବୁଝିବାକୁ ବିଭିନ୍ନ କାଉଣ୍ଟରରେ ଭିଡ ଜମିବା ସହ ଯାତ୍ରୀଙ୍କ ଭିତରେ ପ୍ରବଳ ଅସନ୍ତୋଷ ଓ ଆକ୍ରୋଶ ଦେଖିବାକୁ ମିଳିଛି। ଅନ୍ୟ ବିମାନ ଗୁଡିକର ଟିକଟ୍ ଦର ବି ଆକାଶଛୁଆଁ ହୋଇଛି। ଜରୁରୀ କାମ ପାଇଁ କିଏ କ୍ୟାବ କରି ଭୁବନେଶ୍ୱରରୁ କୋଲକାତା ନିଜ ଘରକୁ ଫେରୁଛି ତ କିଏ ୫ଗୁଣା ଟଙ୍କା ଦେଇ ଅନ୍ୟ ଫ୍ଲାଇଟରେ ଯିବାକୁ ବାଧ୍ୟ ହେଉଛି। ଦେଶରେ ବଡ଼ ବଡ଼ ସହର ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ କୋଲକାତା ଭଳି ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେପଟେ ବିମାନ ଯାତ୍ରୀମାନେ ଘରୁ ବାହାରିବା ଆଗରୁ, ନିଜ ବିମାନର ସିଡ୍ୟୁଲ ଦେଖି, ଘରୁ ବାହାରିବାକୁ ନିବେଦନ କରିଛନ୍ତି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ।

# ଟେଷ୍ଟିଂରେ ଅଟକିଛି ଲାଇଟ୍ ଆଣ୍ଡ ସାଉଣ୍ଡ ସୋ

## ଏଥର ପର୍ଯ୍ୟଟନ ଋତୁରେ ବି ଖଣ୍ଡଗିରି-ଉଦୟଗିରି ପର୍ଯ୍ୟଟକ ନିରାଶ

ଭୁବନେଶ୍ୱର, ୫।୧୨(ସମିସ): ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚିଘୁଞ୍ଚି ଯାଉଛି ଖଣ୍ଡଗିରି- ଉଦୟଗିରି ଲାଇଟ ଆଣ୍ଡ ସାଉଣ୍ଡ ସୋ। ଏପଟେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ସଂଖ୍ୟା ବି ବଢୁଛି। ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ଦେଖିବାକୁ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍କଣ୍ଠା ବଢୁଥିବା ବେଳେ ପ୍ରତିବର୍ଷ ଭଳି ଏଥର ମଧ୍ୟ ନିରାଶ ହୋଇଛନ୍ତି ଶତ ଶହ ପର୍ଯ୍ୟଟକ। କାରଣ ମାସ ପରେ ମାସ ବିତୁଛି କିନ୍ତୁ ଏଯାଏ ଆରମ୍ଭ ହୋଇପାରୁନି ଖଣ୍ଡଗିରି-ଉଦୟଗିରି ଲାଇଟ ଆଣ୍ଡ ସାଉଣ୍ଡ ସୋ। ଗତବର୍ଷରୁ ଇନଷ୍ଟଲେସନ୍ ପରେ ମଧ୍ୟ ବିଜୁଳି ସଂଯୋଗ ହୋଇ ନ ଥିବାରୁ ଏହି ସୋ ଆରମ୍ଭ ହୋଇପାରୁନି ନଥିବା ବେଳେ ଚଳିତ ବର୍ଷ ପର୍ଯ୍ୟଟନ ଋତୁ ପ୍ରାରମ୍ଭରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ।

ରାଜ୍ୟର ପ୍ରମୁଖ ଐତିହାସିକ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ରହିଛି ଖଣ୍ଡଗିରି-ଉଦୟଗିରି। ଏଠାକୁ କେବଳ ଭୁବନେଶ୍ୱର ନୁହେଁ ବରଂ ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବର୍ଷ ତମାମ ଆସିଥାନ୍ତି। ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୦୧୫ରେ



ରାଜ୍ୟ ସରକାର ଓ ଇଣ୍ଡିଆ ଟୁରିଜିମ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ ବା ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ(ଆଇଟିଡିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ୬.୧୫କୋଟି ଟଙ୍କାର ବଜେଟ୍ କରାଯାଇଥିଲା। ସେଥିରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୫କୋଟି ଟଙ୍କା ସହଯୋଗ କରିଥିବା ସୂଚନା ରହିଛି। ଏହି ସୋ'ରେ ରାଜ୍ୟର କଳାସଂସ୍କୃତି, ଜୈନ ଧର୍ମ ଏବଂ ଖାରବେଳଙ୍କ ଗାରିମା ସମ୍ପର୍କରେ ଅବଗତ କରିବା ଲାଗି ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ କଣ୍ଠରେ ରହିଥିବା ଅଡିଓ ଭଏସ୍‌ରେ ଶୁଣିବାକୁ ମିଳିବ। ଇଂରାଜୀ, ଓଡ଼ିଆ ଓ ବଙ୍ଗାଳୀ ଭାଷାରେ ଏହି ଶୋ' ହେବାର ଯୋଜନା ନୂତନ ଭାବେ ମେସିନ୍‌ଗୁଡ଼ିକ ଇନଷ୍ଟଲ୍ କରାଯାଇଛି। ଏଥିପାଇଁ କଣ୍ଟ୍ରୋଲ ରୁମ୍, ସଫ୍ଟୱେର ଆଣ୍ଡ ହାର୍ଡୱେର ସାମଗ୍ରୀ ଗୁଡ଼ିକର ସମସ୍ତ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ହେଲେ ବିଜୁଳି ସଂଯୋଗ ହୋଇନଥିବାରୁ ସୋ ଆରମ୍ଭ ହୋଇପାରୁନଥିବା ବେଳେ ଆଇଟିଡିସି ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିବା ବେଳେ ଖୁବଶିଘ୍ର ଡିଜି ସେଟଅପ୍ କାମ ଶେଷ ହୋଇ ସୋ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ୬୦ କିଲୋୱାଟ ବିଦ୍ୟୁତ ଆବଶ୍ୟକ ରହିଥିବା ବେଳେ ଏଠାରେ ୧୧କେଭି ଡିଜି ସେଟଅପ୍ ସହ ଟ୍ରାନ୍ସଫରମର ନିମନ୍ତେ ୬୫ ଲକ୍ଷର ଟେଣ୍ଡର ବି ହୋଇଥିବା ସୂଚନା ରହିଛି। ୧୦୦ କେଭିର ଡିଜି ସେଟ୍ ବସି ସାରିଥିବା ବେଳେ ରାସ୍ତା ପାଇଁ ପୂର୍ତ୍ତ ବିଭାଗକୁ ଅନୁମତି ମଗାଯିବା ସହ ଟାଟା ପାୱାର ଟ୍ରାନ୍ସଫରମର ପାଇଁ ମଧ୍ୟ ଅନୁମତି ମଗାଯାଇଥିଲା। ତେବେ କେଉଁ କାରଣ ପାଇଁ ତାହା ଆରମ୍ଭ ହୋଇପାରୁ ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ପର୍ଯ୍ୟଟନ ଅଧିକାରୀ ଅଞ୍ଜନ ବାରିକ୍ କହିଛନ୍ତି ଯେ, ବର୍ତ୍ତମାନ ଏକ୍ସଟରନାଲ ଇଲେକ୍ଟ୍ରିଫିକେସନ୍ କାମ ଶେଷ ହୋଇଥିବା ବେଳେ ଖୁବଶିଘ୍ର ଆରମ୍ଭ ହେବ। ଏହି ସୋ ଆରମ୍ଭ ହେଲେ ଉଦୟଗିରି ପାହାଡ଼ ଗୁମ୍ଫା ସମ୍ମୁଖରେ ଏହି ସୋ ଚାଲିବ। ଦର୍ଶକମାନେ ସାଉଣ୍ଡ ସାଙ୍ଗକୁ ପାହାଡ଼ ଉପରେ ଭିଜୁଆଲ ଦେଖିବାର ମଜା ନେବେ ପର୍ଯ୍ୟଟକ।



ବିଧାନସଭା ଅଧିବେଶନ ଚାଲିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବିକ୍ଷୋଭକାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୋଲିଛି ଅସ୍ଥାୟୀ ମିନି ମାର୍କେଟ୍ (ଫଟୋ-ସନ୍ତୋଷ)

## ସିୱାଇଏସ୍‌ଡି ଆନୁକୂଲ୍ୟରେ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ



ଭୁବନେଶ୍ୱର, ୫।୧୨(ସମିସ): ୧୭ତମ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ସିୱାଇଏସ୍‌ଡି ଅଡିଟୋରିୟମ୍‌ରେ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ଦିବସର ମୁଖ୍ୟ ବିଷୟ ବସ୍ତୁ 'ସଲିଡାରିଟି ଥ୍ରୋ ଭଲ୍ୟୁଣ୍ଟରିଂ' ରହିଥିଲା। ଏହି ଉପଲକ୍ଷେ ଜଳବାୟୁ, ବିପର୍ଯ୍ୟୟ ପରିଚାଳନା, ଶାନ୍ତି-ସମନ୍ୱୟ, ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଗୋଷ୍ଠୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିୱାଇଏସଡି ସହସଂସ୍ଥାପକ ଡ. ଜଗଦାନନ୍ଦ ଯୋଗ ଦେଇଥିବା ବେଳେ ପ୍ରସିଦ୍ଧ ଚିନ୍ତକ ଡ. ଭଗବାନ ପ୍ରକାଶ ଯୋଗଦେଇ ସିୱାଇଏସଡିକୁ ଯୁବ ସେବାକାର୍ଯ୍ୟରେ ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ। ଏଥିରେ ସିୱାଇଏସଡି ପକ୍ଷରୁ ପି.କେ. ସାହୁ ଯୁବମାନେ ସମାଜର ମୂଳଭିତ୍ତି ଓ ମେରୁଦଣ୍ଡ ବୋଲି କହି ଗୋପବନ୍ଧୁ ଦାସ, ରମାଦେବୀଙ୍କ ଭଳି ପ୍ରେରଣାଦାୟୀ ନେତାମାନଙ୍କ ଉଦାହରଣ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ. ବିଶ୍ୱମୋହନ ଜେନା, ବକୁଳ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ସୁଜିତ ମହାପାତ୍ର ଉପସ୍ଥିତ ରହି ଆତ୍ମସେବା ଓ ଅନ୍ତର୍ନିହିତ ସେବାଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫ ଜଣ ସେବକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ନମିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଶୁଭ୍ରସୀମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଡ.ଅନସୂୟା ନାଥଙ୍କୁ 'ମାର୍ଗଶିରର ମହକ'



ଭୁବନେଶ୍ୱର, ୫।୧୨(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଆଟିଭୋ ପକ୍ଷରୁ ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ତଥା ଗଣିତ ବିଭାଗର ପ୍ରଫେସର ଡ. ଅନସୂୟା ନାଥଙ୍କୁ 'ମାର୍ଗଶିରର ମହକ ସମ୍ମାନ' ରେ ସମ୍ମାନିତ କରାଯାଇଛି। କ୍ରିଆଟିଭୋର ଆବାହକ ଡ. ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡେରୀ (ଆଭିଏସ୍‌ଏଏଚ) ର ଡିନ୍ ପ୍ରଫେସର ସୁଶାନ୍ତ ଦାସ ଓ ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡ. ଦୀପାଳି ଦାଶ ସ୍ୱାଗତଭାଷଣ ଦେଇଥିବା ବେଳେ ଲୋପାମୁଦ୍ରା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବ ଆୟୋଜିତ ସାଧାରଣ ଜ୍ଞାନ ଓ ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୪ର୍ଥ ଦିନରେ ମିଳିତ ଶ୍ରମିକ ସଂଗଠନର ଆନ୍ଦୋଳନ

ଭୁବନେଶ୍ୱର, ୫।୧୨(ସମିସ): ସମଗ୍ର ଦେଶରେ ଏବେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାଟି ପୁଞ୍ଜିପତି ତଥା କେତେକ ପୁଞ୍ଜିପତି ତଥା କର୍ପୋରେଟ ହାଉସ ଦ୍ୱାରା ନିୟନ୍ତ୍ରିତ ହେଉଅଛି। ସାଧାରଣ ମଣିଷର ବଞ୍ଚିବାର ଅଧିକାରରୁ ଶ୍ରମିକ, କୃଷକ ଓ ଗରିବ ଶ୍ରେଣୀ ବଞ୍ଚିତ ହେଉଛନ୍ତି ଏବଂ ଶ୍ରମିକ, କୃଷକ ଆଦିବାସୀ ଓ ଦଳିତ ଚାଷୀ ଗଣଧାରଣା, ଗଣବିକ୍ଷୋଭ କଲାବେଳେ ପୁଲିସ ଓ ପ୍ରଶାସନ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି କମ୍ପାନୀ ସ୍ୱାର୍ଥରେ ଜେଲ୍‌କୁ ପଠାଉଛନ୍ତି, ଫଳରେ ଡବଲ ଇଞ୍ଜିନ ସରକାର ଏହି ପୁଞ୍ଜିପତି କମ୍ପାନୀଙ୍କ ସ୍ୱାର୍ଥକୁ ଆଖିରେ ରଖି ଇଂରେଜ ବିରୋଧରେ ସଂଘର୍ଷ କରି ହାସଲ କରିଥିବା ଶ୍ରମ ଆଇନଗୁଡିକୁ କୋଡରେ ପରିଣତ କରି ପୁଞ୍ଜିପତିମାନଙ୍କ ପାଖରେ ପୁଣି ଦାସତ୍ୱର ବେଡି ପକାଇବା ପାଇଁ କେନ୍ଦ୍ର ସରକାର ଚେଷ୍ଟା କରୁଥିବା ଅଭିଯୋଗ କରିଛି ବିଭିନ୍ନ ଶ୍ରମିକ ସଂଗଠନ।

ଏପରିସ୍ଥଳେ ଶ୍ରମକୋଡକୁ ରଦ୍ଦ କରି ପୁନର୍ବାର ୪୪ଟି ଶ୍ରମ ଆଇନକୁ ଲାଗୁ କରିବା ଦାବିରେ ଜିଲ୍ଲା ସ୍ତରରେ ମିଳିତ ଆନ୍ଦୋଳନକୁ ବ୍ୟାପକ କରିବା, ଜଙ୍ଗଲ ଜମି ତଥା ଆଦିବାସୀଙ୍କ ଜମିକୁ କର୍ପୋରେଟଙ୍କୁ ହସ୍ତାନ୍ତର କରିବା ବନ୍ଦ କରିବା, ୮ ଘଣ୍ଟା କାର୍ଯ୍ୟଦିବସକୁ ପୁନଃ ବାହାଲ କରିବା, ମହିଳାମାନଙ୍କୁ ରାତ୍ରରେ କାମ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା ଆଦି ଦାବିରେ ଶ୍ରମିକ ସଂଗଠନର ମିଳିତ ବୈଠକରେ ଶ୍ରମିକ ନେତା ମଦନ ମୋହନ ଧଳ, ସୁର ଜେନା, ବିଏନ୍ ମହାପାତ୍ର, ବିଷ୍ଣୁ ମହାନ୍ତି, ଜୟସେନ ମେହେର, ବଂଶିଧର ପରିଡ଼ା ଓ ଜ୍ୟୋତିରଞ୍ଜନ ମହାପାତ୍ର ନେତୃତ୍ୱ ନେଇଥିଲେ।

ଆନ୍ଦୋଳନର ୪ର୍ଥ ଦିନରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପିଏଫର ଶ୍ରମିକନେତାମାନେ ଶ୍ରମକୋଡକୁ କେନ୍ଦ୍ର ସରକାର ତୁରନ୍ତ ରଦ୍ଦ କରି ଶ୍ରମିକ ସଂଗଠନ ମାନଙ୍କ ସହିତ ଏକ ସ୍ୱତନ୍ତ୍ର ଆଲୋଚନା କରିବା ପାଇଁ ଦାବି କରିଥିଲେ। ଶେଷରେ ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ସଂଯୋଜକ ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଘନ ସବର, ହରିଶ ମହାନ୍ତି, ବି.ଏନ୍. ମହାପାତ୍ର, ସୁରେଶ ସ୍ୱାଇଁ, ଜୟସେନ ମେହେର, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଦାୟିତ୍ୱ ନେଲେ ପ୍ରକାଶ ଜେନା




ଭୁବନେଶ୍ୱର, ୫।୧୨(ସମିସ): ନବ ନିଯୁକ୍ତ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା ବିଧିବଦ୍ଧ ଭାବେ କଂଗ୍ରେସ ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭବନ ସଭାଗୃହରେ ଆୟୋଜିତ ନବ ନିର୍ବାଚିତ ଭୁବନେଶ୍ୱର ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ତଥା ଜିଲ୍ଲା କଂଗ୍ରେସର ନୂତନ ଗୃହ ଉଦଘାଟନ ଉତ୍ସବରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଏବଂ ଭୁବନେଶ୍ୱର ଜିଲ୍ଲାର ବହୁ ଯୁବ କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ।

ଏହି ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଦାସ କହିଲେ, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ଜେନାଙ୍କ ନେତୃତ୍ୱରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ କାମ କରନ୍ତୁ। ଏହି ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଲୋକସଭା ସଦସ୍ୟ ଅନନ୍ତ ଚରଣ ସେଠୀ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ନବ ନିଯୁକ୍ତ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ସୁରେଶ କୁମାର ରାଉତରାୟ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଇନ୍ଦିରା ଗାନ୍ଧୀ ପାର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନ ଆସି ସେଠାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।

## ସଙ୍ଗୀତ ସନ୍ଧ୍ୟା 'ମେରା ଦେଶ ମହାନ'



ଭୁବନେଶ୍ୱର, ୫।୧୨(ସମିସ): ସୁଷମା ସଙ୍ଗୀତ ସଦନ ପକ୍ଷରୁ ଏକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଦେଶାତ୍ମବୋଧ ଗୀତ 'ମେରା ଦେଶ ମହାନ' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଦେବାଶିଷ ମହାପାତ୍ର, ବନ୍ଦୀସି ପାଲିତ, ମିତାଲି ଚିନାରା, ମହାପ୍ରସାଦ କର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଯେଉଁଥିରେ ମେରା ଦିଲ ହେ ଭାରତ, ଦେଶ ମେରା, ଶୁନ ଗୌର ସେ, ବନ୍ଦେ ମହାତରମ, ଏଇ ଦେଶ ଏଇ ମାଟି, ଆମେ ହିନ୍ଦୁ ଆମେ ମୁସଲମାନ ଆଦି ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ପଦ୍ମଶ୍ରୀ ଶିଳ୍ପୀ ଗୁରୁ ସୁଦର୍ଶନ ସାହୁ, ଜଗନ୍ନାଥ ପ୍ରଧାନ, ସୁରେନ୍ଦ୍ର ଦାସ, ଭରତ ଭୂଷଣ ସେଠି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ରୋଟାରିୟାନ ସଭାପତି ସଙ୍ଘମିତ୍ରା ରଥ, ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଲକ୍ଷ୍ମୀକାନ୍ତ ପାଲିତ।

## ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ଭୁବନେଶ୍ୱର, ୫।୧୨(ସମିସ): ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ) କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍‌ସେନା ମଧ୍ୟ ଯୋଗ ଦେଇଥିଲେ। ବିଶ୍ୱ ମୃତ୍ତିକା ଦିବସ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହେବା ସହିତ 'ମାନୁଆଲ୍ ଅନ୍ ଆଗ୍ରିକଲଚରାଲ୍ ପ୍ରଡକ୍ସନ୍ ଟେକ୍ନୋଲୋଜି – ରବି ୨୦୨୫-୨୬' ପୁସ୍ତିକାର ଉନ୍‌ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀ ମହାବିଦ୍ୟାଳୟରେ ମା' ରମାଦେବୀଙ୍କ ଜୟନ୍ତୀ



ଭୁବନେଶ୍ୱର, ୫।୧୨(ସମିସ): ରାଜଧାନୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ରମାଦେବୀଙ୍କ ଜୟନ୍ତୀ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ. ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ମନ୍ମଥନାଥ ଘଡ଼େଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ସ୍ନେହାଙ୍ଗିନୀ ସ୍ୱାଇଁ, ସୁନୀତା ଦାସଙ୍କ ଦ୍ୱାରା ମଞ୍ଚ ପରିଚାଳନା କରିଥିଲେ। ରାଜଶ୍ରୀ ବେହେରାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷା ପଦଯାତ୍ରାରେ ଆକର୍ଷଣ ସାଜିବ ଶବର ଶବରୁଣୀ ନାଟ

ଭୁବନେଶ୍ୱର, ୫।୧୨(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏକାମ୍ର ୱାଲକ୍‌ର ଓଡ଼ିଆ ଭାଷା ପଦଯାତ୍ରା ପ୍ରତ୍ୟେକ ରବିବାର ଦିନ ୧୧:୩୦ ରୁ ଆରମ୍ଭ କରି ୨:୩୦ ଘଟିକା ପର୍ଯ୍ୟନ୍ତ ଚାଲିବ। ଏହି ସପ୍ତାହାନ୍ତର ମୁଖ୍ୟ ଆକର୍ଷଣ ରହିବ ବୌଦ୍ଧର ଏକ ଲୋକଦଳ ଦ୍ୱାରା ପାରମ୍ପରିକ ଶବର ଶବରୁଣୀ ନାଟ ପରିବେଷିତ ହେବ। ଏଥିସହିତ ଏହି ପଦ ଯାତ୍ରାରେ ପ୍ରଖ୍ୟାତ କାହାଣୀକାର ପଣ୍ଡିତ ଗୋଦାବରୀ ମହାପାତ୍ର ଏକ ଗଳ୍ପଭିନୟ ମଧ୍ୟ ରହିବ।। ଏହି କାର୍ଯ୍ୟକ୍ରମରେ ଡ଼. ଦେବାଶିଷ ମହାପାତ୍ରଙ୍କ ଦ୍ୱାରା 'ଓଡିଆ ଲିପି ଓ ଭାଷାର କ୍ରମବିକାଶ' ବିଷୟରେ ଏକ ବିଶେଷ ବ୍ୟାଖ୍ୟାନ ମଧ୍ୟ ଅନୁଷ୍ଠିତ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା, ସାର୍ବଜନୀନ ପରମ୍ପରା ପ୍ରବନ୍ଧନରେ ଅଞ୍ଚଳୀୟ ଓ ଆଦିବାସୀ କଳାରୂପକୁ ସମ୍ମିଳିତ କରିବା ଦ୍ୱାରା ଓଡ଼ିଶାର ସଜୀବ ପରମ୍ପରାର ସୁରକ୍ଷା ରହିବା ସହିତ ସାଂସ୍କୃତିକ ସଚେତନତାର ବିସ୍ତାରକୁ ଉଦ୍ଧୃତ କରାଯାଇପାରିବ।

## ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ 'କଥା ପ୍ରଜାପତି' ଲୋକାର୍ପିତ



ଭୁବନେଶ୍ୱର, ୫।୧୨(ସମିସ): ଅଭିମାନ ପ୍ରକାଶନ ଦ୍ୱାରା ପ୍ରକାଶିତ ଗାଳ୍ପିକା ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ 'କଥା ପ୍ରଜାପତି' ନରାଜ ଠାରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କବି ଓ ଉପନ୍ୟାସିକ ପବିତ୍ର ମୋହନ ଦାଶ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗାଳ୍ପିକ ପୀତବାସ ରାଉତରାୟ ଯୋଗ ଦେଇଥିଲେ। ଲେଖିକା ଜଣେ ଚିତ୍ରଶିଳ୍ପୀ ହୋଇଥିବାରୁ ତାଙ୍କ ଗଳ୍ପ ପୁସ୍ତକରେ ଚିତ୍ର ଓ କଥା ସ୍ଥାନ ପାଇ ପୁସ୍ତକକୁ ଆହୁରି ଆକର୍ଷଣୀୟ କରି ଗଢ଼ି ତୋଳିଛି। ସମ୍ମାନୀତା ଅତିଥି କବି ଓ ଗାଳ୍ପିକା ଡ. ସୁଷମା ମିଶ୍ର ଗଳ୍ପର ଶୈଳୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠକଙ୍କୁ ବାନ୍ଧି ରଖିବାକୁ ସମର୍ଥ ଅଛି ବୋଲି ଦର୍ଶାଇଥିଲେ। ପ୍ରକାଶିକା ତଥା ସାହିତ୍ୟିକା ମାନମୟୀ ଦାଶ ରଥ ଗାଳ୍ପିକାଙ୍କ ଗଳ୍ପ କଳାରେ କୋମଳତା ଓ କମନୀୟତା ତାଙ୍କ ଗଳ୍ପ କଳାର ବିଶେଷତ୍ୱ ବୋଲି ଦର୍ଶାଇଥିଲେ। ସମ୍ମାନୀତା ବକ୍ତା ଗାଳ୍ପିକା ମଞ୍ଜୁବାଳା ପଣ୍ଡା ଓ ସସ୍ମିତା ମହାନ୍ତି ଗାଳ୍ପିକାଙ୍କ ଗଳ୍ପରେ ସ୍ୱଷ୍ଟ ଓ ଭାବଗର୍ଭକ ଉପାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଗାଳ୍ପିକାଙ୍କ ଜୀବନ ଓ ସାହିତ୍ୟ ସୃଷ୍ଟି ସମ୍ପର୍କରେ କାନନବାଳା ସାହୁ, ପଦ୍ମଜା ସାହୁ, ଦେବଦୀପ୍ତା ମିଶ୍ର, ମୀନାକ୍ଷୀ ରାଉତରାୟ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ଅନୁଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଲିଛି ନାଟକ ଋତୁ | ନଭେମ୍ବରରେ ୨୦ ମଞ୍ଚ ନାଟକ

ଭୁବନେଶ୍ୱର, ୫।୧୨(ସମିସ): ଓଡ଼ିଆ ନାଟକ ଏବଂ ଥିଏଟର ଶୋ ପ୍ରତି ପୂର୍ବରୁ ଲୋକଙ୍କ ଦେଖିବାରେ ଏବଂ ପରିବେଷଣ କରିବାରେ ରୁଚି ରହି ଆସିଛି। ସେହି ପରିପେକ୍ଷୀରେ ଆରମ୍ଭ ହୋଇଯାଇଛି ନାଟକ ଋତୁ। ମିଳିଥିବା ସୂଚନା ଅନୁଯାୟୀ ନଭେମ୍ବର ମାସରେ ରାଜଧାନୀର ବିଭିନ୍ନ ମଞ୍ଚରେ ୨୦ରୁ ଅଧିକ ନାଟକ ମଞ୍ଚସ୍ଥ

### ମଞ୍ଚ ବୁକିଂରେ ବ୍ୟସ୍ତ ଅନୁଷ୍ଠାନ

ହୋଇଥିବା ବେଳେ ଡିସେମ୍ବର ଏବଂ ଜାନୁୟାରୀରେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ମଞ୍ଚ ବୁକିଂ ପାଇଁ ବିଭିନ୍ନ ଅନୁଷ୍ଠାନ ଆଗେଇ ଆସିଲେଣି।

କଥାଟି ହେଲା ପର୍ଯ୍ୟଟନ ସମୟରେ ଥିଏଟର ଶୋ ଏବଂ ନାଟକ ପରିବେଷଣ ପାଇଁ ଅଧିକ ବୁକିଂ ରହିଥାଏ। ବିଶେଷକରି ନଭେମ୍ବରର ପ୍ରଥମ ସପ୍ତାହରୁ ଆରମ୍ଭକରି ଫେବୃଆରୀ ଶେଷ ଯାଏଁ ସବୁଠୁ ଅଧିକ ନାଟକ ପରିବେଷଣ ହୋଇଥାଏ। ତେଣୁ ଏହି ସମୟକୁ ନାଟକ ଋତୁ ବୋଲି କୁହାଯାଏ। କାରଣ ବୁକିଂ ସାଙ୍ଗକୁ କଳାକାରମାନଙ୍କୁ ମଧ୍ୟ ଅଧିକ ଖୋଜା ପଡ଼ିଥାଏ। ସଙ୍ଗୀତ ନାଟକ ଏକାଡେମୀ ଏବଂ ବିଭିନ୍ନ ଅନୁଷ୍ଠାନ ତଥା



ନାଟ୍ୟଧାରା, ମନନ, ଶତାବ୍ଦୀର କଳାକାର, ଉତ୍ତର ପୁରୁଷ, ରଙ୍ଗମ, ବିଜୁ ନାଟ୍ୟ ସଂସ୍ଥା, ପଞ୍ଚଧ୍ୱନି ଏବଂ ସମ୍ରାଟ ସିଏ କଳାର ପୂଜାରୀ ଆଦି ଅନୁଷ୍ଠାନ ପକ୍ଷରୁ ଏହି ସମୟରେ ଅଧିକ ନାଟକ ପରିବେଷଣ ହୋଇଥାଏ। ସେଥିପାଇଁ ରବୀନ୍ଦ୍ର ମଣ୍ଡପ ଏବଂ ଭଞ୍ଜକଳା ମଣ୍ଡପରେ ଆଗୁଆ ବୁକିଂ ଆରମ୍ଭ ହୋଇଗଲାଣି। ଯେଉଁ ନାଟ୍ୟ ପ୍ରେମୀମାନେ ରାଜଧାନୀରେ ରହୁଛନ୍ତି, ତାଙ୍କ ମନୋରଞ୍ଜନ ପାଇଁ ଏହା ପ୍ରମୁଖ ସ୍ଥାନ ପାଲଟିଥାଏ। ଏହି ସମୟରେ ଦର୍ଶକଙ୍କ ସଂଖ୍ୟା ମଧ୍ୟ ବଢ଼ିବାର ପରିଲକ୍ଷିତ ହେଉଛି। କେବଳ ନାଟ୍ୟ ଅନୁଷ୍ଠାନ ନୁହଁ ବରଂ ସଙ୍ଗୀତ ମହାବିଦ୍ୟାଳୟର ବିଭାଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଧ୍ୟ ସମୟ ସମୟରେ ନାଟକ ପରିବେଷଣ ହେଉଛି। ଏକ ଅନୁଶୀଳନୀ ଦେଖିଲେ ଜଣା ଯାଏ ଗତ ନଭେମ୍ବର ମାସ ମଧ୍ୟରେ ପାଖାପାଖି ୨୦ରୁ ଅଧିକ ନାଟକ ରବୀନ୍ଦ୍ର ମଣ୍ଡପ ଏବଂ ଭଞ୍ଜକଳା ମଣ୍ଡପରେ ପରିବେଷଣ ହୋଇଛି। ଏଥିପାଇଁ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅନୁଷ୍ଠାନଗୁଡିକର ସହଯୋଗ କରୁଛି। ଶେଷ ଶ୍ରାବଣ, ମାନବୀ, ବ୍ରେନ ଗେନ ଡଟ କମ, ବାସନ୍ତୀ, ଅପୂର୍ବ ଅପୁ, ନୋସ୍କ୍ୱାୟରି, ସୁନା କନିଆଁ ଆଦି ନାଟକ ମଞ୍ଚସ୍ଥ ହୋଇଛି। ବିଶେଷକରି ଉପନ୍ୟାସରୁ ଅନୁବାଦ ହେଉଥିବା ନାଟକ ବେଶୀ ପସନ୍ଦ ହେଉଛି ବୋଲି ଦର୍ଶକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ବର୍ଷରେ ଅନେକ ସମୟରେ ନାଟକ ପରିବେଷଣ ହେଉଥିଲେ ହେଁ ପର୍ଯ୍ୟଟନ ଋତୁରେ ନାଟକ ଦେଖିବାକୁ ଅଧିକ ଦର୍ଶକ ଆସିଥାନ୍ତି। ତାକୁ ନଜରରେ ରଖି ଅନୁଷ୍ଠାନଗୁଡିକ ମଧ୍ୟ ପୂର୍ବ ପ୍ରସ୍ତୁତିରେ ମଣ୍ଡପ ବୁକିଂ କରିସାରିଛନ୍ତି। ସେଥିପାଇଁ ଡ୍ରାମା ବିଭାଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୁଚି ବଢୁଥିବାବେଳେ ବର୍ଷକୁ ପାଖପାଖି ୨୫୦ ପାଖାପାଖି ପିଲା ନାମ ସେହି ବିଭାଗରେ ନାମ ଲେଖାଉଛନ୍ତି। ଖାଲି ସେତିକି ନୁହଁ ବରଂ ପାଠ୍ୟକ୍ରମ ସାରି ବିଭିନ୍ନ ଅନୁଷ୍ଠାନ ସହ ସାମିଲ ହୋଇ ରାଜଧାନୀ ତଥା ବିଭିନ୍ନ ଜିଲ୍ଲାରେ ମଧ୍ୟ ପରିବେଷଣ କରିବାକୁ ଯାଉଛନ୍ତି।

# ୧୭ରୁ କାର୍ଯ୍ୟକ୍ଷମ ହେବ ନୂତନ ବସ୍‌ଷ୍ଟାଣ୍ଡ

**ଦେବଗଡ଼, ୫।୧୨(ସମିସ):** ବିକାଶଭବନ ସମ୍ମିଳନୀ କକ୍ଷଠାରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ ଏବଂ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆ ବାଲିରୋଇସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବାନେଇ ତାରିଖ ନିର୍ଦ୍ଧାରଣ ସହ ଆବଶ୍ୟକ ଭିତ୍ତିଭୂମିର ତଦାରଖ ପାଇଁ ଜିଲ୍ଲା ଘରୋଇ ବସ୍ ମାଲିକ ସଙ୍ଘ ଓ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆସନ୍ତା ୧୭ ତାରିଖ ଦିନ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବାପୂର୍ବରୁ ଯାତ୍ରୀଙ୍କ ସୁବିଧା ପାଇଁ ବିଶ୍ରାମ ଗୃହ, ପାନୀୟ ଜଳ ଓ କ୍ୟାଣ୍ଟିନ ଖୋଲିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ପୁଲିସ ଟ୍ରାଫିକ ପୋଷ୍ଟ, ରାସ୍ତା କଡ଼ରେ ଆଲୋକୀକରଣ ସହ ଅଟୋଷ୍ଟାଣ୍ଡ ପାଇଁ ମଧ୍ୟ ସ୍ଥାନ ନିରୂପଣ କରିବାକୁ ପୁଲିସ, ପୌର ପରିଷଦ ଓ ଘରୋଇ ବସ୍ ମାଲିକ ସଙ୍ଘକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସହର ମଧ୍ୟରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡ ପୂର୍ବବତ ରହିବା ସହ ନୂତନ ବସ୍‌ଷ୍ଟାଣ୍ଡରେ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ବସ୍ ଯିବା ଆସିବା କରିବାକୁ ଘରୋଇ ବସ୍ ମାଲିକ ସଙ୍ଘକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ' ବୈଠକ

# ୬ଟି ନିବେଶ ପ୍ରସ୍ତାବ ଉପରେ ଆଲୋଚନା

**ଝାରସୁଗୁଡ଼ା, ୫।୧୨(ସମିସ)**



ଜିଲ୍ଲାର ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନକ୍ଷେତ୍ରରୁ ଆସିଥିବା ୬ଟି ନିବେଶ ପ୍ରସ୍ତାବ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯିବା ସହିତ ସେଗୁଡ଼ିକୁ ମଞ୍ଜୁରୀ ଦେବାନେଇ ସମୀକ୍ଷା ମଧ୍ୟ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ପ୍ରସ୍ତାବଗୁଡ଼ିକୁ ଶୀଘ୍ର କ୍ଲିୟରାନ୍ସ ଦେବାପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାର ଅର୍ଥନୈତିକ ବିକାଶ ଓ ପୁଞ୍ଜି ବିନିଯୋଗକୁ ସୁଦୃଢ଼ କରିବା ପାଇଁ ୬ଟି ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତାବଗୁଡ଼ିକ ମୁଖ୍ୟତଃ ରସାୟନିକ ଏବଂ ପେଟ୍ରୋକେମିକାଲ୍, ରିଫ୍ରାକ୍ଟୋରୀ ଇଟା, ପ୍ରି-ଷ୍ଟ୍ରେସ୍ଡ୍ କଂକ୍ରିଟ୍ ସ୍ଲିପର୍ ଏବଂ ପଞ୍ଜୀକୃତ ଯାନବାହନ ସ୍କ୍ରାପିଂ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ରହିଥିଲା। ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ, ସମ୍ବଲପୁରର ଇଡ୍‌କୋ ପ୍ରତିନିଧି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଉପସ୍ଥିତ ଥିଲେ।

# ଲଖନପୁର ଖଣିକ୍ଷେତ୍ର ଶ୍ରମିକଙ୍କ ବୈଠକ



**ଇବଥର୍ମାଲ, ୫।୧୨(ସମିସ):** ଲଖନପୁର କୋଇଲା କ୍ଷେତ୍ର ବିଭିନ୍ନ ଖଣି ତଥା କାର୍ଯ୍ୟାଳୟରେ କାମକରୁଥିବା ଶ୍ରମିକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ଧବାହାଲସ୍ଥିତ ଗଳ୍ପ ଫିଲ୍ଡ ଠାରେ ଅନୁଷ୍ଠିତ ଏହି ବୈଠକରେ ଲଖନପୁର କୋଇଲା କ୍ଷେତ୍ରରେ ଥିବା ଶ୍ରମିକ ସଂଗଠନ ଦ୍ୱାରା ଯେଉଁ ଶ୍ରମିକମାନେ କ୍ରମଶଃ ଅବହେଳିତ ସେମାନେ ସମସ୍ତେ ଏଥିରେ ଯୋଗ ଦେଇଥିଲେ। ସୁରେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଶ୍ରମିକମାନେ ପ୍ରକାଶ କରି ଶ୍ରମିକ ସଂଗଠନର ନେତୃମଣ୍ଡଳୀ ତଥା ନିର୍ଦ୍ଦିଷ୍ଟ କିଛି ଶ୍ରମିକ ସଂଗଠନ କେବଳ ନିଜ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ହେତୁ ଏକ ନୂତନ ଶ୍ରମିକ ସଂଗଠନ ଗଠନ କରିବାକୁ ପ୍ରସ୍ତାବ ଦିଆ ଯାଇଥିଲା। ପରେ ଶ୍ରମିକ ଓ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳର ସାମାଜିକ, ଆଞ୍ଚଳିକ, ତଥା ଶ୍ରମିକମାନଙ୍କୁ ନ୍ୟାୟର ଲଢେଇ ଲଢ଼ିବାକୁ ଆଞ୍ଚଳିକ ଶ୍ରମିକ ସଂଗଠନ ନାମରେ ଏକ ନୂଆଁ ସଂଗଠନ ଗଠନ କରା ଯାଇଥିଲା। ଆଗାମୀ ଦିନରେ ସଂଗଠନକୁ ପଞ୍ଜୀକୃତ କରାଯାଇ ସମ୍ପୂର୍ଣ୍ଣ ରୂପରେଖ ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରା ଯାଇଥିଲା। ଏଥିରେ ଥିବା ସଦସ୍ୟ ବିଭିନ୍ନ ଦୁର୍ନୀତିର ପ୍ରତିବାଦ କରିବାସହ ଆଗାମୀ ଦିନରେ ସମସ୍ତଙ୍କୁ ସାଥିରେ ନେଇ ବିକାଶ ମୂଳକକାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଥିଲେ। ବୈଠକରେ ଦୀପକ ପ୍ରଧାନ, ରାଜେଶ ସାହୁ, ସୁଜିତ ଖମାରୀ, କିଶୋର ଖର୍ସେଲ, ମଳୟ ପ୍ରଧାନ, ଜୟଦେବ ବାରିକ, ଭୂଜ ପ୍ରଧାନ, ଡିଲେଶ୍ୱର ପ୍ରଧାନଙ୍କ ସମେତ ଅନେକ ଶ୍ରମିକ ବୈଠକରେ ସାମିଲ ହୋଇଥିଲେ। ପିଣ୍ଟୁ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ 'ଅଫସାଇଟ୍ ମକ୍ ଡ୍ରିଲ୍'

**ଝାରସୁଗୁଡ଼ା, ୫।୧୨ (ସମିସ):** ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଶୁକ୍ରବାର ଝାରସୁଗୁଡ଼ା ସହର ମୁଖ୍ୟ ରାସ୍ତାରେ ବିମାନବନ୍ଦର ଆଡ଼କୁ ଏକ ଅଫସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଓଇଆରପି ସହିତ ସମନ୍ୱୟ ରକ୍ଷା କରି ସଠିକ୍ ଯୋଗାଯୋଗ ବ୍ୟବସ୍ଥା, ସମ୍ବଳ ସଂଗ୍ରହ ଏବଂ ଆନ୍ତଃଏଜେନ୍ସି ସହଯୋଗରେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ପ୍ରଭାବଶାଳୀତାକୁ ପରୀକ୍ଷା କରିବା ପାଇଁ ଏହି ଅଭ୍ୟାସ କରାଯାଇଥିଲା। ମକ୍‌ଡ୍ରିଲ୍ ଅଭ୍ୟାସ ସମୟରେ ଏକ ବାସ୍ତବିକ ଜରୁରୀକାଳୀନ ପରିସ୍ଥିତି ମଧ୍ୟ ସୃଷ୍ଟି କରାଯାଇଥିଲା ଏବଂ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହେବା ଖବର ପାଇବା ପରେ, ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କେନ୍ଦ୍ର କିଭଳି ତୁରନ୍ତ ପ୍ରତିକ୍ରିୟାଶୀଳ ହେଉଛି ତାହା ନିରୀକ୍ଷଣ କରାଯାଇଥିଲା। ଜିଲ୍ଲା ଅଗ୍ନିଶମ ସେବା, ଜିଲ୍ଲା ହସ୍ପିଟାଲ୍ ଆମ୍ବୁଲାନ୍ସ ସେବା, ପୁଲିସ ବିଭାଗ, ଜରୁରୀକାଳୀନ ଅଧିକାରୀ, ଅନ୍ତର୍ଜାତୀୟ ତଥା ରାଜ୍ୟସ୍ତରୀୟ ଜରୁରୀକାଳୀନ ଦଳ ଏବଂ ନିକଟବର୍ତ୍ତୀ ବେଦାନ୍ତ, ଓପିଜିସି,



ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ଦଳ ନିଜନିଜ ଭୂମିକାକୁ ଦକ୍ଷତାର ସହିତ ପ୍ରଦର୍ଶନ କରିଥିଲେ। ଏହି ମକ୍‌ଡ୍ରିଲରେ ଉପ- ଜିଲ୍ଲାପାଳ, ପୁଲିସ୍ ଅଧିକ୍ଷକ, ଜିଲ୍ଲା ଟିଆରଏଲ କ୍ରୋସାକି, ଆଇଓସିଏଲ, ଭଳି ଶିଳ୍ପାନୁଷ୍ଠାନର କର୍ମଚାରୀ ଏବଂ ପ୍ରତିନିଧିମାନେ ନିକଟରୁ ନିରୀକ୍ଷଣ କରିବା ସହିତ ସଚେତନ ହୋଇଥିଲେ।

# ଗାଡ଼ି ଧକ୍କାରେ ଦମ୍ପତି ଗୁରୁତର

**ବଣାଇଁ, ୫।୧୨(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ଲଲେଇ ଛକ ନିକଟରେ ଶୁକ୍ରବାରରେ ଏକ ଅଜଣା ଗାଡ଼ି ଧକ୍କାରେ ଦମ୍ପତି ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ମୁଣ୍ଡାଗାଁ ପଟୁ ଜିତେନ୍ଦ୍ର ମହାନ୍ତ (୩୫) ଏବଂ ତାଙ୍କ ସ୍ତ୍ରୀ ଚାଲିଚାଲି ଆସୁଥିବାବେଳେ ଲହୁଣୀପଡ଼ା ବାରକୋଟ ରାସ୍ତାର ଲଲେଇ ଛକ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସାପରେ ଜିତେନ୍ଦ୍ର ସହ ତାଙ୍କ ସ୍ତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ଲହୁଣୀପଡ଼ା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବ୍ଲକ୍‌ସ୍ତରୀୟ ସାଇବର ସଚେତନତା କାର୍ଯ୍ୟକ୍ରମ

**ରିଆମାଲ, ୫।୧୨(ସମିସ):** ରିଆମାଲ ବ୍ଲକସ୍ତରୀୟ ସାଇବର ସଚେତନତା କାର୍ଯ୍ୟକ୍ରମ ଆଇସିଡିଏସ୍ ଅଫିସର ସିଡିପିଓ କନଫରେନ୍ସ ଗୃହରେ ଅନୁଷ୍ଠିତ ହୋଇଛି। ସିଡିପିଓ ସୁପ୍ରଭା ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବିଡିଓ ଆଦିତ୍ୟ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପ୍ରମୋଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଇନ୍‌ସପେକ୍ଟର ଧିବେଇ ଗଡ଼ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବନିତା ବେହେରା ଯୋଗଦାନ କରିଥିଲେ। ଏହି ଅବସରରେ ଷ୍ଟେଟ୍ ସ୍ୱିମିଂ ଓ ସଫ୍ଟବଲ୍ ପାଇଁ ଖେଳରତ୍ନ ପାଇଁ ଝାନ୍ସିରାଣୀ ଶବର, ଷ୍ଟୋରୀ ଟେଲିଂ ପାଇଁ ଲିଜା ବଣିଚୁଳ, ଡ୍ୟାନ୍ସ ପାଇଁ ରୋଜାଲିନ ବଣିଚୁଳଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସୁଲଭ ଗୃହ ପ୍ରକଳ୍ପ ପାଇଁ ସ୍ଥାନ ଚିହ୍ନଟ

**ଝାରସୁଗୁଡ଼ା, ୫।୧୨(ସମିସ):** ସହରାଞ୍ଚଳର ନିମ୍ନ ଆୟ ବର୍ଗ ଏବଂ ମଧ୍ୟମ ଆୟ ବର୍ଗ ଗୋଷ୍ଠୀର ଆବେଦନକାରୀଙ୍କୁ ସୁଲଭ ଦରରେ ବାସଗୃହ ଯୋଗାଇ ଦେବା ଲକ୍ଷ୍ୟରେ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାନ ଝାରସୁଗୁଡ଼ା ନିକଟସ୍ଥ ନୂଆପଡ଼ାର ବୃନ୍ଦାବନ କଲୋନୀ ଅଞ୍ଚଳକୁ ଗସ୍ତ କରିଛନ୍ତି। ସୁଲଭ ଗୃହ ପ୍ରକଳ୍ପ ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଏହିଗସ୍ତ ସମୟରେ ଝାରସୁଗୁଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପଟି ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ଅଳ୍ପ ଆୟକାରୀ ପରିବାରମାନେ ସହର ମଧ୍ୟରେ ସୁବିଧାରେ ଗୃହ ପାଇପାରିବେ।

# ନିଖୋଜ ନାବାଳକର ଶବ ଉଦ୍ଧାର

**ବଣାଇଁ, ୫।୧୨(ସମିସ):** ଲହୁଣୀପଡ଼ା ଥାନା ଅଧୀନ ସାଧୁବାହାଲ ଗ୍ରାମରୁ ବୁଧବାରରୁ ନିଖୋଜ ଥିବା ୪ବର୍ଷର ନାବାଳକ ଶିଶୁଙ୍କ ଶବ ଘରପାଖ ପୋଖରୀରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସାଧୁବାହାଲ ଗ୍ରାମର ସତ୍ୟଜିତ ମୁଣ୍ଡା ଙ୍କ ୪ ବର୍ଷ ର ପୁଅ ଦାମ ମୁଣ୍ଡାଙ୍କ ନିଖୋଜ ନେଇ ବୁଧବାର ରାତିରେ ଲହୁଣୀପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ମୁତାବକ ସତ୍ୟଜିତଙ୍କ ପରିବାର ଧାନ କାଟିବାକୁ ବିଲକୁ ଯାଇଥିବା ବେଳେ ଶିଶୁ ଦାମ ମୁଣ୍ଡା (୪) ଘରପାଖ ରାସ୍ତାରେ ଖେଳୁଥିଲେ। ମାତ୍ର ଦିନ ଗୋଟେ ବେଳେ ଆସି ପୁଅକୁ ଦେଖିବାକୁ ନପାଇ ଚାରି ଆଡେ ଖୋଜା ଖୋଜି କରିଥିଲେ। ତା ସହ ଘରପାଖରେ ଥିବା ବଡ଼ ପୋଖରୀରେ ଦେଖିଥିଲେ ମଧ୍ୟ କୌଣସି ଖୋଜଖବର ନମିଳିବାରୁ ରାତିରେ ଆସି ପୁଅ ନିଖୋଜ ଥିବା ନେଇ ଲହୁଣୀପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଗୁରୁବାର ପୁଲିସ ସହ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ପୋଖରୀରେ ଖୋଜାଖୋଜି କରା ଯାଇଥିଲେ ମଧ୍ୟ କିଛି ମିଳି ନ ଥିଲା। ଆଜି ଅପରାହ୍ନରେ ଶିଶୁର ଶବ ପୋଖରୀ ପାଣିରେ ଭାସୁଥିବା ଦେଖି ଗ୍ରାମଲୋକ ପୁଲିସକୁ ଖବର ଦେଇଥିଲେ। ଖବରପାଇ ଲହୁଣୀପଡ଼ା ପୁଲିସ ପୋଖରୀ ନିକଟରେ ପହଞ୍ଚି ଶବ ଜବତ କରିଥିଲା। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି। ପୁଲିସ ଏକ ମାମଲା ରୁଜୁକରି କେଉଁ ପରିସ୍ଥିତିରେ ପଡ଼ି ଶିଶୁଟି ପୋଖରୀ ମଧ୍ୟକୁ ଗଲା ତାହାର ତଦନ୍ତ ଚଳାଇଛି।

# ସ୍ମାର୍ଟ ମୋବିଲିଟି ଉପରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

**ରାଉରକେଲା, ୫।୧୨ (ସମିସ):** ଏନ୍‌ଆଇଟି ରାଉରକେଲାର ଯୋଜନା ଏବଂ ସ୍ଥାପତ୍ୟ ବିଭାଗ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ସ୍ମାର୍ଟ ମୋବିଲିଟି ଉପରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ଏହି ଆଲୋଚନାଚକ୍ରକୁ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମେହେଶ୍ୱର ରାଓ ଉଦ୍‌ଘାଟନ କରି ପାରାଲିମ୍ପିକ ଗେମ୍ସରେ ଭାରତର ପ୍ରେରଣାଦାୟକ ସଫଳତାକୁ ଦେଶର ଅପାର ସମ୍ଭାବନାର ସ୍ମରଣ କରାଇଥିଲେ। ମୁଖ୍ୟବକ୍ତା ଭାବେ ଅଷ୍ଟ୍ରେଲିଆର କର୍ଟିନ୍ ବିଶ୍ୱବିଦ୍ୟାଳୟର ଆବାହକ ପ୍ରଫେସର ରୀନା ତିୱାରୀ ଗତିଶୀଳତା ଯୋଜନାର ମାନବ-କୈନ୍ଦ୍ରିକ ଦିଗ ଉପରେ ଗୁରୁତ୍ୱାରୋପ କରି କହିଲେ ଯେ ସୁଗମ ଗତିଶୀଳତା ସ୍ପଷ୍ଟ ଡିଜାଇନ୍ ନିର୍ଦ୍ଦେଶାବଳୀ, ଡିଜିଟାଲ୍ ପ୍ରୟୋଗ ଏବଂ ସକ୍ରିୟ ସମ୍ପ୍ରଦାୟ ସହଭାଗୀତା ଉପରେ ନିର୍ଭର କରେ, ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ଲୋକମାନଙ୍କ ପାଇଁ ଗତିଶୀଳତା ସମାଧାନ ଡିଜାଇନ୍ କରାଯାଇଛି ସେମାନଙ୍କୁ ବୁଝିବା ପାଇଁ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ଏନ୍‌ଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ କହିଲେ ଯେ ସଶକ୍ତୀକରଣ ଏବଂ ଗତିଶୀଳତା ସମ୍ବଳଗୁଡ଼ିକର ଉନ୍ନତ ପ୍ରବେଶ ପାଇଁ ସରକାରୀ ଯୋଜନା ଏବଂ ସହଯୋଗୀ ଢାଞ୍ଚାର ପ୍ରଭାବଶାଳୀ ବ୍ୟବହାର ଅତ୍ୟାବଶ୍ୟକ ଅଟେ। ଅଧ୍ୟକ୍ଷ ଏବଂ ବିଭାଗର ମୁଖ୍ୟ ପ୍ରଫେସର ନବନୀତା ସାହା କହିଲେ ଏନଆଇଆରଏଫ ଅଧୀନରେ ଭାରତର ଶ୍ରେଷ୍ଠ ଦଶଟି ପ୍ରତିଷ୍ଠାନ ମଧ୍ୟରେ ନିରନ୍ତର ସ୍ଥାନ ପାଇଛି। ସଂଯୋଜକ ପ୍ରଫେସର ସୌମି ମୁହୁରୀ ମଧ୍ୟ ମତ ରଖିଥିଲେ। ପ୍ରଫେସର ଦୀପାଞ୍ଜନ ସାହାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ଇସ୍ପାତ ସହରାଞ୍ଚଳରେ ସଡ଼କ ସୁରକ୍ଷା ଅଭିଯାନ

**ରାଉରକେଲା, ୫।୧୨(ସମିସ):** ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ରାଉରକେଲା ଇସ୍ପାତ କାରଖାନା (ଆର ଏସପି)ର ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଇସ୍ପାତ ସହରାଞ୍ଚଳରେ ଏକ ବିଶାଳ ସଡକ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ସେକ୍ଟର-୨୧ ସ୍ଥିତ ଟ୍ରାଫିକ୍ ଛକରେ ଅନୁଷ୍ଠିତ ହୋଇଥିବା ଉକ୍ତ ଅଭିଯାନରେ ବିଭାଗର ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ ଜୋଜୋ ଏବଂ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏଥିରେ ଅଂଶଗ୍ରହଣକାରୀମାନେ ଉତ୍ସାହର ସହିତ ସଡ଼କ ସୁରକ୍ଷାର ମହତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦର୍ଶନ କରୁଥିବା ପ୍ଲାକାର୍ଡ ଧରି ଏକ ସୁଦୀର୍ଘ ମାନବଶୃଙ୍ଖଳ ଗଠନ କରିଥିଲେ। ଟ୍ରାଫିକ୍ ନିୟମର ସଠିକ ଅନୁପାଳନ କରିବା, ସୁରକ୍ଷିତ ସଡ଼କ ନିୟମାବଳୀ ମାନିବାର ଅଭ୍ୟାସ କରିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଓଭରଟେକିଂରୁ ନିବୃତ୍ତ ରହିବା, ଟ୍ରାଫିକ୍ ସିଗନାଲ ପାଳନ କରିବା, ବିପଦପୂର୍ଣ୍ଣ ଗାଡ଼ି ଚାଳନା ଅଭ୍ୟାସରୁ ଦୂରେଇ ରହିବା ସହିତ ନିର୍ଦ୍ଧାରିତ ଗତି ସୀମା ବଜାୟ ରଖିବା ଭଳି ଅତ୍ୟାବଶ୍ୟକ ଦିଗଗୁଡ଼ିକ ଗୁରୁତ୍? ଦିଆଯାଇଥିଲା। ସହରାଞ୍ଚଳ ବାସିନ୍ଦା ଏବଂ ବାହନ ଚାଳକଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ସଡ଼କ ଅଭ୍ୟାସକୁ ସୁଦୃଢ଼ କରିବା, ଏକ ସୁରକ୍ଷିତ ଏବଂ ଅଧିକ ଶୃଙ୍ଖଳିତ ସଡ଼କ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ରହିଥିଲା।

# ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

**ଝାରସୁଗୁଡ଼ା, ୫।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଅଧୀନ ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସାହିତ୍ୟ ସଂସଦ ନିରଞ୍ଜନା ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୨୫ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କମଳଲୋଚନ ଦାଶଙ୍କ ସଭାପତିତ୍ୱରେ ସମ୍ପାଦକ ଅଧ୍ୟାପକ ପ୍ରମୋଦ କୁମାର ସିଂହଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଏବଂ ସଂଯୋଜନାରେ ମୁଖ୍ୟ ଅତିଥି ଅଧ୍ୟାପକ ରାଣେଶ୍ୱର ସାହୁ, ମୁଖ୍ୟ ବକ୍ତା ଅଧ୍ୟାପିକା ଶାନ୍ତି ହାଁସଦା, ଏଭଳି ମହାପୁରୁଷ ଚିରକାଳ ପୂଜା ପାଇବେ ବୋଲି ପ୍ରକାଶ ପାଇଥିଲା। କବି ସାହିତ୍ୟିକ ଅଧ୍ୟାପକ ପ୍ରମୋଦ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



### ବିଶ୍ୱ ମୃତ୍ତିକା ଦିବସ ପାଳିତ

# ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**ଝାରସୁଗୁଡ଼ା, ୫।୧୨(ସମିସ):** ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସର ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଅବସରରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ମୃତ୍ତିକାର ଯତ୍ନ, ପରିଚାଳନା ତଥା ଚାଷୀମାନଙ୍କ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ସଚେତନ କରାଇବା ସହିତ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା, ଯାହା ମୃତ୍ତିକା ପରୀକ୍ଷା ଭିତ୍ତିକ ସାର ଚୟନକୁ ପ୍ରୋତ୍ସାହନ ଦେବା ଦିଗରେ ସହାୟକ ହେବ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସମୀର ରଞ୍ଜନ ଦାଶ ଏବଂ ଅନ୍ୟାନ୍ୟ କୃଷି ଅଧିକାରୀମାନେ ମଧ୍ୟ ମୃତ୍ତିକା ସ୍ୱାସ୍ଥ୍ୟ ଓ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସହାୟକ କୃଷି ଅଧିକାରୀ ଗଗନ କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

# ବ୍ରଜରାଜନଗର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା, ୫।୧୨(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳର ସର୍ବବୃହତ ଉଚ୍ଚ ଶିକ୍ଷାନୁଷ୍ଠାନ ବ୍ରଜରାଜନଗର ମହାବିଦ୍ୟାଳୟ ର ୪୬ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ବ୍ରଜରାଜନଗର ମଣ୍ଡଳିଆସ୍ଥିତ ଏମସିଏଲ ଭିଏସ୍‌ଏସ୍ ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ କ୍ରୀଡ଼ା ବିଭାଗ ମୁଖ୍ୟ ଉପସଭାପତି ସୁମିତ ତିର୍କି ତଥା କ୍ରୀଡ଼ା ଆୟୋଜନ କମିଟି ଅନ୍ୟାନ୍ୟ ସଦସ୍ୟଙ୍କ ନେତୃତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି ଦୁଇ ଦିବସୀୟ କ୍ରୀଡ଼ା ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ଚଣ୍ଡୀମନ୍ଦିରରୁ



ଆଣିଥିବା ମଶାଲକୁ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିଥିଲେ। ଦୁଇ ଦିବସୀୟ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ଯୁକ୍ତଦୁଇ ତଥା ଯୁକ୍ତତିନି ଛାତ୍ରଛାତ୍ରୀମାନଙ୍କ ପାଇଁ ଦୌଡ଼, ଜେଭଲିନ, ଲମ୍ଫଡିଆଁ, ହାଇଜମ୍ପ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶୁକ୍ରବାର କ୍ରୀଡ଼ା ପ୍ରତିଯୋଗିତା ପ୍ରଥମ ଦିବସ ଆୟୋଜନସ୍ଥଳରେ ବରିଷ୍ଠ ପ୍ରାଧ୍ୟାପକ ସଞ୍ଜୀବ ନାୟକ, ଅଧ୍ୟାପିକା ଲଳିତା ପ୍ରଧାନ, ପଦ୍ମାବତୀ ମହାପାତ୍ର, ଡ. ରତ୍ନପର୍ଣ୍ଣା ମହାନ୍ତି, ପୁଷ୍ପାଞ୍ଜଳି ସାହୁ, ଦୀପିକା କେରକେଟା ବରିଷ୍ଠ ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ବିକାଶ ନାୟକ, ଅଜୟ ଦୀପ, ଗୁଲସନ ଲାକ୍ରା, ଡ. ହରି ଶଙ୍କର ପାଣ୍ଡେ, ଆୟୋଜନ କମିଟି ସଦସ୍ୟ ଡ. ହରିଶ ଭଟ୍ଟର ଚାନ୍ଦନି ବିଶ୍ୱାଳ, ଅମିତ ସାହୁ, ଲୁଗୁ ଚରଣ ମାରାଣ୍ଡି, ଶ୍ୟାମା ଯାଦବ, ନାନ୍ନୁ ଗୋପାଳ ପଣ୍ଡା, ଆଶିଷ ଅବସ୍ଥି, ମନୋଜ ପାଟଯୋଶୀଙ୍କ ସମେତ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଉପସ୍ଥିତ ଥିଲେ। ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଏବଂ ଏମସିଏଲରୁ ଆମନ୍ତ୍ରିତ କ୍ରୀଡ଼ା ଶିକ୍ଷକ କମ୍ପାଉଣ୍ଡ ବେହେରା, ଶିବା ପ୍ରଧାନ, କେସି ଉପାଧ୍ୟାୟ, ଗଦାଧର ଡାକୁଆ, ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୁଣ୍ଡେଇଗୋଲା ବଣିକ ସଂଘର କର୍ମକର୍ତ୍ତା ଚୟନ

**କୁଣ୍ଡେଇଗୋଲା, ୫।୧୨(ସମିସ):** ରିଆମାଳ ବ୍ଲକ ଅଧୀନ କୁଣ୍ଡେଇଗୋଲା ବଣିକ ସଂଘର ଆଜି ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଗଣେଶ୍ୱର ଧଳଙ୍କ ଆବାହକତ୍ୱ କ୍ରମେ ଅନୁଷ୍ଠିତ ଏହି ବୈଠକରେ ବିଗତବର୍ଷ ସଭାପତି ଇଞ୍ଜିନିୟର ଚିତ୍ତରଞ୍ଜନ ପ୍ରଧାନ ଓ ସମ୍ପାଦକ ମହନ୍ତ କୁମାର ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ସମସ୍ତ ସଦସ୍ୟଙ୍କ ସମ୍ମୁଖରେ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ମୃତ୍ୟୁଞ୍ଜୟ ପ୍ରଧାନ ଓ ସମ୍ପାଦକ ଭାବେ ମୀନକେତନ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ସୁଶୀଲ କୁମାର ପ୍ରଧାନ ମନୋନୀତ ହୋଇଥିଲେ। ସେହିପରି ଅଞ୍ଚଳ କୁମାର ବିଶ୍ୱାଳଙ୍କୁ ଉପସଭାପତି ମନୋନୀତ କରାଯାଇଥିଲା। ସାମାଜିକ ସଂସ୍କାର କାର୍ଯ୍ୟରେ ଓ ଅସହାୟଲୋକଙ୍କୁ ସହାୟତା ପାଇଁ ସଂଘ କାର୍ଯ୍ୟ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ସାହୁ, ହେମନ୍ତ କୁମାର ସାହୁ, ନବୀନ ବଣିଚୁଲ, ବସନ୍ତ କୁମାର ଗଡ଼ନାୟକ, ବିପ୍ର ବିହାରୀ ସାହୁ, ବିଷ୍ଣୁଧଳ, ନେତ୍ରାନନ୍ଦ ଗଡ଼ନାୟକ ଓ ନାରାୟଣ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ସକାଳ THE SAKALA
www.sakalaepaper.com
ସମ୍ବଲପୁର

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଦ୍ୱିତୀୟ ପର୍ଯ୍ୟାୟ

# ରାମେଶ୍ୱରମ-ମଦୁରାଇ ଗଲେ ୮ ଜିଲ୍ଲାର ୭୭୫ ଯାତ୍ରୀ

ସମ୍ବଲପୁର, ୫।୧୨ (ସମିସ)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ରେଳବାଇ ସହଯୋଗରେ ଆଜି ପୂର୍ବାହ୍ଣରେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ୭୭୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ସମ୍ବଲପୁର ରେଳଷ୍ଟେସନଠାରୁ ରାମେଶ୍ୱରମ୍-ମଦୁରାଇ ଅଭିମୁଖେ ତୀର୍ଥଯାତ୍ରା ଟ୍ରେନ୍ ଯାତ୍ରାରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆରମ୍ଭ ହୋଇଥିଲା। ଏହାପରେ ପ୍ରତିବର୍ଷ ରାଜ୍ୟର ୫ଟି ସ୍ଥାନ - ଭୁବନେଶ୍ୱର, ସମ୍ବଲପୁର, ରାୟଗଡ଼ା, ବାଲେଶ୍ୱର ଓ ବ୍ରହ୍ମପୁରରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାର ବରିଷ୍ଠ ନାଗରିକମାନେ ରାଜ୍ୟ ସରକାରଙ୍କ ତୀର୍ଥଯାତ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଦେଶର ପ୍ରମୁଖ ତୀର୍ଥସ୍ଥାନ ଦର୍ଶନ କରିଆସୁଛନ୍ତି।

ଆଜିର କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଡିସିଏମ (ରେଳବାଇ) ଗରିମା ତିୱାରୀ, ରେଳବାଇ ଏଡିଆରଏମ୍ ମଞ୍ଜିତ ସିଂହ ସନସନୱାଲ ପ୍ରମୁଖ ଉପସ୍ଥିତ ରହି ଟ୍ରେନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସମ୍ବଲପୁର ବିଧାୟକ ଶ୍ରୀ ମିଶ୍ର ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରୁ ବରିଷ୍ଠ ନାଗରିକ ମାନେ ଆଜି ଚାରିଧାମରୁ ଗୋଟିଏ ଧାମ ଦର୍ଶନ କରିବାର ସୌଭାଗ୍ୟ ପାଇଛନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ବୋନ୍ଦର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ରାମେଶ୍ୱରମ-ମଦୁରାଇ ତୀର୍ଥସ୍ଥାନ ଅଭିମୁଖେ ୨୦୨୫ ଆର୍ଥିକବର୍ଷର ଏହା ଦ୍ୱିତୀୟ ଯାତ୍ରା ବୋଲି ସୂଚନା ଦେଇଥିଲେ। ୮ଟି ଜିଲ୍ଲାର ୭୭୫ ଜଣ ତୀର୍ଥଯାତ୍ରୀଙ୍କ ସହିତ ୨୫ ଜଣ ଏସକର୍ଟ ଅଧିକାରୀ ଏହି ଯାତ୍ରାରେ ଯାଉଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।



ସମ୍ବଲପୁର, ଅନୁଗୋଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ ଆଦି ୮ଟି ଜିଲ୍ଲାର ୭୭୫ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ରାମେଶ୍ୱରମ୍-ମଦୁରାଇ ଅଭିମୁଖେ ଯାତ୍ରା କରିଥିବା ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସମ୍ବଲପୁର ଜିଲ୍ଲାରୁ ୮୯ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୫୨ ଜଣ, ଦେବଗଡ଼ ଜିଲ୍ଲାରୁ ୨୭ ଜଣ, ଅନୁଗୋଳ ଜିଲ୍ଲାରୁ ୧୦୯ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୫୦ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୮୦ ଜଣ, ବଲାଙ୍ଗିର ଜିଲ୍ଲାରୁ ୧୪୧ ଜଣ ଓ ବରଗଡ଼ ଜିଲ୍ଲାରୁ ୧୨୭ ଜଣ ଯାତ୍ରୀ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି। ଏହି ତୀର୍ଥଯାତ୍ରା ପାଇଁ ଆଇଆର୍‌ସିଟିସି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା, ଡାକ୍ତରୀ ଦଳ, କେଟରିଂ ଦଳ ଏବଂ ଆଇଆରସିଟିସି ଗାଇଡ୍ ମଧ୍ୟ ରହିଛନ୍ତି। ଏହାସହିତ ସ୍ୱାସ୍ଥ୍ୟଜନିତ ସମସ୍ୟା ନିମନ୍ତେ ଏକ ଡାକ୍ତରୀ ଟିମ ଏବଂ ସହାୟତା ପାଇଁ ୨୫ ଜଣ ଏସକର୍ଟ ଅଧିକାରୀ ରହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ୪ ତାରିଖ ସନ୍ଧ୍ୟା ସୁଦ୍ଧା ବରିଷ୍ଠ ନାଗରିକମାନେ ସ୍ୱତନ୍ତ୍ର ବସ ଯୋଗେ ନିଜ ଜିଲ୍ଲାରୁ ଆସି ସମ୍ବଲପୁରରେ ପହଞ୍ଚିଥିଲେ। ସମ୍ବଲପୁରରେ ସେମାନଙ୍କ ଅସ୍ଥାୟୀ ରହଣୀ, ଖାଦ୍ୟପେୟ ବ୍ୟବସ୍ଥା, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଳାଇ ସୂଚନା ଦେଇଛନ୍ତି।

## ପୋଲ ନିର୍ମାଣ ଦାବିରେ ରାଜପଥ ଅବରୋଧ

**ରେଢ଼ାଖୋଲ, ୫।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳିଗଡ଼ ପଞ୍ଚାୟତ ପଣ୍ଡକିମାଳରୁ ଦୁଇମୁହାଣୀ ରାସ୍ତାରେ ଥିବା କେରାଣ୍ଡି ନାଳରେ ପୋଲ ନିର୍ମାଣ ଦାବି ନେଇ ଦୁଇପଞ୍ଚାୟତବାସୀ ପଣ୍ଡକିମାଳ ଠାରେରାଞ୍ଚି ବିଜୟୱାଡା ୧୫୩(ବି) ଜାତୀୟ ରାଜପଥ ଅବରୋଧ କରିଥିଲେ। ସୂଚନା ଅନୁଯାୟୀ ଦୀର୍ଘ ୧୫ ବର୍ଷ ହେଲାଣି କଦଳିଗଡ଼ ପଞ୍ଚାୟତ ପଣ୍ଡକିମାଳରୁ ଦୁଇମୁହାଣୀ ରାସ୍ତାରେ ଥିବା କେରାଣ୍ଡି ନାଳରେ ବ୍ରିଜ ନିର୍ମାଣ ଦାବୀ ନେଇ ଦୁଇ ପଞ୍ଚାୟତରବାସୀ ଦାବିକରି ଆସୁଛନ୍ତି। କିନ୍ତୁ ପ୍ରଶାସନ କର୍ଣ୍ଣପାତ କରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀ ବାଧ୍ୟ ହୋଇ ଜାତୀୟ ରାଜପଥ ଅବରୋଧ କରି ବସି ରହିଥିଲେ। ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ପୂର୍ବରୁ ଜନୈକ ପ୍ରଶାସନ ଅଧିକାରୀ ପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅବରୋଧସ୍ଥଳକୁ ରେଢ଼ାଖୋଲ ପୋଲିସ ଓ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଓ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ପୋଲ ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

## ସାଇବର ସୁରକ୍ଷା ଉପରେ କର୍ମଶାଳା ଆୟୋଜନ

**ସମ୍ବଲପୁର, ୫।୧୨ (ସମିସ) :** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ 'ତପସ୍ୱିନୀ' ପ୍ରେକ୍ଷାଳୟଠାରେ ଅନ୍‌ଲାଇନ ସୁରକ୍ଷା ଓ ସାଇବର ଅପରାଧ ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଡ୍‌ଏଟ୍ ଆକ୍ସନ ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ସାଇବର ସୁରକ୍ଷା କିପରି ଭାବରେ ସମସ୍ତଙ୍କ ପାଇଁ ଦରକାର ସେସମ୍ପର୍କରେ ମତ ରଖିଥିଲେ। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିଶୁ ମାନେ କିପରି ଭାବରେ ଅନଲାଇନ ବିପଦରୁ ସୁରକ୍ଷିତ ରହିପାରିବେ ସେନେଇ କହିଥିଲେ। ସାଇବର ବିଭାଗ ଡିଏସପି ଈଶ୍ୱର ତାଣ୍ଡି ପ୍ରଶିକ୍ଷକ ଭାବରେ ଯୋଗଦେଇ ବିଭିନ୍ନ ପ୍ରକାରର ସାଇବର ଅପରାଧ ଓ କିପରି ଭାବରେ ତାକୁ ପ୍ରତିରୋଧ କରାଯାଇପାରିବ ତାଲିମ ପ୍ରଦାନ କରିଥିଲେ। ଶିଶୁ ମଙ୍ଗଳ ସମିତି ପୂର୍ବତନ ବ୍ରଜେନ୍ଦ୍ର କିଶୋର ପଣ୍ଡା ଶିଶୁ ମାନଙ୍କ ଉପରେ ହେଉଥିବା ସାଇବର ଅପରାଧ ଓ ତାର ପ୍ରଭାବ ସମ୍ପର୍କରେ କହିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଦସ୍ୟ ଆଇନଜୀବୀ ସୁବଳ ଗଡ଼ତିଆ ସାଇବର ସୁରକ୍ଷା ପାଇଁ ଥିବା ବିଭିନ୍ନ ନିୟମାବଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୪ ଜଣ କିଶୋରୀ ବାଳିକାଙ୍କୁ ଡିଜିଟାଲ ଚମ୍ପିଆନ ଭାବରେ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଅଧିକାରୀ ତଥା ପ୍ରୋଟେକ୍ସନ ଅଧିକାରୀ ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଂଯୋଜକ ଛୋଟଲାଲ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି ବୈଦିକର ବାର୍ଷିକୋତ୍ସବ ଯୁଭାନା

**ସମ୍ବଲପୁର, ୫।୧୨ (ସମିସ):** ଆଜି(ଶନିବାର) ସମ୍ବଲପୁର ପାବପାଲି ସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ



ସ୍କୁଲର ବାର୍ଷିକୋତ୍ସବ ଯୁଭାନା। କାର୍ଯ୍ୟକ୍ରମରେ ବଲିଉଡ୍ ନାୟକ ଶର୍ମନ୍ ଜୋଶୀ ଷ୍ଟାର ଗେଷ୍ଟ ଭାବେ ଯୋଗ ଦେବେ। ଏଥିପାଇଁ ସମ୍ବଲପୁର ତଥା ଓଡ଼ିଶାରେ ଉତ୍ସାହଭରି ଯାଇଛି। ବେଦିକ୍ ପରିବାର ପାଇଁ ଏକ ଅବିସ୍ମରଣୀୟ ଅବସର, ଯେଉଁଠାରେ ଛାତ୍ରଛାତ୍ରୀମାନେ '୩ ଇଡିଅଟ' ଫିଲ୍ମର ପ୍ରିୟ ଚରିତ୍ର ରାଜୁ ରସ୍ତୋଗୀଙ୍କ ସାଙ୍ଗରେ ସାକ୍ଷାତ୍ କରିବେ।

## ରୋହିତ ପୂଜାରୀଙ୍କ ଭାତ୍ରୃ ବିୟୋଗରେ ଶୋକ

**ସମ୍ବଲପୁର, ୫।୧୨ (ସମିସ):** ସମ୍ବଲପୁର ସହର ଝାଡୁଆପଡ଼ାନିବାସୀ ଶୁଭ୍ରାଂଶୁ ଶେଖର ପୂଜାରୀଙ୍କ କର୍କଟ ରୋଗରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସ୍ୱର୍ଗତ ପୂଜାରୀ ହେଉଛନ୍ତି ସ୍ୱର୍ଗତ ତାରିଣୀ ପୂଜାରୀଙ୍କ କନିଷ୍ଠ



ପୁତ୍ର ଏବଂ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ବଡ଼ ବାପାଙ୍କ ପୁଅ। ତାଙ୍କ ବିୟୋଗରେ ଝାଡୁଆପଡ଼ା ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି। ସମ୍ବଲପୁର ରାଜଘାଟ ଠାରେ ତାଙ୍କର ଅନ୍ତେଷ୍ଟି କ୍ରିୟା କରାଯାଇଛି। ଅନ୍ତେଷ୍ଟି କ୍ରିୟାରେ ପରିବାର ଜନ, ଇଂରୋହିତ ପୂଜାରୀ, ବିଜେଡି ବରିଷ୍ଠ ନେତା ବସନ୍ତ ମିଶ୍ର, ସୁରୁବାବୁ ମେହେର, ବେଣୁଧର ଦାସ, ରାଜେଶ ମିଶ୍ର, ଦେବାଶିଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦ ବଡଗୟାନ୍, ଧର୍ମରାଜ୍ ମରେଇ, ସଞ୍ଜୀବ ଷଡ଼ଙ୍ଗୀ, ପ୍ରଦୋଷ ମହାନ୍ତି, ସତ୍ୟେନ୍ଦ୍ର ଦାସ, କିଶୋର କୁମାର ପଣ୍ଡା, ହିମାଂଶୁ ପ୍ରଧାନ, ଉଷା ପ୍ରଧାନ, ସିପ୍ରା ମହାନ୍ତି, ସଂଯୁକ୍ତା ମେହେର, ନନ୍ଦିନୀ ପ୍ରଧାନ, ସଙ୍ଗୀତା ସ୍ୱାଇଁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ବିଜୟ ମହାନ୍ତି ହିନ୍ଦ ମଜଦୁର ସଭାର ରାଜ୍ୟ ସଭାପତି

**ସମ୍ବଲପୁର, ୫।୧୨ (ସମିସ) :** ହିନ୍ଦ ମଜଦୂର ସଭା (ଏଚ୍‌ଏମ୍‌ଏସ୍) ଓଡ଼ିଶା ରାଜ୍ୟ ପରିଷଦର ନୂତନ ସଭାପତି ଭାବରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଶ୍ରୀ ମହାନ୍ତି ବର୍ତ୍ତମାନ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଥିବା ସହ ଶ୍ରମିକ ଅଧିକାର, ଶୋଷଣ ବିରୋଧୀ ଆନ୍ଦୋଳନ ଓ ଶ୍ରମିକ ସୁରକ୍ଷା ସମ୍ପର୍କୀୟ କାର୍ଯ୍ୟରେ ଦୀର୍ଘ ଅଭିଜ୍ଞତା ରଖନ୍ତି। ଏହି ନୂତନ ମନୋନୟନକୁ ନେଇ ରାଜ୍ୟର ବିଭିନ୍ନ ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନରେ ଉତ୍ସାହ ପ୍ରକାଶ ପାଇଛି। ମହାନଦୀ କୋଲ ମଜଦୂର ସଂଘ, ବ୍ରଜରାଜନଗର ଏବଂ ଭରତପୁର କୋଲିଆରୀ ଲେବର ୟୁନିୟନ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ହିଣ୍ଡାଲକୋ ପାୱାର ଓ ଏଫଆର୍‌ପି, ହୀରାକୁଦର ଶ୍ରମିକ ସଂଗଠନ, ନାଲକୋ ଶ୍ରମିକ ସଂଗଠନ ସହ ଅନେକ ସଂଗଠନ ଶ୍ରୀ ମହାନ୍ତିଙ୍କ ନିର୍ଦ୍ୱନ୍ଦ୍ୱରେ ମନୋନୟନକୁ ସ୍ୱାଗତ କରି, ତାଙ୍କ ନେତୃତ୍ୱରେ ଶ୍ରମିକ ହିତ ସୁରକ୍ଷିତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଶ୍ରମିକ ଅଧିକାର ପାଇଁ ଲଢେଇ କରୁଥିବା ଏକ ପରିଚିତ ଚେହେରା ଭାବରେ ଶ୍ରୀ ମହାନ୍ତିଙ୍କ ନୂତନ ଦାୟିତ୍ୱ ଏଚ୍‌ଏମ୍‌ଏସ୍. ରାଜ୍ୟ ପରିଷଦକୁ ଅଧିକ ସୁସଂଗଠିତ ଏବଂ ଶ୍ରମିକଙ୍କ ଅଧିକାରର ଲଢ଼େଇ ଆହୁରି ଶାଣିତ ହେବ ଓ ଶ୍ରମିକ ସଂଗଠନ ମାନଙ୍କ ସ୍ୱର ଆହୁରି ସୁଦୃଢ଼ ହେବ ବୋଲି ଆଶାପ୍ରକାଶ କରାଯାଉଛି।

## ୭ରେ 'ଭାରତ୍ କେ ରଙ୍ଗ, ଏକଲ୍ କେ ସଂଗ' କାର୍ଯ୍ୟକ୍ରମ

**ସମ୍ବଲପୁର, ୫।୧୨ (ସମିସ) :** ଆସନ୍ତା ୭ ତାରିଖରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ବନବନ୍ଧୁ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଭାରତ୍ କେ ରଙ୍ଗ, ଏକଲ୍ କେ ସଂଗ' ଆୟୋଜିତ ହେବ ବୋଲି ଆଜି ପୂର୍ବାହ୍ଣରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆୟୋଜିତ ସମ୍ମିଳନୀରେ ଏକଲ ଅଭିଯାନ ସମ୍ବଲପୁର ଚାପ୍ଟର ସଭାପତି ଜୟଦୟାଲ ଅଗ୍ରୱାଲ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ଜନଜାତିର ଛାତ୍ରଛାତ୍ରୀମାନେ ପରିବେଷଣ କରିବେ ଏବଂ ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ଆୟୋଜିତ ହେବ। ଜିଲ୍ଲାରେ ୩୬୫ଟି ସ୍ଥାନରେ ଏକଲ ଅଭିଯାନର ସ୍କୁଲ ପରିଚାଳିତ ହେଉଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ସାରା ଦେଶରେ ଜନଜାତିର ଛାତ୍ରଛାତ୍ରୀମାନେ କରୁଛନ୍ତି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ରବାଦ ଏବଂ ଦେଓଭକ୍ତି। ଏକଲ ଅଭିଯାନର ଅନ୍ୟତମ ମୁଖ୍ୟ ବିଜୟ କେଡ଼ିଆ, ଡା. ପୁରୁଷୋତ୍ତମ ଅଗ୍ରୱାଲ, ଚନ୍ଦୁ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

## ଖାକି ପାର କରୁଛି କୋଇଲା ଗାଡ଼ି

**ସମ୍ବଲପୁର, ୫।୧୨(ସମିସ):** ସମ୍ବଲପୁରରେ ଖାକି ବାବୁ କୋଇଲା ଗାଡ଼ି ପାର କରୁଛନ୍ତି। ଏଭଳି ଅଭିଯୋଗ ସାମ୍ନାକୁ ଆସିଛି। ବିଶ୍ୱସ୍ତସୂତ୍ର ଅନୁସାରେ ଜାତୀୟ ରାଜପଥ କଡ଼ରେ ଥିବା ଏକ ଥାନାରୁ ଖାକି ବାବୁ ରାତିରେ କୋଇଲା ଗାଡିକୁ ରାସ୍ତା ପାର କରାଉଛନ୍ତି। ଦିନରେ କେତେକ ଗାଡ଼ି ଆସୁଥିଲେ ମଧ୍ୟ ରାତିରେ ଏହି କାରବାର ଯୋରସୋରରେ ଚାଲିଛି। ବିଶେଷ ଭାବେ ରାତି ହେଲା ମାତ୍ରେ ଖାକିବାବୁ ଜଣକ କର୍ମଚାରୀ ପଠାଇ କିମ୍ବା ନିଜେ ଉପସ୍ଥିତ ରହି କୋଇଲା ଗାଡ଼ିକୁ ପାର କରାଉଥିବା ସହରରେ ଜୋର ଚର୍ଚ୍ଚା ଧରୁଛି।

## ଆଇପିଏସ୍‌ର ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୫।୧୨ (ସମିସ):** ଇଣ୍ଡିଆନ୍ ପ୍ରୋକ୍ଟୋଲଜି ସୋସାଇଟି(ଆଇପିଏସ୍) ପକ୍ଷରୁ ସମ୍ବଲପୁର ଜିଲ୍ଲା ସମ୍ମିଳନୀ କକ୍ଷ(ତପସ୍ୱିନୀ ହଲ୍)ରେ ଆସନ୍ତା ୧୩ ଓ ୧୪ ତାରିଖରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି। 'ଆଡ୍‌ଭାନ୍ସ ଇନ୍ ମେଡିସିନ୍ ଆଣ୍ଡ ଟେକ୍‌ନୋଲଜି ଫର ୱେଲନେସ୍' ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ବିହାର କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ବଳଭଦ୍ର ମିଶ୍ର, କେନ୍ଦ୍ରୀୟ ଗବେଷଣା ଆୟୁର୍ବେଦ ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ରବିନାରାୟଣ ଆଚାର୍ଯ୍ୟ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସମନ୍ୱିତ ଚିକିତ୍ସା ଗବେଷକ ପ୍ରଫେସର ଏମିରଟ୍‌ସ ଡାକ୍ତର ଚତୁର୍ଭୁଜ ଭୂୟାଁ, ପ୍ରଫେସର ବିହାର ବିଦ୍ୱାଇ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମେଡିକାଲ୍ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ପ୍ରଖ୍ୟାତ ଗବେଷକ ଡା ବୈଦ୍ୟନାଥ ମିଶ୍ର ପ୍ରମୁଖ ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ଗବେଷକ, ପ୍ରାଧ୍ୟାପକ, ଚିକିତ୍ସକ, ବିଶେଷଜ୍ଞ, ଛାତ୍ରଛାତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ଇଣ୍ଡିଆନ୍ ପ୍ରୋକ୍ଟୋଲଜି ସୋସାଇଟି ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ସମ୍ମିଳନୀରେ ଭାଗ ନେବାକୁ ଚାହୁଁଥିବା ଗବେଷକମାନେ ଆସନ୍ତା ୧୦ ତାରିଖ ସୁଦ୍ଧା ପଞ୍ଜୀକରଣ କରିବା ପାଇଁ ସଭୟସଭକ୍କ୍ରସ୍ୱ କ୍ଟମଗ୍ରକ୍ଷକ୍ଟଶଇଗ୍ରକ୍ଟମସରଗ୍ରଇଅଶଙ୍କବସକ୍ଷ.ମକ୍ଟଙ୍କ କିମ୍ବା ଫୋନ୍ ନଂ ୯୫୫୬୭୫୨୨୧୨ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**କୁଚିଣ୍ଡା, ୫।୧୨(ସମିସ):** କୁଚିଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡ ଶୌଚାଳୟ ପରିସରରେ ଶୁକ୍ରବାର ଏନ୍‌ଏସି ଚେୟାରମ୍ୟାନ ପ୍ରଦ୍ୟୁତ କୁମାର ମହାନ୍ତି ମୋ ଖତ ଯୋଜନା କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଶୁଖିଲା ଖତକୁ ସ୍ୱଚ୍ଛସାଥୀଙ୍କ ଉଦ୍ୟମରେ ସହଜ ଉପାୟରେ କିପରି ବିକ୍ରି କରାଯାଇ ପାରିବ। ଏନ୍‌ଏସି ଅଧିକାରୀ ମନୋରଞ୍ଜନ ସୁନାଙ୍କ ସହିତ ସମସ୍ତ କର୍ମଚାରୀ, କାଉନସିଲର ନବୀନହୋତା, କ୍ଷୀରୋଦ ଚିଲ, ରାଜେଶ ସାହୁଙ୍କ ସମେତ ସମସ୍ତ ସ୍ୱଚ୍ଛ ସାଥୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ମୋ ଖତ ଆରମ୍ଭ କରାଯିବା ମାତ୍ରେ ବ୍ୟାଗ ଭର୍ତ୍ତି ଖତକୁ ବହୁ ଲୋକ କିଣି ନେଇଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ସମ୍ବଲପୁର, ୫।୧୨ (ସମିସ) :** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାଠାରେ ଆଜି ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ 'ଜ୍ୟୋତି' ଅନୁଷ୍ଠାନ ସଦସ୍ୟା କଳ୍ପନା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପିକା ସନ୍ତୋଷିନୀ ବାବୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧୁନିକ ଯୁଗରେ ମାତୃଶକ୍ତିର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ବିଦ୍ୟାଳୟର ମାତୃଭାରତୀର ସଦସ୍ୟା ମୀନା ସାହା ତଥା ଅଧ୍ୟକ୍ଷା ଯାମିନୀ ଠାକୁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଛବିରାଣୀ ମହାପାତ୍ର କରିଥିବାବେଳେ ଭୂମିସୂତା ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲର 'ଉଲା ମଡେଲ-ରୁପଟପ୍ ସୋଲାର ପ୍ୟାନେଲ୍' ସ୍ଥାପିତ

**ସମ୍ବଲପୁର, ୫।୧୨(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଉଲା ମଡେଲ୍-ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ ମଡେଲ୍ ଅଧିନରେ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ତକବା ଗ୍ରାମରେ ଏକ କିଲୋୱାଟ୍ ରୁପଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇଛି। ସରୋଜିନୀ ଆଚାର୍ଯ୍ୟଙ୍କ ଛାତ ଉପରେ ସ୍ଥାପନ ହୋଇଥିବା ରୁପଟପ୍ ସୋଲାର ପ୍ୟାନେଲକୁ ସମ୍ବଲପୁରର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ, ସମ୍ବଲପୁରର ମ୍ୟୁନିସିପାଲ କମିଶନର ରିହାନ ଖେତ୍ରୀ, ସିଡିଓ-କମ-ଇଓ ପ୍ରସନ୍ନ କୁମାର ପାତ୍ର ଏବଂ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସୌର ପ୍ୟାନେଲ ମାତ୍ର ୮ ହଜାର ୭୪୭ ମୂଲ୍ୟରେ ସ୍ଥାପନ କରାଯାଇଛି। ଜିଲ୍ଲାପାଳ ଶ୍ରୀ ବୋନ୍ଦାର କହିଛନ୍ତି, ସମ୍ବଲପୁର ଜିଲ୍ଲାରେ ସବୁଜ ଶକ୍ତି ଉପଲବ୍ଧତା ହାସଲ କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହି ପଦକ୍ଷେପ ମାଧ୍ୟମରେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ସେମାନଙ୍କର ମାସିକ ବିଦ୍ୟୁତ୍ ବିଲ୍ ହ୍ରାସ କରିପାରିବେ। ପ୍ରକଶାଥାଉ କି, କେବଳ ଏକ କିଲୋୱାଟ୍ ବିଦ୍ୟୁତ୍ ସଂଯୋଗ ଚୁକ୍ତି କରିଥିବା ପଶ୍ଚିମ ଓଡ଼ିଶାର ଜଣେ ବିଦ୍ୟୁତ୍ ଗ୍ରାହକ ଏହି 'ଉଲା ମେଡଲ' ଯୋଜନା ଅଧିନରେ ମାତ୍ର ୫ହଜାର ଟଙ୍କା ଏବଂ ସୋଲାର ମିଟର୍ ବାବଦକୁ ୩ ହାଜର ୭୪୭ ଟଙ୍କା ମୋଟ୍ ୮ ହଜାର ୭୪୭ ଟଙ୍କା ବିନିମୟରେ ନିଜ ଘର ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରିପାରିବେ। ଗ୍ରାହକମାନେ ଏହି ଯୋଜନା ଅଧିନରେ ସୋଲର ପ୍ୟାନେଲ ସ୍ଥାପନ କରିବା ପାଇଁ ବିଦ୍ୟୁତ୍ ବିତରକ କମ୍ପାନୀକୁ ଏକ ସ୍ୱାକ୍ଷରିତ ସମ୍ମତି ପତ୍ର ପ୍ରଦାନ କରିବେ, ଯାହା ଫଳରେ ବିଦ୍ୟୁତ୍ ବିତରକ କମ୍ପାନୀ ସମ୍ପୂର୍ଣ୍ଣ ଯନ୍ତ୍ରପାତି ପ୍ରଥମେ ଗ୍ରାହକଙ୍କ ଛାତ ଉପରେ ସ୍ଥାପନ କରି ଭାରତର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୫ ହଜାର ଟଙ୍କା (ଭାରତ ସରକାରଙ୍କ ରିହାତି ୩୦ ହାଜର ଏବଂ ରାଜ୍ୟ ସରକାରଙ୍କ ରିହାତି ୨୫ ହଜାର) ଗ୍ରାହକଙ୍କ ତରଫରୁ ପ୍ରାପ୍ତ କରିବେ।

## ଉପଖଣ୍ଡ ଚାଷୀ ପ୍ରତିନିଧିଙ୍କ ପକ୍ଷରୁ ଦାବିପତ୍ର

**ରେଢ଼ାଖୋଲ, ୫।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଚାଷୀ ପ୍ରତିନିଧିଙ୍କ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଦିନ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମତଃ ଉପଖଣ୍ଡ ସ୍ତରୀୟ ଚାଷୀ ପ୍ରତିନିଧିଙ୍କ ଆଲୋଚନାଚକ୍ର ସଭାରେ କାହ୍ନୁ ଚରଣ ମାଝିଙ୍କ ସଭାପତିତ୍ୱରେ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମଣ୍ଡି ଗୁଡିକରେ ଧାନ ବିକ୍ରି ଏବଂ ବିଭିନ୍ନ ପ୍ରକାର ଅବ୍ୟବସ୍ଥା କାରଣରୁ ଚାଷୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଅବ୍ୟବସ୍ଥା କାରଣରୁ ମଣ୍ଡି ପରିଚାଳନାରେ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ, କାର୍ଡଧାରୀ ଚାଷୀଙ୍କୁ ଠିକ୍ ସମୟରେ ଧାନ ବସ୍ତା ଓ ସୁତୁଲି ଯୋଗାଣ, ଏକର ପିଛା ସରକାର ଦେଇଥିବା ୧୩ କୁଇଣ୍ଟାଲ ବଦଳରେ ୧୮ କୁଇଣ୍ଟାଲ, ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଣ, ଆର୍‌ଏମସି ସଭାରେ କୃଷକ ସଂଗଠନଙ୍କୁ ନିମନ୍ତ୍ରଣ କରାଯିବ ଆଦି ଦାବି ରହିଛି। ସୁଦାମ ଚରଣ ପ୍ରଧାନ, ଅଜିତ କୁମାର ସାହୁ, ବୃଶକେତୁ ପ୍ରଧାନ, ରଘୁନାଥ କର୍ଣ୍ଣ, ପ୍ରମୋଦ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ଚାଷୀ ପ୍ରତିନିଧି ସାମିଲ ଥିଲେ।

## ବୀର ସୁରେନ୍ଦ୍ର ସାଏ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଯୁଯୋମୁରା, ୫।୧୨ (ସମିସ):** ଯୁଯୋମୁରାସ୍ଥିତ ବୀର ସୁରେନ୍ଦ୍ର ସାଏ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସକାଳୁ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀ, ଖେଳ ଶିକ୍ଷକ ଗୁରୁଚରଣ ସାହୁଙ୍କ ତତ୍ତ୍ୱାବଧାନରେ ମାଁ ସମଲେଶ୍ୱରୀଙ୍କ ମନ୍ଦିରରୁ ମଶାଲ ଆଣି ଖେଳ ପଡ଼ିଆରେ ସ୍ଥାପନ କରିଥିଲେ। ପରେ ଆୟୋଜିତ ସଭାରେ ଯୁଯୋମୁରା ବିଡିଓ ରାଜେଶ ଏକ୍କା ମୁଖ୍ୟଅତିଥି, ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ସୁନୀଳ ସାହୁ, ଯୁଯୋମୁରା ପଞ୍ଚାୟତ ସମିତି ସଭ୍ୟ ଜୟନ୍ତ ପ୍ରଧାନ, ସରପଞ୍ଚ ଶ୍ରୀମତୀ ବାସନ୍ତୀ ପ୍ରଧାନ, ଯୁଯୋମୁରା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଜୟାନନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ସୁଶ୍ରୀ ଇପ୍‌ସିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅର୍ଥନୀତି ଅଧ୍ୟାପକ ହେମାଞ୍ଜଳ ମହାପାତ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ଯୁଯୋମୁରା ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବସନ୍ତ କୁମାର ସାହୁ ଓ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୁଶାନ୍ତ ସାହୁ ସହଯୋଗ କରିଥିଲେ। ବାଳକ ବିଭାଗରେ ମୋଟ ୭୭ ଜଣ ଓ ବାଳିକା ବିଭାଗରେ ମୋଟ ୯୯ଜଣ ଅଂଶ ଗ୍ରହଣ କରିଥିଲେ।

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ
'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଳବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।
ନିବେଦକ
'ବନ୍ଦେ ଉତ୍କଳ ଜନନୀ'



## ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍‌ର ଚତୁର୍ଥ ଦିନ

ସମ୍ବଲପୁର, ୫।୧୨ (ସମିସ)







ଓଡ଼ିଶା ସାଇକ୍ଲିଂ ଆସୋସିଏସନ ପକ୍ଷରୁ ସମ୍ବଲପୁରରେ ଗତ ୨ ତାରିଖରୁ ଆୟୋଜିତ ହେଉଥିବା ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚମ୍ପିଆନସିପ ୨୦୨୫ ପ୍ରତିଯୋଗିତାର ଆଜି ଚତୁର୍ଥ ଦିନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ସମେତ ସାରା ଦେଶରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ରାଇଡର୍ସ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାର ଚତୁର୍ଥ ଦିନରେ ଆଜି ପୁରୁଷ ବ୍ୟକ୍ତିଗତ ଏଲିଟ୍ ବର୍ଗର ୧୬୦ କିମି, ମହିଳା ବ୍ୟକ୍ତିଗତ ଏଲିଟ୍ ବର୍ଗର ୮୦ କିମି, କନିଷ୍ଠ ମହିଳା ବ୍ୟକ୍ତିଗତ ବର୍ଗର ୬୦ କିମି ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ ପୁରୁଷ ବ୍ୟକ୍ତିଗତ ଏଲିଟ୍ ବର୍ଗର ୧୬୦ କିମି ସାଇକ୍ଲିଂ ରେସ୍‌ରେ ଆର୍‌ଏସ୍‌ପିବିର ବିଶ୍ୱଜିତ ସିଂହ ସ୍ୱର୍ଣ୍ଣ ପଦକ, ଆର୍‌ଏସ୍‌ପିବିର ନିରଜ କୁମାର ରୌପ୍ୟ ପଦକ ଏବଂ ମହାରାଷ୍ଟ୍ରର ସିଦ୍ଧେଶ ପାଟିଲ କାଂସ୍ୟ ପଦକ ହାସଲ କରିଛନ୍ତି। ମହିଳା ବ୍ୟକ୍ତିଗତ ଏଲିଟ୍ ବର୍ଗର ୮୦ କିମି ସାଇକ୍ଲିଂ ରେସ୍‌ରେ କର୍ଣ୍ଣାଟକର ଗଙ୍ଗା ଡାଣ୍ଡିନ୍ ସ୍ୱର୍ଣ୍ଣ ପଦକ, ରାଜସ୍ଥାନର ହର୍ଷିତା ଜାଖର ରୌପ୍ୟ ପଦକ ଏବଂ ମହାରାଷ୍ଟ୍ରର ପୂଜା ଦାନୋଲେ କାଂସ୍ୟ ପଦକ ହାସଲ କରିଛନ୍ତି। କନିଷ୍ଠ ମହିଳା ବ୍ୟକ୍ତିଗତ ବର୍ଗର ୬୦ କିମି ସାଇକ୍ଲିଂ ରେସ୍‌ରେ ରାଜସ୍ଥାନର ଅଞ୍ଜଳି ଜାଖର ସ୍ୱର୍ଣ୍ଣ, ବିହାରର ସୁହାନି କୁମାରୀ ରୌପ୍ୟ ଏବଂ ମହାରାଷ୍ଟ୍ରର ଶ୍ରାବଣୀ ପରିତ କାଂସ୍ୟ ପଦକ ହାସଲ କରିଛନ୍ତି।

## ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଅତାବିରା, ୫।୧୨(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ସରଣ୍ଡାସ୍ଥିତ ଅଷ୍ଟଶମ୍ଭୁ ଶୈବପୀଠରେ ନିର୍ମାଣ କରାଯାଇଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ଗୁରୁବାର ସନ୍ଧ୍ୟାରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ସରଣ୍ଡା ଗ୍ରାମବାସୀ ତଥା ଚକୁଳି ପଞ୍ଚାୟତବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ଅଞ୍ଚଳବାସୀ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, କଲ୍ୟାଣ ମଣ୍ଡପ ତଥା ପୋଖରୀର ଉନ୍ନତିକରଣ ପାଇ ଦାବି କରିଆସୁଥିଲେ।୨୦୨୩ ଜୁନ ମାସରେ ୫-ଟି ସଚିବ ଆସି ସବୁ ଦେଖିବାପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ୬୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରି ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ କହିଥିଲେ। ଆଜି ନିର୍ମାଣ କାର୍ଯ୍ୟସମ୍ପୂର୍ଣ୍ଣ ହେବା ସହ ବିଶ୍ୱେଶ୍ୱର ଶୈବ ପୀଠ ପ୍ରାଙ୍ଗଣରେ ହେବାକୁ ଥିବା ଯଜ୍ଞ ମଣ୍ଡପରେ ପୂଜା ଅର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। କର୍ତ୍ତା ଭାବେ ସପତ୍ନିକ ରତ୍ନାକର ମହାପାତ୍ର ଓ ମନୋରମା, ଯୋଗେଶ୍ୱର ଭୋଇ ଓ ଗୋଲାପୀ, ରାମ ଅଗ୍ରୱାଲ ଓ ରେଣୁ, କୈଳାସ ଚନ୍ଦ୍ର ମିଶ୍ର ଓ ପ୍ରତିମା, ଦୀନେଶ ଗାଇଗରିଆ ଓ ସୌଦାମିନୀ, ଝସକେତନ ସାହୁ ଓ ମମତାମୟୀ, ସୁଦାମ ମହାପାତ୍ର ଓ ମୌସୁମି, ତରଙ୍ଗ ମେହେର ଓ ଶୁଭଶ୍ରୀ, ରବୀନ୍ଦ୍ର ଭୋଇ ଓ ଯମୁନା, ବିଦ୍ୟାଧର ମେହେର ଓ ରୀତା, ରଙ୍କମଣୀ କର୍ମୀ ଓ ବାସନ୍ତୀ, ଅଶ୍ୱିନୀ ପ୍ରଧାନ ଓ ମିନତୀ ପ୍ରମୁଖ ୧୨ ଯୋଡି ଏବଂ ମୁଖ୍ୟ ପୁରୋହିତ ପଣ୍ଡିତ ବଂଶୀଧର ମିଶ୍ରଙ୍କ ସମେତ ବ୍ରହ୍ମା ଦାୟିତ୍ୱରେ ଥିବା ପଣ୍ଡିତ ଡୋଲାମଣୀ ଶତପଥୀ, ଗ୍ରାମ୍ୟ ପଣ୍ଡିତ ରାକେଶ ରଞ୍ଜନ ମିଶ୍ର ଏବଂ ସହଯୋଗୀ ପ୍ରଣବ ମିଶ୍ର, ଜିତେନ୍ଦ୍ର ମିଶ୍ର, ଅଭିଜିତ ମିଶ୍ର, ଦିଶାଙ୍କ ତ୍ରିପାଠୀ, ରାଜ କୁମାର ଷଡ଼ଙ୍ଗୀ, ପ୍ରଦୀପ ଦାଶ ଓ ଅମ୍ବିରୀଶ ଶତପଥୀ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ବିନୋଦ ମେହେର, ମନ୍ଦିର ପ୍ରତିଷ୍ଠା ମହୋତ୍ସବ କମିଟିର ସଭାପତି ପ୍ରଶାନ୍ତ ମିଶ୍ର, ଉପ ସଭାପତି ସୁରେଶ କୌଶିକ, ସମ୍ପାଦକ ଅଶୋକ ଦାଶ, କୋଷାଧ୍ୟକ୍ଷ ପ୍ରମୋଦ ମହାପାତ୍ର, ମନୋଜ ମହାପାତ୍ର, ବୃଷଭାନୁ ମେହେର, ଯୁଧିଷ୍ଠିର ମହାପାତ୍ର, ମଧୁସୂଦନ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, ଏକାମ୍ବ୍ରର ମହାପାତ୍ର, ପବିତ୍ର ମହାପାତ୍ର ବାବୁଲୁ ମହାପାତ୍ର, ଟିଙ୍କୁଚାନ୍ଦ ମହାପାତ୍ର ଏବଂ ସମସ୍ତ ସଦସ୍ୟଙ୍କ ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ସହଯୋଗ କରିଥଲେ। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଞ୍ଚଳବାସୀ ଧନ୍ୟବାଦ୍ ଜଣାଇଛନ୍ତି।

# ବରଗଡ଼ ଧନୁଯାତ୍ରା ପାଇଁ କଳାକାରଙ୍କ ଜୋରଦାର ଅଭ୍ୟାସ

**ବରଗଡ଼, ୫।୧୨(ସମିସ)**



ଜାନୁୟାରୀ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୭୮ ତମ ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ଏବେଠାରୁ ବରଗଡ଼ ସହର ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ଏଥିରୁ ବାଦ ପଡ଼ିନାହାନ୍ତି କଳାକାର। ସେମାନେ ଏବେଠାରୁ ଅଭ୍ୟାସ ଆରମ୍ଭ କରିଦେଇଥିବା ବେଳେ ଚଳିତବର୍ଷ ଯାତ୍ରାକୁ କିପରି ଅଧିକ ଆକର୍ଷଣୀୟ କରାଯାଇ ପାରିବ ସେନେଇ ଏଥିରେ ଅଭିନୟ କରୁଥିବା କଳାକାର ନିଜ ନିଜକୁ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ରବିବାର ଦିନ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଉପସ୍ଥିତ ରହି ସମସ୍ତ କଳାକାରଙ୍କ ଅଭିନୟ ଦେଖିବେ। ନାଟ୍ୟ ନିର୍ଦ୍ଦେଶକ ଅଶୋକ ବେହେରାଙ୍କ ତତ୍ତ୍ୱାବଧାନରେ ଚାଲିଛି କଳାକାରଙ୍କ ଜୋରଦାର ଅଭ୍ୟାସ। ତେବେ ଚଳିତବର୍ଷ ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନୂତନ ସଂଳାପ ସହ ନୂତନ ଅଭିନୟ ଯୋଡ଼ାଯାଇଛି ଯାହା ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇବ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ କଳାକାରଙ୍କ ଆଖଡାସ୍ଥଳୀରେ ବରଗଡ଼ ଉପ ଜିଲ୍ଲାପାଳ ଓ ସମ୍ପାଦକ ସୁରେଶ୍ୱର ଶତପଥୀ ସାମିଲ ହୋଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଯେତିକି ପାଖେଇ ଆସୁଛି ଧନୁଯାତ୍ରାକୁ ନେଇ ସମସ୍ତଙ୍କ ମନରେ ସେତିକି ଉତ୍ସାହ ଦେଖାଦେଇ ଥିବାବେଳେ ଏବେଠାରୁ କଳାକାର ତାଙ୍କର ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ବରଗଡ଼, ୫।୧୨(ସମିସ):** ବରଗଡ଼ ଜିଲ୍ଲା ଜର୍ଜ ହାଇସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ମୃତ୍ତିକା ଦିବସ ମଧ୍ୟ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସାହାଇ ମୀନା, ବରଗଡ଼ ପୌର ପରିଷଦର ଅଧ୍ୟକ୍ଷା କଳ୍ପନା ମାଝୀ, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ ଅଧିକ୍ଷଣ ଯନ୍ତ୍ରୀ କୃଷି (ଉତ୍ତରାଞ୍ଚଳ) ନରେନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସ୍ୱାଗତ ଅଭିଭାଷଣ ରଖିବା ସହ ମୃତ୍ତିକା ଓ ଏହାର ସ୍ୱାସ୍ଥ୍ୟ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଗୋୟଲ ରାସାୟନିକ ପଦ୍ଧତି ପରିବର୍ତ୍ତେ ଜୈବିକ ଚାଷ ଉପରେ ଗୁରୁତ୍ୱ ଦେବା ପାଇଁ ଚାଷୀଙ୍କୁ ଅନୁରୋଧ କରିଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ମୀନା କୃଷି ପଦ୍ଧତିରେ ପରିବର୍ତ୍ତନ ସହିତ କୃଷି ଯାନ୍ତ୍ରୀକିକରଣକୁ ଆପଣାଇବା ସହିତ ସର୍ବସାଧାରଣଙ୍କୁ ସାଇବର କ୍ରାଇମ ବା ଏହାର ଭୟାବହତା ବିଷୟରେ ସତର୍କ କରାଇଥିଲେ। ଏହି ଅବସରରେ କଟାପାଲି ଗ୍ରାମର ଅନୀଲ ସାହୁ, ସରଣ୍ଡା ଗ୍ରାମର ଧନଞ୍ଜୟ ମହାପାତ୍ର, ଭୋଇପୁରା ଗ୍ରାମର ଡି ଭେଙ୍କଟେଶଙ୍କୁ ସଫଳ ଚାଷୀ ଭାବେ ସମ୍ମାନିତ କରାଯାଇଥିଲା। ଡ. ଅଞ୍ଜନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଚୋରି ମାମଲାରେ ଯୁବକ କୋର୍ଟ ଚାଲାଣ

**ପାଇକମାଳ, ୫।୧୨(ସମିସ):** ପାଇକମାଳ ଥାନା ନୃସିଂହନାଥ ମନ୍ଦିର ପରିସରରେ ଥିବା ଏକ ନଡ଼ିଆ ଦୋକାନରେ ଟଙ୍କା ଚୋରି ମାମଲାରେ ପାଇକମାଳ ପୁଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନୃସିଂହନାଥ ମନ୍ଦିର ପରିସରରେ ଥିବା ପ୍ରତାପ ବିଶ୍ୱାଳଙ୍କ ନଡ଼ିଆ ଦୋକାନରେ ପାହାନ୍ତିଆ ସକାଳେ ଜଣେ ଯୁବକ ଦୋକାନ ଡ୍ରରେ ଥିବା ଆଧାର କାର୍ଡ ସହ ୮ ହଜାର ଟଙ୍କା ଚୋରି ହୋଇଥିବା ନେଇ ପ୍ରତାପ ବିଶ୍ୱାଳ ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମାନଭଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଚଢ଼ଉ କରି ମିଠାପାଲି ଗାଁର ଯୁବକ ଶଶାଙ୍କ ବରିହା (୨୦)ଙ୍କୁ ଗିରଫ କରି ସାଲେପାଲି ଡ୍ୟାମ ନିକଟରେ ଲୁଚାଇଥିବା ପଇସାକୁ ଜବତ କରିଛି। ଚୋରି କରିଥିବା ଯୁବକ ସେହି ନଡ଼ିଆ ଦୋକାନରେ କାମ କରୁଥିଲା ବୋଲି ଜଣାପଡ଼ିଛି। ଏନେଇ ଯୁବକ ନାମରେ ପାଇକମାଳ ଥାନାରେ ମାମଲା ରୁଜୁ କରି ପଦ୍ମପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ଟିଏଫ୍ କଲେଜ୍‌ରେ ନୂତନ ଶିକ୍ଷାନୀତିକୁ ନେଇ ସେମିନାର

କୁଚିଣ୍ଡା, ୫।୧୨(ସମିସ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରା ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟରେ ନୂତନ ଶିକ୍ଷାନୀତି ୨୦୨୦କୁ ନେଇ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇଂରାଜି ଅଧ୍ୟାପିକା ଅନିତା ହୋରୋ ନୂତନ ଶିକ୍ଷା ନୀତି ୨୦୨୦କୁ ନେଇ ଆଲୋଚନା ଦେବା ସହ ଏହାର ଉଦ୍ଦେଶ୍ୟ, ଶିକ୍ଷା ପ୍ରଣାଳୀ, କୌଶଳ ଉନ୍ନୟନ ବିଷୟରେ ବୁଝାଇଥିଲେ। ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇମ୍‌ରେଲ୍ଲିଆ ବାର୍ଲା, ସବିତା ନାଏକ, ସଞ୍ଜୀବ ବେହେରା, ଦୀପକ ମେହେର ଓ ରବିଶ ଶୁକ୍ଲାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସନ୍ତୋଷ ନାୟକ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ସମ୍ବଲପୁର, ୫।୧୨ (ସମିସ) :** ସମ୍ବଲପୁର କଳା ଏକାଡେମୀର ୩୨ତମ ବାର୍ଷିକ ଉତ୍ସବ ଅବସରରେ ଶୁକ୍ରବାର ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମଞ୍ଚ କଳାକାର ପ୍ରଦୀପ ପଣ୍ଡା ମୁଖ୍ୟଅତିଥି, ବରିଷ୍ଠ ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲି, ବିଶିଷ୍ଟ ଫଟୋଗ୍ରାଫର କରୁଣାକର ଶତପଥୀ ଓ ସଂସ୍କୃତି ସଂଗଠକ ସୂର୍ଯ୍ୟ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ ସାହୁ ଓ ମୁଖ୍ୟ ଉଦ୍ୟୋକ୍ତା ପ୍ରଶାନ୍ତ ମାଝୀ ମଞ୍ଚାସୀନ ଥିଲେ। ରଞ୍ଜିତ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ମୁରଲୀଧର ସେଠୀ ଧନ୍ୟବାଦ ଦେଇଥିଲେ। ଏହି ପ୍ରଦର୍ଶନୀରେ ୨୫୦ଟି ଚିତ୍ରକଳା ସ୍ଥାନ ପାଇଛି। ପ୍ରଦର୍ଶନୀ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗୌରୀଦାସ ପଣ୍ଡା, ବଳରାମ ହୋତା, କୁଳଦୀପ ବର୍ମା, ଯୁଗଳ ବାରିକ, ଶିବାନୀ ଭୋଇ, ନମ୍ରତା ନାୟକ, ରାଜେଶ ବଡ୍ଢାଇ, ଜିତେନ୍ଦ୍ରୀୟ ବେହେରା, ପବିତ୍ର ବେରିହା, ଅଭିଷେକ ବିଶ୍ୱାଳ, ସୁବ୍ରତ ବେହେରା, ଆୟୁଷ୍ମାନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ସିନ୍ଦୁରପଙ୍କ ଏକତା ମଞ୍ଚର ବୈଠକ

**ସମ୍ବଲପୁର, ୫।୧୨ (ସମିସ) :** ସମ୍ବଲପୁର ଜିଲ୍ଲା କୁଦୋପାଲିଠାରେ ସୁବାସ ସାହାଣୀଙ୍କ ନେତୃତ୍ୱରେ ସିନ୍ଦୁରପଙ୍କ ଏକତା ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ଜାତି ଧର୍ମ ନିର୍ବିଶେଷରେ ସମାଜରେ ଏକତା ମନୋଭାବ ସୃଷ୍ଟି କରିବା ପାଇଁ ମତପ୍ରକାଶ କରିଥିଲେ। ଏହାସହ ଅଞ୍ଚଳର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଉପରେ ଚର୍ଚ୍ଚା କରାଯାଇଥିଲା। ଆଗାମୀ ଦିନରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ବୀର ଛବିଳ ସାଏଙ୍କ ସହିଦ ଦିବସ ପାଳନ ଆଦି ବିଷୟରେ ଆଲୋଚନା ହୋଇଥିଲା। ସମାଜକୁ ନିଶାମୁକ୍ତ କରିବା ସକାଶେ ଏକତା ମଞ୍ଚ ପକ୍ଷରୁ ଉଦ୍ୟମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ମୋତିଲାଲ ତନ୍ତୀ, ରାମସାଗର ସାହୁ, ଜଗନ୍ନାଥ ତ୍ରିପାଠୀ, ଆର୍ତ୍ତତ୍ରାଣ ବାଘ, ପ୍ରମୋଦ ନାୟକ, ସୁଧାକର ନାଥ, ତ୍ରିଲୋଚନ ମହାନନ୍ଦ, ଦିପ୍ତିମୟୀ ମହାପାତ୍ର, ମେଘୁ ମୁଣ୍ଡା, ମାନସ ବୁଶ, ବିଜୟ ଶଙ୍କର ମହାଲି, ରାଜେଶ ପ୍ରଧାନ, ରାଜେନ୍ଦ୍ର କୁମାର ଧର, କୁମୁଦ ଚନ୍ଦ୍ର ସାହୁ, ନବୀନ ବେହେରା, ସୂରଜ ନାଥ, ସ୍ୱାଗତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ଷ୍ଟଲ୍ ଉଦ୍‌ଘାଟିତ

**ବରଗଡ଼, ୫। ୧୨(ସମିସ):** ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ଏକ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ମ୍ୟୁନିସିପାଲଟି ଚେୟାରମ୍ୟାନ କଳ୍ପନା ମାଝୀ, ଉପନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଜିଲ୍ଲା ମୁଖ୍ୟ ସୁସେତା ମିର୍ଦ୍ଧା, ସରକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ସୌଭାଗିନୀ ବେହେରା, ସରକାରୀ ଯନ୍ତ୍ରୀ ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

## ଜୀବ ବିଜ୍ଞାନରେ ଗବେଷଣା ଓ ନୂତନ ତଥ୍ୟ ସଂଗ୍ରହ ପାଇଁ ଆହ୍ୱାନ

**ବରଗଡ଼, ୫।୧୨(ସମିସ):** ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗରେ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବ ବିଜ୍ଞାନରେ ନୂତନ ଗବେଷଣା ଓ ନୂତନ ତଥ୍ୟ ସଂଗ୍ରହ ସାମ୍ପ୍ରତିକ କାଳର ଏକ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। କଲେଜ୍ ଅଧ୍ୟକ୍ଷ ଡ. ନକୁଳ ସେଠ୍ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ବିଭାଗ ମୁଖ୍ୟ ଡ. ବିଦ୍ୟୁତ୍ ପ୍ରଭା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ସଂଯୁକ୍ତା ଦାସ ଓ ପ୍ରଫେସର୍ ପ୍ରଦୀପ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଡ଼. ଉମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସରେ ପ୍ରଫେସର ସଞ୍ଜୟ କୁମାର ପଟ୍ଟନାୟକ, ପ୍ରଫେସର୍ ପ୍ରଦୀପ କୁମାର ନାଏକ, ପ୍ରଫେସର୍ ଶ୍ରୀବତ୍ସ ମହାପାତ୍ର, ପ୍ରଫେସର୍ ତପନ କୁମାର ବାରିକ୍, ପ୍ରଫେସର୍ ରାମନରେଶ ମହାଲିଙ୍ଗ, ପ୍ରଫେସର୍ ମଳୟ ରଞ୍ଜନ ମହାନନ୍ଦ, ପ୍ରଫେସର୍ ପ୍ରବୀଣ କର ପ୍ରମୁଖ ଆଲୋଚନା କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ



ଡ. ମୋନାଲିସା ମିଶ୍ର, ପ୍ରଫେସର୍ ଜୟଗୋପାଳ ଶର୍ମା, ପ୍ରଫେସର୍ ପି. ପର୍ଦ୍ଧା, ଡ଼. ଅନୁପ ସିଂହ, ଡ. ମୃତ୍ୟୁଞ୍ଜୟ ଜେନା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ଼. ସତ୍ୟନାରାୟଣ ନନ୍ଦ ଓ ପ୍ରଫେସର୍ ସଞ୍ଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଇଶା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ଡ. ନକୁଳ ସେଠ୍ ଉଦବୋଧନ ଦେଇଥିଲେ।

## ମା’ ଦୁର୍ଗେଇ ଦେବୀଙ୍କ ବାର୍ଷିକ ପୂଜା ସମ୍ପନ୍ନ



**ପାଇକମାଳ, ୫।୧୨(ସମିସ):** ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ମନଭଙ୍ଗ ଡ୍ୟାମ ଦେଇ ମାଁଙ୍କ ପୀଠସ୍ଥଳୀ ତ୍ରିତୟା ନୃସିଂହନାଥ ପର୍ବତମାଳା ଶିଖରେ ଅବସ୍ଥିତ ମା’ ଦୁର୍ଗେଇଦେବୀ (ବୁଢ଼ୀ)ଙ୍କ ବାର୍ଷିକ ପୂଜାନୋତ୍ସବ ସମ୍ପନ୍ନ ହୋଇଯାଇଛି। ଦୁଇଦିନ ଧରି ଦୁର୍ଗେଇ ଦେବୀଙ୍କ ବାର୍ଷିକ ପୂଜାନୋତ୍ସବ ଅନୁଷ୍ଠିତ ହୋଇଥିଲା। ଦେହେରୀ ସୁବାସ ମଲ୍ଲିକଙ୍କ ଘରୁ ମା’ ଙ୍କ ସାଜସଜ୍ଜା ତଥା ଦେବୀଙ୍କ ବସ୍ତ୍ର, ଖଣ୍ଡା ପାଟ ଶାଢ଼ୀ, ଅଳଙ୍କାରଙ୍କୁ ପୂଜାର୍ଚ୍ଚନା ସହ ଆବାହନ ନିମନ୍ତ୍ରଣ କରାଯାଇଥାଏ। ପୂଜାର୍ଚ୍ଚନା ସମାପ୍ତି ପରେ ପରଦିନ ସକାଳୁ ପର୍ବତ ଶିଖରୁ ଆସି ମାନସିକ ଧାରିମାନେ ନିଜ ନିଜ ମଧ୍ୟରେ ପ୍ରସାଦ ସେବନ ପାଇଁ ଏକ ମନୋରମା ପରିବେଷ୍ଟିତ ମନଭଙ୍ଗ ଡ୍ୟାମ ପାଖରେ ରନ୍ଧାବଢ଼ାର ଆୟୋଜନ କରି ବେଶ ଉପଭୋଗ କରିଥାନ୍ତି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କୋଶଳୀ ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ ଯମୁନା କନ୍ଧୁଣୀ, ନୃସିଂହନାଥ ମହାପ୍ରଭୁ ଆବିର୍ଭାବ ହେଇଥିବା ବେଳେ ମାଁ ଦୁର୍ଗେଇ ଦେବୀଙ୍କ ଆରାଧ ଦେବୀଙ୍କ ଦୈବୀଶକ୍ତି ଉପାସନା ପରମ୍ପରା ସ୍?ତନ୍ତ୍ରତା ରହିଅଛି। ମା’ ଙ୍କ ଆରାଧନା କଲେ ସାନିଧ ଲାଭ କରିବା ସହ ମାନସିକ ପୂରଣ ହୋଇଥାଏ ବୋଲି ପୂର୍ଣ୍ଣ ବିଶ୍ୱାସ ରହିଛି। ନିଘଞ୍ଚ ଅରଣ୍ୟ ଓ ବନ୍ୟଜନ୍ତୁଙ୍କ ବାସସ୍ଥଳୀ ସତ୍ତ୍ୱେ ମାଁ ଦୂର୍ଗେଇଦେବୀଙ୍କ ପୂଜାରେ କୌଣସି ଦିନ ଅଟଘଣ ଘଟିନାହିଁ। ଯାହାକି ମାଙ୍କ ଅପାର କରୁଣା ରହିଥିବା ବିଶ୍ୱାସ ରହିଛି। ମା’ଦୂର୍ଗେଇ ଦେବୀଙ୍କ ପୀଠକୁ ବିଦ୍ୟୁତକରଣ ଯିବା ପାଇଁ ପାହାଚ ନିର୍ମାଣ କରିବାକୁ ଅଞ୍ଚଳ ବାସୀଙ୍କ ଦାବି ହେଉଛି। ପୂଜକ ସୁବାସ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ସଚ୍ଚିଦାନନ୍ଦ ମଲ୍ଲିକ, ତ୍ରିନାଥ ମଲ୍ଲିକ, ପ୍ରଦୀପ ମଲ୍ଲିକ, ଦେହୁରୀ ରଣଜିତ ମଲ୍ଲିକ, ସୁବାଚନ ମଲ୍ଲିକ, ବିଶିକେଶନ ମଲ୍ଲିକ, ଦୁର୍ଗେଇ ଦେବୀ ପୂଜା ପରିଚାଳନା କମିଟି ସଭାପତି ମଧୂସୁଦନ ପାଣ୍ଡେ, ଉପ ସଭାପତି ପୂର୍ଣ୍ଣ ଚନ୍ଦ୍ର ଭୋଇ, ବେଣୁଧର ମଲ୍ଲିକ, ତ୍ରିନାଥ ମଲ୍ଲିକ, କୋଷାଧ୍ୟକ୍ଷ ହିରଣ୍ୟ ମଲ୍ଲିକ, ମନଭଙ୍ଗ ଗୌନ୍ତିଆ ଅନନ୍ତରାମ ଭୋଇ, ମିଠାପାଲି ପୂର୍ବତନ ସରପଞ୍ଚ ପାନାଲାଲ ସେଠ, ଦିବ୍ୟହଂସ ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ୯ ହଜାର ଗଞ୍ଜେଇ ଚାଷ ନଷ୍ଟ

**ରେଢ଼ାଖୋଲ, ୫।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ରେଞ୍ଜର ସିମାବର୍ତ୍ତୀ ଆଭ୍ୟନ୍ତରୀଣ ସଂରକ୍ଷିତ ଜଙ୍ଗଲ ଭିତରେ ପ୍ରାୟ ୯ ହଜାର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ସଂରକ୍ଷିତ ଜଙ୍ଗଲ ବିପୁଳ ଗଞ୍ଜେଇ ଚାଷ ହୋଇଥିବାର ପ୍ରମାଣ ପାଇ ଅବକାରୀ ବିଭାଗ, ବନ ବିଭାଗ, ରାଜସ୍ୱ ବିଭାଗ ଏବଂ ପୋଲିସ ବିଭାଗର ମିଳିତ ଚଢ଼ଉ କରାଯାଇଥିଲା।ସୁଧୀରପଡ଼ା, ଲାଣ୍ଡିମାଲ, କ୍ଷେତ୍ରପୁର ଏବଂ ରାଇଲ ମଧ୍ୟବର୍ତ୍ତି ଜଙ୍ଗଲରେ ବିସ୍ତିର୍ଣ୍ଣ ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିଲା। ଅଞ୍ଚଳର ପ୍ରାୟ ସାଢେ ୭ ଏକର ଜମିରେ ପ୍ରାୟ ୯ ହଜାରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ସେସବୁ ଗଛକୁ କାଟି ପୋଡା ଦିଆଯାଇଛି। ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ଅଶୋକ କୁମାର ସେଠ୍, ସମ୍ବଲପୁର ଡିଏସଇ କୈଳାଶ ଚନ୍ଦ୍ର ଦେହୁରୀ, ଏସଡିପିଓ ପ୍ରଶାନ୍ତ କୁମାର ମେହେର, ରେଢ଼ାଖୋଲ ଅବକାରୀ ବିଭାଗ ଅଧିକାରୀ ଦୂବଦଳ ବେହେରା, ଓଆଇସି କୀର୍ତ୍ତନ ନାଏକ, ନାକଟିଦେଉଳ ଥାନା ଅଧିକାରୀ, ତହସିଲଦାର, ଫରେଷ୍ଟର ଦିଲ୍ଲୀପ ବେହେରା ପ୍ରମୁଖ ସମେତ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

## ଜାତୀୟ କୁସ୍ତି ପ୍ରତିଯୋଗିତାରେ ଭାଗନେବେ ସମ୍ବଲପୁରର ବୈଷ୍ଣବୀ

**ସମ୍ବଲପୁର, ୫।୧୨ (ସମିସ) :** ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୧୭ ବର୍ଷରୁ କମ୍ ବର୍ଗର ଜାତୀୟ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁରର ଖେଳାଳୀ ବୈଷ୍ଣବୀ ପଟ୍ଟନାୟକ ଯୋଗଦେବେ। ଏହି ପ୍ରତିଯୋଗିତା ଉତ୍ତର ପ୍ରଦେଶର ବଳିଆଠାରେ ଆସନ୍ତା ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ କୁସ୍ତି ପ୍ରତିଯୋଗୀ ମାନଙ୍କ ସହିତ ଆଜି ସେ ଭୁବନେଶ୍ୱରରୁ ଉତ୍ତରପ୍ରଦେଶ ଗସ୍ତ କରିଛନ୍ତି। ସେ ଅଣ୍ଡର -୧୭ ବିଭାଗରେ ମହିଳା ଜାତୀୟ କୁସ୍ତି ପ୍ରତିଯୋଗିତାରେ ୫୩ କେଜି ବିଭାଗରେ ଓଡ଼ିଶା ତରଫରୁ ଅଂଶଗ୍ରହଣ କରିବେ। ବୈଷ୍ଣବୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍କୁଲରେ ଅଧ୍ୟୟନରତ।

ସୂଚନାଯୋଗ୍ୟ ଯେ, ବୈଷ୍ଣବୀ ରାଜ୍ୟର ଗଣ ଶିକ୍ଷା ବିଭାଗ ତରଫରୁ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାର ନାମ ଅକ୍ଷୁର୍ଣ୍ଣ ରଖିଛନ୍ତି। ସେ ଏକମାତ୍ର ଖେଳାଳି ମନୋନୀତ ହୋଇଛନ୍ତି। ବୈଷ୍ଣବୀ ସମ୍ବଲପୁର କଚେରି ନିକଟସ୍ଥ ସାଓଲିନ କୁଂଫୁ ଉଷୁ ଏସୋସିଏସନର କୁସ୍ତି ସଂଘ ଠାରେ ନିୟମିତ ତାଲିମ ଗ୍ରହଣ କରନ୍ତି। ସେ ହୀରାକୁଦ କଲୋନୀର ସଞ୍ଜିବ ପଟ୍ଟନାୟକ ଓ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ଝିଅ। ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ତଥା ଅନ୍ୟ ଅଧିକାରୀମାନଙ୍କ ସହ କୁଂଫୁ ଆସୋସିଏସନ୍‌ର ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ରାଜ୍ୟ କୁସ୍ତି ସଂଘର ସାଧାରଣ ସମ୍ପାଦକ କିଶୋର ବେହେରା, ପ୍ରଶିକ୍ଷକ ସ୍ୱାଗତ କୁମାର ଘଡ଼ାଇ, ଦିବ୍ୟ କରିସ୍ମା ପୃଷ୍ଟି, ଗାୟତ୍ରୀ ମିଶ୍ର, ସଦସ୍ୟ ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ଲକ୍ଷ୍ମଣ କୁମାର ମେହେର, ତ୍ରିଲୋଚନ ରାଏ, ସନ୍ତୋଷ ସାହା ପ୍ରମୁଖ ବୈଷ୍ଣବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭିମସାର ଜେଡିଏର ଶପଥ ଗ୍ରହଣ ଉତ୍ସବ




**ସମ୍ବଲପୁର, ୫।୧୨ (ସମିସ) :** ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ର ଜୁନିଅର ଡାକ୍ତର ସଂଘ (ଜେଡିଏ) ର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ ସଭାପତି ଡା. ମଳୟ ରଞ୍ଜନ ମଲ୍ଲିକ ଏବଂ ସାଧାରଣ ସମ୍ପାଦକ ଡା. ଦେବଦତ୍ତ ପଣ୍ଡା ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଆନୁଷ୍ଠାନିକ ଭାବରେ ଶପଥ ଗ୍ରହଣକରି ନୈତିକ ଚିକିତ୍ସା ଅଭ୍ୟାସକୁ ବଜାୟ ରଖିବା, ଛାତ୍ର ଚିନ୍ତାର ପ୍ରତିନିଧିତ୍ୱ କରିବା ଏବଂ ଅନୁଷ୍ଠାନିକ ପ୍ରଗତିରେ ସକ୍ରିୟ ଭାବରେ ଯୋଗଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ତରାଞ୍ଚଳ ପୋଲିସ ମହାନିରୀକ୍ଷକ ହିମାଂଶୁ କୁମାର ଲାଲ ମୁଖ୍ୟଅତିଥି ଏବଂ ପୂର୍ବତନ ଡିନ୍ ପ୍ରଫେସର ଡା. ବ୍ରଜ ମୋହନ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସେମାନଙ୍କ ଭାଷଣରେ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବା ଏବଂ ମର୍ଯ୍ୟାଦା, ଶୃଙ୍ଖଳା ଏବଂ ରୋଗୀ-ପ୍ରଥମେ ନୀତି ବଜାୟ ରଖିବାରେ ଯୁବ ଚିକିତ୍ସା ବୃତ୍ତିଗତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ପ୍ରଭାରୀ ଡିନ୍ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ମୁଖ୍ୟମାନେ ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ନୂତନ ଭାବରେ ନିଯୁକ୍ତ ନେତାମାନଙ୍କୁ ଶୈକ୍ଷିକ ଉତ୍କର୍ଷତା, ଉନ୍ନତ ଛାତ୍ର କଲ୍ୟାଣ ଏବଂ ଉନ୍ନତ ରୋଗୀ ସେବା ପାଇଁ ସହଯୋଗପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ ପରେ ଏକ ଅନୌପଚାରିକ ଆଲୋଚନା ଏବଂ ଫେଲୋସିପ୍ ଅଧିବେଶନ ହୋଇଥିଲା। ସଭାପତି ଡା. ମଳୟ ରଞ୍ଜନ ମଲ୍ଲିକ ତାଙ୍କ ଭାଷଣରେ ଭିମସାରର ମୌଳିକ କ୍ୟାମ୍ପସ୍ ସୁରକ୍ଷା ସୁରକ୍ଷା, ଉନ୍ନତ ରୋଗୀ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ଜେଡିଏ ପକ୍ଷରୁ ଶୈକ୍ଷିକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା, କ୍ଲିନିକାଲ୍ ଏକ୍ସପୋଜରକୁ ଉନ୍ନତ କରିବା, କ୍ୟାମ୍ପସ୍ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ସ୍ନାତକ ଏବଂ ସ୍ନାତକୋତ୍ତର ଡାକ୍ତରୀ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଏକ ସହାୟକ ପରିବେଶ ସୁନିଶ୍ଚିତ କରିବା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଛି।

### ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

## କୁସୁମ ଦଳାଇ ଓ ସୁମନ ମୁଣ୍ଡା ଚାମ୍ପିଅନ

**ସମ୍ବଲପୁର, ୫।୧୨ (ସମିସ)**



ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ପୌରୋହିତ୍ୟ ଏବଂ କ୍ରୀଡ଼ା ସଂସଦ ଉପସଭାପତି ପ୍ରଫେସର ରାଜେନ୍ଦ୍ର କୁମାର ବିଶ୍ୱାଳ ଏବଂ କ୍ରୀଡ଼ା ଶିକ୍ଷକ ମେଜର ସରିତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଛାତ୍ରୀମାନେ ଭୂତାପଡ଼ାସ୍ଥିତ ମଙ୍ଗଳା ମନ୍ଦିରରୁ ପବିତ୍ର ଅଗ୍ନି ଆଣିବା ପରେ କ୍ରୀଡ଼ା ମଶାଲ ଜଳିଥିଲା। ଅଧ୍ୟକ୍ଷା ପ୍ରଫେସର ମେହେର ମଶାଲ ଜଳାଇ କ୍ରୀଡ଼ା ଉତ୍ସବ ଆରମ୍ଭ ଉଦ୍‌ଘାଟନ କରିବା ସହ କ୍ରୀଡ଼ା -ଶପଥ ପାଠ କରାଇଥିଲେ। ଆମନ୍ତ୍ରିତ କ୍ରୀଡ଼ା ଶିକ୍ଷକ ଏବଂ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀଙ୍କ ଦ୍ୱାରା କ୍ରୀଡା ପ୍ରତିଯୋଗିତା ଗୁଡ଼ିକ ପରିଚାଳିତ ହୋଇଥିଲା। ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତ୍ୟେକ ବର୍ଗରେ ସମୁଦାୟ ୧୫ଟି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଗତ ଡିସେମ୍ବର ୧ ତାରିଖରୁ କବାଡ଼ି, କ୍ରିକେଟ୍, ବ୍ୟାଡମିଣ୍ଟନ ଆଦି ଖେଳ ଆରମ୍ଭ ହୋଇ ଆଜିର ବାର୍ଷିକ କ୍ରୀଡ଼ା ଉତ୍ସବରେ ଏହା ଉଦ୍‌ଯାପିତ ହୋଇଯାଇଛି।

ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଶ୍ରୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅନ୍ୟତମ କର୍ମକର୍ତ୍ତା ବଳବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦୌଡ଼କୁଦ ପ୍ରତିଯୋଗିତାରେ ମହାବିଦ୍ୟାଳୟସ୍ତରରେ କୁସୁମ ଦଳାଇ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ସୁମନ ମୁଣ୍ଡା ଚମ୍ପିଅନ ହୋଇଥିଲେ। ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକସ୍ତରରେ ବ୍ୟାଡମିଣ୍ଟନ, କବାଡ଼ି ଓ କ୍ରିକେଟ୍ ଆଦି ପ୍ରତିଯୋଗିତାର ଚମ୍ପିଅନ ଦଳକୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରୀମାନେ ଆୟୋଜନରେ ସହଯୋଗ କରିଥିଲେ।

## ଜାତୀୟ ବରିଷ୍ଠ ସନ୍ତରଣ ବିଜେତାଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୫।୧୨ (ସମିସ) :** ହାଇଦ୍ରାବାଦଠାରେ ଅନୁଷ୍ଠିତ ଜାତୀୟ ବରିଷ୍ଠ ବର୍ଗ ସନ୍ତରଣ ପ୍ରତିଯୋଗିତାରେ ଭାଗନେଇ ସମ୍ବଲପୁରର ସୁରେନ୍ଦ୍ର ନାୟକ, ଜୟନ୍ତ କୁମାର ପାଣ୍ଡେ, ଦାଶରଥି ପଟେଲ, ଲକ୍ଷ୍ମୀଚନ୍ଦ୍ର ମହାକୁଡ଼ ଓ ସୁରଜ ବାଗ ବିଭିନ୍ନ ବର୍ଗରେ ବିଜୟୀ ହୋଇ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବସୁନ୍ଧରା କମ୍ୟୁନିଟି ସେଣ୍ଟରର ପାଠଶାଳା କେନ୍ଦ୍ରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇ ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଗୁଣରଞ୍ଜନ ସାଲିମାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଶାନ୍ତ ପାଟଯୋଶୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଉପସଭାନେତ୍ରୀ ଝୁନୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରବୀଣ ନାୟକ, ବରିଷ୍ଠ ସଦସ୍ୟ ଜ୍ଞାନ ରଞ୍ଜନ ମିଶ୍ର, ଦେବେନ୍ଦ୍ର ନାଥ, ଅଳକା ମହାପାତ୍ର, କିଶୋର ଧରେଇ, ରଙ୍କନିଧି ସେଠ ପ୍ରମୁଖ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଶରତ ବହିଦାର, ରୋଜା ଆଚାରୀ, ଜ୍ୟୋତି ମୁଣ୍ଡା ଓ ମନୀଷା ନାୟକ ସହଯୋଗ କରିଥିଲେ।

# ନ୍ୟୁରିଆରେ ଧାନମଣ୍ଡି ଉଦ୍‌ଘାଟିତ

ଖପ୍ରାଖୋଲ,୫ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ନ୍ୟୁରିଆଠାରେ ଶୁକ୍ରବାର ଧାନ ମଣ୍ଡି ଉଦ୍‌ଘାଟିତ



ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ସମ୍ମାନୀତ ଅତିଥି ରୂପେ ପାଟଣାଗଡ଼ ସମବାୟ ସହ ନିବନ୍ଧକ ରଥ ଇବ୍ରାହିମ୍, ଖପ୍ରାଖୋଲ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଯୋଗୀମୁଣ୍ଡ ଆର୍‌ଏମସି ସଂପାଦକ କ୍ଷମାନିଧି ଗଡତ୍ୟା, ଯୋଗାଣ ନୀରିକ୍ଷକ ବିକାଶ ବାର୍ଲା, ପ୍ୟାକ୍ସ ସଂପାଦକ ଜଗଦୀଶ ରଣା ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଥମେ ପୂଜା ପାଠ ସହିତ ବିଭିନ୍ନ ମାପ ଯନ୍ତ୍ର ପୂଜା ହୋଇଥିଲା । ପରେ ନଡ଼ିଆ ଭାଙ୍ଗି ମଣ୍ଡି ଉଦ୍‌ଘାଟନ ହୋଇଥିଲା । ଏହି ମଣ୍ଡିରେ ଚଳିତ ବର୍ଷ ୧ ହଜାର ୨୭ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥଛନ୍ତି । ପ୍ରଥମ ଦିନ ୧୬ଜଣ ଚାଷୀ ୭୪୨କୁଇଣ୍ଟାଲ ଧାନ ବିକ୍ରି କରଛନ୍ତି । ଏହି ଅବସରରେ ଲଳିତ ବାଗ, ସୁଦାମ ସୁଆର, ସାନନ୍ଦ ଠାକୁର, ସାନନ୍ଦ ଯୋଶୀ, ସଞ୍ଜୀବ ପଟେଲ, ପ୍ରଦୀପ ସିଂଦେଓ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ । ସେହିପରି ଖପ୍ରାଖୋଲ ପେକ୍ସରେ ମଧ ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପଦ୍ମ କୁମାର ସିଂ ବରିହାଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ସଭାପତି ଗୁଣମଣି ଭୋଇ, ସଂପାଦକ ଶ୍ରୀପତି ଭୋଇ, ବିଡିସିସି ଲାଠରର ପରିଚାଳକ କିଶୋର ପଟେଲଙ୍କ ସମେତ ପେକ୍ସ ନିର୍ଦ୍ଦେଶକ, ଚାଷୀ ଉପସ୍ଥିତ ଥିଲେ ।

# ପୂଜାର୍ଚ୍ଚନା ସହ ଧାନକିଣା ଶୁଭାରମ୍ଭ

ବଲାଙ୍ଗିର,୫ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ପ୍ରାଥମିକ ସେବା ସମିତି ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ଚଳିତ ଖରିଫ (୨୦୨୫-୨୬) ଧାନକିଣା ଆରମ୍ଭ ହୋଇଛି । ଶୁକ୍ରବାର ଆନୁଷ୍ଠାନିକ ଭାବେ ବଲାଙ୍ଗିର ଜିଲ୍ଲାପାଳ ଏହାର ଉଦ୍‌ଘାଟନ କରିଥିଲେ । ଚଳିତ ଖରିଫ ଧାନକିଣା ଡିସେମ୍ବର ୫ ତାରିଖରେ ଶୁଭାରମ୍ଭ କରିବା ପାଇଁ ଜିଲ୍ଲା ଧାନକିଣା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ନିଷ୍ପତ୍ତି କ୍ରମେ ରୀତନୀତି ଅନୁସାରେ ଲୋଇସିଂହା ବ୍ଲକ୍ ସଦର ସମବାୟ ସମିତିରେ ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ଶୁକ୍ରବାର ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲାପାଳ ଗୋରଓ ଶିବାଜୀ ଇସାଲୱର ପୂଜାର୍ଚ୍ଚନା କରି




ଏହାର ଶୁଭାରମ୍ଭ କରିଥିଲେ । ଚଳିତ ଖରିଫରେ ଜିଲ୍ଲାରେ ୧ ଲକ୍ଷ ୫ ହଜାର ୩୧ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି । ପ୍ରଶାସନ ୧୫୮ ପ୍ରାଥମିକ ସେବା ସମବାୟ ସମିତି ଓ ୧୮ଟି ଏସଏଚଜି ଜରିଆରେ ଚାଷୀଙ୍କ ଧାନ କିଣିବା ପାଇଁ ବ୍ୟବସ୍ଥା କରିଛି । ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ପେକ୍ସରେ ମେସିନ ମହଜୁଦ ଥିବା ବେଳେ ଧାନକିଣା ଅନିୟମିତତା ରୋକିବା ପାଇଁ ମଣ୍ଡିରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲାକୁ ୨୪ ଲକ୍ଷ ୬୦ ହଜାର କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ ଦିଆଯାଇଛି । ଆଗକୁ ଏହା ବଢ଼ିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ମଣ୍ଡିକୁ ଧାନ ଆଣି କିଭଳି ଚାଷୀ ସୁବିଧାରେ ବିକ୍ରି କରିବେ ତାକୁ ପ୍ରଶାସନ ଗୁରୁତ୍ୱ ଦେଇଥିବା ଜିଲ୍ଲାପାଳ କହିଛନ୍ତି ।

ସେହିପରି ଧାନ ଚୋରାଚାଲାଣ ରୋକିବା ପାଇଁ ଉପଖଣ୍ଡ ସ୍ତରରେ ଉପଜିଲ୍ଲାପାଳମାନଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ବ୍ୟବସ୍ଥିତ ଧାନକିଣା ନିଶ୍ଚିତ କରିବା ପାଇଁ ନୋଡାଲ ଅଫିସର ମଧ୍ୟ ନିଯୁକ୍ତ ହୋଇଛନ୍ତି । ଶୁକ୍ରବାର ଲୋଇସିଂହା ପେକ୍ସ ଅଧୀନସ୍ଥ କିଛି ଚାଷୀ ଟୋକନ ଅନୁସାରେ ଆଣି ଧାନ ବିକ୍ରି କରିଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ପେକ୍ସ ସଭାପତି ମୋହିତ ମିଶ୍ରଙ୍କ ସମେତ ଆରଏମସି, ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲା ।

## ୱାନ୍ ଷ୍ଟେପ୍ ଚେରିଟେବଲ ଟ୍ରଷ୍ଟ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍

**ଲୋଇସିଂହା,୫ ।୧୨(ସମିସ):** ଲୋଇସିଂହା ୱାନଷ୍ଟେପଚେରିଟେବଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଦୁର୍ଗା ମଣ୍ଡପ ରଙ୍ଗମଞ୍ଚରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅୟୋଜିତ ହୋଇଯାଇଛି । ଟ୍ରଷ୍ଟ ସମ୍ପାଦକ ଶିବଲୁ କଦମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିହାର ରଞ୍ଜନ ବେହେରା ଯୋଗଦେଇ ନୂଆଖାଇ କେବଳ ଏକ ପରମ୍ପରା ନୁହଁ ଏହା ପଶ୍ଚିମଓଡିଶା ତଥା ସାରା ରାଜ୍ୟର କଳାକାରମାନଙ୍କ ନିଜ କଳା ପ୍ରଦର୍ଶନ କରିବାର ଏକ ମାଧ୍ୟମ ସାଜିଛି ବୋଲି କହିଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଜମିଦାର ଅର୍ଚ୍ଚନା ଦେବୀ ସିଂରାଏ, ମୁଖ୍ୟବକ୍ତା ଭାବେ ଅଶୋକ ମେହେର ଯୋଗ ଦେଇଥିଲେ । ଲୋଇସିଂହା ସଙ୍ଗୀତ ସାଧନା, ସରଧାପାଲିର ସରଗମଲି ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ପାଣ୍ଡେ ସଂଯୋଜନା କରିଥିବା ବେଳେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଟିବଲୁ କଦମ, କହ୍ନେୟା ବେହେରା, ମନୋଜ ପୋଢ, ସୋମ ପସାୟତ, ଓମକାର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ୧୧ରୁ ରାଜେନ୍ଦ୍ର ନଗର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**କଣ୍ଟାବାଞ୍ଜି,୫ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରାଜେନ୍ଦ୍ର ନଗର ଫୁଟବଲ୍ କ୍ଲବ୍ ଦ୍ୱାରା ୧୧ରୁ ରାଜେନ୍ଦ୍ର ନଗର ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୧୭ ତାରିଖରେ ଶେଷ ହେବ । ବିଭିନ୍ନ ଅଞ୍ଚଳରୁ ମୋଟ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

## ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବଲାଙ୍ଗିର,୫ ।୧୨(ସମିସ):** ସିନଖମନସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଓ ବାର୍ଷିକ ଉତ୍ସବ ପାଳିତ ହୋଇଛି । ପରିଚାଳନା ସଭାପତି ଗୀତାଞ୍ଜଳି ନାଏକଙ୍କ ଉପସ୍ଥିତିରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଅତିଥି ଶିକ୍ଷକ ସୁବାଷ ପଣ୍ଡା କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାଞ୍ଜଳି ନାଏକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । କୃଷ୍ଣଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାରେ ଶିକାଛିଡା ସରପଞ୍ଚ କ୍ଷୀରେନ୍ଦ୍ରୀ ଶତପଥୀ ମୁଖ୍ୟ ଅତିଥି, ଶକ୍ଷାବିତ ଉମାକାନ୍ତ ନାଏକ ଓ ପ୍ରଧାନ ଶିକ୍ଷକ କେଦାରନାଥ ସାହ ସମ୍ମାନିତ ଅତିଥି ଭାବେ ଏବଂ ଶିଶୁ ସାହିତ୍ୟିକ ତଥା ଶିଶୁ ପତ୍ରିକା ମଠଖାଇର ସଂପାଦକ ମଦନ ମୋହନ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଲଲାଟ କେଶରୀ ପ୍ରଧାନ, କ୍ରୀଡା ଶିକ୍ଷକ ନିଳାଚଳ କୁଅଁର କ୍ରୀଡା କାର୍ଯ୍ୟକ୍ରମ ପରି.ଳନା କରିଥିଲେ । ସାଧନା ପଣ୍ଡା, ପଦ୍ମାବତୀ ପୋଡ, ରାଜେନ୍ଦ୍ର କୁଅଁର, ହରେରାମ ବାରିକ ସହଯୋଗ କରିଥିଲେ । ଶିକ୍ଷକ ଅନିଲ ସାହୁ ଧନ୍ୟବାଦ ଦେଇଥିଲେ ।

## ଜୈବିକ ପଦ୍ଧତିରେ ଚାଷ କଲେ ମାଟିସୁସ୍ଥ ରହିବ

ଦେଓଗାଁ,୫ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଡାହିମାଲରେ ଶୁକ୍ରବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି । ମହାଶକ୍ତି ଫାଉଣ୍ଡେସନ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ରୁଦ୍ର ନାରାୟଣ ବଗର୍ତ୍ତି ସଂଯୋଜନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ । ମାଟିକୁ ସୁସ୍ଥ ରଖିବା ପାଇଁ ନିତାନ୍ତ ଜରୁରୀ ବୋଲି ସେ ମତ ପୋଷଣ କରିଥିଲେ । ଏହାସହ ପ୍ଲାଷ୍ଟିକକୁ ମାଟିରେ ନ ପକାଇ ସ୍ୱତନ୍ତ୍ର ଭାବେ ପରିଚାଳନା କରିବା ପାଇଁ ଅନୁରୋଧ କରିଥିଲେ । ରାସାୟନିକ ସାର ବଦଳରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଗ୍ରାମ୍ୟ କୃଷି କର୍ମୀ କୋକିଳ ନାଏକ, ମହାଶକ୍ତି ଫାଉଣ୍ଡେସନର ପ୍ରୋଗ୍ରାମ ମ୍ୟାନେଜର ଶାନ୍ତନୁ ମେହେର ଯୋଗ ଦେଇଥିଲେ । ତାଲିମଦାତା ଭାବେ ଝସକେତନ ରଣା ଓ ଏଫଇଏସର ମାଷ୍ଟରଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ମାଟିର ବିଭିନ୍ନ ଉପାଦେୟତା ବିଷୟରେ ଉଲ୍ଲେଖ କରାଯିବା ସହ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା । ଏହାସହ ଜୈବିକ ପଦ୍ଧତିରେ କୃଷିର ବିଭିନ୍ନ ଉପାୟ ବିଷୟରେ ଅବଗତ କରାଯାଇଥିଲା ।

## ସାଲେମୁଡଗା ୩୦ ହାତୀ; ଭାଙ୍ଗିଦେଲେ ଘର

**ତୁରେକେଲା,୫ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ମହଖଣ୍ଡ ସେକ୍ସନ ସାଲେମୁଡଗାରେ ୩୦ଟି ହାତୀଙ୍କ ଆତଙ୍କ ଦେଖିବାକୁ ମିଳିଛି । ଗୁରୁବାର ମଧରାତିରେ ସାଲେମୁଡଗା ଗାଁର ହେମନ୍ତ ସଗରିଆଙ୍କ ଘର ଭାଙ୍ଗି ଦେଇଛନ୍ତି । ସେହିଭଳି ଶକ୍ରିତନ ସୁନା, ନିଳାମ୍ବର ସଗିଆଙ୍କ ଧାନ ଫସଲ ନଷ୍ଟ କରିଛନ୍ତି । ବଲାଙ୍ଗୀର ଜିଲ୍ଲା ପ୍ରଶାସନ ନଜର ଦେଇ ତୁରନ୍ତ ହାତୀ ନଷ୍ଟ କରିଥିବା ସମ୍ପତିର ଆକଳନ ପୂର୍ବକ କ୍ଷତିପୂରଣ ଦେବାକୁ ଗାଁ ଲୋକ ଦାବି କରିଛନ୍ତି ।

## ଓଡିଶା ପୁଲିସରେ ଫେନସିଙ୍ଗ ଖେଳ ପରିଚୟ ପର୍ବ



ବଲାଙ୍ଗିର,୫ ।୧୨(ସମିସ): ମନୋହରପୁରସ୍ଥିତ ବଲାଙ୍ଗିର ରିଜର୍ଭ ପୁଲିସ ଇନଡୋର ଷ୍ଟାଡିୟମରେ ଓଡିଶା ରାଜ୍ୟ ଫେନସିଙ୍ଗ ସଂଘ ତରଫରୁ ବଲାଙ୍ଗିର ପୁଲିସ ଖେଳାଳିଙ୍କୁ ଫେନସିଙ୍ଗ ଖେଳର ପ୍ରଦର୍ଶନ ଦିଆଯାଇଥିଲା । ମାର୍ଚ୍ଚରେ ସର୍ବ ଭାରତ ପୁଲିସ ଫେନସିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏନେଇ ଓଡ଼ିଶା ପୁଲିସ, ବଲାଙ୍ଗିର ଏବଂ ଓଡ଼ିଶା ରାଜ୍ୟ ଫେନସିଙ୍ଗ ସଂଘ ମିଳିତ ଆନୁକୂଲ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି ଯୋଗ ଦେଇଥିଲେ । ବଲାଙ୍ଗିରର ଅତିରିକ୍ତ ଏସପି ଗୁଣନିଧି ମଲ୍ଲିକ, ରିଜର୍ଭ ଇନଚାର୍ଜ ପ୍ରଦୀପ୍ତ ଦେବତା, ସତ୍ୟପ୍ରକାଶ ମିଞ୍ଜ, ରାଜ୍ୟ ଫେନସିଙ୍ଗ ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଏବଂ ଫେନସିଙ୍ଗ କୋଚ ସୁକାନ୍ତ ସେଠ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଅନ୍ୱେଷା ରାଉତ, ରୋଶନ ସାହୁ, ସୁଭଦ୍ରା ବେହେରା, ଜ୍ୟୋତି ରଞ୍ଜନ ଠାକୁରଙ୍କ ପୁଲିସ ବିଭାଗର ସମସ୍ତ ଅଧିକାରୀ ଏବଂ ଖେଳାଳି ଉପସ୍ଥିତ ଥିଲେ ।

## ବଲାଙ୍ଗିର ରେଳ ଜଙ୍କସନରେ ଏଡିଆରଏମ୍ ଅଫିସ ଖୋଲାଯାଉ

**ବଲାଙ୍ଗିର,୫ ।୧୨(ସମିସ):** ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାରରେ ସାମାଜିକ ଅନୁଷ୍ଠାନ ଅଭିଭାବକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏହି ମାଟିର ବିଶିଷ୍ଟ ସଂଗୀତ ସାଧକ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଉପ ସଭାପତି ପ୍ରଶନ୍ନ ମିଶ୍ର ଜିଲ୍ଲାର ରେଳ ଉପଭୋକ୍ତା ତଥା ସାଧାରଣ ଜନତା ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା ଆରମ୍ଭ କରିଥିଲେ । ତଦନୁଯାୟୀ କେତୋଟି ପ୍ରସ୍ତାବ ସଭାରେ ପାରିତ ହୋଇଥିଲା । ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନିକଟ ଭବିଷ୍ୟତରେ କାର୍ଯ୍ୟକାରୀ ହେବ । ପ୍ରସ୍ତାବିତ ବଲାଙ୍ଗିର-ନୂଆଁପଡା ନୂତନ ରେଳପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏଣୁ ଏନ୍‌ଏସ୍‌ଜି-୩ ସ୍ତରକୁ ଉନ୍ନିତ ବଲାଙ୍ଗିର ରେଳ ଜଙ୍କସନର ଗୁରୁତ୍ୱ ବଢିଯାଇଛି । ପୁନଶ୍ଚ ଗୋପାଳପୁର, ବିଳାସପୁର ମାଲ୍ ପରିବହନ ପଥରେ ଏହା ପ୍ରମୁଖ ଜଙ୍କସନ । ଏଣୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ଏଡିଆରଏମ୍ ଅଫିସ ଖୋଲାଯାଉ । ବଲାଙ୍ଗିର ଜଙ୍କସନ ଦେଇ ମାଲବାହୀ ଟ୍ରେନ ତଥା ଯାତ୍ରୀବାହୀ ଟ୍ରେନ ଗୁଡିକର ଯାତାୟତ ଆଶାତୀତ ଭାବରେ ବୃଦ୍ଧି ପାଉଥିଲା । ଏଣୁ ରେଳ ଉପଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ପିଆଇଟି ଲାଇନର ବ୍ୟବସ୍ଥା କରାଯାଉ । ବଲାଙ୍ଗିର ଆଟଗାଁ ରାସ୍ତାରେ ଦୁଇଟି ଅଣ୍ଡରବ୍ରିଜ, ଲୋଇସିଂହା ରୋଡରେ ଥିବା ଗୋଟିଏ ଅଣଓସାରିଆ ଅଣ୍ଡରବ୍ରିଜ ସର୍ବଦା ଅନ୍ଧାରୁଆ ରହୁଛି । ଖାଲଢିପପୂର୍ଣ୍ଣ ରାସ୍ତାରେ ପାଣି ଜମା ହୋଇ ରହୁଛି । ଏଣୁ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାତାୟତର ସୁବିଧା ଦୃଷ୍ଟିରୁ ଏହି ଦୁଇଟି ରାସ୍ତାରେ ରେଳ ଓଭରବ୍ରିଜର ନିର୍ମାଣ କରାଯାଉ । ମାଲବାହୀ ଟ୍ରେନ ତଥା ଯାତ୍ରୀବାହୀ ଟ୍ରେନ ଗୁଡିକର ଯାତାୟତକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ସମ୍ବଲପୁର ରେଳଷ୍ଟେସନଠାରୁ ଟିଟିଲାଗଡ ରେଳ ଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ରେଳ ଲାଇନ ବ୍ୟବସ୍ଥା କରାଯାଉ । ସଭ୍ୟ ଛବିଲାଲ ବେହେରା, କୃଷ୍ଣଚନ୍ଦ୍ର ମହାକୁର, ହରେକୃଷ୍ଣ ପଟେଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗୋବିନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଲୋକଙ୍କ ସହ ପୂର୍ବତନ ସାଂସଦଙ୍କ ଧାରଣା

ବଲାଙ୍ଗିର,୫ ।୧୨(ସମିସ): ବଲାଙ୍ଗିର ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ରାସ୍ତା ନିମ୍ନମାନର ତିଆରି ହେଉଛି । କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ନିମ୍ନମାନର ସିମେଣ୍ଟ ବ୍ୟବହାର ହେଉଛି । ଏଭଳି ଅଭିଯୋଗ ନେଇ ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ସାଂସଦ ବାଲଗୋପଲ୍ ମିଶ୍ର ଲୋକଙ୍କ ଧାରଣା ଦେଇଥିଲେ । ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ ପିପିଲିଠାରୁ ଜାମୁଟିଆ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି । ପ୍ରାୟ ୪ କିମି ରାସ୍ତା ପାଇଁ ସାଢେ ୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ପିପିଲି ଗାଁରେ ନିମ୍ନମାନର କାମ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ ।

ଠିକାଦାର କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ । ଏଣୁ ଲୋକେ ପୂର୍ବତନ ସାଂସଦ ବାଲଗୋପଲ୍ ମିଶ୍ରଙ୍କୁ ଜଣାଇଥିଲେ । ଶ୍ରୀ ମିଶ୍ର ଜାଣିବା ପରେ ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀଙ୍କ ସହ ଧାରଣାରେ ବସିଥିଲେ । ଉନ୍ନୟନ ମୂଳକ କାମରେ ଅନେକ ଅନିୟମିତତା ଓ ପିସି କାରବାରକୁ ନେଇ ଶ୍ରୀ ମିଶ୍ର ପ୍ରଶ୍ନ ଉଠାଇଥିଲେ । ପରେ ଅଧିକ୍ଷଣ ଯନ୍ତ୍ରୀ ବୃନ୍ଦଦେବ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ମହାପାତ୍ର ନିର୍ବାହୀ ଯନ୍ତ୍ରୀ ମୁକୁନ୍ଦ କିଶାନ ଓ କନିଷ୍ଠ ଯନ୍ତ୍ରୀ ବିଧାନ ନାଏକଙ୍କୁ ଡକାଇ ଆଲୋଚନା କରିଥିଲେ ।

ଏହାସହ କାମ ଠିକ୍ ଚାଲିଥିବା କହିଥିଲେ; କିନ୍ତୁ ଶ୍ରୀ ମିଶ୍ର ନିର୍ମାଣ ସ୍ଥଳକୁ ଯାଇ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ପୂର୍ବତନ ସାଂସଦ ଶ୍ରୀ ମିଶ୍ର ଧାରଣାରୁ ଉଠିଥିଲେ ।

## ପରିବେଶ ଓ ପର୍ଯ୍ୟାବରଣ ସଚେତନତା କାର୍ଯ୍ୟକ୍ରମ

**ମୁରିବାହାଲ,୫ ।୧୨(ସମିସ):** ମୁରିବାହାଲ ବ୍ଲକ୍ ଚଳକି ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ (କର୍ଲା)ଠାର ପରିବେଶ ଓ ପର୍ଯ୍ୟାବରଣ ବିଭାଗ, ବନ ବିଭାଗ ଓ ବିଦ୍ୟୁତ ବିଭାଗ ତରଫରୁ ହାତୀ ସୁରକ୍ଷା ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ନାୟକ ସଭାପତିତ୍ୱ କରିଥିଲେ । ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ବାହୁକ, ଫରେଷ୍ଟର ଧ୍ରୁବ ଚରଣ ବଗର୍ତି, ସତ୍ୟନାରାୟଣ ବୁଢ଼େକ, ଛବି ବଗର୍ତି ପ୍ରମୁଖ ଯୋଗଦେଇ ହାତୀ ସୁରକ୍ଷା ଉପରେ ମତ ରଖିଥିଲେ । ଛାତ୍ରଛାତ୍ରୀ ଗାଁ ପରିକ୍ରମା କରି ହାତୀ ସୁରକ୍ଷା ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ । ବିକାଶ ସାହୁ, ଦିବ୍ୟକାନ୍ତି ଭୁଏ, ଗୋବିନ୍ଦ ବଗର୍ତି, ସୁଜିତ ମନହିରା ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ଉମେଶ ମାଝୀ ମଞ୍ଚ ପରିଚାଳନା କରି ଥିବାବେଳେ ଦେବାଶିଷ ବାଗ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶ୍ରୀ ଅନ୍ନ ଅଭିଯାନ ତରଫରୁ ଖାଦ୍ୟମେଳା

**ଖପ୍ରାଖୋଲ,୫ ।୧୨(ସମିସ):** ସ୍ଥାନୀୟ ପଡ଼ିଆରେ ଅନୁଷ୍ଠିତ ଖପ୍ରାଖୋଲ ମହୋତ୍ସବ ତଥା ଧନୁଯାତ୍ରା ମହୋତ୍ସବରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ମିଲେଟ୍ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ କୃଷି ଅଧିକାରୀ ସନ୍ତୋଷ ମେହେର ଖାଦ୍ୟ ମେଳା ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ମେଡ଼ିକାଲ ଅଫିସର ଡାକ୍ତର ସୁରଜ ଦୀପ, ବ୍ଲକ୍ ଅଗ୍ନିଶମ ଅଧିକାରୀ ଜୟ ଗୋପାଲ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା । ମେଳାରେ ମିଲେଟ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ପ୍ରବଳ ଭିଡ ହୋଇଥିଲା । ଶ୍ରୀ ଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଶୁଭମ୍ ଦାସ, ବାସନ୍ତୀ ମୁଣ୍ଡା, ପୁରନ୍ଦର ବନଛୋର, ଗଣେଶ ବନଛୋର, ସଦାନନ୍ଦ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଡ୍ ଟାଉନ୍‌ରୁ ଜବତ ମଦ ନେଲା ଅବକାରୀ ପୁଲିସ

**କଣ୍ଟାବାଞ୍ଜି,୫ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମିଡ୍ ଟାଉନ୍‌ରୁ ୨ ବର୍ଷ ତଳେ ଜବତ ହୋଇଥିବା ମଦ ଶୁକ୍ରବାର ଅବକାରୀ ବିଭାଗ ନେଇଛି । ୨୦୨୩ ମସିହାରେ କଣ୍ଟାବାଞ୍ଜି ସହରରେ ଥିବା ମିଡ୍ ଟାଉନ୍ ମଦ ଦୋକାନକୁ ବେଆଇନ ଭାବେ ଚାଲୁଥିବା ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ଅବକାରୀ ବିଭାଗ ସିଲ୍ କରିଥିଲା ।



ମିଡ୍ ଟାଉନ୍ ମଦ ଦୋକାନ ନିର୍ମାଣ ହୋଇଥିବା ଜମିକୁ ନେଇ ମଧ୍ୟ ମାମଲା ଚାଲିଛି । ମଦ ଦୋକାନ ସିଲ୍ ହୋଇ ଅନେକ ଦିନ ହେଲା ଏଠାରେ ମଦ ରହିଥିବା ବେଳେ ଲାଇସେନ୍ସ ମଧ୍ୟ ନବୀକରଣ ହୋଇନାହିଁ । ତେଣୁ ଏଠାରେ କୌଣସି ପ୍ରକାର ନିଶା ଦ୍ରବ୍ୟ ରହି ପାରିବ ନାହିଁ । ତେଣୁ ଏଠାରୁ ଜବତ ହୋଇଥିବା ସମସ୍ତ ମଦ ସ୍ଥାନାନ୍ତର କରାଯାଇଛି ବୋଲି ଅବକାରୀ ଅଧିକାରୀ ସଚିନ ବେହେରା ପ୍ରକାଶ କରିଛନ୍ତି ।

## ହଳଦୀରେ ମାଣବସା ଲକ୍ଷ୍ମୀପୂଜା ଉତ୍ସବ



**ମୁରିବାହାଲ,୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ହଳଦୀ ପଞ୍ଚାୟତ ସଦରମହକୁମାଠାରେ ମାଣବସା ଲକ୍ଷ୍ମୀପୂଜା ପୂଜା ଉତ୍ସବ ପାଳିତ ହୋଇଛି । ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ହଂସରାଜ ଜୈନ, ସମ୍ମାନିତ ଅତିଥି ରୂପେ ମୁରିବାହାଲ ବ୍ଲକ ସରପଞ୍ଚ ସଙ୍ଘ ସଭାପତି ବିଶ୍ୱବିହାରୀ ଯୋଶୀ, ପୂର୍ବତନ ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀ, ଟୁଁପାଉଡାର ସରପଞ୍ଚ ପ୍ରତିନିଧି ଅନ୍ତର୍ଯ୍ୟାମୀ ବାଗ, ବିଜେଡି ନେତ୍ରୀ ପିଙ୍କି ଖର୍ସେଲ, ବରିଷ୍ଠ ବିଜେଡି ନେତା ଦିଲୀପ ପୃଷ୍ଟି, ଦୈତାରୀ ଭୋଇ, ହଳଧର ମହାକୁର, ତପନ ଦୀପ, ଚିତ୍ରସେନ ହାତୀ, ଟଙ୍କଧର ହଂସ, ସୋନୁ ହାତୀ, ପିଣ୍ଟୁ ପଶାୟତ, ପପୁ ବାଗ, ଚିତ୍ରସେନ ହାତୀ, ବାସୁଦେବ ଜାନୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ।

## କପା ଚୋରିବେଳେ ଧରାପଡ଼ିଲା ଯୁବକ

ଦେଓଗାଁ,୫ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଡୁମେରଯୋର ନିକଟ ଗୁରାଣ୍ଡିପାଲି ଗାଁ କପା କିଆରୀରେ କପା ଚୋରି କରୁଥିବା ସମୟରେ ଜଣେ ଯୁବକ ଧରା ପଡିଛି । ଗୁରାଣ୍ଡିପାଲିର କପାଚାଷୀ ମକରଧ୍ୱଜ ଗୁରାଣ୍ଡିଙ୍କ ଅଭିଯୋଗକୁ ଆଧାର କରି ବନ୍ଧପଡା ଫାଣ୍ଡିରେ ମାମଲା ରୁଜୁ କରାଯାଇଛି । ଡୁମେରଯୋର ଗାଁର ଅଭିଯୁକ୍ତ ଶଙ୍କର ବାରିକକୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ମଳୟ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଗୁରୁବାର ରାତିରେ ଗାଁର ୨ରୁ୩ ଜଣ ଯୁବକ ଗୁରାଣ୍ଡିପାଲି କପା କିଆରୀରୁ କପା ଚୋରି କରୁଥିଲେ ।

ଏହି ସମୟରେ ପୂର୍ବରୁ ଜଗିଥିବା ଗାଁଲୋକ ଚାରିପଟୁ ଘେରି ଯାଇଥିଲେ । ଗାଁ ଲୋକଙ୍କ ହାବୁଡରେ ଶଙ୍କର ଧରାପଡିଥିବା ବେଳେ ଅନ୍ୟମାନେ ଫେରାର ମାରିଥିଲେ । ସୂଚନାଯୋଗ୍ୟ, ଅନେକ ଥର କପା ଚୋରି ହେଲାଣି । ଏଣୁ କିଛିଦିନ ହେଲା ଗାଁଲୋକ କପା କିଆରିରେ ରାତିରେ ଜଗି ରହୁଛନ୍ତି ।

**କଣ୍ଟାବାଞ୍ଜି ବିଧାୟକଙ୍କୁ ହତ୍ୟା ଧମକ ଘଟଣା**

# କାଉନସିଲର ମହମ୍ମଦ ଇମ୍ରାନ ଖାଁଙ୍କୁ ଜାମିନ

କଣ୍ଟାବାଞ୍ଜି,୫ ।୧୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ହତ୍ୟା ଧମକ ଘଟଣାରେ କାଉନସିଲର ମହମ୍ମଦ ଇମ୍ରାନ ଖାଁ (ବଣ୍ଟି)ଙ୍କୁ ଜାମି ନ ମିଳିଛି । ବୁଧବାର ମଧରାତିରେ କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଉଭୟଙ୍କ ମଧ୍ୟରେ ଜୋରଦାର ପାଟିତୁଣ୍ଡ ହୋଇଥିଲା । ବଣ୍ଟି କୁଆଡ଼େ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ବିଧାୟକ କଣ୍ଟାବାଞ୍ଜି ଜିଆରପିରେ ଲିଖିତ ଅଭିଯୋଗ କରିଥିଲେ । ବିଧାୟକଙ୍କ ଅଭିଯୋଗକୁ ଆଧାର କରି ବଣ୍ଟିଙ୍କୁ କଣ୍ଟାବାଞ୍ଜି



ଜିଆରପି ଗୁରୁବାର ଅପରାହ୍ନରେ ଗିରଫ କରି ଟିଟିଲାଗଡ଼ ଜିଆରପି ଥାନାରେ ରଖିଥିଲା । ଶୁକ୍ରବାର କଣ୍ଟାବାଞ୍ଜି କୋର୍ଟ ଚାଲାଣ କରିଥିଲା; ହେଲେ ଅଦାଲତ ବଣ୍ଟିଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି । ବିଜେଡ଼ି ନେତା ଗିରିରାଜ ସିଂ ମାଝୀ ତାଙ୍କୁ ଜିମାନତରେ ନେଇଛନ୍ତି । ତେବେ ଭାରତର ସମ୍ବିଧାନିକ ନ୍ୟାୟ ବ୍ୟବସ୍ଥା ଉପରେ ତାଙ୍କର ବିଶ୍ୱାସ ରହିଥିଲା । ଜାଣିଶୁଣି ତାଙ୍କୁ ଷଡ଼ଯନ୍ତ୍ର କରି ଫସା ଯାଇଛି । ବିଧାୟକ ତାଙ୍କୁ ଜାତିଆଣ ଆକ୍ଷେପ କରି ଅସଭ୍ୟ ଭାଷାରେ ଗାଳିଦେଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ତେଣୁ ସେ ପ୍ରତିବାଦ କରିଥିଲେ । ସେ ମଧ ଜିଆରପି ଥାନାରେ ଅଭିଯୋଗ କରିଛନ୍ତି । ତା ଉପରେ ମଧ ଉପଯୁକ୍ତ ପଦକ୍ଷେପ ନିଆଯାଉ ବୋଲି ଜାମିନରେ ଆସିବା ପରେ ବଣ୍ଟି ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି । ଅନ୍ୟପକ୍ଷେ ବଣ୍ଟି ବିଜୁ ଜନତା ଦଳ କାଉନସିଲର । ଏଣୁ ରାଜନୈତିକ ଆକ୍ରୋଷ ରଖି ତାଙ୍କୁ ଫସାଇବାକୁ ଉଦ୍ୟମ କରାଯାଇଛି । ଜିଆରପି ପୁଲିସ ଯଦି ବିଧାୟକଙ୍କ ଅଭିଯୋଗ ଆଧାରରେ ବଣ୍ଟିଙ୍କୁ ଗିରଫ କରିଛି ତେବେ ବିଧାୟକଙ୍କ ନାଁରେ ମଧ ଅଭିଯୋଗ ହୋଇଛି । ତାଙ୍କୁ ଜିଆରପି ପୋଲିସ ଗିରଫ କରୁ । ନ ଚେତ ବିଜୁ ଜନତା ଦଳ ପକ୍ଷରୁ କଣ୍ଟାବାଞ୍ଜି ଜିଆରପି ଥାନା ଘେରଉ କରି ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ବିଜେଡ଼ି ନେତା ଗିରିରାଜ ସିଂ ମାଝୀ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି । ତେବେ ଏନେଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ
'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଳବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।
ନିବେଦକ
'ବନ୍ଦେ ଉତ୍କଳ ଜନନୀ'


# ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୨ୟୁନିଟ୍ ରକ୍ତ ସଂଗୃହୀତ



ବ୍ରହ୍ମପୁର,୫।୧୨(ସମିସ): ସ୍ଥାନୀୟ ପାକାଲାବାରିସାହିସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମୁଖ୍ୟ ଶାଖା ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ବ୍ୟବସାୟ ସହିତ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ଓ ସାମାଜିକ କାର୍ଯ୍ୟରେ କର୍ମଚାରୀଙ୍କୁ ନିୟୋଜିତ କରିବା ଲକ୍ଷ୍ୟ ନେଇ ବ୍ୟାଙ୍କ ପକ୍ଷରୁ ଏଭଳି ମହତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଇଡିଏ ସଚିବ ରମେଶ ଚନ୍ଦ୍ର ହାଂସଦା ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରଫେସର ମହମ୍ମଦ ଅଲତାଫ ଖାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ୟାଙ୍କର କ୍ଲଷ୍ଟର ହେଡ୍ ସନତ ପାଢ଼ୀ ଓ ବ୍ରାଞ୍ଚ ମୁଖ୍ୟ ତନୁଜ କୁମାର ବିଶୋୟୀଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସହଯୋଗର ହାତ ବଢ଼ାଇଥିଲେ। ଶିବିରରେ ମୋଟ ୪୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବ୍ୟାଙ୍କର କର୍ମଚାରୀ ଅଜୟ ପାତ୍ର, ସତ୍ୟଶ୍ରୀ ମହାନ୍ତି, ଅନୀଲ ପ୍ରଧାନ, ଇପ୍‌ସିତା ମହାପାତ୍ର ଓ ଦଣ୍ଡପାଣି ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଆୟୁଷ ଛାତ୍ରଛାତ୍ରୀଙ୍କ ଦିବାରାତ୍ର ଧାରଣା

- ମହଙ୍ଗା ପଡ଼ିଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ 'ହ୍ୱାଇଟ କୋର୍ଟ' ପଠାଇବା
- ମାସକ ପାଇଁ କଲେଜରୁ ନିଲମ୍ବିତ ହେଲେ ଛାତ୍ରନେତା
- ନିଲମ୍ବନ ଆଦେଶ ପ୍ରତ୍ୟାହାର ଓ ଦାବିପୂରଣ ନେଇ ବିକ୍ଷୋଭ

ବ୍ରହ୍ମପୁର, ୫।୧୨(ସମିସ)

ରାଜ୍ୟ ସରକାର ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ପିଜି ଶ୍ରେଣୀରେ ପାଠ୍ୟକ୍ରମ ଖୋଲିବା ହେଉ ଅଥବା ସରକାରୀ ଚାକିରୀ ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଅବହେଳା ପ୍ରଦର୍ଶନ କରୁଛନ୍ତି ସରକାର। ଏଭଳି ୮ଦଫା ଦାବିରେ ନିଖିଳ ଓଡିଶା ଆୟୁଷ ଛାତ୍ର ସଂଘର ଡାକରାରେ ରାଜ୍ୟବ୍ୟାପୀ ଚାଲିଥିବା ତାଲାବନ୍ଦ ଆନ୍ଦୋଳନ ୧୫ଦିନରେ ପହଞ୍ଚିଛି। ବାରମ୍ବାର ଦାବି ସତ୍ତ୍ୱେ ସରକାର କେବଳ ପ୍ରତିଶ୍ରୁତି ଦେଇ ପ୍ରତାରଣ କରିଆସିଛନ୍ତି। ଏଣୁ ଦାବି ପୂରଣ ନେଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଛାତ୍ର ସଂଘ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରତିବାଦ କରାଯାଉଛି।

ଶୀତରାତିରେ ଛାତ୍ରଛାତ୍ରୀ ଅହରହ ଆନ୍ଦୋଳନ ଜାରି ରଖିଥିବା ବେଳେ ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବାରମ୍ବାର ଦାବିପତ୍ର ପ୍ରଦାନ କରିଛନ୍ତି। ତଥାପି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନାହିଁ। ଏଭଳି ସ୍ଥିତିରେ ସଂଘର ଆହ୍ୱାନ କ୍ରମେ ବିଭିନ୍ନ ସ୍ଥାନରେ ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିଜର ହ୍ୱାଇଟ କୋଟ ବା




ଧଳା ଆପ୍ରନକୁ ଡାକ ଯୋଗେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିଲା। ସଂଘର ଡାକରାରେ ରାଜ୍ୟବ୍ୟାପୀ ସାମୂହିକ ପ୍ରତିବାଦ କରାଯାଇଥିବା ବେଳେ ଏହା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତି ବିଶୃଙ୍ଖଳିତ ଆଚରଣ ଦର୍ଶାଇ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ କଲେଜର ୨୦୨୧-୨୨ ବ୍ୟାଚର ବିଏଏମ୍‌ଏସ୍ ଶେଷବର୍ଷ ଛାତ୍ର ବିଶ୍ୱଜିତ ରଣାଙ୍କୁ ମାସକ ପାଇଁ କଲେଜରୁ ନିଲମ୍ବନ କରିଥିବା ଜଣାପଡିଛି। ଗତ ୪ତାରିଖରେ ଅନୁଷ୍ଠିତ ଶିକ୍ଷାନୁଷ୍ଠାନର ଶୃଙ୍ଖଳାକମିଟି ବୈଠକର ନିଷ୍ପତ୍ତି ପ୍ରକାରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଏ.କେ.ଦାସଙ୍କ ପକ୍ଷରୁ ଜାରି ନୋଟିସରୁ ଜଣାପଡିଛି। ନିଜର ସାମ୍ବିଧାନିକ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ଦମନ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ଏକଛତ୍ରବାଦ ନିଷ୍ପତ୍ତି ବିରୋଧରେ ଛାତ୍ରଛାତ୍ରୀ ଆନ୍ଦୋଳନକୁ ବ୍ୟାପକ କରିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ଦୃଢ ନିନ୍ଦା କରିବା ସହିତ ତୁରନ୍ତ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ଦାବିରେ ଉଭୟ ଆୟୁର୍ବେଦିକ ଓ ହୋମିଓପାଥିକ ଡାକ୍ତରୀ ଛାତ୍ରଛାତ୍ରୀମାନେ ଏକ ବିରାଟ ପଟୁଆରରେ ବାହାରି ସହର ପରିକ୍ରମ କରିଥିଲେ। ପରେ ଶୋଭାଯାତ୍ରା ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ ପରେ ଛାତ୍ରଛାତ୍ରୀଙ୍କ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସହିତ ସାକ୍ଷାତ ଆଲୋଚନା କରି ୮ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରି ହସ୍ତକ୍ଷେପ ଲୋଡିଥିଲେ।

# ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କଲୋନୀରେ ବିଇଏମ୍‌ସିର ସର୍ଭେ ଶେଷ

- ବିପଦସଙ୍କୁଳ ୭୬କ୍ୱାର୍ଟର୍ସର ସ୍ଥିତି ଓ ମାଲିକାନା ଚିହ୍ନଟ ନେଇ ସର୍ଭେ
- ଦୀର୍ଘବର୍ଷ ଧରି ଜବରଦଖଲରେ ରହିଛି ଅଧିକାଂଶ ସରକାରୀ କ୍ୱାର୍ଟର୍ସ
- ୩ ଏକରରୁ ଉର୍ଦ୍ଧ୍ୱ ଜମି ଜବରଦଖଲ ମୁକ୍ତ କରାଯିବା ପରେ ନିଆଯିବ ପରବର୍ତ୍ତୀ ପଦକ୍ଷେପ

ବ୍ରହ୍ମପୁର,୫।୧୨(ସମିସ): ବର୍ଷ ବର୍ଷ ଜବରଦଖଲକାରୀଙ୍କ ଅକ୍ତିଆରରେ ରହିଛି ସରକାରୀ କ୍ୱାର୍ଟର୍ସ। ବିପଦସଙ୍କୁଳ ଅବସ୍ଥାରେ ତଥା ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଏହି କ୍ୱାର୍ଟର୍ସରେ କେତେବେଳେ ଯେ କି ଅଘଟଣ ଘଟିବ କହିବା ମୁସ୍କିଲ। ଏଭଳି ପରିସ୍ଥିତିରେ ବିଳମ୍ବରେ ହେଲେ ମଧ୍ୟ ବିଇଏମ୍‌ସି କର୍ତ୍ତୃପକ୍ଷ ଉକ୍ତ ସରକାରୀ କ୍ୱାର୍ଟର୍ସଗୁଡ଼ିକୁ ଜବରଦଖଲ ମୁକ୍ତ କରି ନିଜ ଅଧୀନକୁ ଆଣିବାକୁ ଅଣ୍ଟା ଭିଡ଼ିଛନ୍ତି। ୬୦-୭୦ଦଶକରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ସୁବାସପୁର ମୌଜାର ଖାତା ନମ୍ବର ୧୭୭ ତଥା ବ୍ରହ୍ମପୁର ତହସିଲ ଅନ୍ତର୍ଗତ ପ୍ଲଟ୍ ନଂ ୩୦୬, ୩୫୪ ଓ ୩୫୬ରେ ପ୍ରାୟ ୩.୦୧୪ଡେସିମିଲ ଜମିରେ ନିର୍ମାଣ କରାଯାଇଥିଲା ୭୬ଟି ସରକାରୀ କ୍ୱାର୍ଟର୍। ସେଠାରେ ବ୍ରହ୍ମପୁର ପୌର କର୍ମଚାରୀଙ୍କୁ ରହିବାର ବ୍ୟବସ୍ଥା କରାଯାଇଥିଲା। ଯାହା ଲାଞ୍ଜିପଲ୍ଲୀ ମ୍ୟୁନିସିପାଲଟି କଲୋନୀ ଭାବେ ବେଶ ପରିଚିତ। କ୍ରମଶଃ ଉକ୍ତ ଘରଗୁଡ଼ିକ ମରାମତି ଓ ରକ୍ଷଣାବେକ୍ଷଣର ଅଭାବରୁ ନଷ୍ଟ ହେବାରେ ଲାଗିଥିଲା। ବହୁ କର୍ମଚାରୀ ଯାହାଙ୍କ ନାମରେ କ୍ୱାର୍ଟର୍ସ ଯୋଗାଣ ହୋଇଥିଲା ସେମାନଙ୍କ ମଧ୍ୟରୁ ଅନେକେ ଅବସର ଗ୍ରହଣ କରିସାରିଥିବାବେଳେ ଅନେକଙ୍କର ଦେହାନ୍ତ ଘଟିସାରିଛି। ଏଭଳି ପରିସ୍ଥିତିରେ ପୌରପାଳିକା ଏବଂ ପରବର୍ତ୍ତୀ ସମୟରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଉକ୍ତ କ୍ୱାର୍ଟର୍ସଗୁଡ଼ିକ ଜବରଦଖଲ ହୋଇଥିଲା। ସମଗ୍ର କଲୋନୀକୁ ଜବରଦଖଲ ମୁକ୍ତ କରିବା ଏବଂ ବିପଦସଙ୍କୁଳ ସରକାରୀ କ୍ୱାର୍ଟର୍ସରେ କୌଣସି ଅଘଟଣକୁ ଏଡ଼ାଇବାକୁ ଯାଇ ବିଇଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବିଇଏମ୍‌ସି କମିସନର ପ୍ରଥମେଷ ଅରବିନ୍ଦ ରାଜେସିର୍କେଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଫୋର୍ସ ମୁତୟନ କରାଯାଇ ଦୁଇଦିନ ଧରି କରାଯାଇଥିବା ସରଜମିନ ସର୍ଭେ କାର୍ଯ୍ୟ ଶୁକ୍ରବାର ଶେଷହୋଇଛି। ନିଜେ କମିସନର ଓ ସହକାରୀ କମିସନରଙ୍କ ଉପସ୍ଥିତିରେ ଘରକୁ ଘର ବୁଲି ସର୍ଭେ କରାଯାଇ କ୍ୱାର୍ଟର୍ସଗୁଡ଼ିକର ସ୍ଥିତି ଓ ମାଲିକାନା ଚିହ୍ନଟ କରାଯାଇଛି। ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଖୁବ୍‌ଶୀଘ୍ର ନୋଟିସ୍ ଦିଆଯାଇ କ୍ୱାର୍ଟର୍ସ ଖାଲି କରିବାକୁ ସୁଯୋଗ ଦିଆଯିବ। ଏଥିରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଉଚ୍ଛେଦ କରାଯିବ। ସମଗ୍ର କଲୋନୀକୁ ଜବରଦଖଲମୁକ୍ତ କରିବା ପରେ ବିଇଏମ୍‌ସି ପକ୍ଷରୁ ଉକ୍ତ ଜମିରେ କିଭଳି ପ୍ରକଳ୍ପ କରାଯିବ ସେ ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ଇତି ମଧ୍ୟରେ କଲୋନୀର ୯ଟି କ୍ୱାର୍ଟର୍ସକୁ ଭାଙ୍ଗି ସେଠାରେ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟୁତ ଟ୍ରାନ୍ସଫର୍ମର ଓ ପାଣି ଟାଙ୍କି ଆଦି ନିର୍ମାଣ କରାଯାଇଛି। ବର୍ତ୍ତମାନ ମଧ୍ୟ ନିଗମ ପକ୍ଷରୁ କ୍ୱାର୍ଟର୍ସରେ ରହୁଥିବା ଲୋକଙ୍କ ଠାରୁ ଭଡ଼ା ଅସୁଲ କରାଯାଉଥିବା ବେଳେ ବିପଦସଙ୍କୁଳ କ୍ୱାର୍ଟର୍ସର ମରାମତି କିମ୍ବା ରକ୍ଷଣାବେକ୍ଷଣ କରାଯାଇନଥିବା ଅଭିଯୋଗ ହୋଇଛି। ସର୍ଭେ ସମୟରେ ସ୍ଥାନୀୟ କିଛି ବ୍ୟକ୍ତିବିଶେଷ ଯେଉଁମାନେ ଦୀର୍ଘବର୍ଷ ଧରି ଉକ୍ତ କ୍ୱାର୍ଟର୍ସରେ ରହି ଆସିଛନ୍ତି ଅଥବା ଅକ୍ତିଆରରେ ରଖିଛନ୍ତି ସେମାନେ ସର୍ଭେକୁ ବିରୋଧ କରିଥିଲେ। ଏହି କ୍ୱାର୍ଟର୍ସ ବା ଜମିକୁ ସେମାନଙ୍କ ମାଲିକାନାରେ ଛାଡ଼ିଦେବାକୁ ଦାବି କରିଥିଲେ। ତେବେ ଏଭଳି ଯୁକ୍ତି ଭିତ୍ତିହୀନ ଏବଂ ଏ ନେଇ ଅଦାଲତରେ ଚାଲିଥିବା ମାମଲା ୨୦୧୨ମସିହା ମାର୍ଚ୍ଚ ଠାରୁ ଖାରଜ ହୋଇସାରିଥିବା କହିଛନ୍ତି ବିଇଏମ୍‌ସିର ସହକାରୀ କମିସନର ରୋନିତ କୁମାର।

# ଧାନକିଣାରେ ପ୍ରତିବର୍ଷ ୧୦୦ କୋଟିର ଦୁର୍ନୀତି

ବ୍ରହ୍ମପୁର,୫।୧୨(ସମିସ): ଚାଷ ଓ ଚାଷୀ ବହୁଳ ଗଞ୍ଜାମ ଜିଲ୍ଲାରେ ପ୍ରତିବର୍ଷ ଧାନକିଣାରେ ୧୦୦କୋଟି ଟଙ୍କାର ଦୁର୍ନୀତି ହେଉଛି। ଧାନ ବିକିବା ନାଁରେ ଚାଷୀକୁଳ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମିଲରମାନେ ସରକାରଙ୍କଠାରୁ ପଇସା ପାଇ ମାଲେମାଲ୍ ହେଉଛନ୍ତି। ଏହାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଧିକାରୀ, ମିଲର ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରାଯାଇଥିବା ଗେଟ୍‌ବାଜର ଏନ୍‌ଜିଓ ହଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଋଷିକୂଲ୍ୟ ରୟତ ମହାସଭାର ସମ୍ପାଦକ କହିଛନ୍ତି ଯେ, ଧାନ ଚାଷ ଏଠାକାର ଚାଷୀମାନଙ୍କ ମୁଖ୍ୟ ବେଉସା। ଜିଲ୍ଲାରେ ୫ଲକ୍ଷ ୨୦ହଜାର ଚାଷୀ ଓ ପ୍ରାୟ ୨.୫ ଲକ୍ଷ ଭାଗ ଚାଷୀ ଧାନ ଚାଷ କରିଥାନ୍ତି। ଭାଗ ଚାଷୀମାନେ ଜିଲ୍ଲାର ପ୍ରାୟ ୫୦ଭାଗରୁ ଅଧିକ ଜମି ଚାଷ କରିଥାନ୍ତି। ଜିଲ୍ଲାରେ ମାତ୍ର ୪୦ଭାଗ ଜମିକୁ ଜଳସେଚନର ସୁବିଧା ଥିବା ଯୋଗୁଁ "ଦୋ' ଫସଲି ଚାଷ ହୋଇପାରୁନି। ଧାନ ଫସଲ ଉପରେ ସମସ୍ତେ ନିର୍ଭର କରିଥାନ୍ତି। ନୂଆଁ ସରକାର ଆସିଲା ପରେ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ବୋନସ୍ ଦେଇଛନ୍ତି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଛୋଟ ଚାଷୀ ଓ ଭାଗ ଚାଷୀମାନେ ଏହି ବୋନସ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଭାଗ ଚାଷୀଙ୍କ ପଞ୍ଜୀକରଣ ସରଳୀକରଣ ଥିବାରୁ ସେମାନେ ତାଙ୍କ ନାମ ପଞ୍ଜୀକରଣ କରି ଧାନ ବିକିପାରୁଥିଲେ। ମାତ୍ର ଏବେ ଧାନ କିଣା ପଦ୍ଧତି ଜଟିଳ ହେବାରୁ ଭାଗ



ଚାଷୀ ପଞ୍ଜୀକରଣ କରିପାରୁନାହାନ୍ତି। ଜିଲ୍ଲାରେ ପ୍ରାୟ ୩୬୭ସମବାୟ ସମିତି, ୧୦୯ମହିଳା ଗ୍ରୁପ ଏବଂ ଗୋଟିଏ ପାଣି ପଞ୍ଚାୟତ ଧାନ କିଣାରେ ଏଜେନ୍‌ସି ଭାବେ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କିଣିଥାନ୍ତି। ଗତବର୍ଷ ଅଧିକାଂଶ ସୋସାଇଟି ଏବଂ ମହିଳା ଗ୍ରୁପ ଚାଷୀଙ୍କଠାରୁ ୫କେଜିରୁ ୧୨କେ.ଜି ପର୍ଯ୍ୟନ୍ତ କ୍ୱିଣ୍ଟାଲ ପିଛା ଅଧିକ ଧାନ ନେଇ ଚାଷୀଙ୍କୁ ଠକିଛନ୍ତି। ଏଫ୍‌ଏକ୍ୟୁମାନ ନାମରେ ବହୁ ବର୍ଷ ଧରି ଚାଷୀଙ୍କୁ ଠକି ଆସୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ମଣ୍ଡିରେ ହେଉଥିବା ଧାନକିଣାର ସବୁ ଖର୍ଚ୍ଚ ମିଲରମାନେ ପାଇଥାନ୍ତି। ଅଖା ଗାଡ଼ି ଭଡ଼ା ଲେବର ଖର୍ଚ୍ଚ ଓ ମିଲିଙ୍ଗ୍ ଖର୍ଚ୍ଚ ମଧ୍ୟ ସରକାର ଦେଇଥାନ୍ତି। ମାତ୍ର ଚାଷୀମାନେ ଅଖା, ଗାଡ଼ି ଭଡ଼ା ଲେବର ଖର୍ଚ୍ଚ ଆଦି ପାଆନ୍ତି ନାହିଁ। ମାର୍କେଟିଙ୍ଗ୍ ଇନ୍ସପେକ୍ଟର ମାନେ ଚାଉଳ ନେବାପାଇଁ କମିଶନ ନିଅନ୍ତି। ଗୋଦାମ ବାଲା ମଧ୍ୟ ଟଙ୍କା ନିଅନ୍ତି। ଯୋଗାଣ ବିଭାଗ, ସମବାୟ ବିଭାଗ, ମହିଳା ଗ୍ରୁପ୍ ମିଶନ ଶକ୍ତି ଅଧିକାରୀମାନେ ମିଲରମାନଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ଜିଲ୍ଲାରେ ପ୍ରତିବର୍ଷ ୧୦୦କୋଟିରୁ ଅଧିକ ଟଙ୍କା ଧାନ କିଣାରେ ଦୁର୍ନୀତି ହେଉଥିବା ଶ୍ରୀ ନାହାନ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଋଷିକୂଲ୍ୟା ରୟତ ମହାସଭାର ଉପଦେଷ୍ଟା ରବି ରଥ କହିଛନ୍ତି ଯେ, ଖଲ୍ଲିକୋଟ ବ୍ଲକ କୋମଣ୍ଡ ସୋସାଇଟିର ସମ୍ପାଦକ ୭୦୦ଜଣ ଚାଷୀଙ୍କ କୃଷି ଋଣ ପ୍ରାୟ ୩କୋଟି ଟଙ୍କା ହେରଫେର ହୋଇଥିବା ତଦନ୍ତରୁ ଜଣାଯାଇଛି। ପୁରୁଷୋତ୍ତମପୁର ବ୍ଲକର ସୁନାଥର ପଞ୍ଚାୟତର ଧାନକିଣାରେ ପ୍ରାୟ ୧କୋଟି ଟଙ୍କାରୁ ଅଧିକ ଟଙ୍କା ଦୁର୍ନୀତି ହୋଇଛି ବୋଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଖଲ୍ଲିକୋଟ ବ୍ଲକର ଆଇତିପୁର, ବାରସର, ବାହାଡ଼ାପଲ୍ଲୀ ଆଦି ସୋସାଇଟିରେ ଜମି ନଥିବା ଚାଷୀଙ୍କ ନାମରେ ଧାନ କିଣି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ଜଗନ୍ନାଥପ୍ରସାଦ ବ୍ଲକର ବିଡ଼ିପୁର ସୋସାଇଟି, ଚିକିଟି ବ୍ଲକର ନୂଆପଡ଼ା ସୋସାଇଟିରେ ଧାନକିଣାରେ ଏପରି ଭାବେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନିତି ହେବାର ଜଣାଯାଇଛି। ଅଧିକାଂଶ ସୋସାଇଟି ମହିଳା ଗ୍ରୁପ୍‌ରେ ଧାନକିଣାରେ ଦୁର୍ନୀତି ହୋଇଥିବାରୁ ଋଷିକୂଲ୍ୟା ରୟତ ମହାସଭା ତରଫରୁ ଭିଜିଲାନ୍ସ ତଦନ୍ତ ଦାବି କରିଛୁ ବୋଲି ସେ କହିଛନ୍ତି। ଏହାର ତଦନ୍ତ ପାଇଁ ଆଗାମୀ ଦିନରେ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭା ପକ୍ଷରୁ କୁହାଯାଇଛି।

# ବ୍ରହ୍ମପୁର ରେଳଷ୍ଟେସନ ପାଇଁ ଅଲୋଡ଼ା ୪ ନମ୍ବର ପ୍ଲାଟଫର୍ମ



ବ୍ରହ୍ମପୁର,୫।୧୨(ସମିସ): ବ୍ରହ୍ମପୁର ରେଳ ଷ୍ଟେସନରେ ମୋଟ ୪ଟି ପ୍ଲାଟଫର୍ମ ରହିଥିବାବେଳେ ୪ନମ୍ବର ପ୍ଲାଟଫର୍ମଟି ଏବେ ଏକପ୍ରକାର ଅଲୋଡ଼ା ହୋଇପଡ଼ିଛି। ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଷ୍ଟେସନ ଭାବେ ପରିଚିତ ହୋଇଥିବାବେଳେ ପ୍ରତିଦିନ ଷ୍ଟେସନ ଦେଇ ୬୦ରୁ ଅଧିକ ଟ୍ରେନ୍ ଦେଶର ବିଭିନ୍ନ ସ୍ଥାନକୁ ଯାତାୟତ କରୁଛି। ଏହି ରେଳ ଷ୍ଟେସନ ଜରିଆରେ କେନ୍ଦ୍ର ରେଳ ମନ୍ତ୍ରାଳୟ ଭଲ ରାଜସ୍ୱ ଆଦାୟ କରୁଛି। ସାଧାରଣତଃ ଗଞ୍ଜାମ ଜିଲ୍ଲା ବିଭିନ୍ନ ବ୍ଲକରୁ ହଜାର ହଜାର ବ୍ୟକ୍ତି ସୁରଟ ସମେତ ଅନ୍ୟାନ୍ୟ ସ୍ଥାନକୁ ଦାଦନ ଖଟିବାକୁ ଯାଇଥାନ୍ତି। କିନ୍ତୁ ଷ୍ଟେସନର ୪ନମ୍ବର ପ୍ଲାଟଫର୍ମ ରେଳ ବିଭାଗ ନିମନ୍ତେ ଅଲୋଡ଼ା ରହିଥିବା ବେଳେ ତାହା ଯାତ୍ରୀଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ଯାତ୍ରୀଙ୍କୁ ସୁବିଧା ନିମନ୍ତେ ପ୍ଲାଟଫର୍ମରେ ବିଭିନ୍ନ ବ୍ୟବସ୍ଥା କରାଯାଇଥିବା ବେଳେ ସେଥିମଧ୍ୟରୁ ଅନେକ ସେବାରୁ ଯାତ୍ରୀମାନେ ବଞ୍ଚିତ ରହୁଥିବା ଦେଖିବାକୁ ମିଳିଛି। ଏହି ପ୍ଲାଟଫର୍ମ ନିକଟରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ କେନ୍ଦ୍ର ରହିଥିବା ବେଳେ ତାହା କିଛି ମାସ ହେବ ବନ୍ଦ ରହିଛି। ଫଳରେ ଯାତ୍ରୀଙ୍କୁ ଔଷଧ ମିଳାବାରେ ସମସ୍ୟା ହେଉଛି। ସେହିପରି ପ୍ଲାଟଫର୍ମରେ ବିଭିନ୍ନ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଅନେକ ସ୍ଥାନରେ ପାଣି ଟ୍ୟାପ୍ ଭାଙ୍ଗି ପଡ଼ିରହିଛି। ଫଳରେ ଯାତ୍ରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ପାଇବାରେ ସମସ୍ୟା ହୋଇଛି। ଏହା ସହ ପ୍ଲାଟଫର୍ମରେ ରହିଥିବା ବିଭିନ୍ନ ଷ୍ଟଲ ଓ ଚୌକି ଗୁଡ଼ିକ ଭାଙ୍ଗି ନଷ୍ଟ ହୋଇପଡ଼ିଛି। ରେଳ ବିଭାଗ ପକ୍ଷରୁ ସଠିକ ରକ୍ଷଣାବେକ୍ଷଣ କରାଯାଉନଥିବା ବେଳେ ତାହା ଯାତ୍ରୀଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଛି। ଅନ୍ୟପକ୍ଷରେ ବ୍ରହ୍ମପୁର ରେଳ ଷ୍ଟେସନର ୧ ଓ ୨ନମ୍ବର ପ୍ଲାଟଫର୍ମରେ ପ୍ରତିଦିନ ୫୫ରୁ ଅଧିକ ଟ୍ରେନ୍ ଯାତାୟତ କରୁଥିବା ବେଳେ ୪ନମ୍ବର ପ୍ଲାଟଫର୍ମରେ ଦୈନିକ ମାତ୍ର ୩ଟି ଟ୍ରେନ ଯାତାୟତ କରୁଥିବା ଜଣାପଡ଼ିଛି। ଏଭଳି ଭାବରେ ଉକ୍ତ ଷ୍ଟେସନର ଏହି ପ୍ଲାଟଫର୍ମ ରେଳ ବିଭାଗ ନିମନ୍ତେ ଅଲୋଡ଼ା ହୋଇପଡ଼ିଛି। ତେଣୁ ରେଳ ବିଭାଗ ପକ୍ଷରୁ ଏଥି ପ୍ରତି ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୫।୧୨(ସମିସ): ଜଣେ ୫୨ବର୍ଷୀୟ ବ୍ୟକ୍ତିଙ୍କୁ ଆକ୍ରମଣ ହୋଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ଓମ୍ ନଗର ନିକଟସ୍ଥ ଗୌରାଙ୍ଗ ବିହାର ତୃତୀୟ ଲାଇନ ନିବାସୀ ବିଚିତ୍ର ରାଉତଙ୍କୁ ଗତ ୪ତାରିଖ ରାତିରେ ପୁରୁଣା ବ୍ରହ୍ମପୁର ରାଧାକାନ୍ତ ସାହି ଛକଠାରେ ବନ୍ଥପଲ୍ଲୀ ଗ୍ରାମର ଯୋଗେନ୍ଦ୍ର ଭୂୟାଁ ନାମକ ଜଣେ ଯୁବକକୁ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଚିତ୍ର ଆହତ ହୋଇଥିଲେ। କେଉଁ କାରଣ ଯୋଗୁଁ ତାଙ୍କୁ ଆକ୍ରମଣ ହୋଇଥିବା ସ୍ପଷ୍ଟ ଭାବେ ସେ ଜାଣିନଥିବା ବେଳେ ଘଟଣାକୁ ନେଇ ସେ ବଡ଼ ବଜାର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ପୁଲିସ କହିଛି।

# ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବ୍ରହ୍ମପୁର,୫।୧୨(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ୩୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସମାହିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ପୁରସ୍କାର ବିତରଣ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର୍ ନାରାୟଣ ବେହେରା ଯୋଗଦେଇ ନିୟମିତ କ୍ରୀଡ଼ାଭ୍ୟାସ ଓ କ୍ରୀଡ଼ା କ୍ଷେତ୍ରରେ ନୈପୁଣ୍ୟ ପ୍ରଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ସମୁଚିତ ବିକାଶ ହୋଇପାରିବ ବୋଲି କହିଥିଲେ। କ୍ରୀଡ଼ା ସଂସଦ ଉପ-ସଭାପତି ପ୍ରଫେସର୍ ଗଙ୍ଗାଧର ବେହେରା ସଂସଦର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉପଲବ୍‌ଧି ଓ ଉପଯୋଗିତା ସଂପର୍କରେ ଆଲୋକପାତ କରିଥିଲେ। ଡ. ଦେବରାଜ ସ୍ୱାଇଁ, ଡ. ଆନନ୍ଦ ସେଠୀ ଓ ଡ. ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଏହି ଉତ୍ସବର ସଂଚାଳନା କରିଥିଲେ। ଯୁକ୍ତ ଦୁଇ ବାଳକ ବର୍ଗରେ କିରଣ ସାହୁ ଚାମ୍ପିଅନ୍ ଆଖ୍ୟା ହାସଲ କରିଥିବା ବେଳେ ଯୁକ୍ତ ଦୁଇ ବାଳିକା ବର୍ଗରେ ଶୁଭଲକ୍ଷ୍ମୀ ଦଳେଇ ଚାମ୍ପିଅନ୍ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ସ୍ନାତକ ଓ ସ୍ନାତକୋତ୍ତର ଛାତ୍ର ବର୍ଗରେ ଜି. ଚନ୍ଦ୍ରଶେଖର ଚାମ୍ପିଅନ୍ ଟ୍ରଫି ହାସଲ କରିଥିବା ବେଳେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ ବର୍ଗରେ ରୁଚିସ୍ମିତା ପ୍ରଧାନ ଚାମ୍ପିଅନ୍ ଟ୍ରଫି ଗ୍ରହଣ କରିଥିଲେ। ଶେଷରେ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜାମ ଓକିଲ ସଂଘର ସମ୍ବର୍ଦ୍ଧନା



ବ୍ରହ୍ମପୁର, ୫।୧୨(ସମିସ): ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଅସ୍ଥାୟୀ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଦୌରା ବିଚାରପତି ଅଶାନ୍ତ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟ ହୋଇଥିବା କ୍ରିକେଟ ଟିମ ଓ ରେଫେରି ଭାବେ ଇଣ୍ଡୋନେସିଆ ଗସ୍ତ କରିଥିବା ଆଇନଜୀବୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଛନ୍ତି। କୋରାପୁଟରେ ଅନୁଷ୍ଠିତ ହୋଇଥିବା ଅଲ ଓଡିଶା ଲୟର୍ସ କ୍ରିକେଟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଓକିଲ ସଂଘ ଟିମ ବିଜୟ ହାସଲ କରିଥିଲା। ପ୍ରଥମଥର ପାଇଁ କ୍ରିକେଟ ଚମ୍ପିୟାନ ହୋଇଥିବାରୁ ଗଞ୍ଜାମ ଜିଲ୍ଲା ଦୌରା ବିଚାରପତି ଶ୍ରୀ ଦାସ ସମସ୍ତ ଖେଳାଳିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ସଂଘର ଅନ୍ୟ ସଦସ୍ୟ ଉମା ଚରଣ ଶତପଥୀ ବଡି ବିଲଡିଙ୍ଗରେ ରେଫେରି କରିବା ପାଇଁ ଇଣ୍ଡୋନେସିଆ ଯାଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଦୌରା ବିଚାରପତି ଉପସ୍ଥିତ ଥିଲେ। ସଂଘର ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଟି. ଭେଙ୍କେଟ ରାଓ, ଉପ-ସଭାପତି ଟିକେ ରେଡ୍ଡୀ ଏବଂ ସହ ସମ୍ପାଦକ ଅସିତ କୁମାର ସାବତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶହେ ବର୍ଷରେ ପଦାର୍ପଣ କଲେ ଡାକ୍ତର କେ ଲକ୍ଷ୍ମୀବାଈ

ବ୍ରହ୍ମପୁର, ୫।୧୨(ସମିସ)

ବିଶିଷ୍ଟ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର କେ ଲକ୍ଷ୍ମୀ ବାଇ ଶହେ ବର୍ଷରେ ପଦାର୍ପଣ କରିଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରସୂତି ଓ ସ୍ତ୍ରୀ ରୋଗ ଡାକ୍ତର ଭାରତୀ ମିଶ୍ର ଓ ଡା. ଟି ଭାରତୀଙ୍କ ସଂଯୋଜନାରେ ଭାବା ନଗରରେ ଆଜି ଡା. ଲକ୍ଷ୍ମୀ ବାଇଙ୍କ ୧୦୦ ତମ ଜନ୍ମ ଦିନ ପାଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବରିଷ୍ଠ ଚିକିତ୍ସକମାନେ ଯୋଗ ଦେଇଥିଲେ। କେକ୍ କାଟିବା ସହ ଡାକ୍ତର ଲକ୍ଷ୍ମୀ ବାଇଙ୍କ ସହ ନିଜ ନିଜର ଅନୁଭୂତି ଲୋକଙ୍କ ଆଗରେ ସଭିଏଁ କହିଥିଲେ। ଏ ଅବସରରେ ଭୁବନେଶ୍ୱର ଏମ୍‌ସର ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ଡା. ଦିଲ୍ଲୀପ କୁମାର ପରିଡ଼ା, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ମୁଖ୍ୟ ଡା. ସୌଭାଗ୍ୟ କୁମାର ଜେନା, ଫରେନସିକ୍ ମେଡିସିନ୍ ଓ ଟକ୍ସିକୋଲୋଜି ବିଭାଗର ମୁଖ୍ୟ ଡା. ମନୋଜ କୁମାର ମହାନ୍ତି, ଆକାଉଣ୍ଟ ଅଫିସର କମ୍ ଡିଡିଓ କମଲ କିଶୋର



ମହାପାତ୍ର, ସହକାରୀ ପ୍ରଶାସନିକ ଅଧିକାରୀ ଦିବ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଡା. ଲକ୍ଷ୍ମୀ ବାଇଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏପରିକି ଏମ୍‌ସକୁ ସେ ଦେଇଥିବା ୩ କୋଟି ୪୦ ଲକ୍ଷ ଚିକିତ୍ସା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜିବ ବୋଲି କହିଥିଲେ। ଡା. ଦିଲ୍ଲୀପ ପରିଡ଼ା କହିଛନ୍ତି, ଏମ୍‌କେସିଜି ମେଡିକାଲ କଲେଜରେ ସେ ଡା. ଲକ୍ଷ୍ମୀ ବାଇଙ୍କ ଛାତ୍ର ଥିଲେ। ପୂର୍ବରୁ ଓଡ଼ିଶାରେ ତାଙ୍କର ସ୍ୱାସ୍ଥ୍ୟ ସେବା ମିଳୁଥିଲା। ଏବେ ସେ ଦେଇଥିବା ଟଙ୍କାରେ ଓଡ଼ିଶା ସମେତ ନିକଟସ୍ଥ ରାଜ୍ୟର ଲୋକେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବେ। ଏହା ସ୍ୱର୍ଣ୍ଣିମ ଅକ୍ଷରରେ ଲିପି ବଦ୍ଧ ହୋଇ ରହିବ। ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପରିବାର ସଦସ୍ୟ ମିଶି ଡା. ଲକ୍ଷ୍ମୀ ବାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ବ୍ରହ୍ମପୁରର ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଡେ଼ପୁଟି ମେୟର ଇ ବିବେକ ରେଡ୍ଡୀ, ଅର୍ବାନ ବ୍ୟାଙ୍କ ସଭାପତି ଆର୍ ମୁରଲୀ ମୋହନ, ବରିଷ୍ଠ ବିଜେଡି ନେତା ଭୀମସେନ ଦଳେଇ, ବ୍ରହ୍ମପୁର ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ସଦା ଶିବାନନ୍ଦ ସରସ୍ୱତୀ, ଡା. ଏନ୍ ସି ପାଢ଼ୀ, ଡା. ଚରଣ ପଣ୍ଡା, ଡା. ଶଙ୍କର୍ଷଣ ପାତ୍ର, ଏମ୍‌କେସିଜି ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡା, ଡା. ଉମା ପାଢ଼ୀ, ଡା. ପ୍ରଭାତ ପାଣିଗ୍ରାହୀଙ୍କ ସମେତ ସହରର ସମସ୍ତ ପ୍ରସୂତି ଓ ସ୍ତ୍ରୀ ରୋଗ ଡାକ୍ତରଙ୍କ ସମେତ ବରିଷ୍ଠ ଚିକିତ୍ସକମାନେ ସାମିଲ ହୋଇଥିଲେ। ସେହିପରି ସୁନ୍ଦରଗଡ଼ରେ ଡା. ଲକ୍ଷ୍ମୀ ବାଇ ପ୍ରଥମ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ସେଠାକାର ବାସିନ୍ଦା ଭାବେ ଗର୍ବ କରୁଛନ୍ତି। ଆଜି ତାଙ୍କୁ ଦେଖିବା ସହ ସେହିପରି ମହିୟସୀ ମହିଳାଙ୍କ ଆଶୀର୍ବାଦ ନେବାକୁ ଆସିଥିବା ସୁନ୍ଦରଗଡ଼ର ବାସିନ୍ଦା ସୁନୀଲ ପଟ୍ଟନାୟକ ଓ ତାଙ୍କ ପତ୍ନୀ କହିଥିଲେ। ଖ୍ୟାତିସମ୍ପନ୍ନ ମଞ୍ଚ ଉଦ୍‌ଘୋଷକ ଦମ୍ପତି ହୃଷୀକେଶ ପାଣିଗ୍ରାହୀ ଓ ସୁଦୀପ୍ତ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ଡା. ଲକ୍ଷ୍ମୀ ବାଇଙ୍କ ପୁତୁରା ଡା. ସାନୁ ଜନ୍ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଖଗେଶ୍ୱର ସାହିତ୍ୟ କଳା ପରିଷଦର ବୈଠକ



ବିଜେପୁର,୫ ।୧୨(ସମିସ): ବରଗଡ଼ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁରର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ମୋହନ ସିଂ କନ୍ହେଇଙ୍କ ଅଧ୍ୟକ୍ଷତାରେ ପ୍ରଫେସର ଡକ୍ଟର ପ୍ରଦୀପ ପ୍ରଧାନ, ଅଧ୍ୟାପକ ସରୋଜ ପାଣିଗ୍ରାହୀ, ଡକ୍ଟର ଚିନ୍ମୟ ସାହୁ, ସହ ସଂପାଦକ ମକରଧ୍ୱଜ ସାହୁ, କୋଷାଧ୍ୟକ୍ଷ ଦେବାଶିଷ ମେହେର, ସାବିତ୍ରୀ ମେହେର, ଶେଷଦେବ ମେହେର, ଯୋଗେଶ୍ୱର ତାଣ୍ଡି, ଦିଲେଶ ମେହେର ପ୍ରମୁଖ ଥିଲେ । ସଂପାଦକ ରାଜେଶ୍ୱର ବେହେରା ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ ଉପସଭାପତି ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡକ ସୁରକ୍ଷା ସଚେତନତା




ପଦ୍ମପୁର,୫ ।୧୨(ସମିସ): ଜମଲା ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡକ୍ରସର ମିଳିତ ସହଯୋଗରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ମିସ୍ ସୁରେଖା ଭୁଏ ଓ ୟୁଥ୍ ରେଡକ୍ରସ ଅଧିକାରୀ ଅବିଳାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଜମଲା ଢୋଲବନ୍ଧକୁ ସଂଯୋଗ କରୁଥିବା ରାସ୍ତାରେ ଗାଡି ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧିବା ଓ ଦ୍ରୁତ ଗତିରେ ଯାନବାହାନ ନ ଚଳାଇବା ନିମନ୍ତେ ସତର୍କ କରିଥିଲେ । ଦିନକୁ ଦିନ ବୃଦ୍ଧି ପାଉଥିବା ଦୁର୍ଘଟଣା କୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀ ସଡକ ସୁରକ୍ଷା ଜୀବନ ରକ୍ଷା ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜର ଇତିହାସ ବିଭାଗର ଅଧ୍ୟାପକ ଫନୀନ୍ଦ୍ର ସାହୁ, ଅଧ୍ୟାପିକା କୁମୁଦିନୀ ସାହୁ, ଅଧ୍ୟାପିକା ପ୍ରତ୍ୟାଷା ପାଣିଗ୍ରାହୀ ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ ।

## ଜାତୀୟ ଯକ୍ଷ୍ମା ନିରାକରଣ ସଚେତନତା



ପଦ୍ମପୁର,୫ ।୧୨(ସମିସ): ଉପଖଣ୍ଡ ଚିକିତ୍ସାଳୟ ପଦ୍ମପୁର ଏବଂ ଏନ୍‌ଟିଇପି ଆନୁକୂଲ୍ୟରେ ରାଜବୋଡ଼ାସମ୍ବର୍ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଯକ୍ଷ୍ମା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସହରାଞ୍ଚଳ ଜନ ଆରୋଗ୍ୟ ସମିତିର ସଭ୍ୟ ନିରୋଜ ଦୋରା ଏବଂ ସମ୍ମାନିତ ଅତିଥି ଭାବେ ମୁନୁ ଗଡତିଆ ଯୋଗ ଦେଇଥିଲେ । ମହିଳା ସ୍ୱାସ୍ଥ୍ୟ କର୍ମୀ ବିଶ୍ୱଳୟା ସାହୁ, ମିନତି ସାହୁ ଏବଂ ଆଶାକର୍ମୀ ସୁରେଖା ନନ୍ଦିଘୋଷ ପ୍ରମୁଖ ସଭାରେ ମଞ୍ଚାସୀନ ଥିଲେ । ଶିକ୍ଷକ ଅଭିଲାଷ ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରୀତିରଶ୍ମି ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସୁଶୀଲ ମେହେର, ରୁଦ୍ରାଙ୍ଗଦ ବାରିକ, ସଂଗ୍ରାମ କେଶରୀ ଦୀପ, ଚନ୍ଦନ ନାୟକ, ଶିକ୍ଷୟିତ୍ରୀ ଅମ୍ବିକା ରଥ, ମଧୁସ୍ମିତା ବର୍ଗେ, ଅମୃତା ବାରିକ, ଅନୁପମା ମେହେର, ନେହା ସାହୁ, ସୁନୀତା ଖମାରୀ ପ୍ରମୁଖ ସହଯୋଗ କରିଥିଲେ ।

## ଭେଲୁଆପଦର ଗ୍ରାମରେ ଲକ୍ଷ୍ମୀପୂଜା ଉଦ୍‌ଯାପିତ



ଗାଇସିଲେଟ,୫ ।୧୨(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଭେଲୁଆପଦରରେ ୩ ଦିନ ଧରି ଆୟୋଜିତ ଲକ୍ଷ୍ମୀପୂଜା ଉଦ୍‌ଯାପିତ ହୋଇଯାଇଛି । ବ୍ୟାସ ସ୍ୱପ୍ନାରାଣୀ ଯୋଷୀ ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ପୁରାଣ ପଠନ ହୋଇଥିଲା । କର୍ତ୍ତା ଭାବେ ରଞ୍ଜନ ପୁଟେଲ ଓ ତାଙ୍କ ସ୍ତ୍ରୀ ମାନା ପୁଟେଲ, ମୀନକେତନ ପୁଟେଲ ଏବଂ ତାଙ୍କ ସ୍ତ୍ରୀ ଜୟନ୍ତୀ ପୁଟେଲ କାର୍ଯ୍ୟ ନିର୍ବାହ କରିଥିଲେ । ପୁରୋହିତ ଉଦ୍ଧବ ତ୍ରିପାଠୀ ଓ ଭୀମ ପଣ୍ଡା କାର୍ଯ୍ୟକ୍ରମରେ ପୂଜା ଅର୍ଚ୍ଚନା କରିଥିଲେ । ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ସରପଞ୍ଚ ଶରତ କାଳ ଓ ସରୋଜ ସାହୁ ପରିଦର୍ଶନ କରିଥିଲେ । ଶୁକ୍ରବାର ପୁରାଣ ପଠନ ସରିଲା ପରେ ଏକ ସଭା ଆୟୋଜନ ହୋଇଥିଲା । ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆନନ୍ଦ ମଟାରୀ, ନିଶାମଣି ବାଗ, ହେମସାଗର ପୁଟେଲ, ସଦାନନ୍ଦ ପୁଟେଲ, ପଞ୍ଚାନନ ସାହୁ, ଲିଙ୍ଗରାଜ ମିଶ୍ର, ପରମେଶ୍ୱର ପୁଟେଲ, ବେଦପତି ମଟାରୀ ଯୋଗ ଦେଇଥିଲେ । ନୂତନ କମିଟିର ସଦସ୍ୟ ତଥା ସଭାପତି ମହେନ୍ଦ୍ର ମଟାରୀ, ସମ୍ପାଦକ ପ୍ରେମାନନ୍ଦ ସାହୁ, କୋଷାଧ୍ୟକ୍ଷ ଭୋଳାନାଥ, ହିମାଂଶୁ ସାହୁ, ଗୋପାଳ ବାଗ, ମାନସ ବାଗ, ସୁରେନ୍ଦ୍ର ପୁଟେଲ, ମକାରୁ ମଟାରୀ, ବଳରାମ ରଣା, ସୁଦାମ ପୁଟେଲ, ଘନଶ୍ୟାମ ରଣା, ଛବିଲ ମଟାରୀ, ବାବୁଲାଲ ବାରିକ, ଦେବେନ୍ଦ୍ର ସାହୁ, ଗଣେଶ ବାଗ, ରୂପାଧର ବରିହା, ଲବ ବାଗ, ସଞ୍ଜୟ ବାଗ, ଶ୍ରୀପତି ସାହୁ, ବ୍ରହ୍ମାନନ୍ଦ ମହାନନ୍ଦ, ଜୟବିହାରୀ ରୋହିଦାସଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ । ଶେଷରେ ପୂର୍ବତନ କମିଟି ସଂଯୋଜକ ଜୟକେତନ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜନତା ସରକାରୀ ହାଇସ୍କୁଲରେ ବିଶ୍ୱ ମୃତ୍ତିକା ଦିବସ

ଅମ୍ବାଭୋନା,୫ ।୧୨(ସମିସ): ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ୍‌ର ଭୁକ୍ତା ଜନତା ସରକାରୀ ହାଇସ୍କୁଲରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିନ ଭୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଯୋଗ ଦେଇ ମୃତ୍ତିକାର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ । ଶିକ୍ଷକ ଆଶୁତୋଷ ଭୋଇ, ଶ୍ରୀପତି ସାହୁ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ ଓ ପ୍ରକାଶ ପ୍ରଧାନଙ୍କ ସମେତ ବିଦ୍ୟାଳୟର ଇକୋ କ୍ଲବ୍ ଓ ବିଜ୍ଞାନ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ବୋଧରାମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।



# ଟୋକନ ପରେ ଏବେ ମଣ୍ଡି ସମସ୍ୟା





ବରଗଡ଼,୫ ।୧୨(ସମିସ): ଚଳିତ ବର୍ଷ ଖରିଫ ଧାନ କିଣା ଆରମ୍ଭ ନ ହେଉଣୁ ଅନେକ ସମସ୍ୟା ଦେଖିବାକୁ ମିଳୁଛି । ଟୋକନ ସମସ୍ୟାର ସମାଧାନ ନ ହେଉଣୁ ରାଇସ ମିଲର ଏଗ୍ରିମେଣ୍ଟ ପରେ ଧାନ କିଣା ବିଳମ୍ବ ହେଉଛି । ବରଗଡ଼ ଆରଏମସି ଅଧୀନ ଗାଇସିମା ପିପିସିରେ ନୂଆଁ ସମସ୍ୟା ମୁଣ୍ଡ ଟେକିଛି । ଗତ ୧୦ ବର୍ଷ ହେବ ଗାଇସିମା ମଣ୍ଡିରେ ଖଣ୍ଡହତାରୁ ଅଲଗା ହୋଇ ଚାଷୀ ଧାନ ବିକ୍ରି କରୁଥିଲେ । ଏହି ବର୍ଷ ମଧ ଚାଷୀ ଗାଇସିମା ମଣ୍ଡିରେ ପଞ୍ଜିକରଣ କରିଛନ୍ତି । ଏଥିଲାଗି ସମସ୍ତ ପ୍ରସ୍ତୁତି ସରିଛି ।

ତେବେ କିଛି ଧାନ କିଣା ସାମଗ୍ରୀ ମାଲିପାଲିକୁ ନେଇଯିବାରୁ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ବୋଲି ପ୍ରଶ୍ନ କରଥିଲେ । ଉତ୍ତରରେ ଗାଇସିମାରେ ୩ ଦିନ ଏବଂ ମାଲିପାଲିରେ ୩ ଦିନ ଧାନ କିଣା ହେବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ । ଏଣୁ ମାଲିପାଲିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇପାରେ ବୋଲି ଆଶଙ୍କା ରହୁଛି । ସେଥିପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀ ଧାରଣା ଦେଇଥିଲେ ।

ଗାଇସିମାରେ ସେମାନେ ଆଗରୁ ଧାନ ବିକ୍ରି କରୁଛନ୍ତି । ମଣ୍ଡି କର୍ମଚାରୀ କାହିଁକି ମାଲିପାଲି ଯିବେ ପୋଲି ପ୍ରଶ୍ନ କରିଛନ୍ତି । ମାଲିପାଲି ଗ୍ରାମବାସୀ ଖଣ୍ଡହତାରେ ଧାନ ବିକ୍ରି କରୁଛନ୍ତି । ଏଣୁ ମାଲିପାଲିରେ ସ୍ୱତନ୍ତ୍ର ମଣ୍ଡି କରାଗଲେ କୌଣସି ଅଭିଯୋଗ ନାହିଁ । ଯଦି ଗାଇସିମାକୁ ମାଲିପାଲିରେ ଧାନ ବିକ୍ରି ପାଇଁ ବାଧ କରାଯାଏ ତାହାହେଲେ ବଡ଼ ଧାରଣ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ତେବେ ଏହି ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ପ୍ରତିଶ୍ରୁତି ଦେବାରୁ ଧାରଣା ଉଠିଥିଲେ ।

## ଫୁଲମତିପୁର ଓ ଆମ୍ବବାହାଲରେ ମନରେଗା ସଚେତନତା

ଦହିତା,୫ ।୧୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଦହିତା ପଞ୍ଚାୟତର ଆମ୍ବବାହାଲ ଓ ବୋଡ଼େନ ପଞ୍ଚାୟତର ଫୁଲମତିପୁର ଗ୍ରାମରେ ମନରେଗା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଦାଦନ ପ୍ରବଣ ବ୍ଲକ ପାଇଁ ମନରେଗା ଯୋଜନାରେ ରାଜ୍ୟ ସରକାର ୧୦୦ ଦିନର କାମ ୩୦୦ ଦିନକୁ ବୃଦ୍ଧି କରିବା ସହ ୯୮ ଟଙ୍କା ବର୍ଦ୍ଧିତ ମଜୁରୀ ଦେବା ପାଇଁ ଘୋଷଣା କରିଛନ୍ତି । ଏହା ଫଳରେ ଲୋକେ ବାହାର ରାଜ୍ୟକୁ କାମ କରିବା ପାଇଁ ନ ଯାଇ ନିଜ ଭିଟାମାଟିରେ ରହି ବର୍ଷକୁ ୩୦୦ ଦିନ କାମ ପାଇ ପାରିବେ । ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଏହି ବଳିଷ୍ଠ ପଦକ୍ଷେପକୁ ଗାଁ ଗାଁରେ ପହଞ୍ଚାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ଜିଲ୍ଲା



ଏନଆରଏମ ଏକ୍ସପର୍ଟ ଦେବେନ୍ଦ୍ର ନେଗି ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରଛନ୍ତି । ଖୁବ୍ ଶୀଘ୍ର ଗାଈଗୁହାଳ, ଛେଳିଗୁହାଳ, ଫାର୍ମପଣ୍ଡ, ଜମି ମରାମତି ଆଦି କାମ ଯୋଗାଇ ଦେବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ମନରେଗା ଯୋଜନାରେ ଦୈନିକ ବହୁ ସଂଖ୍ୟାରେ ଶ୍ରମିକ ନିୟୋଜିତ କରିବା ପାଇଁ ସରପଞ୍ଚ ଏବଂ ଏଡିଓମାନଙ୍କୁ ସେ ଅନୁରୋଧ କରିଥିଲେ । ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନ ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ଅନ୍ୟାନ୍ୟ ସରକାରୀ ଯୋଜନା ଯୋଗାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ । ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତ ଶ୍ରମିକମାନଙ୍କୁ ସେ ଅନୁରୋଧ କରିଥିଲେ । ଖୁବ୍ ଶୀଘ୍ର ପ୍ରତ୍ୟେକ ଗ୍ରାମରେ କାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ସରପଞ୍ଚ ଦମୟନ୍ତୀ ପାଣ୍ଡେ ଓ ନାରାୟଣ ମେହେର, ଏପିଓ ଅନୁପମା ଭୋଇ, ପିଇଓ କାର୍ତ୍ତିକେଶ୍ୱର ବେହେରା, ଗ୍ରାମ ରୋଜଗାର ସେବକ ତୁଲବତି ଚୌହାନ, ଆନନ୍ଦ ଦେବତା ପ୍ରମୁକ ଉପସ୍ଥିତ ଥିଲେ ।

## କ୍ରୀଷ୍ଟା ବିକାଶରେ ଗୀତା ଜୟନ୍ତୀ ସମାରୋହ

ବରଗଡ଼,୫ ।୧୨(ସମିସ):ବିକାଶ ଆବାସିକ ବିଦ୍ୟାଳୟର ଯୋଗ କୋର୍ଟରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପୂଜାପାଠ ସହିତ ମନ୍ତ୍ରପାଠର ଗମ୍ଭୀର ଶବ୍ଦରେ ସମଗ୍ର ବିଦ୍ୟାଳୟ ପରିସର ଭକ୍ତି ରସରେ ରସାୟିତ ହୋଇ ଉଠିଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପବିତ୍ର ଗୀତା ପାଠକୁ ମନଯୋଗ ଦେଇ ଶୁଣିଥିଲେ । ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଏକଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ହେଡ୍ ଅଫ୍ ପିପୁଲ୍ ଏଣ୍ଡ କଲ୍‌ଚର୍ ଅଶ୍ୱିନୀ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ମନୋଜ ତ୍ରିପାଠୀ ଏବଂ ଉପାଧ୍ୟକ୍ଷ ପ୍ରଦୀପ ସାହୁ ଅଂଶ ଗ୍ରହଣ କରିଥିଲେ ।

## ୧୧ରୁ ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତା

ବରଗଡ,୫ ।୧୨(ସମିସ): ଚଳିତ ମାସର ୧୧ ତାରିଖରୁ ଦୁଇ ଦିନ ଧରି ଜିଲ୍ଲା କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ଜିଲ୍ଲା କ୍ରୀଡା ସଂସଦର ସମସ୍ତ ଅନୁବନ୍ଧିତ ସଂସ୍ଥା , ସ୍କୁଲ କଲେଜ, କ୍ଲବର ରେଜିଷ୍ଟ୍ରେସନ କରିଥିବା ସମସ୍ତ ଖେଳାଳି ଭାଗ ନେଇପରିବେ । ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ କେବଳ ବରଗଡ଼ ଜିଲ୍ଲାର ଖେଳାଳିମାନେ ଭାଗ ନେଇ ପାରିବେ । ଏଥିପାଇଁ ଜନ୍ମ ତାରିଖ ପ୍ରମାଣ ପାତ୍ର ଓ ଆଧାର କାର୍ଡ ଜରୁରୀ ବୋଲି ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ର ଓ କ୍ରୀଡା ସମ୍ପାଦକ ହରଦିପ ସିଂ ଜଣାଇଛନ୍ତି ।

## ଆଜି ଜିଲ୍ଲାସ୍ତରୀୟ ବିଜ୍ଞାନମେଳା

ବରଗଡ଼ ୫ ।୧୨(ସମିସ): ସ୍ଥାନୀୟ ରାଣା ପ୍ରତାପ ହାଇସ୍କୁଲ ପଡିଆରେ ଶନିବାର ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ । ୮ ତାରିଖରେ ଏହା ଶେଷ ହେବ । ପ୍ରଥମ ଦିନ ୧୩୪, ଦ୍ୱିତୀୟ ଦିନ ୧୮୫ ପ୍ରକଳ୍ପ ସ୍ଥାନିତ ହେବ । ୮ ତାରିଖ ଟୁକୁର୍ଲା ବିଜ୍ଞାନ କେନ୍ଦ୍ରରେ କୁଇଜ୍ ପ୍ରତିଯୋଗିତା ଅନଷ୍ଠିତ ହେବ ।

୧୨ ବ୍ଲକରୁ ଆତ୍ମ ନିର୍ଭର ଓ ବିକଶିତ ଭାରତ ପାଇଁ ବିଜ୍ଞାନ ଗଣିତ ଓ ପ୍ରଯୁକ୍ତି ବିଦ୍ୟା ଆଧାରିତ ଶତାଧିକ ପ୍ରକଳ୍ପ ପ୍ରଦର୍ଶିତ ହେବ । ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଏହି ସୂଚନା ଦେଇଛନ୍ତି ।

## ଶିଶୁ ଅନନ୍ତ ଆଶ୍ରମରେ ଗୀତା ଯଜ୍ଞ



ବରଗଡ଼,୫ ।୧୨(ସମିସ):ସାହୁଟିକ୍ରାସ୍ଥିତ ଶିଶୁ ଅନନ୍ତ ଆଶ୍ରମରେ ୨୪ତମ ବିଶ୍ୱ ଶାନ୍ତି ଗୀତା ଯଜ୍ଞ ମହା ସମାରୋହରେ ପାଳନ କରାଯାଇଛି । ଶ୍ରୀମଦ ଭାଗବତ ଗୀତା ଯଜ୍ଞ ଗୀତା ପାରାୟଣ ସହ ମଙ୍ଗଳ ଆଳତି ଓ ଚାରାରୋପଣ କରାଯାଇଥିଲା । ଏହି ଅବସରରେ ଅଖଣ୍ଡ ନାମ, ପତିହରା ମାତୃ ପୂଜନ, କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଅନ୍ନବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଅଚ୍ୟୁତାନନ୍ଦ ସାହୁ, ସମ୍ପାଦକ ସୌରଭ ରଞ୍ଜନ ନାୟକ, କୋଷାଧ୍ୟକ୍ଷ ସବ୍ୟସାଚୀ ଦାଶ, ଉପଦେଷ୍ଟା ସୌଭାଗ୍ୟ ରଞ୍ଜନ ନାୟକ, ଯଜ୍ଞ ଆଚାର୍ଯ୍ୟ ସବ୍ୟସାଚୀ ଦାଶ, ଭାସ୍କର ହୋତା, କିଶନ ହୋତା, ଯଜ୍ଞ କର୍ତ୍ତା ଭଞ୍ଜନ ସ୍ୱାଇଁ, ସରୋଜିନୀ ସ୍ୱାଇଁ, ନରୋତ୍ତମ ରାଉତ, ସୁଶାନ୍ତି ରାଉତ, ରାଜୀବ ଭୋଳ, ସୌଦାମିନୀ ଭୋଳ, ସୁଦର୍ଶନ ଦାସ, ବନିତା ଦାସ, ସୋମରେନ୍ଦ୍ର କୁଣ୍ଡୁ ମମତା କୁଣ୍ଡୁ ଦାୟିତ୍ୱ ତୁଲାଇ ଥିଲେ । କାଳନ୍ଦୀ ବିଶ୍ୱାଳ, ଚନୁ ସାହୁ, କେଦାର ପୁହଣ, ଅଶୋକ ଦାଶ, ରବି ନାରାୟଣ ସ୍ୱାଇଁ, ସଚ୍ଚିଦାନନ୍ଦ ଦାସ, କସ୍ତୁରୀ ଭୋଳ, ମନୋଜ ଜେନା, ଧ୍ରୁବ ଚରଣ, ପ୍ରଶାନ୍ତ ପରିଡା, ଶ୍ରୀକାନ୍ତ ମଲ୍ଲିକ, ସୁଲୋଚନା ରାଉତ, ସଞ୍ଜୁ ଦାସ, ମିନା ଦାସ, ମିନି ଦାସ, ଗୀତା ମଲ୍ଲିକ, ସୁରେଶ ସାହୁ, ବସନ୍ତ ବିଶ୍ୱାଳ, ଦାମୋଦର ପଣ୍ଡା, କୃଷ୍ଣ ପ୍ରଧାନ, ନିର ସାହୁ ଏବଂ ଅନନ୍ତ ବଳିଆ ସେବା ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମହୁଲପାଲିରେ ଶୋଡ଼ଷ ଅଙ୍ଗ ଆଳତୀ

ପଦମପୁର,୫ ।୧୨(ସମିସ): ଅଙ୍ଗ ନଦୀରେ ୧୬ଶ ଅଙ୍ଗ ଆଳତୀ କରାଯାଇଛି । ଦିବ୍ୟଜ୍ୟୋତି ନୃସିଂହ ପଞ୍ଜିକାର ଗଣନାକାର ପଣ୍ଡିତ ଆଶୁତୋଷ ପାଣିଗ୍ରାହୀ ଜ୍ୟୋତିଷ ପ୍ରବୀଣଙ୍କ ତତ୍ତ୍ୱାବଧାନରେ ମହୁଲପାଲିସ୍ଥିତ ଶିବ ମନ୍ଦିର ଘାଟରେ ଅଙ୍ଗ ଆଳତୀ ଅନୁଷ୍ଠିତ ହୋଇଥିଲା । ଉତ୍ତମ ରଣା ଓ ତାଙ୍କ ପତ୍ନୀ ସୀମା ରଣା କର୍ତ୍ତା ଥିଲେ । ଏହି ଆଳତୀ ସମୟରେ ଘଣ୍ଟ, ଶଙ୍ଖ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ବୈଦିକ ମନ୍ତ୍ରପାଠ ସମଗ୍ର ପରିବେଶକୁ ମୁଖରିତ କରିଥିଲା । ଏହି ଅବସରରେ ପଣ୍ଡିତ ହିମାଂଶୁ ଦାଶ, ଆନନ୍ଦ ମିଶ୍ର, ଅନିଲ ପଣ୍ଡା, ବାବୁଲ ପଣ୍ଡା, ଦୀପକ ଭୋଇ, ଭବାନୀ ଶଙ୍କର ମହାପାତ୍ର, ଦୁଷ୍ମନ୍ତ ସାହୁ, ମଣ୍ଟୁ ଦାସ, ପୂର୍ଣ୍ଣ ମେହେର, ଅନାଦି ସାହୁ, ତୁଳରାମ ସାହୁ, ଜଗବନ୍ଧୁ ବଡଗୁଛିଆ, ମନ ବାଗ, ଟୁନା ସାହୁ, ପ୍ରଶାନ୍ତ ସାହୁ, ପଞ୍ଚମ ସାହୁ, ଅକ୍ଷୟ ଦାଶ, ପ୍ରଦୀପ ସାହୁ, ନାରାୟଣ ପଣ୍ଡା, ସନ୍ତୋଷ ପଣ୍ଡା, ବାବୁଲାଲ ସାହୁଙ୍କ ସମତେ ମହୁଲପାଲି ଗ୍ରାମର ମାତୃମଣ୍ଡଳି ଉପସ୍ଥିତ ଥିଲେ ।

## ଖାଲଖମାରେ ପୂର୍ଣ୍ଣ ରାସ୍ତା



ପାଇକମାଲ,୫ ।୧୨(ସମିସ): ପାଇକମାଲ ବ୍ଲକ୍ ଜାମସେଠ ନୂତନ ଷ୍ଟେଟ ବ୍ୟାଙ୍କ ନିକଟ ଦେଇ ଯାଇଥିବା ତଥା ଜାମସେଠ ବସଷ୍ଟାଣ୍ଡରୁ ଗାଁ ଭିତରକୁ ଯାଇଥିବା ରାସ୍ତା ବ୍ୟାଙ୍କ ନିକଟରେ ରାସ୍ତା ରକ୍ଷଣା ବେକ୍ଷଣା ଅଭାବରୁ ଖାଲଖମା ହୋଇ ପଡ଼ି ରହିଛି । ଏହା ଫଳରେ ଦୁର୍ଘଟଣାର ହେବାର ଆଶଙ୍କା ରହିଛି । ଗତ କିଛିଦିନ ପୂର୍ବରୁ ସେହି ରାସ୍ତାଦେଇ ଆସୁଥିବା ସମୟରେ ଜଣେ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହୋଇଥିଲେ ।

## ପେଟୁପାଲି ଭାଗବତ ଗାଦୀରେ ଗୀତା ଜୟନ୍ତୀ

ଘେଁସ,୫।୧୨(ସମିସ): ଘେଁସ ବଡଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ପବିତ୍ର ମାର୍ଗଶିର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଗୀତା ଜୟନ୍ତୀ ଉପଲକ୍ଷେ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳଙ୍ଗା ପାଲିନିବାସୀ ମହନ ଭୋଇ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲା ବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ, ତୁଲାମଣି ସାବତ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଝାଲପାଲି ଗାଁର ରାଧାମାଧବ ସଙ୍କୀର୍ତନ ମଣ୍ଡଳୀର ଗାୟିକା ଦୃପତି ଭୁଏ ଭାଗବତ ପାରାୟଣ କରିଥିଲେ । ବାଦ୍ୟ ଯନ୍ତ୍ରରେ ଏମ ସିର୍ଗିଡାର ଭଗିରଥି ମେହେର, ନୀଳମଣି ଭୁଏ ସହଯୋଗ କରିଥିଲେ । ସଭାରେ ଗଜରାଜ ମେହେର ସଭାପତିତ୍ୱ କରିଥିଲା ବେଳେ ବଲାଙ୍ଗିର ଅଞ୍ଚଳର ପ୍ରବଚକ ରାଜ ଦାସ ଭାଗବତ ଗୀତାର ଗୁଢ଼ ତତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା । କମିଟି ସଭାପତି କମଳା କାନ୍ତ ଜାଲ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରା ତଥା ଏ ଅଞ୍ଚଳର ଭାଗବତ ପ୍ରେମୀ ଯୁବଗୋଷ୍ଠୀର ଭକ୍ତ ମାନେ ମଧ ସହଯୋଗ କରିଥିଲେ ।

## ଡ. ଶିବ ଶଙ୍କର ଶାସ୍ତ୍ରୀଙ୍କ ପରଲୋକ



ବରଗଡ଼/ପଦ୍ମପୁର,୫।୧୨(ସମିସ):ସଂସ୍କୃତ କବି, ଶିକ୍ଷକ ଏବଂ ଆର୍ଯ୍ୟ ସମାଜର ପ୍ରଚାରକ ଡ. ଶିବ ଶଙ୍କର ଶାସ୍ତ୍ରୀ (୬୮) ଙ୍କ ପରଲୋକ ଘଟିଛି । ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡର ସାରଙ୍ଗପୁର ଗାଁରେ ଜନ୍ମଗ୍ରହଣ କରିଥିବା ଡ. ଶାସ୍ତ୍ରୀ ବୈଦିକ ସାହିତ୍ୟ, ବେଦ ବେଦାଙ୍ଗ, ସଂସ୍କୃତ କବିତ୍ୱ ଓ ସଙ୍ଗୀତରେ ଅପୂର୍ବ ପାରଙ୍ଗମ ଥିଲେ । ଆର୍ଯ୍ୟ ସମାଜର ପ୍ରେରଣାରେ ସେ ଉତ୍ତରପ୍ରଦେଶର ମେରଠ ସ୍ଥିତ ଗୁରୁକୁଳ ପ୍ରଭାତ ଆଶ୍ରମରେ ପୂଜ୍ୟ ସ୍ୱାମୀ ବିବେକାନନ୍ଦ ସରସ୍ୱତୀଙ୍କ ନିତ୍ୟାଚାର୍ଯ୍ୟତ୍ୱରେ ବେଦ, ବେଦାଙ୍ଗ ଓ ଶାସ୍ତ୍ର ଅଧ୍ୟୟନ କରିଥିଲେ ।ସଂସ୍କୃତର ଅନେକ ଶ୍ରେଷ୍ଠ ସଂଗୀତ, ବୈଦିକ ନାଟକ ଓ କାବ୍ୟ ସୃଷ୍ଟି କରିଥିଲେ । ଡ. ଶିବ ଶଙ୍କର ଶାସ୍ତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ ଦୀର୍ଘବର୍ଷ ଯାଏ ଶିକ୍ଷାଦାନ କରିଥିଲେ । ଅନ୍ତିମ ସଂସ୍କାର ପୈତୃକ ଗାଁରେ ଗୁରୁକୁଳ ନବପ୍ରଭାତ ବୈଦିକ ପୀଠର ଆଚାର୍ଯ୍ୟ ଆଚାର୍ଯ୍ୟାଗଣ, ବ୍ରହ୍ମଚାରୀଙ୍କ ଏବଂ ଆର୍ଯ୍ୟ ସଜ୍ଜନ ତଥା ପରିବାରର ସଦସ୍ୟମାନଙ୍କ ସାନ୍ନିଧ୍ୟରେ ବୈଦିକ ପରମ୍ପରା ଅନୁସାରେ ସମ୍ପୂର୍ଣ୍ଣ ହୋଇଥିଲା । ତାଙ୍କ ନିଧନରେ ଗୁରୁକୁଳ ନବପ୍ରଭାତ ବୈଦିକ ପରିବାର ଶୋକ ପ୍ରକାଶ କରିଛି ।

## ବିମଳେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଲଗ୍ନ ନିର୍ଦ୍ଧାରିତ



ପଦ୍ମପୁର,୫।୧୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଲୋହରାକୋଟର ନବ ନିର୍ମିତ ବିମଳେଶ୍ୱର ବାବା ଶିବ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭ ଲଗ୍ନ ନିର୍ଦ୍ଧାରିତ ହୋଇଯାଇଛି । ସ୍ୱୟଂ ଆବିର୍ଭାବ ହୋଇଥିବା ମହାପ୍ରଭୁ ବିମଳେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଇଁ ଗାଁର ଗୌନ୍ତିଆ ଅରକ୍ଷିତ ପ୍ରଧାନଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ପଣ୍ଡିତ ସୌକିଲାଲ ମହାରାଜ, ବିମଳ ମହାରାଜ ଓ ରୋହିତ ହୋତା ଲଗ୍ନ ନିର୍ଦ୍ଧାରଣ କରିଥିଲେ । ଆଗାମୀ ଏପ୍ରିଲ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ମନ୍ଦିର ପ୍ରତିଷ୍ଠା ଅବସରରେ ପଣ୍ଡିତ ମାନଙ୍କ ଦ୍ୱାରା୫ ଦିନ ବ୍ୟାପୀ ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

## କୁଷ୍ଠ ଆଶ୍ରମରେ ବିଶ୍ୱ ଅକ୍ଷମତା ଦିବସ



ବରଗଡ଼,୫ ।୧୨(ସମିସ): ଶାନ୍ତି କୁଷ୍ଠ ଆଶ୍ରମରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଏହି ଅବସରରେ କୁଷ୍ଠ ରୋଗୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଚି । ସେହିଭଳି ଅତାବିରା ଝାଇଁକୁରି କୁଷ୍ଠ ଆଶ୍ରମରେ ମଧ ବସ୍ତ୍ର ବଣ୍ଟନ କରାଯାଇଛି । ଡାକ୍ତର ସୁବାଷ ଚନ୍ଦ୍ର ଅଗ୍ରୱାଲ, ବିରଞ୍ଚି ମହାନ୍ତ ଏବଂ କବିତା ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ଶେଷରେ ମୁଣ୍ଡ ନୁଆଁଇଲା ଜିଲ୍ଲା ପ୍ରଶାସନ

# ଆଲୋଚନା ପରେ ଜନପ୍ରତିନିଧିଙ୍କ ଧାରଣା ପ୍ରତ୍ୟାହୃତ

ନିଆଳି,୫।୧୨(ସମିସ)



ନିଆଳି ପଞ୍ଚାୟତସମିତିର ନିର୍ବାଚିତ ଜନପ୍ରତିନିଧିଙ୍କୁ ଅସମ୍ମାନ, ଅଣଦେଖା ଓ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ ପ୍ରତିବାଦରେ ନିର୍ବାଚିତ ଜନପ୍ରତିନିଧିଙ୍କ ସୋମବାରଠାରୁ ୭ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଧାରଣା ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ଶେଷରେ ଜିଲ୍ଲାପ୍ରଶାସନ ଧାରଣାସ୍ଥଳରେ ପହଞ୍ଚି ମୁଣ୍ଡ ନୁଆଁଇଛି । ଆଲୋଚନାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି। ଜିପିଡିପିରେ ଥିବା ପ୍ରକଳ୍ପ ଗୁଡିକୁ କାର୍ଯ୍ୟ କରିବାରେ ଅସହଯୋଗ କରିବା, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କାର୍ଯ୍ୟର ଏଷ୍ଟିମେଟ ପ୍ରଦାନ ନ କରିବା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ଯୋଗାଇ ଦେବାରେ ଅସମର୍ଥ ହେବା, ଏପିଓଙ୍କ ମନୋମୁଖୀ କାର୍ଯ୍ୟ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା, ରାଜ୍ୟସରକାରୀ କର୍ମଚାରୀ କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଉଦ୍ଧ୍ୱର୍ ସମୟ କାର୍ଯ୍ୟ ନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ ଏଠାରେ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଯନ୍ତ୍ରୀମାନେ ରହି କାର୍ଯ୍ୟ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ମୋଟା ଅଙ୍କର ପିସି ନେଇ ଉପରିସ୍ଥ ଅଧିକାରୀଙ୍କୁ ଦେଇ ନିର୍ବାଚିତ ଜନପ୍ରତିନିଧିଙ୍କ ପ୍ରତି ହେୟ ମନୋଭାବ ପ୍ରଦର୍ଶନ ପ୍ରତିବାଦରେ ଏହି ଧାରଣା ଚାଲିଥିବା ବେଳେ ବ୍ଲକ ପ୍ରଶାସନ ଆଲୋଚନା କରିଥିଲେ ମଧ ଆଲୋଚନା ବିଫଳ ହେବାରୁ ଧାରଣା ଜାରି ରହିଥିଲା । ଧାରଣାର ତୃତୀୟଦିନରେ ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ସମର୍ଥନ ଜଣାଇ ବିଡିଓଙ୍କ ସହ ଆଲୋଚନା କରିଥିଲେ ମଧ ଜିଲ୍ଲା ପ୍ରଶାସନ ଧାରଣାସ୍ଥଳରେ ନ ପହଞ୍ଚିଲେ ଧାରଣା ଜାରି ରହିବ ବୋଲି ଧାରଣାକାରୀମାନେ କହିଥିଲେ। ଧାରଣାର ପଞ୍ଚମ ଦିନରେ ପୂର୍ବତନ ବିଜେଡିର ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ସମର୍ଥନ ଜଣାଇଥିଲେ। ପରେ କଟକ ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବନ୍ଦନା ଖଟୁଆ ଧାରଣାସ୍ଥଳରେ ପହଞ୍ଚିବା ପରେ ବିଡିଓଙ୍କ ଚ୍ୟାମ୍ବରରେ ଧାରଣାକାରୀମାନଙ୍କ ପକ୍ଷରୁ ଏକ ଦଳ ପହଁଞ୍ଚି ଆଲୋଚନା ହୋଇଥିଲା। ଆଲୋଚନା ପ୍ରାୟ ସଫଳ ହୋଇଥିବା ବେଳେ ଏପିଡି ଜନପ୍ରତିନିଧିଙ୍କ ବିଭିନ୍ନ ଦାବି ଗୁଡିକ ସଂପର୍କରେ ଆଲୋଚନା କରି ଏହାର ସମାଧାନ ଦିଗରେ ପ୍ରତିଶ୍ରୁତି ଦେବା ପରେ ଏପିଡି ଓ ବିଡିଓ ଧର୍ମରଞ୍ଜନ ପଣ୍ଡା ଧାରଣାସ୍ଥଳକୁ ଯାଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଶ୍ରୀ ମଲ୍ଲିକଙ୍କ ସମେତ ପଞ୍ଚାୟତ ସମିତି ଅଧକ୍ଷ ଉମେଶଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ନ୍ୟାୟବ୍ରତ ରାଉତ, ଉପାଧକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ବ୍ଲକ୍ ବିଜେଡି ସଭାପତି ଅତୁଲ୍ୟ ଜେନା, ଅନ୍ତର୍ଯ୍ୟାମୀ ବଡୁ, ପ୍ରଦୀପ ଦାସ, ସରପଞ୍ଚ ତ୍ରିନାଥ ମହାନ୍ତି, ବିଜୟରାମ ପଣ୍ଡା, ସୁରେଶ ପଟ୍ଟନାୟକ, ନିରଞ୍ଜନ ବେହେରା, ପ୍ରଶାନ୍ତ ସାହୁ, ସବିତା ନନ୍ଦ, ନମିତା ବାରିକ୍, ବବିତାରାଣୀ ବେହେରା, ଗୀତାଞ୍ଜଳି ନାୟକ, ଅଶ୍ୱିନୀ ମହାନ୍ତି, ସମିତିସଭ୍ୟ ଅବିନାଶ ପ୍ରଧାନ, କଲ୍ୟାଣୀ ବଡୁ, ଏଲିଜାବେଥ୍ ସାହୁ, ପ୍ରଦୀପ ପରିଡା, ସଂପଦ ମହାନ୍ତି, ମମତା ଚମ୍ପିଆ, ମୀତାରାଣୀ ବାରିକ, ଗାୟତ୍ରୀ ବେହେରା, କଲ୍ୟାଣୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଂଗଠକ ପରକ୍ଷିତ ବାରିକ, ମିଟୁ ବଡୁ, ବ୍ଲକ୍ ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁ, ଛାତ୍ର ବିଜେଡି ସଭାପତି ଅଜୟ ସ୍ୱାଇଁ, ଛାତ୍ର ସଂଗଠକ ସୋହେଲ୍ ମିର୍ଜା, ରାହୁଲ୍ ବେହେରା, ଯାଦବ ଅବିନାଶଙ୍କ ସମେତ କେତେକ ସଂଗଠକ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

## ଦ୍ୱୀପାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



**ନିଶ୍ଚିନ୍ତକୋଇଲି, ୫।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଲୁଣା-ଚିତ୍ରୋତ୍ପଳା ଦ୍ୱିପାଞ୍ଚଳର ୧୧ଟି ପଞ୍ଚାୟତରେ ୧୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ମାରାଥନ୍ ଶୁଭ ଶିଳାନ୍ୟାସ କରିଛନ୍ତି ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ। ହଜାର ହଜାର କର୍ମୀ ଏକ ବିରାଟ ମୋଟରସାଇକଲ ଶୋଭାଯାତ୍ରାରେ ବିଧାୟକଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ବଜାରଠାରୁ ବିଭିନ୍ନ ପ୍ରକଳ୍ପ ସ୍ଥାନକୁ ପାଛୋଟି ନେବା ସହ ତରତ ହନୁମାନଗଡାଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଜଳସମ୍ପଦ ବିଭାଗର ପୁନ୍ଦାଲୋ ଶାଖା କେନାଲ ବାଲିଗରଡ଼ାଠାରୁ ନଇଁଗୁଆ ପର୍ଯ୍ୟନ୍ତ ୭କୋଟି ୯୦ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ନିର୍ମାଣ ହେବାକୁ ଯାଉଥିବା ଏକ ସିମେଣ୍ଟ କଂକ୍ରିଟ୍ ୱାଲ କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସ କରିଥିଲା ବେଳେ ୭କୋଟି ୪୭ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଯାଉଥିବା ଦାମୋଦରପୁରରୁ ରାମଚଣ୍ଡୀ କରାଡ଼ିଆଁ କେନାଲରେ ସିମେଣ୍ଟ କଂକ୍ରିଟ ୱାଲର ଶୁଭ ଶିଳାନ୍ୟାସ, ୨୧ଲକ୍ଷ ୬୦ହଜାର ଟଙ୍କାରେ ନିର୍ମାଣ ହେବାକୁ ଯାଉଥିବା ସହଦେବପୁର କରାଡ଼ିଆଁ ଶାଖା ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ, ୨୭ ଲକ୍ଷ ୭୦ହଜାର ଟଙ୍କା ବ୍ୟୟରେ ଫତେପୁର ଶାଖାନାଳ ଦକ୍ଷିଣ ପାର୍ଶ୍ୱ ବନ୍ଧ ଉନ୍ନତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ, ପାଖା ପାଖା ୨ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ ହେବାକୁ ଯାଉଥିବା ଲୁଣା କରାଣ୍ଡିଆ ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧର କୋଇଲିରଙ୍ଗୀ, ଦାମୋଦରପୁର, ବାଲିଆପଦା ଉଚ୍ଚ ବିଦ୍ୟାଳୟ ନିକଟରେ ନୂତନ ବୁରୁଜ ନିର୍ମାଣ କାର୍ଯ୍ୟ ପାଇଁ ଶୁଭ ଶିଳାନ୍ୟାସ କରିଛନ୍ତି। ସଭାରେ ଯୁବନେତା ଦେବଦତ୍ତ କରଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ଅଶୋକ ଓଝା, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ଆମ୍ବ ସଭାପତି ଅଶୋକ ସାହୁ, ରବିନ୍ଦ୍ର ତ୍ରିପାଠୀ, ମିହୀର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମହାନ୍ତି, ସଞ୍ଜୟ ମଲିକ ପ୍ରମୁଖଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ମଣ୍ଡଳ ସଭାପତି ଏବଂ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦାନ କରିଥିଲେ।

## ଖ୍ରୀଷ୍ଟ କଲେଜରେ କ୍ରିସ୍‌ମାସ୍ କ୍ୟାରୋଲ୍ ଉତ୍ସବ




**କଟକ,୫।୧୨(ସମିସ):** କଟକର ଐତିହ୍ୟପୂର୍ଣ୍ଣ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଖ୍ରୀଷ୍ଟ କଲେଜରେ ପରମପିତା ପ୍ରଭୁ ଯୀଶୁଙ୍କ ଜନ୍ମୋତ୍ସବ ଅବସରରେ କ୍ରିସ୍‌ମାସ୍ କ୍ୟାରୋଲ୍ ଉତ୍ସବ ଆଲୋକମାଳାରେ ସୁସଜ୍ଜିତ ଆନନ୍ଦମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ନୃତ୍ୟ ଓ ସଙ୍ଗୀତ ସହିତ ପ୍ରେମ ଓ ଭାଇଚାରାର ବାର୍ତ୍ତାକୁ ଏହି ଉତ୍ସବରେ ପ୍ରାଧାନ୍ୟ ଦିଆଯାଇଥିଲା। ପ୍ରାରମ୍ଭରେ ପରିଚାଳନା ସମିତିର ସମ୍ପାଦକ ଶୁଭାଶିଷ ସାହୁ ଉଦ୍‌ଘାଟନୀ ପ୍ରାର୍ଥନା ଉତ୍ସର୍ଗ କରିଥିଲେ। କଲେଜର ଅଧକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡଃ ବିନୀତା ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମଧୁସ୍ମିତା ଯାଚକ କ୍ୟାରୋଲ୍ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ଡିଆଇଜି ଆଇପିଏସ୍, ଡ. ସତ୍ୟଜିତ୍ ନାଏକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର କ୍ୟାରୋଲ୍ ଉତ୍ସବର ସ୍ୱତନ୍ତ୍ରତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ମୌସୁମୀ ମହାନ୍ତି ପବିତ୍ର ବାଇବଲ୍ ଗ୍ରନ୍ଥରୁ ନିର୍ବାଚିତ ଅଂଶ ପାଠ କରିଥିଲେ ଏବଂ ପାଷ୍ଟର୍ ତଥା ବର୍ଣ୍ଣିଙ୍ଗ୍ ଲ୍ୟାମ୍ପ ସେବା ସଂସ୍ଥାର ପ୍ରତିଷ୍ଠାତା ରେଭ୍. ସୁଦୀପ୍ତ ନନ୍ଦ ପରମେଶ୍ୱରଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ସୁକୁମାର ରାଉତଙ୍କ ତତ୍ତ୍ୱାବଧାନରେ କୋଏର୍ ଗ୍ରୁପ୍‌ର କଣ୍ଠଶିଳ୍ପୀମାନେ ଭକ୍ତିସଙ୍ଗୀତ କ୍ୟାରୋଲ୍ ପରିବେଷଣ କରିଥିଲେ। ଡଃ ଜିତାରାୟଙ୍କ ସଂଯୋଜନାରେ ବିବିଧ ଅନୁଷ୍ଠାନ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ ସହ ସାନ୍ତାକ୍ଲଜ୍‌ଙ୍କ ଶାନ୍ତିର ବାର୍ତ୍ତା ଦର୍ଶକଙ୍କୁ ଆନନ୍ଦିତ କରିଥିଲା। ପ୍ରାଧାପକ ଡ. ଦୈତ୍ୟାରୀ ଶୁକ୍ଳ ଧନ୍ୟବାଦ ଦେଇଥିଲା ବେଳେ ଅଧ୍ୟାପିକା ରିଙ୍କୁ ମହାପାତ୍ର ସଭା କାର୍ଯ୍ୟ ଉପସ୍ଥାପନା କରିଥିଲେ।

## ବିଡି କଲେଜରେ ସାଂସ୍କୃତିକ ସପ୍ତାହ ଓ ବାର୍ଷିକ କ୍ରୀଡ଼ା



**ନିଶ୍ଚିନ୍ତକୋଇଲି, ୫।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇଠାରେ ଥିବା ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟର ସାଂସ୍କୃତିକ ସପ୍ତାହ ଓ ବାର୍ଷିକ କ୍ରୀଡା ଉତ୍ସବ ୧ ତାରିଖଠାରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲି ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର +୨ ଓ +୩ ଅଧକ୍ଷା କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିବା ବେଳେ ଚଳିତ ବର୍ଷର ଡିଗ୍ରୀ କଲେଜର ପ୍ରିୟଦର୍ଶିନୀ ମିଶ୍ର ଓ +୨ କଲେଜର ସୌଭାଗ୍ୟଲକ୍ଷ୍ମୀ ବେହେରା ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ବେଳେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସୁଧାଂଶୁ ବେଜ୍ ଓ ବିଶ୍ୱଜିତ୍ ପୁହାଣ ପରିଚାଳନା କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ନାୟକଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧକ୍ଷା ଡ. ପୁଷ୍ପିତା ଜେନା, ମୁଖ୍ୟବକ୍ତା ଭାବେ +୨ ଅଧକ୍ଷା ନିବେଦିତା ଦାଶ ସମ୍ମାନିତ ଅତିଥି ଭାବେ ଅଧାପକ ସୂର୍ଯ୍ୟମଣୀ ସ୍ୱାଇଁ, ଅଧ୍ୟାପିକା ରୀତା ଷଡ଼ଙ୍ଗୀ, ଅଧ୍ୟାପିକା ଜୟନ୍ତୀ ସାହୁ, ସୁପ୍ରଭା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଦେବଯାନୀ ରାଉତ, ପ୍ରଭାବତୀ ରାଉତ, ପ୍ରଭାତୀ ଭୂୟାଁ, ନିରୁପମା ସାହୁ, ବଟକୃଷ୍ଣ ରାଉତ, ଅଶୋକ ରାଉତ, ଜ୍ୟୋତିରଞ୍ଜନ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଏସସିବିରେ ଡାଏଲିସିସ ମେସିନ ଅଚଳକୁ ନେଇ ବିଧାନସଭାରେ ଉଦ୍‌ବେଗ

# ନିରାମୟରେ ରୋଗୀଙ୍କୁ ମିଳୁଥିଲା ୨୦୦ ଔଷଧ, ଏବେ ମାତ୍ର ୮୦

**ଭୁବନେଶ୍ୱର,୫।୧୨(ସମିସ):** ରାଜ୍ୟର ସର୍ବବୃହତ୍ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାଏଲିସିସ ମେସିନ କାମ କରୁନାହିଁ। ଫଳରେ ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଛନ୍ତି। ସରକାର ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ। ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜରେ ଡାଏଲିସିସି ମେସିନ ଅଚଳ ପଡ଼ିଛି। ଏକ ନିର୍ଦ୍ଦିଷ୍ଟ ଫ୍ଲୁଇଡ୍ ଅଭାବରୁ ମେସିନ ଅଚଳ ଥିବା ଶୁଣିବାକୁ ପଡୁଛି। ବିଭିନ୍ନ ଜିଲ୍ଲାରେ ମଧ ସମାନ ପରିସ୍ଥିତି ଦେଖାଦେଇଛି। ରାଜ୍ୟର ସବୁଠାରୁ ବଡ଼ ଡାକ୍ତରଖାନାରେ ଏପରି ସ୍ଥିତି ଗ୍ରହଣୀୟ ନୁହେଁ। ସରକାର ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ବିଜେଡି ସରକାର ସମୟରେ ଗରିବ ଲୋକଙ୍କ ପାଇଁ ନବୀନ ପଟ୍ଟନାୟକ ନିରାମୟ ଯୋଜନା ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ୨୦୦ ପ୍ରକାରର ଔଷଧ ଦିଆଯାଉଥିଲା। ମାତ୍ର ବର୍ତ୍ତମାନ ନିରାମୟ ଯୋଜନାରେ ପ୍ରାୟ ୮୦ ପ୍ରକାର ଔଷଧ ମିଳୁନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ସବୁ ଔଷଧ ରୋଗୀଙ୍କୁ ଦିଆଯିବା ନେଇ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ବିଜେଡିର ଅନ୍ୟତମ ବିଧାୟକ ଶାରଦା ଜେନା କହିଥିଲେ ଯେ ଡାଏଲିସିସ ମେସିନ ଅଚଳ ଥିବା କାରଣରୁ ପ୍ରାୟ ୭୦ ଜଣ ବୃକକ୍ ରୋଗୀ ଏନେଇ ମେଡିକାଲ ଅଧୀକ୍ଷକଙ୍କୁ ଚିଠି ଲେଖି ନିଜର କ୍ଷୋଭ ଜଣାଇଛନ୍ତି। ଏହି ଚିଠିରୁ ଓଡ଼ିଶାର ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଜଳଜଳ ଦିଶୁଛି। ମାତ୍ର ଫ୍ଲୁଇଡ ପାଇଁ ମେସିନ ଅଚଳ ହେବା ଦୁର୍ଭାଗ୍ୟଜନକ। ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସେ ଦାବି କରିଥିଲେ।

## ପୂର୍ବତନ ବ୍ଲକ୍ ଅଧକ୍ଷାଙ୍କ ଘରକୁ ବୋମାମାଡ଼; ଦୁଇ ଆହତ



**ସାଲେପୁର,୫।୧୨(ସମିସ):** କଟକ ଜିଲ୍ଲା ସାଲେପୁର ବ୍ଲକର ଅତୋଡା ଗ୍ରାମରେ କୌଣସି କାରଣରୁ ଆଜି ସନ୍ଧ୍ୟାରେ ସାଲେପୁର ବ୍ଲକର ପୂର୍ବତନ ଅଧକ୍ଷଙ୍କ ଘର ନିକଟକୁ ବୋମାମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଏହି ବୋମାମାଡ଼ରେ ଦୁଇ ଜଣ ମହିଳା ସାମାନ୍ୟ ଆହତ ହୋଇଥିବା ବେଳେ ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୂତୟନ କରାଯାଇଛି। ରାଜନୈତିକ ଶତ୍ରୁତା କାରଣରୁ ସାଲେପୁର ବ୍ଲକର ପୂର୍ବତନ ଅଧକ୍ଷା ତଥା ଅତୋଡା ଗ୍ରାମର ମମତା ରାଉତଙ୍କ ଘର ନିକଟକୁ ଦୁଇଟି ବୋମାମାଡ ହୋଇଥିଲା। ଛ ଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ଦୁଇଟି ବୋମାମାଡ କରିଥିବା ବେଳେ ଗୋଟିଏ ବୋମା ଥୁଆ ହୋଇଥିବା ଟ୍ରାକ୍ଟର ଉପରେ ମାଡ଼ ହୋଇଥିବା ବେଳେ ଅନ୍ୟ ଏକ ବୋମା କେନାଲର ଏକ ପାହାଚ ଉପରେ ପଡ଼ି ପ୍ରଚଣ୍ଡ ଶବ୍ଦ କରି ବିସ୍ଫୋରଣ ହୋଇଥିଲା। ଏହି ବୋମା ମାଡ଼ରେ ସେଠାରେ ଠିଆ ହୋଇଥିବା ସୁମିତ୍ରା ସେଠୀ, ସୁଲୋଚନା ସେଠୀ ସାମାନ୍ୟ ଆହତ ହୋଇଛନ୍ତି। ପୂର୍ବତନ ଅଧକ୍ଷା ମମତା ରାଉତଙ୍କ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ ତିନିରୁ ଚାରି ଦିନ ତଳେ ୨୦ରୁ ଉର୍ଦ୍ଧ୍ୱ ଯୁବକ ତାଙ୍କ ଘର ନିକଟରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଘର ଭିତରେ ପଶି ଆସବାପତ୍ର ଫୋପଡା ଫୋପାଡି କରି ଧମକ ଚମକ୍ ଦେଇ ପଳେଇଯାଇଥିଲେ। ଏ ସମ୍ପର୍କରେ ସିସିଟିଭି କ୍ଲିପ୍ ସହ ଜଗତପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଶୁଣିବାକୁ ମିଳୁଛି ଯେ ଶ୍ରୀ ରାଉତଙ୍କ ପୁଅ ଏକ ଦ୍ୱାଦଶ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ବେଳେ ସେଠାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କିଛି ଯୁବ କର୍ମୀଙ୍କ ସହ ବଚସା ହୋଇଥିଲା। ଏହି କାରଣରୁ ତାଙ୍କ ଘର ସମ୍ମୁଖକୁ ବୋମାମାଡ଼ ହୋଇଥିବା ଆଲୋଚନା ହେଉଛି।

**ଗ୍ରାମରେ ଚାପା ଉତ୍ତେଜନା ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ**

## ମହାନଦୀରେ କୁମ୍ଭୀର; ଲୋକ ଆତଙ୍କିତ



**ଆଠଗଡ,୫।୧୨(ସମିସ):** ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ଆଠଗଡ଼ ରେଞ୍ଜ ମୁଣ୍ଡଳୀଠାରେ ମହାନଦୀରେ ଏକ ଥଣ୍ଟିଆ କୁମ୍ଭୀର ଦେଖିବାକୁ ମିଳିଛି। ପାଖାପାଖି ୯ ଫୁଟ୍ ଲମ୍ବରୁ ଅଧିକ ଏହି କୁମ୍ଭୀରଟି ଗତ ୨୦୨୨ ମସିହାଠାରୁ ମହାନଦୀରେ ବୁଲୁଥିବା ବେଳେ ଶୁକ୍ରବାର ଧବଳେଶ୍ୱର ପଠାରୁ ଯାଇ ମୁଣ୍ଡଳୀ ନିକଟରେ ଦେଖାଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି। କୁମ୍ଭୀରଟି ସାତକୋଶିଆ କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ଖସିଆସି ୨୦୨୨ ମସିହାରେ ମାଛଧରା ଜାଲରେ ଲାଗିଯାଇଥିଲା। ତେବେ ସେତେବେଳେ ତାକୁ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ମହାନଦୀର ଗଭୀର ଜଳରେ ଛାଡ଼ି ଦିଆଯାଇଥିଲା। କୁମ୍ଭୀରଟି ସେବେଠାରୁ ଧବଳେଶ୍ୱର ପଠାଠାରୁ ମୁଣ୍ଡଳୀ ମଧ୍ୟରେ ବିଚରଣ କରୁଥିବା ବେଳେ ଅଧିକାଂଶ ସମୟରେ ଲୋକଲୋଚନକୁ ଆସିଥାଏ। ତେବେ ମହାନଦୀରେ କୁମ୍ଭୀର ଥିବା ଯୋଗୁଁ ଆଖପାଖ ଅଞ୍ଚଳର ଗାଁରେ ଲୋକେ ଆତଙ୍କିତ ହୋଇପଡ଼ିଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କଣ୍ଟାପଡ଼ା,୫।୧୨(ସମିସ):** ଭାରତୀୟ ସେନା ବାହିନୀର ଅବସରପ୍ରାପ୍ତ ଅଧିକାରୀ ସ୍ୱର୍ଗତ ଜଳନ୍ଧର ରାୟଙ୍କ ପତ୍ନୀ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଓଡ଼ିଶା ମୁଖ୍ୟ ଡ. ନିହାରରଞ୍ଜନ ରାୟଙ୍କ ମାତା କୌଶଲ୍ୟା ଦେବୀ (୮୯)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ଏବଂ ପରୋପକାରୀ ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଯୋଗଗୁରୁ ନିର୍ମଳ ରାୟ, ମଧ୍ୟମ ପୁତ୍ର ଶିକ୍ଷାବିତ ନିରଞ୍ଜନ ରାୟ ଏବଂ ପରିବାରବର୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା। କୌଶଲ୍ୟା ଦେବୀଙ୍କ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ଅଖାବାବାଙ୍କ ଆଶ୍ରମରେ ବାର୍ଷିକୋତ୍ସବ



**ନିଶ୍ଚିନ୍ତକୋଇଲି,୫।୧୨(ସମିସ):** ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇସ୍ଥିତ ବାଘୁଆ ପଡ଼ିଆଠାରେ ଥିବା ନିର୍ଗୁଣ ବ୍ରହ୍ମ ସତ୍ୟ ସନାତନ ଧରିତ୍ରୀ ମଣ୍ଡଳାଶ୍ରମ ଆଖାବାବାଙ୍କ ଶାଖା ଆଶ୍ରମର ବାର୍ଷିକ ଉତ୍ସବ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଲୋକସନ୍ଥ ବ୍ରହ୍ମ ଅବଧୂତ ଗୋସ୍ୱାମୀ ଅଖାବାବା ଯୋଗଦାନ କରିଥିଲେ। ଏହି ଅବସରରେ ଜଗତକଲ୍ୟାଣ ପାଇଁ ନାମ ସଂକୀର୍ତ୍ତନ, ବ୍ରହ୍ମ ଆହୂତି, ପ୍ରବଚନ, ରାହାସ ଆଦି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଆଶ୍ରମର ଆଚାର୍ଯ୍ୟ ବରଦାପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ ଗୁରୁ ଭାଇଭଉଣୀ ଏବଂ ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

## କମର୍ସ ପଏଣ୍ଟର ବାର୍ଷିକ ଉତ୍ସବ



**ସାଲେପୁର,୫।୧୨(ସମିସ):** ସାଲେପୁର କମର୍ସ ପଏଣ୍ଟର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ କୁମାର ବେହୁରାଙ୍କ ଅଧକ୍ଷତାରେ ସାଲେପୁର ମଧୁ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଏଇଏମଆଇଏସର ପ୍ରଫେସର ଡ. କମଳାକାନ୍ତ ବେହୁରା, ମୁଖ୍ୟବକ୍ତା ଭାବେ ସିଏସିଏମଏ ଶ୍ରୀଦୀପ୍ତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ଦାଶ ଯୋଗ ଦେଇଥିଲେ। ଡାକ୍ତର ପ୍ରକାଶ ଦାସ ଆଇଏମଆଇଏସ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ ଶ୍ରୀକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଶୋକ ସ୍ୱାଇଁ, ସତ୍ୟରଞ୍ଜନ ମିଶ୍ର, ମାନସ ରଞ୍ଜନ ବେହୁରା, ଅଜିତ ବାରିକ, ମିର ସଲାମ ଉଦ୍ଦିନ, ବଦ୍ରିନାରାୟଣ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ସାଲେପୁର ଅଞ୍ଚଳର ବହୁ ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

### ବିଶ୍ୱନାଥପୁରରେ ଫାଟିଲା ପାନୀୟଜଳ ପାଇପ୍

# ୧୫ ଦିନହେଲା ରାସ୍ତାରେ ପାଣି



**ବଡ଼ମ୍ବା,୫।୧୨(ସମିସ):** ବଡ଼ମ୍ବା ବ୍ଲକ ଅଧୀନ ଗୋପାଳପୁର ଗ୍ରାମ ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ମୁଖ୍ୟ ପାଇପ୍ ଫାଟି ଯାଇଥିବାରୁ ଗତ ପ୍ରାୟ ୧୫ ଦିନ ଧରି ରାସ୍ତା ଉପରେ ପାଣି ଲହଡ଼ି ମାରୁଛି। ଏହାଫଳରେ ଗ୍ରାମବାସୀଙ୍କ ସମେତ ସେହି ରାସ୍ତା ଦେଇ ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ଦେବୀଙ୍କୁ ଦର୍ଶନ କରିବା ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହେବା ସହ ବିଶ୍ୱନାଥପୁରର ହରିଜନ ସାହିର ଅନେକ ପରିବାର ସମ୍ପୂର୍ଣ୍ଣ ରୂପେ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ପାଇପ୍ ଫାଟିବା ଯୋଗୁଁ ଘର ସମ୍ମୁଖରେ ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି, ମାତ୍ର ଲୋକଙ୍କୁ ପିଇବା ପାଣି ମିଳୁନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି କର୍ଣ୍ଣପାତ କରୁନାହାନ୍ତି। ବିଶେଷକରି, ବଡ଼ମ୍ବା ବ୍ଲକର ୩୮ଟି ପଞ୍ଚାୟତର ସମସ୍ତ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ଏଲ୍ ଆଣ୍ଡ ଟି ଠିକା ସଂସ୍ଥା ଚୁକ୍ତି କରିଛି। ମାତ୍ର ଏହି ସଂସ୍ଥା କାର୍ଯ୍ୟକୁ ଠିକାଦାରଙ୍କ ହାତରେ ଟେକିଦେଇ ଚୁପ୍ ବସିଯିବା ଯୋଗୁଁ ଜନସାଧାରଣ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଏଲ୍ ଆଣ୍ଡ ଟି ଠିକା ସଂସ୍ଥା ବାରମ୍ବାର ଅଭିଯୋଗ ପରେ କେବଳ ସମୟ ନେଇ ଚାଲିଛି, କିନ୍ତୁ ଆଜି ପର୍ଯ୍ୟନ୍ତ ପାନୀୟ ଜଳର ସମସ୍ୟା ସମାଧାନ ହୋଇପାରୁନାହିଁ। ବହୁ ସ୍ଥାନରେ ପାଇପ୍ ଫାଟି ରାସ୍ତାରେ ପାଣି ମାଡୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏହା ବ୍ୟତୀତ, ଠିକା ସଂସ୍ଥା ରାସ୍ତା ଖୋଳି ପାଇପ ବିଛାଇବା ପରେ ବିଭିନ୍ନ ଜାଗାରେ ଖାଲଖମା ସୃଷ୍ଟି କରି ତାହାକୁ ମରାମତି ନ କରି ଛାଡ଼ି ଚାଲିଯାଇଥିବାର ଅଭିଯୋଗ ହେଉଛି। ଯେଉଁଠି ପାଣି ଦିଆଯାଉଛି, ସେଠାରେ ମଧ ସଠିକ୍ ଢଙ୍ଗରେ ପାଣି ଯୋଗାଇ ଦିଆଯାଉନାହିଁ। ସରକାରୀ ତହବିଲରୁ ସ୍ୱଚ୍ଛ ପାନୀୟ ଜଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ତାହା ଜନସାଧାରଣଙ୍କ କାର୍ଯ୍ୟରେ ଆସୁନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ କୌଣସି ପ୍ରତିକ୍ରିୟା ମିଳୁନାହିଁ। ପାନୀୟ ଜଳ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ପଦକ୍ଷେପ ନେଇ ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଜନସାଧାରଣଙ୍କ ଦାବି କରିଛନ୍ତି।

- ବିଭାଗୀୟ ଅଧିକାରୀ ଚୁପ୍
- ହରିଜନସାହିରେ ପାନୀୟଜଳ ସଙ୍କଟ
- ଭଟ୍ଟାରିକାଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ହନ୍ତସନ୍ତ

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ
'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଳବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।
ନିବେଦକ
'ବନ୍ଦେ ଉତ୍କଳ ଜନନୀ'


# ୩ କେଜି ବାରହା ମାଂସ ଜବତ; ଜଣେ ଗିରଫ



ଅନୁଗୋଳ,୫ ।୧୨(ସମିସ): ଶୁକ୍ରବାର ସକାଳ ସାଢ଼େ ୯ଟାରେ ଅନୁଗୋଳ ଫରେଷ୍ଟ ଡିଭିଜନ ଜରପଡ଼ା ରେଞ୍ଜ ଓ ଆଠମଲ୍ଲିକ ଫରେଷ୍ଟ ଡିଭିଜନ ହଣ୍ଡପା ରେଞ୍ଜ ପକ୍ଷରୁ ଇଣ୍ଟର ବର୍ଡର ଇଲାକାରେ ପାଟ୍ରୋଲିଂ ଚାଲିଥିବାବେଳେ ଜାମୁନାଳି ଗାଁ ଭିତରେ ଜଣେ ବ୍ୟକ୍ତି ଦଉଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ଜଙ୍ଗଲ ବିଭାଗ କର୍ମଚାରୀ ତାଙ୍କୁ ଧରି ଯାଞ୍ଚ କରିବାରୁ ଏକ ବ୍ୟାଗ୍‌ରୁ ୩ କେଜି ବାରହା ମାଂସ ବାହାରିଥିଲା। ଶିକାରୀ ଜଣକ ହଣ୍ଡପା ଜାମୁନାଳି ଗାଁର ଉମାକାନ୍ତ ସାହୁ ବୋଲି ଜଣାପଡ଼ିଛି। ତାଙ୍କୁ ଗିରଫ କରାଯାଇଛି। ଚଢ଼ଉରେ ରେଞ୍ଜ ଅଫିସର ମାଧବ ଚନ୍ଦ୍ର ନାଏକ, ଫରେଷ୍ଟର ବସନ୍ତ ଗଡ଼ନାୟକ, ଫରେଷ୍ଟ ଗାର୍ଡ ଲିଙ୍ଗରାଜ ମାଝୀଙ୍କ ସମେତ ହାତୀ ସ୍କ୍ୱାଡ୍ ଓ ବିଦ୍ୟୁତ୍ ପ୍ରହରୀମାନେ ସାମିଲ ଥିଲେ।

# ସମସ୍ୟା ସମାଧାନ ପାଇଁ ଆଇଜିଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି

ଅନୁଗୋଳ,୫ ।୧୨(ସମିସ): ଅନୁଗୋଳ କଂଗ୍ରେସର ଯୁବନେତା ତଥା ପୂର୍ବତନ ଓବିସି ସେଲ ସଭାପତି ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଗୁରୁବାର ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟି ସହରର କେତେକ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସହରରେ ଦିନକୁ ଦିନ ବ୍ରାଉନସୁଗର କାରବାର ବଢୁଥିବା ବେଳେ ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଡ୍ରଗ୍ସ ମାଫିଆଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଦାବି କରିଥିଲେ। ସହରରେ ଟ୍ରାଫିକ ଅବ୍ୟବସ୍ଥା ହେତୁ ବାରମ୍ବାର ଦୁର୍ଘଟଣା ଘଟୁଛି। ସ୍କୁଲ ପିଲାଙ୍କ ଯାତାୟାତରେ ବାଧା ଉପୁଜୁଥିବାରୁ ଏହାର ସମାଧାନ କରିବାକୁ ଦାବି କରିଥିଲେ। ସିମିଳିପଡ଼ା, ଜୁମା ମସଜିଦ ଛକ, ହେମସୁରପଡ଼ା, ହୁଲୁରୁସିଂହା ଛକରେ ଟ୍ରାଫିକ ଲାଇଟ୍ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରତି ୱାର୍ଡରେ ପୂର୍ବ ପରି ରାତ୍ରକାଳୀନ ପ୍ରହରା ବ୍ୟବସ୍ଥା କରାଯିବାକୁ ଅନୁରୋଧ କରାଯାଇଥିଲା। ସହରରେ ପରିତ୍ୟକ୍ତ କ୍ଲବ୍, କୋଠଘର, ଖେଳପଡ଼ିଆରେ ସନ୍ଧ୍ୟା ହେଲେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଥିବାରୁ ସେ ସବୁ ଉପରେ ପୁଲିସ ସତର୍କ ଦୃଷ୍ଟି ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ସେହିଭଳି ସହରରେ ଅଣଓଡ଼ିଆ ତଥା ବାଂଲାଦେଶୀଙ୍କ ଅବାଧ ପ୍ରବେଶ ଥିବାରୁ ସେ ସବୁ ଉପରେ କଟକଣା ଜାରି ସହ ନଜର ରଖିବାକୁ ଅନୁରୋଧ କରାଯାଇଥିଲା। ପ୍ରତିନିଧି ଦଳରେ ଆଇନଜୀବୀ ଧର୍ମେନ୍ଦ୍ର ମିଶ୍ର, ବିପିନ ବିହାରୀ ସାହୁ, ପ୍ରଶାନ୍ତ ବିଶ୍ୱାଳ, ନୀଳକଣ୍ଠ ନାଏକ, ଅଭୟ ପ୍ରଧାନଙ୍କ ସମେତ ଛାତ୍ରନେତା କୈଳାସ ପ୍ରଧାନ, ଲିପୁନ ନାଏକ ପ୍ରମୁଖ ସାମିଲ ଥିଲେ।



# ଏକଲ ପରିବାର ପକ୍ଷରୁ ସାଂସ୍କୃତିକ ବିଚିତ୍ରା



ଅନୁଗୋଳ,୫ ।୧୨(ସମିସ): ସ୍ଥାନୀୟ ସଭାଗୃହରେ ଏକଲ ପରିବାର ପକ୍ଷରୁ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଦୁର୍ଗମ ଅଞ୍ଚଳରେ ରହୁଥିବା ବନବାସୀ ଭାଇ ଭଉଣୀମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ସମ୍ପନ୍ନତାର ତାଲିମ ଦିଆଯିବା ସହ ସେମାନଙ୍କୁ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ପରମ୍ପରାର ମୁଖ୍ୟ ସ୍ରୋତରେ କିଭଳି ସାମିଲ କରାଯାଉଛି ତାହା ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ସିଦ୍ଧନାଥ ସାହୁ ଯୋଗଦେଇ ଏକଲ ଅଭିଯାନର ସଫଳତା ବର୍ଣ୍ଣନା କରିଥିଲେ। ସଭାପତି ବିଜୟ କୁମାର ମୋଦୀ, ଭୋଗଦେବ ପ୍ରଧାନ ପ୍ରମୁଖ ଏକଲ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସିନେ ଅଭିନେତା ଅଶୋକ ଦାସ, କଳାକାର ସଭାପତି ବୀରେନ୍ଦ୍ର ପ୍ରଧାନ ଓ ନୃତ୍ୟନୀଳୟ ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏକଲ ବିଦ୍ୟାଳୟ ଛାତ୍ରଛାତ୍ରୀ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ।

# ବଙ୍କାପଲସାରେ ମାଣବସା ଗୁରୁବାର ପାଳିତ

କିଶୋରନଗର,୫ ।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଙ୍କାପଲସା ଗ୍ରାମରେ ମାଣବସା ଗୁରୁବାର ମହାଲକ୍ଷ୍ମୀ ପୂଜା ପାଳିତ ହୋଇଛି। ୩ ତାରିଖ ପୂର୍ବାହ୍ନ ୧୧ଟାରେ ଗ୍ରାମର ପୁରୁଷ ମହିଳା, ପୂଜା କମିଟି ସଦସ୍ୟ ଗାଁ ପୋଖରୀରୁ ପୂଜାପାଠ କରି ଗ୍ରାମ ପରିକ୍ରମା କରି କଳସ ସ୍ଥାପନ କରିଥିଲେ। ପରେ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ୧୪ ବର୍ଷ ହେବ ପାଳନ ହୋଇଆସୁଛି। ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର କୁନି କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଓ ଗୁରୁବାର ବାଦୀଦଣ୍ଡ ପରିବେଷଣ ହୋଇଥିଲା। ଶୁକ୍ରବାର ମା'ଙ୍କ ଆଞ୍ଚଲରୁ ନିଲାମ ହୋଇଥିଲା। ଏହାକୁ ରୋହିତ ପ୍ରଧାନ ୨୫ ହଜାର ୧ ଟଙ୍କାରେ ନିଲାମ ଧରିଥିଲେ। ପୂଜାରେ କର୍ତ୍ତା ଭାବେ ସ୍ୱାଧୀନ ପ୍ରଧାନ ଓ ଧର୍ମପତ୍ନୀ ପ୍ରଭାସିନୀ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟଅତିଥି ଭାବେ ନାଏବ ସରପଞ୍ଚ ଭୁବନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସୌଦାମିନୀ ମିର୍ଦ୍ଧା ଯୋଗଦେଇଥିଲେ। ବିଭୂତି ଭୂଷଣ ପ୍ରଧାନ, ପୂଜା କମିଟି ସଭାପତି ଅଜିତ ପ୍ରଧାନ, ସମ୍ପାଦକ ସଞ୍ଜୟ ପ୍ରଧାନ ପୂଜା ପରିଚାଳନା କରିଥିଲେ।

# ଦୃଷ୍ଟି ଆଢୁଆଳରେ ଗଦଗଦା ଜଳପ୍ରପାତ

ଅନୁଗୋଳ,୫ ।୧୨(ସଂଗ୍ରାମ ରଞ୍ଜନ ଦାସ)





ଦୃଷ୍ଟି ଆଢୁଆଳରେ ଅନୁଗୋଳ ବ୍ଲକ ଅନ୍ତୁଳିଆ ପଞ୍ଚାୟତ ଲକ୍ଷ୍ମଣପୁର ନିକଟରେ ଥିବା ଗଦଗଦା ଜଳପ୍ରପାତ। ଅତ୍ୟନ୍ତ ସୁନ୍ଦର ଓ ମନମୁଗ୍ଧକର ପରିବେଶରେ ଥିବା ଏହି ଜଳପ୍ରପାତ ପ୍ରତି କାହାର ନଜର ନାହିଁ। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଭିତରେ ଥିବାରୁ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଏହାର ଉନ୍ନତି ଏବଂ ରକ୍ଷଣାବେକ୍ଷଣ ପ୍ରତି ପଦକ୍ଷେପ ନେଉନାହାଁନ୍ତି। ସାତକୋଶିଆ କର୍ତ୍ତୃପକ୍ଷ ମଧ୍ୟ ଇକୋ ଟୁରିଜିମରେ ଏହାକୁ ସାମିଲ କରୁନାହାନ୍ତି। ଏହି ଜଳପ୍ରପାତର ବିକାଶ ହେଲେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ପର୍ଯ୍ୟଟକ ଏଠାକୁ ଆସି ପ୍ରକୃତିକୁ ଉପଭୋଗ କରିପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ପମ୍ପାସର ରେଞ୍ଜ ବାଘମୁଣ୍ଡା ସେକ୍ସନର ଘଞ୍ଚ ଜଙ୍ଗଲ ଓ ସବୁଜିମାରେ ପରିପୂର୍ଣ୍ଣ ପାହାଡ଼ ଘେରା ମଧ୍ୟରେ ବୋହିଯାଉଥିବା ଏକ ଚିରସ୍ରୋତା ଝରଣାର ପାଣି ପାହାଡ଼ ଉପରୁ ପ୍ରାୟ ୧୦୦ ଫୁଟ ତଳକୁ ପଡୁଛି, ଯାହା ଅତ୍ୟନ୍ତ ମନୋରମ। ବର୍ଷସାରା ଏହି ଜଳପ୍ରପାତରୁ ପାଣି ପଡୁଛି। ଏଠାକାର ସୌନ୍ଦର୍ଯ୍ୟ ଥରେ ଦେଖିଲେ ମୁହଁ ଫେରାଇବାକୁ ଇଚ୍ଛା ହୁଏନାହିଁ। ଉପରେ କଳା ମୁଗୁନି ପଥରର ଚଟାଣ, କୁଳୁକୁଳୁ ନାଦରେ ବୋହି ଯାଉଥିବା ଝରଣା ପାଣିର ଶବ୍ଦ, ଚତୁଃପାଶ୍ୱର୍ରେ ସବୁଜିମା। ଏ ସବୁକିଛି ପ୍ରକୃତିପ୍ରେମୀଙ୍କ ମନରେ ଶିହରଣ ସୃଷ୍ଟି କରେ। ସେଥିପାଇଁ ଏଠାକୁ ଆଖପାଖ ଅଞ୍ଚଳରୁ ବହୁ ଲୋକ ଆସନ୍ତି। ଉପଭୋଗ କରନ୍ତି। କିନ୍ତୁ କୌଣସି ସୁବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଜଳପ୍ରପାତ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ପ୍ରଥମତଃ ମୁଖ୍ୟ ରାସ୍ତାରୁ ଜଳପ୍ରପାତକୁ ସଂଯୋଗ କରୁଥିବା ରାସ୍ତା ଗମନାଗମନ ପାଇଁ ବାଧକ ସାଜିଛି। ଜଳପ୍ରପାତ ଚାରିପାଖରେ ରେଲିଂ ନ ଥିବାରୁ ପର୍ଯ୍ୟଟକଙ୍କ ପାଇଁ ବିପଦ ରହିଛି। ପରିଷ୍କାର ପରିଚ୍ଛନ୍ନତା କଥା ନ କହିବା ଭଲ। କିଛି ମଦ୍ୟପ ତଥା ଅସାମାଜିକ ବ୍ୟକ୍ତି ସେଠାରେ କାଚ ବୋତଲ ପକାଇ ଦେଉଛନ୍ତି। ବିଦ୍ୟୁତ ସଂଯୋଗ ନାହିଁ। ଜଳପ୍ରପାତ ପର୍ଯ୍ୟନ୍ତ ଝରଣାର ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଯାଉଛି। ଏଭଳି ଅନେକ ଅବ୍ୟବସ୍ଥା ଭିତରେ ହଜିଯାଉଛି ଏହି ଜଳପ୍ରପାତ। ଏଠାକୁ ରାସ୍ତା ନିର୍ମାଣ, ଜଳପ୍ରପାତ ଚାରିପାଖରେ ରେଲିଂ, ବିଦ୍ୟୁତ ସଂଯୋଗ, ପରିଷ୍କାର ପରିଚ୍ଛନ୍ନତା, ଝରଣାକୁ ସଫା କରି ତା କୂଳରେ ରେଲିଂ, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ କକ୍ଷ ଆଦି ସୁବିଧା କରାଗଲେ ଏଠାକୁ ବିଭିନ୍ନ ସ୍ଥାନରୁ ଶହ ଶହ ପର୍ଯ୍ୟଟକ ଆସନ୍ତେ। ଏ ନେଇ ସାତକୋଶିଆ ଡିଏଫଓ କହିଛନ୍ତି ଏଭଳି ସ୍ଥାନଗୁଡ଼ିକୁ ଇକୋ ଟୁରିଜିମରେ ସାମିଲ କରି ଉନ୍ନତି କରାଯିବ। ଏହି ଜଳପ୍ରପାତର ଉନ୍ନତି ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୩୫ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ପ୍ରସ୍ତାବ ଦିଆଯାଇଛି। ସ୍ଥାନୀୟ ବିଧାୟକଙ୍କ ପାଣ୍ଠିରୁ ମଧ୍ୟ ୨୦ଲକ୍ଷ ଟଙ୍କା ଅନୁଦାନ ପାଇଁ ଅନୁରୋଧ କରାଯାଇଛି ବୋଲି ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି। ଅନୁଗୋଳ ଜିଲ୍ଲାରେ ଗଦଗଦା ଜଳପ୍ରପାତ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବହୁ ସ୍ଥାନ ଲୁକ୍କାୟିତ ଅବସ୍ଥାରେ ରହିଛି। ସେଗୁଡ଼ିକୁ ଚିହ୍ନଟ କରି ବିକାଶ କଲେ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଏସ୍‌ଭିଏମ୍‌ରେ ୩୯ତମ କ୍ରୀଡ଼ା ଉତ୍ସବ



ନାଲକୋ ନଗର,୫ ।୧୨(ସମିସ): ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିର (ଏସ୍‌ଭିଏମ୍)ର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୩ ଦିନ ଧରି ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲକୋ ସିପିପି ସିଜିଏମ ସତ୍ୟବାଦୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଜିଏମ (କୋଲ ଆଣ୍ଡ ଆଶ) ଶୁଭେନ୍ଦୁ ଘୋଷ, ବିଦ୍ୟାଭାରତୀର ଅଖିଳ ଭାରତୀୟ କବାଡ଼ି ସଂଯୋଜକ ବିଭୂତି ଭୂଷଣ ଦାଶ, ପୂର୍ବତନ ଭାରପ୍ରାପ୍ତ ଅଧକ୍ଷା ସସ୍ମିତା ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ପ୍ରାନ୍ତ କ୍ରୀଡ଼ା ସଂଯୋଜକ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ମାଷ୍ଟର ଆଥଲେଟ ତଥା ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ପ୍ରକାଶ କୁମାର ଗଡ଼ନାୟକ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଗଦାଧର ପାଣିଗ୍ରାହୀ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ରାଜ୍ୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ବିଭିନ୍ନ କ୍ରୀଡ଼ାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏବଂ ଚାମ୍ପିଅନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନୃତ୍ୟ ଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ "ଯୁଗେ ଯୁଗେ ଜଗନ୍ନାଥ' ପରିବେଷଣ କରାଯାଇଥିଲା। ଶିକ୍ଷକ ବିଚିତ୍ରାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ଅନୁଗୋଳ,୫ ।୧୨(ସମିସ): ରାଜ୍ୟ ତଥା ଅନୁଗୋଳ ଜିଲ୍ଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଅନୁଗୋଳ ଜିଲ୍ଲା କଂଗ୍ରେସ କୃଷକ ସେଲ ସଭାପତି ସୌମେନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ଗୁରୁବାର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଧାନକିଣାରେ କଟନି ଛଟନି ବନ୍ଦ, ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଥିବା ବ୍ୟାପକ ଫସଲ କ୍ଷତି, ଫସଲ ବୀମାରେ ଥିବା ଅସଙ୍ଗତି ଦୂର କରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟବୀମାଭୁକ୍ତ କରିବା ଓ ୫୫ ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ସମସ୍ୟାଗୁଡ଼ିକର ସମାଧାନ ନ କଲେ ଦଳ ପକ୍ଷରୁ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ପ୍ରଫୁଲ୍ଲ ଦାସ, ରାଜ୍ୟ କୃଷକ ସେଲ ସଂଯୋଜକ ଦାଶରଥି ସାହୁ, ବରିଷ୍ଠ ନେତା ଗୋପାଳ ନାଥ, ସନନ୍ତ କୁମାର ପ୍ରଧାନ, ଶିଶିର କୁମାର ପାଳ, ବସନ୍ତ କୁମାର ବିଶୋୟୀ, ଅର୍ଜୁନ ଦେହୁରୀ, ପଞ୍ଚାନନ ବେହେରା, ସାରଙ୍ଗ ଦେହୁରୀ, ସତ୍ୟବ୍ରତ ଗଡ଼ନାୟକ, ସନ୍ତୋଷ ମହାରଣା ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ



କିଶୋରନଗର,୫ ।୧୨(ସମିସ): କିଶୋରନଗର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କନିଷ୍ଠ କିରାଣି ବଳରାମ ପ୍ରଧାନଙ୍କର ୮୬ ବର୍ଷ ବୟସରେ ସୋମବାର ତାଙ୍କ ଷଣ୍ଢପାଳସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ବଳରାମଙ୍କ ଦେହାନ୍ତରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଛାତ୍ରସଂସଦ ସଭାପତି ଡା. ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଖଗେଶ୍ୱର ସାହୁ, କ୍ଷୀରୋଦ କୁମାର ପ୍ରଧାନ, ରାମଚନ୍ଦ୍ର ଦେହୁରୀ, ରାଜେନ୍ଦ୍ର ଦେହୁରୀ, ଉପେନ୍ଦ୍ର ପ୍ରଧାନ, ସଂଗ୍ରାମ କେଶରୀ ପୃଷ୍ଟି, ବିଜୟ କୁମାର ସାହୁ, କାଶୀନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ବଳରାମଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରସଂସଦ ସମ୍ପାଦକ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କିଶୋରନଗର ଉଚ୍ଚ ବିଦ୍ୟାଳୟରେ ମଧ୍ୟ ବଳରାମଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି।

# ପୂର୍ବ ସୈନିକ ସଂଘ ପକ୍ଷରୁ ପିଟିସି ପଡ଼ିଆ ସଫେଇ



ଅନୁଗୋଳ,୫ ।୧୨(ସମିସ): ଅନୁଗୋଳ ସହରରେ ଖେଳପଡ଼ିଆଗୁଡ଼ିକ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମଦ୍ୟପମାନେ ମଦ ପିଇ ବୋତଲ, ଗ୍ଲାସ୍ ଆଦି ଫିଙ୍ଗି ଅଳିଆ କରୁଛନ୍ତି। ଫଳରେ ଖେଳାଳିଙ୍କୁ ଅସୁବିଧା ହେଉଛି। ଏହି ସମସ୍ୟା ସମାଧାନ ପାଇଁ ଅନୁଗୋଳ ପୂର୍ବ ସୈନିକ ସଂଘ (ଏଡିଭି) ପକ୍ଷରୁ ସଭାପତି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଦଳ ସ୍ଥାନୀୟ ପିଟିସି ପଡ଼ିଆ ସଫେଇ କରି ଆବର୍ଜନା ହଟାଇଥିଲେ। ଏଥିରେ ସଂଘ ସଦସ୍ୟମାନଙ୍କ ସହ ଅଗ୍ନିବୀର ପାଇଁ ସଂଘ ପକ୍ଷରୁ ପ୍ରଶିକ୍ଷଣ ନେଉଥିବା ଯୁବକମାନେ ସାମିଲ ହୋଇଥିଲେ।

# ଦୁଇଜଣଙ୍କୁ ମାରିଲେ ହାତୀ, ଗ୍ରାମରେ ଉତ୍ତେଜନା

ଛେଣ୍ଡିପଦା,୫ ।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଜୋରାଡ଼ଙ୍ଗା ଗାଁରେ ଗୋଟିଏ ଦିନରେ ଦୁଇ ଜଣଙ୍କୁ ମାରିଛନ୍ତି ହାତୀପଲ। ଫଳରେ ଗାଁରେ ଭୟର ବାତାବରଣ ଖେଳିଯାଇଛି। ଏ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ହାତୀ ଆକ୍ରମଣରେ ଜୋରଡ଼ଙ୍ଗା ଗାଁର ଚେରୁ ଦେହୁରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ରଜନୀ ବେହେରାଙ୍କ ମୃତ୍ୟୁ ହୋଇଛି। ଚେରୁ ଗାଁ ନିକଟ ବିଲ ମାଳକୁ ଶୌଚ ପାଇଁ ଯାଉଥିବା ବେଳେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲ ତାଙ୍କୁ କଚାଡ଼ି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ସେହିପରି କିଛିଦୂରରେ ରଜନୀ ମଧ୍ୟ ଥିଲେ। ତାଙ୍କୁ ମଧ୍ୟ ହାତୀପଲ ଆକ୍ରମଣ କରିଥିଲେ। ସେ ଗୁରୁତର ଅବସ୍ଥାରେ ସେଠାରେ ପଡ଼ି ରହିଥିଲେ। ହାତୀପଲ ଥିବାରୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସାହସ କରିପାରି ନ ଥିଲେ। ଖବର ପାଇଁ ଛେଣ୍ଡିପଦା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇବା ପରେ ଗୁରୁତର ରଜନୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ଦୀର୍ଘଦିନ ହେବ ଜଙ୍ଗଲ ପାଶ୍ୱର୍ବର୍ତ୍ତୀ ଗାଁ ନିକଟରେ ଏକ ୧୬ଟିକିଆ ହାତୀପଲ ରହୁଥିବା ବେଳେ ବନବିଭାଗର ଅପାରଗତା ଯୋଗୁଁ ଗାଁର ଦୁଇଜଣଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫରେଷ୍ଟର ସୁଶାନ୍ତ ନାଏକ ଓ ବନ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଛେଣ୍ଡିପଦା ବନାଞ୍ଚଳ ସୀମା ମଧ୍ୟରେ ଚେରୁ ଦେହୁରୀଙ୍କର ମୃତ୍ୟୁ ହୋଇଥିବା ବେଳେ ରଜନୀ ବେହେରାଙ୍କର କୁଣ୍ଢେଇଗୋଳା ବନାଞ୍ଚଳ ସୀମାରେ ମୃତ୍ୟୁ ହୋଇଥିଲା। ଏନେଇ ଉଭୟ ବନାଞ୍ଚଳ କର୍ତ୍ତୃପକ୍ଷ ସରକାରୀ ନିୟମ ଅନୁଯାୟୀ ଥିବା ଅନୁକମ୍ପା ରାଶିରୁ ଶୁଦ୍ଧିକ୍ରିୟା ପାଇଁ ୧ ଲକ୍ଷ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରୟାଗରାଜରୁ ସାଇବର ଠକ ଗିରଫ

ଅନୁଗୋଳ,୫ ।୧୨(ସମିସ): ଏକ ବଡ଼ ସାଇବର ଠକେଇର ମୁଖ୍ୟକୁ ଅନୁଗୋଳ ପୁଲିସ ପ୍ରୟାଗରାଜରୁ ଗିରଫ କରିଛି। ଏ ନେଇ ଶୁକ୍ରବାର ସ୍ଥାନୀୟ ସାଇବର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଡିଏସପି ଯାଜ୍ଞସେନୀ ବେହେରା, ଇନ୍‌ସପେକ୍ଟର ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ୨୦୨୫ ଅକ୍ଟୋବର ୧୦ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୧୨ରେ ଅନୁଗୋଳ ଜିଲ୍ଲା ନିଶା ଥାନା କଙ୍କରାଇ ଗାଁର ସୁକାନ୍ତ କୁମାର ପ୍ରଧାନଙ୍କ ପାଖକୁ ଆରଟିଓ ଚାଲାଣ ନାମରେ ଏକ ଏପିକେ ଫାଇଲ ଆସିଥିଲା। ସୁକାନ୍ତ ଏହାକୁ ଖୋଲି ଇନ୍‌ଷ୍ଟଲ କରିଦେବା ମାତ୍ରେ ତାଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୭ ଲକ୍ଷ ୨୦ ହଜାର ଟଙ୍କା କଟି ଯାଇଥିଲା। ସୁକାନ୍ତ ସାଇବର ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନା ଦ୍ୱାରସ୍ଥ ହୋଇଥିଲେ। ଥାନାଧିକାରୀ ଘଟଣାର ତଦନ୍ତ କରି ଉତ୍ତରପ୍ରଦେଶ ପ୍ରୟାଗରାଜ ଥାନା ଜଲାଲପୁରର ମହମ୍ମଦ ଆଦିଲକୁ ଗିରଫ କରିଥିଲେ। ତା'ଠାରୁ ମୋବାଇଲ ଫୋନ୍, ବିଲ୍, ଏଟିଏମ୍, ଡିଏଲ୍, ପ୍ୟାନ, ଆଧାର କାର୍ଡ ଆଦି ଜବତ କରାଯାଇଛି। ଗିରଫ ଠକକୁ କୋର୍ଟ ଚାଲାଣ କରାଯାଇଛି। ଏହି ଅପରେସନରେ ଇନ୍‌ସପେକ୍ଟର ସନ୍ତୋଷ ଜେନା, କନଷ୍ଟେବଳ ଅନିଲ ସାହୁ, ରୋହିତ କୁମାର ମାଝୀ ଓ ସୌମ୍ୟରଞ୍ଜନ ମାଝୀ ପ୍ରମୁଖ ସାମିଲ ଥିଲେ।



# ବିଶ୍ୱ ମୃତ୍ତିକା ଦିବସ ପାଳିତ




ଅନୁଗୋଳ,୫ ।୧୨(ସମିସ)

ମାଟି ହେଉଛି ଈଶ୍ୱରଙ୍କ ଅମୂଲ୍ୟ ବରଦାନ, ଯାହା ଜୀବଜଗତ ସୃଷ୍ଟିର ମୂକସାକ୍ଷୀ ଏବଂ ମାନବ ସଭ୍ୟତାର ଅଗ୍ରଗତି ସହ ଗଭୀର ଭାବରେ ସଂଶ୍ଳିଷ୍ଟ। ମାଟି ସହ ଜଙ୍ଗଲ, ଜୈବବିବିଧତା, ସଂସ୍କୃତି, କୃଷି ଏବଂ ଜୀବନଜୀବିକାର ସମ୍ପର୍କ ଅତି ନିବିଡ଼ ଓ ପରସ୍ପର ନିର୍ଭରଶୀଳ। ମାଟିର ଉପଯୁକ୍ତ ସୁରକ୍ଷା ଓ ଚିରସ୍ଥାୟୀ ପରିଚାଳନା ଦ୍ୱାରା ଆମ ପରବର୍ତ୍ତୀ ପିଢ଼ି ପାଇଁ ଏକ ସୁସ୍ଥ ଏବଂ ସ୍ଥାୟୀ ପରିସଂସ୍ଥା ସମ୍ଭବ ବୋଲି ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଉଦ୍ୟମରେ ଟାଇଁସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ମନସ୍ୱିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶୀଲ କୁମାର ପ୍ରଧାନ ଯୋଗଦେଇ ମାଟିର ସୃଷ୍ଟି, ମୃତ୍ତିକା କ୍ଷୟର ବିଭିନ୍ନ କାରଣ, ମାଟିର ଉର୍ବରତା ନଷ୍ଟ ହେବାର କାରଣ ଆଦି ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଶିକ୍ଷକ ଭାଗ୍ୟରଥୀ ପ୍ରଧାନ, ପ୍ରକୃତିପ୍ରେମୀ ରବୀନ୍ଦ୍ର ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ପୂଜା ପ୍ରିୟଦର୍ଶିନୀ, ତରୁଲତା ସାହୁ, ପ୍ରେମଲତା ସାହୁ, ସୁପ୍ରଭା ନାୟକ, ଅଧ୍ୟାପକ ବିକ୍ରମ କୁମାର ସାହୁ ଏବଂ କୃପାସିନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୃତ୍ତିକା ସଂରକ୍ଷଣ, କୃଷି କାର୍ଯ୍ୟରେ ମୃତ୍ତିକାର ସଠିକ ପରିଚାଳନା, ଜୈବିକ କୃଷିର ଉପାଦେୟତା ଏବଂ ଜଙ୍ଗଲ ପୋଡ଼ିରେ ମୃତ୍ତିକା କ୍ଷୟ ଓ ନଷ୍ଟ ସମ୍ବନ୍ଧରେ ସଚେତନ କରିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ସୁବ୍ରତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଟି ଓ ପରିବେଶ ପ୍ରଦୂଷଣ ଏବଂ ନିରାକରଣ ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଶେଷରେ ଓପନ କୁଇଜ୍ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ବିନୟ କୁମାର ସାହୁ, ବାଦଲ ସାହୁ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

# ଟ୍ରକ୍ ପଛରେ ବାଇକ୍ ଧକ୍କା; ଆରୋହୀ ମୃତ

ଛେଣ୍ଡିପଦା,୫ ।୧୨(ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କତଡ଼ାଠାରେ ଟ୍ରକ ପଛରେ ବାଇକ୍ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କିଶୋରନଗର ଥାନା ଭବର୍ତ୍ତୀପାଲିର ସୁମନ୍ତ ମାହାର ଓ ଗୁରୁତରମାନେ ହେଲେ ରୋହିତ ମାହାର, ଆକାଶ ମାହାର ଓ ପରଦେଶୀ ମାହାର। ଗୋଟିଏ ବାଇକ୍‌ରେ ଏହି ୪ ଯୁବକ ଜରପଡ଼ା ଆଡ଼କୁ ଆସୁଥିବାବେଳେ ରାସ୍ତାରେ ପାଣି ଦେଉଥିବା ଏକ ଟ୍ୟାଙ୍କର ପଛରେ ଧକ୍କା ହୋଇଥିଲା।

ଲେଲିହାନ ଶିଖା

ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ

ସ୍ୱର୍ଗତ ରବି ଲାବଣ୍ୟ

'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଲବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।

ନିବେଦକ
'ବନ୍ଦେ ଉତ୍କଳ ଜନନୀ'



# ୟୁନିଫର୍ମ ପାଇନାହାନ୍ତି ୧୦୬ ବିଦ୍ୟାଳୟ ଛାତ୍ରଛାତ୍ରୀ

ବାଲେଶ୍ୱର,୫।୧୨(ସମିସ)

ଆଉ ତିନିମାସ ପରେ ସରିବ ଶିକ୍ଷାବର୍ଷ। ହେଲେ ଏଯାଏଁ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ୟୁନିଫର୍ମ ପାଇନାହାନ୍ତି। କିଏ ବିନା ୟୁନିଫର୍ମ ତ କିଏ ପୁରୁଣା ୟୁନିଫର୍ମରେ ସ୍କୁଲ ଯାଉଛନ୍ତି ପିଲା। ଶିକ୍ଷାବର୍ଷ ଶେଷ ହେବାକୁ ବସିଥିବାବେଳେ ବାଲେଶ୍ୱର ଜିଲ୍ଲାର ୧୦୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଳିନି ୟୁନିଫର୍ମ। ଗୋଟିଏ କି ଦୁଇଟି ବ୍ଲକ୍ ନୁହେଁ ବରଂ ୧୧ଟି ବ୍ଲକ୍‌ର ବିଦ୍ୟାଳୟରେ ଏଯାଏଁ ବଣ୍ଟା ହୋଇନି ପୋଷାକ। ସର୍ବାଧିକ ସଦରରେ ୨୪ଟି ବିଦ୍ୟାଳୟରେ ବଣ୍ଟା ହୋଇନି ୟୁନିଫର୍ମ। ଅଗଷ୍ଟ ମାସ ୧୫ ତାରିଖ ଜିଲ୍ଲାରେ ପୋଷାକ ବଣ୍ଟନ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଉକ୍ତ ତାରିଖ ସୁଦ୍ଧା ସମସ୍ତେ ମାଗଣା ୟୁନିଫର୍ମ ପିନ୍ଧିବେ। ଏଥିପାଇଁ ସରକାର କୋଟି ଟଙ୍କା ବ୍ୟୟ ମଧ୍ୟ କରିଛନ୍ତି। ହେଲେ ଏଯାଏଁ ପିଲାମାନଙ୍କୁ ପୋଷାକ ବଣ୍ଟା ନ ହେବା ଘଟଣା ବିଡ଼ମ୍ବନାର ବିଷୟ ପାଲଟିଛି। ସବୁଠୁ ବଡ଼ କଥା ହେଉଛି ପୋଷାକ ବଣ୍ଟନ ନେଇ ଏବେ ଦୋଷ ଲଦାଲଦି ଚାଲିଛି। ତେବେ ବିଧାନସଭାରେ ପୋଷାକ ବଣ୍ଟନରେ ବିଳମ୍ବ ପ୍ରସଙ୍ଗ ଉଠିଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଉତ୍ତର ରଖିଛନ୍ତି। ସୂଚନା ମୁତାବକ, ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ଛାତ୍ରଛାତ୍ରୀ ମାଗଣା ୟୁନିଫର୍ମ ପିନ୍ଧିବେ ବୋଲି ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କଲେ। ଏଥିପାଇଁ ଦୁଇଟି କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ଗୋଟିଏ ବ୍ଲକ୍‌ସ୍ତରୀୟ କମିଟି ଓ ଅନ୍ୟଟି ଜିଲ୍ଲାସ୍ତରୀୟ କମିଟି। ତଥାପି ଏହି କାମରେ ବିଭ୍ରାଟ ସୃଷ୍ଟି ହେଲା। ଯେଉଁ ପ୍ରସଙ୍ଗ ଆଜି ବିଧାନସଭାରେ ମଧ୍ୟ ଉଠିଛି।

- ଶିକ୍ଷାବର୍ଷ ସରିବାକୁ ବସିଲାଣି, ବାଲେଶ୍ୱରରେ ପୋଷାକ ବଣ୍ଟନରେ ବିଳମ୍ବ
- ଜିଲ୍ଲାରେ ପୋଷାକ ବଣ୍ଟନ ପାଇଁ ଅଗଷ୍ଟ ୧୫ ତାରିଖ ଧାର୍ଯ୍ୟ ହୋଇଥିଲା
- ୧୧ଟି ବ୍ଲକ୍‌ର ୧୦୬ ବିଦ୍ୟାଳୟରେ ଏଯାଏଁ ବଣ୍ଟା ହୋଇନି ପୋଷାକ
- ବିଧାନସଭାରେ ଉଠିଲା ପୋଷାକ ବଣ୍ଟନରେ ବିଳମ୍ବ ପ୍ରସଙ୍ଗ

ସରକାରଙ୍କ ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ଏବେବି ୧୧ ବ୍ଲକ୍‌ର ୧୦୬ ବିଦ୍ୟାଳୟର ଛାତ୍ରଛାତ୍ରୀ ୟୁନିଫର୍ମ ପାଇନାହାନ୍ତି। ସଦର ବ୍ଲକ୍‌ଠୁ ଆରମ୍ଭ କରି ନୀଳଗିରି, ରେମୁଣା, ଭୋଗରାଇ, ବାହାନଗା, ବସ୍ତା ଆଦି ସ୍ଥାନରେ ପାଖାପାଖି ୧୦୬ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇନାହିଁ। ଅର୍ଥାତ୍ ବିନା ୟୁନିଫର୍ମରେ ପିଲା ସ୍କୁଲକୁ ଯାଉଛନ୍ତି। ଆଉ ତିନିମାସ ପରେ ଶିକ୍ଷାବର୍ଷ ସରିଯିବ।

ବାହାନଗାରେ ୫ଟି ବିଦ୍ୟାଳୟ, ବାଲିଆପାଳରେ ୨ଟି, ବସ୍ତା ବ୍ଲକରେ ୧୦ଟି, ଭୋଗରାଇରେ ୨୩ଟି, ଜଳେଶ୍ୱରରେ ୪ଟି, ଖଇରାରେ ୧୦ଟି, ନୀଳଗିରିରେ ୫ଟି, ରେମୁଣାରେ ୧୧ଟି, ସଦରରେ ୨୪ଟି, ସିମୁଳିଆରେ ୩ଟି, ସୋରରେ ୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଳିନାହିଁ ୟୁନିଫର୍ମ। ତେବେ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ପୋଷାକ ତିଆରି ଦାୟିତ୍ୱ ଦିଆଯାଇଥିଲା। ସେମାନେ ଏଯାଏଁ ପୋଷାକ ଯୋଗାଇ ନ ଥିବା କୁହାଯାଉଛି। ବିଳମ୍ବ ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ; ବିଇଓ, ଡିଇଓ ଏନେଇ କାହିଁକି କାର୍ଯ୍ୟରେ ଅବହେଳା କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲାରେ ପୋଷାକ ବିତରଣ ପାଇଁ ଅଗଷ୍ଟ ୧୫ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ନିୟମାନୁଯାୟୀ ବ୍ଲକରୁ ବ୍ଲକ୍ ଲେବଲ କମିଟି ମାଧ୍ୟମରେ ଏସ୍‌ଏଚଜି/ଏମ୍‌ଏସ୍‌ଏମ୍‌ଇ ୟୁନିଟର ତାଲିକାପ୍ରାପ୍ତ ହୋଇ ଓ ଏହାର ଡିଷ୍ଟ୍ରିକ୍ଟ ଲେବଲ କମିଟିରେ ଅନୁମୋଦନ କରାଯିବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଚାଲିଛି ଓ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଉତ୍ତର ରଖିଛନ୍ତି।

## ଶ୍ରୀନିବାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର/ସୋର, ୫।୧୨(ସମିସ): ସ୍ଥାନୀୟ ଶ୍ରୀନିବାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ସୋର ଥାନା ଅଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଓ ସୋର ତହସିଲର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଶୁଭାରମ୍ଭ କରିଥିଲେ। ପ୍ରଥମେ ବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ସମସ୍ତ ଛାତ୍ରଛାତ୍ରୀ ଶୋଭାଯାତ୍ରା କରିଥିଲେ। ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। କ୍ରୀଡ଼ା ବିଭାଗ ମୁଖ୍ୟ ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡଃ ପଙ୍କଜ କୁମାର ଜେନା ସଭା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ପ୍ରଶାନ୍ତ ପଣ୍ଡା, ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ସତ୍ୟନାରାୟଣ ସାହୁ, ସନ୍ଧ୍ୟାରାଣୀ ଜେନା, ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ପୁଷ୍ପଲତା ପାଢୀ ଓ ଡକ୍ଟର ରଞ୍ଜିତାବାଳା ମହାପାତ୍ର ସଭା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଅଧ୍ୟାପକ



ଅଜୟ ବାରିକ, ପ୍ରଶାନ୍ତ ଜେନା, ସଞ୍ଜୟ ଦାସ, ପିଜିଟି ସୁଜିତ ଗୋଛାୟତ, ଗଜେନ୍ଦ୍ର କବି, ଶାନ୍ତନୁ ପାତ୍ର, ମନୋଜ ଶବର, ଇତିଶ୍ରୀ ମହଲା, ପ୍ରଦର୍ଶନକାରୀ ଅନ୍ନପୂର୍ଣ୍ଣା ଜେନା, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସୁଶାନ୍ତ ରାଉଳ, ଡିଇଓ ଭରତ ଚନ୍ଦ୍ର ମାହାର୍ଣ୍ଣା, ଶିକ୍ଷା କର୍ମଚାରୀ କୈଳାସ ବାରିକ, ଅଣାକାର ନାୟକ, ଭରତ ବାରିକ, ପ୍ରଦ୍ୟୁମ୍ନ ସାହୁ, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ। ପୁଷ୍ପଲତା ପାଢ଼ୀ ଧନ୍ୟବାଦ ଅର୍ପଣ କରଥିଲେ।

## ବିଭିନ୍ନ ଅପରାଧିକ ମାମଲାରେ ଫେରାର ୩ ଅଭିଯୁକ୍ତ ଗିରଫ



ବାଲେଶ୍ୱର,୫।୧୨(ସମିସ): ଚାନ୍ଦିପୁର ଥାନା ପୁଲିସ ବିଭିନ୍ନ ଅପରାଧିକ ମାମଲାରେ ଫେରାର ଥିବା ତିନି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗବଗାଁ ଅଞ୍ଚଳର ବାପୁନ ଓରଫ ବିଶ୍ୱଜିତ ଦାସ (୨୪), ପୁରୁଣା ବାଲେଶ୍ୱର ଅଞ୍ଚଳର ବାୟା ହାତୀ ଓରଫ ନିରାକର ଦାସ (୨୭) ଓ ବାପି ଓରଫ ସୋମନାଥ ଦାସ (୩୩)। ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ସେମାନଙ୍କ ନାମରେ ଚାନ୍ଦିପୁର ଥାନାରେ ୭ଟି ମାମଲା ଥିଲା। ସେମାନେ ଦୀର୍ଘଦିନ ଧରି ଫେରାର ଥିଲେ। ତେବେ ତିନି ଅଭିଯୁକ୍ତ ଗାଁକୁ ଆସିଥିବା ଖବର ପାଇ ଚାନ୍ଦିପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

● ରାଜନୈତିକ ଦଳ ସହ ପ୍ରସ୍ତାବିତ ମତଦାନ କେନ୍ଦ୍ରର ସୁବ୍ୟବସ୍ଥାକରଣ ସମ୍ବନ୍ଧୀୟ ବୈଠକ

## ୪୮୮ଟି ନୂତନ ମତଦାନ କେନ୍ଦ୍ର ଅନୁମୋଦିତ

ବାଲେଶ୍ୱର,୫।୧୨(ସମିସ): ରାଜନୈତିକ ଦଳ ସହ ଅନୁମୋଦିତ ଓ ପ୍ରସ୍ତାବିତ ମତଦାନ କେନ୍ଦ୍ରର ସୁବ୍ୟବସ୍ଥାକରଣ ସମ୍ବନ୍ଧୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲ୍ଲାରେ ୮ଟି ନିର୍ବାଚନମଣ୍ଡଳୀରେ ନୂତନ ପ୍ରସ୍ତାବିତ ମତଦାନ କେନ୍ଦ୍ର ୪୮୮ଟି ଅନୁମୋଦନ ହୋଇ ପୂର୍ବର କେନ୍ଦ୍ର ସଂଖ୍ୟା ୧୯୨୭ରୁ ବୃଦ୍ଧି ହୋଇ ୨୪୧୫ ହୋଇଛି। ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀରେ ଆଂଶିକ ସ୍ଥାନ, ନାମମାତ୍ର ପରିବର୍ତ୍ତନ, ନୂଆ ବୁଥ ଗଠନ ସହ ମୋଟ ୪୮୮ଟି ନୂତନ ମତଦାନ





କେନ୍ଦ୍ର ଅନୁମୋଦିତ ହୋଇଥିବା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରକାଶ କରିଥିଲେ। ଏହି ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ନିଜ ନିଜର ବୁଥସ୍ତରୀୟ ପ୍ରତିନିଧିଙ୍କୁ ନିଯୋଜିତ କରି ଆସନ୍ତା ଭୋଟର ତାଲିକା ସଂଶୋଧନ ସମୟରେ ସହଯୋଗ ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂହ, ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ନିର୍ବାଚନ ଅଧିକାରୀ ରାଇମାତ ଟୁଡୁଙ୍କ ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ବାଲେଶ୍ୱର,୫।୧୨(ସମିସ): କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଅଡ଼ିଟୋରିୟମ ହଲ୍‌ରେ ଆଜି ପାଳିତ ହୋଇଯାଇଛି। ଏ ଅବସରରେ 'ସୁସ୍ଥ ସହର ନିମନ୍ତେ ସୁସ୍ଥ ମୃତ୍ତିକା'କୁ ନେଇ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ଡୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ମୃତ୍ତିକା ସୁରକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଆଲୋଚନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବାଲେଶ୍ୱର ସଦର ବିଧାୟକଙ୍କ ପ୍ରତିନିଧି ରବିନାରାୟଣ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରଦୀପ ବଳ, ସହକାରୀ ଗବେଷଣା ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, କୃଷି ବିଜ୍ଞାନ କେନ୍ଦ୍ର, ବାଲିଆପାଳର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ସ୍ୱାଗତିକା ସାହୁ ଓ ପୂର୍ବତନ ମୃତ୍ତିକା ରସାୟନବିତ୍ ସତ୍ୟେନ୍ଦ୍ର ନାଥ ଦାସ ଉପସ୍ଥିତ ରହି ମୃତ୍ତିକାର ଉପାଦେୟତା, ସଠିକ୍ ପରିଚାଳନା ଓ ସ୍ୱାସ୍ଥ୍ୟ ରକ୍ଷା ବିଷୟରେ ମାର୍ଗଦର୍ଶନ କରିଥିଲେ। ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକରୁ ୫୦ରୁ ଅଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଭାରେ ମୃତ୍ତିକା ନମୁନା ସଂଗ୍ରହ, ମୃତ୍ତିକା ପରୀକ୍ଷା ଲାବ୍ ଓ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷା ଯାନ ସମ୍ବନ୍ଧରେ ଏକ ସୂଚନାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ୨୫ରୁ ଅଧିକ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସଦର ସହକାରୀ କୃଷି ଅଧିକାରୀ ଲିଜା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୃତ୍ତିକା ରସାୟନବିତ୍ ପ୍ରଜ୍ଞା ପାରମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମଜୀବନୀ ପୁସ୍ତକ 'ଛାଇ ଆଲୁଅର କଥା' ଲୋକାର୍ପିତ

ବାଲେଶ୍ୱର,୫।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିଚାଳନାରେ ଲେଖକ ନିରଞ୍ଜନ ଖୁଣ୍ଟିଆଙ୍କ ଆତ୍ମଜୀବନୀ ପୁସ୍ତକ 'ଛାଇ ଆଲୁଅର କଥା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଯୋଗଦେଇ କହିଥିଲେ, ନିରଞ୍ଜନ ଖୁଣ୍ଟିଆ ଜଣେ ନିସ୍ୱାର୍ଥପର, ସରଳ ଓ ସତ୍ୟନିଷ୍ଠ ମଣିଷ। ତାଙ୍କ ଚିନ୍ତାଧାରାର ପବିତ୍ରତା, କାର୍ଯ୍ୟଧାରାର ସ୍ୱଷ୍ଟତା ଓ ସମାଜ ପ୍ରତି ନିରନ୍ତର ଅଙ୍ଗୀକାର ତାଙ୍କୁ ଏକ ଆଦର୍ଶ ମାନବୀୟ ପ୍ରତିମୂର୍ତ୍ତିରେ ପରିଣତ କରିଛି। ଆଦିବାସୀ ଶିଶୁଙ୍କ ପାଇଁ ତାଙ୍କର ଶିକ୍ଷାସେବା, ପରିବେଶ ସୁରକ୍ଷା ପ୍ରତି ସଚେତନତା ଓ ସାହିତ୍ୟ ସୃଜନଶୀଳତା ଆମ ରାଜ୍ୟର ସାମାଜିକ, ସାଂସ୍କୃତିକ ଧାରାକୁ ସମୃଦ୍ଧ କରିଛି। ଲେଖକ ଶ୍ରୀ ଖୁଣ୍ଟିଆ ନିଜର ଅଭିଭାଷଣରେ ଏହି ପୁସ୍ତକକୁ ସଂଘର୍ଷ, ସୃଜନା ଓ ଜୀବନସତ୍ୟର




ଅନୁଭୂତି କହି ଭାବନାପ୍ରବଣ ଅଭିଭାଷଣରେ କହିଥିଲେ, ଏହି ପୁସ୍ତକ ମୋ' ୭୯ ବର୍ଷର ଜୀବନଯାତ୍ରାର ସଞ୍ଚିତ ଅନୁଭୂତି। ଦୁଃଖ, ସଂଘର୍ଷ, ପ୍ରେରଣା, ମନୁଷ୍ୟ ସମ୍ପର୍କ ଓ ଜୀବନର କଟୁସତ୍ୟ ଏହି ସମସ୍ତ ପର୍ଯ୍ୟାୟର ଅନୁଭବ "ଛାଇ ଆଲୁଅର କଥା'ର ଆଧାର। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ ଶ୍ରୀ ଖୁଣ୍ଟିଆଙ୍କ ସହ ବିଶ୍ୱବିଦ୍ୟାଳୟର ଦୀର୍ଘ ସୁମଧୁର ସମ୍ପର୍କକୁ ସ୍ମରଣ କରିଥିଲେ। ଶିକ୍ଷାବିତ ଓ ସମାଜସେବୀ ବିପିନ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ପୁସ୍ତକ କେବଳ ଶବ୍ଦର ସଂଗ୍ରହ ନୁହେଁ, ସେ ହେଉଛି ଏକ ଯୁଗର ଇତିହାସ। ପ୍ରତ୍ୟେକ ବ୍ୟକ୍ତିର ଜୀବନୀ ଇତିହାସକୁ ଏକ ସମ୍ପୂର୍ଣ୍ଣ କରେ। ଏପରି ଆତ୍ମଜୀବନୀଗ ଆଗାମୀ ପିଢ଼ିକୁ ପ୍ରେରଣା ଓ ଦିଗନିର୍ଦ୍ଦେଶ ଦେଇଥାଏ। ଉକ୍ତ କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର ପ୍ରହ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଏଫ୍‌ଏମ୍ ଚାମ୍ପିଅନ୍ସ ଲିଗ୍ ସିଜନ-୧ ଉଦ୍‌ଯାପିତ

## ଏମ୍‌ବିସି ଫାଇଟରକୁ ହରାଇ ସନାତାନି ଏକାଦଶ ଚାମ୍ପିଅନ୍

ବାଲେଶ୍ୱର,୫।୧୨(ସମିସ)



ବାଲେଶ୍ୱର ସହରର ଯୁବ ବର୍ଗଙ୍କ ପକ୍ଷରୁ ଗତ ୧ ତାରିଖରୁ ଫକୀରମୋହନ କଲେଜ ପଡ଼ିଆରେ ଚାଲିଥିବା ଏଫ୍‌ଏମ୍ ଚାମ୍ପିଅନ୍ସ ଲିଗ୍ ସିଜନ-୧ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ସନାତାନି ଇଲେଭେନ ଓ ଏମବିସି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୮ ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚ୍‌ରେ ଟସ ଜିତି ଏମବିସି ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ ୱିକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା। ଜବାବରେ ସନାତାନି ଇଲେଭେନ ୭.୫ ଓଭରରେ ୯ ୱିକେଟ ହରାଇ ୮୭ ରନ କରି ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଥିଲା। ଫଳରେ ସନାତାନି ଇଲେଭେନ ଫାଇନାଲ ମ୍ୟାଚ୍ ଜିତିବା ସହ ଚାମ୍ପିଅନ ହୋଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ସ୍ୱରୂପ ଦାସ, ବିଜେଡି ଯୁବ ନେତା ରିତିକ ଜି, କାଉନସିଲର ମୀନା ମହାନ୍ତି ପ୍ରମୁଖ ଯୋଗଦେଇ ଖେଳ ଖେଳିବା ଦ୍ୱାରା କିଭଳି ଶାରୀରିକ ଓ ମାନସିକ ସ୍ତରରେ ଶାନ୍ତି ଅନୁଭବ ହୁଏ, ସେ କଥା ଉଲ୍ଲେଖ କରିଥିଲେ। ତତ୍‌ସହିତ କ୍ରିକେଟ ଖେଳ ଦ୍ୱାରା ଭାଇଚାରା ସୃଷ୍ଟି ହୁଏ ବୋଲି ମତ ପ୍ରକାଶ କରିଥିଲେ। ସଭାପତି ହୃଷିକେଶ ବେହେରା, ସମ୍ପାଦକ ସିଦ୍ଧେଶ୍ୱର ବେହେରା, ତପନ ଦାସ, ସୌଭାଗ୍ୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ଅତିଥିଙ୍କ ଦ୍ୱାରା ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।












୫/୧୨/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୪୩,୬୬୫/- | ସୁନା: ୦୩.୦୫୦ ଗ୍ରାମ୍ ରୁପା: ୦୧.୧୦୦ ଗ୍ରାମ୍

# ସହରରେ ମଶା ଭଣଭଣ; ପୌରସଂସ୍ଥାର ନିଘା ନାହିଁ



## ଛଡ଼ାଯାଉନି ମଶା ଧୂଆଁ, ଅତିଷ୍ଠ ସହରବାସୀ

ପୁରୀ,୫।୧୨(ସମିସ): ପର୍ଯ୍ୟଟନ ସହର ପୁରୀରେ ମଶା ଆତଙ୍କ। ଦିନ ହେଉ ଅବା ରାତିରେ ବସାଇ ଶୁଆଇ ଦେଉନାହାନ୍ତି ମଶା। ସବୁଠି ଖାଲି ମଶା ଭଣଭଣ। ମଶାଙ୍କ ଉତ୍ପାତକୁ ନେଇ ସହରବାସୀ ତ୍ରାହିତ୍ରାହି ଡାକିଲେଣି। ପୁରୀ ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବା ବେଳେ ମଶାବଂଶ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଏଥିରେ କିପରି ଅଙ୍କୁଶ ଲଗାଯିବ ସେ ନେଇ କୌଣସି ପ୍ରତିକାର କରାଯାଉ ନାହିଁ। ମଶା ତେଲ କିମ୍ବା ଧୂଆଁ ଛଡ଼ାଯାଉ ନ ଥିବା ଅଭିଯୋଗ କରିଛନ୍ତି ଲୋକେ। ଅନ୍ୟପକ୍ଷରେ ସହରରେ ମଶା ଉପଦ୍ରବ କରୁଥିଲେ ମଧ୍ୟ ନିଘୋଡ଼ ନିଦ୍ରାରେ ପୌରସଂସ୍ଥା।

ପୁରୀର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ଠିକ୍ ଭାବେ ରାସ୍ତାଘାଟ ସଫା କରାଯାଉ ନାହିଁ। ଅନେକ ସାହିଗଳିର ଡ୍ରେନ ଆବର୍ଜନାମୟ ହୋଇରହିଛି। ସକାଳୁ ବିଭିନ୍ନ ଗଳିକନ୍ଦିରେ ବୁଲି ସ୍ୱଚ୍ଛ ସବାରୀ ଗାଡିରେ ପ୍ରତ୍ୟେକ ଘରୁ ଆବର୍ଜନା ସଂଗ୍ରହ କରାଯାଉଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହେଉନାହିଁ। ଗଳିକନ୍ଦି ରାସ୍ତାରେ ଅଳଆ ପକାଯାଉଥିବା ବେଳେ ସଂଗୃହୀତ ଆବର୍ଜନା ଠିକ୍ ଭାବେ ପରିଚାଳନା ହେଉନାହିଁ। ଫଳରେ ସହରରେ ମଶାଙ୍କ ବଂଶ ବଢ଼ିବାରେ ଲାଗିଛି। ମଶାଙ୍କ ଉତ୍ପାତ ହେବେ ପୁରୀ ସହରରେ ଅସହ୍ୟ ହେଲାଣି। କଳବଳ ହେଉଛନ୍ତି ସହରବାସୀ। ସକାଳୁ ହେଉ ଅବା ରାତି ବସାଇ ଶୁଆଇ ଦେଉନାହାନ୍ତି। ପୁରୀର କଳିକନ୍ଦି କେଉଁଠି ବି ମଶାଠୁ ନିସ୍ତାର ନାହିଁ। ନଳାମାନଙ୍କରେ ପାଣି ଜମା ରହୁଥିବାରୁ ମଶା ବଂଶ ବଢିଚାଲିଛି। ସେପଟେ ମଶା ବଂଶ ଲୋପ ପାଇଁ ଖୋଲାଯାଇଥିବା ଗାମ୍ବୁଶିଆ ମାଛ ପ୍ରଜନନ କେନ୍ଦ୍ରର ଅବସ୍ଥା ଦୟନୀୟ। ଏଣୁ ପ୍ରଶାସନ ପକ୍ଷରୁ ମଶା ବଂଶ ବିସ୍ତାର ରୋକିବାକୁ ହୋଇଥିବା ବ୍ୟବସ୍ଥା ଏକପ୍ରକାର ଫେଲ୍ ମାରିଛି। ସାଧାରଣତଃ କୌଣସି ପାଣି ଜମିବା ସ୍ଥାନ, ଡ୍ରେନ୍ ଏବଂ ରାସ୍ତାକଡ଼ରେ ଘାସ ଓ ବୁଦା ରହିଲେ ସେହି ଜାଗାରେ ବଂଶ ଅଣ୍ଡା ଦେଇଥା'ନ୍ତି। ତେଣୁ ଏ ନେଇ ଜନସାଧାରଣଙ୍କୁ ଯେଉଁଭଳି ସଚେତନ କରାଯିବା କଥା ତାହା କରାଯାଉ ନାହିଁ। ଫଳରେ ଲୋକେ ବିଭିନ୍ନ ଜାଗାରେ ପାଣି ଦୀର୍ଘଦିନ ରଖୁଛନ୍ତି, ଡ୍ରେନ ଏବଂ ରାସ୍ତା କଡ଼ରେ ଘାସ ଓ ବୁଦା ନିୟମିତ ସଫା କରାଯାଉନାହିଁ। ଫଳରେ ସହରରେ ମଶାଙ୍କ ଉପଦ୍ରବ ବଢିଯାଇଛି। ପ୍ରାୟ ୨ ମାସ ହେବ ସହରବାସୀ ମଶା ଉତ୍ପାତ୍ତ ନେଇ ଅନେକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାସ୍ତାଘାଟରୁ ଆରମ୍ଭ କରି ଗଳିକନ୍ଦି ଓ ଘରମାନଙ୍କରେ ମଶାଙ୍କ ଉପଦ୍ରବରୁ କୌଣସି ଜାଗାରେ ଗୋଟେ ମିନିଟ୍ ବି ଠିଆ କରିଦେଉନାହାଁନ୍ତି।

ବୁଦ୍ଧିଜୀବୀ ସୁଧାକର ମହାନ୍ତି କହିଛନ୍ତି, ପୁରୀ ସହରରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି। ପୂର୍ବରୁ ଯେଉଁଭଳି 'ସ୍ୱଚ୍ଛ ପୁରୀ ଗର୍ବ ଆମରି' ନାରା ଦିଆଯାଇ ସହରର ସ୍ୱଚ୍ଛତା ଦିଗରେ ଗୁରୁତ୍ୱ ଦିଆଯାଉଥିଲା ଏବେ ସେମିତି ନାହିଁ। ସାହିଗଳିରେ ମଶା ଧୂଆଁ ଛଡ଼ାଯାଉ ନ ଥିବାବେଳେ କାଁ ଭାଁ କେବେ କେମିତି ମଶା ତେଲ ନାଳରେ ପକାଯାଉଛି। କିନ୍ତୁ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏ ଦିଗରେ ପୁରୀ ପୌରସଂସ୍ଥା ଆଗଭର ହେବା ଦରକାର। ସହରର ଅନେକ ବୁଦ୍ଧିଜୀବୀ ମଧ୍ୟ ଏହିଭଳି ମତ ରଖିଛନ୍ତି। ବିଶେଷକରି ସଞ୍ଜ ନଇଁଲେ ମଶା କେଉଁଠି ବସାଇଉଠାଇ ଦେଉ ନ ଥିବା କହିଛନ୍ତି। ତୁରନ୍ତ ପୁରୀ ପୌରପାଳିକା ପକ୍ଷରୁ ମଶା ନିୟନ୍ତ୍ରଣ ପାଇଁ ସବୁ ୱାର୍ଡରେ ମଶା ଧୂଆଁ ବୁଲାଇବା, ମଶା ତେଲ ସିଞ୍ଚନ, ଘାସ ବୁଦା ଓ ଡ୍ରେନ୍ ସଫେଇ କରିବା ଲାଗି ମତ ଦେଇଛନ୍ତି। କୀଟରୋଗ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ଅକ୍ଟୋବର ମାସରୁ ମଶାଙ୍କ ପ୍ରଜନନ ସମୟ ଆରମ୍ଭ ହୋଇ ଜାନୁଆରୀ ପର୍ଯ୍ୟନ୍ତ ଜାରି ରହିଥାଏ। ତେଣୁ ଏହି ସମୟରେ ଲାର୍ଭା ନଷ୍ଟ କଲେ ମଶା ନିୟନ୍ତ୍ରଣ ସମ୍ଭବ। କିନ୍ତୁ ପୁରୀ ପୌରସଂସ୍ଥା ଏହି ଲାର୍ଭା ମାରିବାରେ ବିଫଳ ହୋଇଛି। ମଶାଙ୍କ ଲାର୍ଭା ଖାଇବା ପାଇଁ ଥିବା ଗଞ୍ଜୁସିଆ ମାଛକୁ ଡ୍ରେନ୍‌ରେ ଛାଡ଼ିବା ଯୋଜନା ଥିଲେ ମଧ୍ୟ ଏହା ଠିକ୍ ଭାବେ କରାଯାଉନାହିଁ। ଅକ୍ଟୋବର ମାସରୁ ପ୍ରଜନନ ଆରମ୍ଭ ହୋଇଯାଇଥିବାରୁ ମଶା ଏବେ ଲାର୍ଭାରୁ ବାହାରି ଉଡ଼ିବା ଆରମ୍ଭ କଲେଣି। କାକର ପଡୁଥିବାରୁ ସେମାନେ ଏବେ ଘରମୁହାଁ ହୋଇଛନ୍ତି। ଏ ସଂକ୍ରାନ୍ତରେ ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

## ଗୀତା ଜ୍ଞାନ ଯଜ୍ଞ ଉଦ୍‌ଯାପିତ



ପୁରୀ,୫।୧୨(ସମିସ): ସ୍ଥାନୀୟ ସୁନ୍ଦରଦାସ ମଠରେ କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିବାସ୍ତୁ ପ୍ରତିଷ୍ଠାନ ଓ ଅଲ୍ ଓଡ଼ିଶା ବ୍ରାହ୍ମଣ ମହାସଭା ମିଳିତ ଆନୁକୂଲ୍ୟରେ ତିନିଦିନ ଧରି ଗୀତା ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଗୀତା ଜ୍ଞାନ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କ୍ଷେତ୍ରାଧିପତି ଆଧ୍ୟାତ୍ମିକ ପ୍ରତିଷ୍ଠାନର ସଭାପତି ଡ. ବଳରାମ ଦାଶ ଏଥିରେ ସଭାପତିତ୍ୱ କରି ଶ୍ରୀମଦ୍ ଭଗବତ ଗୀତାର ମାହାତ୍ମ୍ୟ ଓ ବର୍ତ୍ତମାନ ସମାଜରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦରଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ସୁଶ୍ରୀ ଅଭିଲିପ୍ସା ଦାଶ ଦଶାବତାର ଗାନ କରିଥିଲେ। କଥାବାଚକ ଅଧ୍ୟାପକ ଦୟାନିଧି ପଣ୍ଡା ଶ୍ରୀମଦ୍ ଭଗବତ ଗୀତା ବ୍ୟାଖ୍ୟା କରି ସନାତନ ଧର୍ମର ଆଭିମୁଖ୍ୟ ସମ୍ପର୍କରେ ପ୍ରବଚନ ଦେଇଥିଲେ। ପୂର୍ବତନ ପ୍ରଶାସକ ବିନୋଦ କୁମାର ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇ ଗୀତା ଯଜ୍ଞର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜସେବୀ ମନୋଜ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତା ବାଣୀର ପ୍ରଚାରପ୍ରସାର ପାଇଁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତାନନ୍ଦ ଗିରି, ଭାରତୀ ମିଶ୍ର, ସସ୍ମିତା ମିଶ୍ର, ମଧୁସ୍ମିତା ମହାପାତ୍ର, ଅନନ୍ତ ଦାସ, ରାମ ଦାସ, ସନ୍ଧ୍ୟାରାଣୀ ପ୍ରମୁଖ ଶତାଧିକ ଭକ୍ତ ଉପସ୍ଥିତ ରହି ଭଜନ, କୀର୍ତ୍ତନ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମଠାଧୀଶ ସୁନ୍ଦର ଦାଶ ପରିଚାଳନା କରିଥିଲେ।

● ମଣ୍ଡଳସ୍ତରୀୟ ଇକୋ କ୍ଲବ୍ ପ୍ରଦର୍ଶନୀ

## ପରିବେଶ ସଚେତନତା ପାଇଁ ଇକୋ କ୍ଲବ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ,୫।୧୨(ସମିସ): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୁରୀ ସଦର ବ୍ଲକ୍ ମଣ୍ଡଳସ୍ତରୀୟ ଇକୋ କ୍ଲବ୍ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ଉଦ୍‌ଘାଟନ କରିବା ସହ ପରିବେଶ ସଚେତନତା ପାଇଁ ଇକୋ କ୍ଲବ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବ୍ୟାପକ ଗଛକଟା, ପ୍ଲାଷ୍ଟିକ୍ ବ୍ୟବହାର, ଜଳବାୟୁ ଇତ୍ୟାଦି ପ୍ରଦୂଷଣ ଯୋଗୁଁ ଜୀବଜଗତ ଉପରେ




କୁପ୍ରଭାବ ପଡୁଛି। ବ୍ୟାପକ ଜନସଚେତନତା ହିଁ ପ୍ରତିହତ କରିପାରିବ। ବୃକ୍ଷରୋପଣ, ଜଳ ସଂରକ୍ଷଣ, ଜଳର ସଦୁପଯୋଗ, ବର୍ଷା ଜଳ ଅମଳ ଇତ୍ୟାଦି ଆମ ସମସ୍ତଙ୍କ ଉତ୍ତରଦାୟିତ୍ୱ ହେବା ଉଚିତ୍ ବୋଲି ସେ କହିଥିଲେ। ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରତ୍ନାକର ସାହୁ, ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଅଭିଭାବକ ଶିକ୍ଷକ ସଂଘର ସଭାପତି ସୂର୍ଯ୍ୟ ନାଥ ପୂଜପଣ୍ଡା ପ୍ରମୁଖ ଯୋଗଦେଇ ପରିବେଶ ପ୍ରଦୂଷଣ ଓ ଇକୋ କ୍ଲବ୍‌ର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ଅମ୍ରିତା ସାହୁ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ଓ ବୈଶାଳିନୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବିମଳା କୁମାରୀ ସେନାପତି, ଏନ୍‌ସିସି ଅଫିସର ଶୋଭାମଣୀ ସ୍ୱାଇଁ, ସଙ୍ଗୀତା ନାୟକ, ଶିକ୍ଷକ ସୌଭାଗ୍ୟ କୁମାର ସାହୁ, ଗାଇଡ୍ ଶିକ୍ଷକ ସ୍ୱର୍ଣ୍ଣଲତା ମହାପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ।

## ଆକର୍ଷଣ ସାଜିଲା ନାଟକ 'ବ୍ରେନ୍‌ଗେନ୍ ଡଟ୍ କମ୍'

ପୁରୀ,୫।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ, ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଗତ ବୁଧବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ପୁରୀର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ "ବ୍ରେନ୍‌ଗେନ୍ ଡଟ୍ କମ୍'। ଯାହାକି ନାଟ୍ୟପ୍ରେମୀଙ୍କୁ ବେଶ୍ ଆକର୍ଷଣ ସାଜିଥିଲା। ଏହି ନାଟକ ମାଧ୍ୟମରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ପରିଣତି ହିଁ ଦର୍ଶାଯାଇଛି। ଯେଉଁ ବ୍ୟବସ୍ଥାରେ ପିଲାମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠ ପଢୁଛନ୍ତି, ସେଥିରେ ସେମାନଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଦିଆଯାଉଛି ନା ସେମାନଙ୍କ ବିଦ୍ୟାକୁ ସୀମିତ କରିଦିଆଯାଉଛି? ବ୍ରେନ୍ ପ୍ରକୃତରେ କିଛି ଗେନ୍ କରୁଛି ନା ବ୍ରେନ୍‌କୁ ଡ୍ରେନ୍ କରିଦିଆଯାଉଛି। ଏକ ପ୍ରକାର ଫିଡିଙ୍ଗ୍ ସିଷ୍ଟମ୍‌ରେ ଆମର ପାଠପଢ଼ା ଚାଲିଛି। ଏ



ବ୍ୟବସ୍ଥାରେ ୧୦୦ ଜଣ ଶୁକପକ୍ଷୀ ତ ବାହାରି ପାରିବେ ହେଲେ ଜଣେ ଶୁକମୁନୀ ବାହାରି ପାରିବେ କି? ନାଟକର ନାୟକ ମିଷ୍ଟର ଡଟ୍ କମ୍ ଜଣେ ଟ୍ୟୁସନ ମାଷ୍ଟର। କମ୍ପ୍ୟୁଟର ସଫ୍ଟୱେର ବ୍ୟବହାର କରି ଗୋଟିଏ ଅଟୋମେଟିକ୍ ଫିଡିଙ୍ଗ୍ ସିଷ୍ଟମ୍ ବାହାର କରିଛନ୍ତି। ଫଳରେ ପାଠ ନ ପଢ଼ି ମଧ୍ୟ ଜଣଙ୍କ ବ୍ରେନ୍‌ରେ ଯେକୌଣସି ବିଷୟ ଲୋଡ୍ କରିଦିଆଯାଇ ପାରିବ। ତାଙ୍କ କୋଚିଂ ସେଣ୍ଟର ତ ଚାଲିଛି କିନ୍ତୁ ଏପରି ଏକ ସମୟ ଆସିଛି ଯେଉଁଠି ମିଷ୍ଟର ଡଟ୍ କମ୍ ବାଧ୍ୟ ହୋଇଛନ୍ତି ଏକ ବିପଜ୍ଜନକ ବ୍ରେନ୍ ତିଆରି କରିବାପାଇଁ। ଏହା ହିଁ ଥିଲା ନାଟକର ବାର୍ତ୍ତା। ଅଭିନୟରେ ରଙ୍ଗଶାଳାର ମୁଖ୍ୟ ତଥା ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ବିକ୍ରମ ବରାଳ, ଶୁଭାଶିଷ ତ୍ରିପାଠୀ, ଗୋପୀନାଥ ପୂଜାପଣ୍ଡା, ଗୌରୀରଞ୍ଜନ ବାରିକ, ରଞ୍ଜନ ପାଢ଼ୀ, ସୁମନ ସୁବୁଦ୍ଧି, ଆତ୍ରେୟ ମଲ୍ଲିକ, ରାକେଶ ସାହୁ, ମନୋରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ମଧୁସ୍ମିତା ସାହୁ ନିଚ୍ଛକ ଅଭିନୟ କରି ଦର୍ଶକଙ୍କ କରତାଳି ସାଉଣ୍ଟିଥିଲେ।

## ସଂସଦରେ ଉଠିଲା ଶ୍ରୀମନ୍ଦିରରେ ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

ପୁରୀ,୫।୧୨(ସମିସ): ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ କଲବଲ ହେଉଛନ୍ତି ପୁରୀ ସହରବାସୀ। ପୂର୍ବରୁ ଗାଁ

**ଗୃହର ଦୃଷ୍ଟିଆକର୍ଷଣ କଲେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ**



ଦେଉଳ ଭଳି ସେମାନେ ନିଜ ଇଚ୍ଛାରେ ଶ୍ରୀମନ୍ଦିରକୁ ଯିବାଆସିବା କରୁଥିଲେ। ହେଲେ ଏବେ ଆଉ ସେ ସ୍ଥିତି ନାହିଁ। ସମୟ ଥିଲା ଅନେକ ସହରବାସୀ ବିଶେଷକରି ବରିଷ୍ଠ ନାଗରିକମାନେ ଦିନକୁ ଏକାଧିକଥର ବଡ଼ଦେଉଳକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ମନ୍ଦିରକୁ ଯିବାଆସିବାରେ ସେମିତି କଟକଣା ନ ଥିଲା। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ବରଂ ଶ୍ରୀମନ୍ଦିରକୁ ପ୍ରବେଶ କରିବାକୁ ହେଲେ ସେମାନଙ୍କୁ ଏବେ ଚିନ୍ତା କରିବାକୁ ପଡୁଛି। ସମ୍ପ୍ରତି ଦର୍ଶନ ପାଇଁ ହେଉ କି ଅବଢ଼ା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁଛି। ଏକପ୍ରକାର ସେମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଇଛି। ତେଣୁ ନିଜର ହକ୍ ପାଇଁ ଏବେ ସ୍ୱର ଉଠାଇଛନ୍ତି ପୁରୀ ସହରବାସୀ। ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ କିପରି ସହଜ ହେବ ସେଥିଲାଗି ପ୍ରତିବାଦ ଚଳାଇଛନ୍ତି। ପୁରୀବାସୀଙ୍କ ଏହି ହକ୍‌ର ସ୍ୱର ଉଠିଛି ରାଜଧାନୀ ଦିଲ୍ଲୀରେ। ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ।

ଶୁକ୍ରବାର ଶ୍ରୀ ଖୁଣ୍ଟିଆ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉତ୍ଥାପନ କରି କହିଛନ୍ତି, ଆଜି ଭକ୍ତ, ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେବଳ ପୁରୀବାସୀଙ୍କ ତ୍ୟାଗ ଯୋଗୁଁ ସମ୍ଭବ ହୋଇପାରିଛି। ଶହ ଶହ ବର୍ଷର ଭିଟାମାଟି, ବ୍ୟାବସାୟିକ ପ୍ରତିଷ୍ଠାନ ସବୁକୁ ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କ ସୁବିଧା ପାଇଁ ସମର୍ପି ଦେଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଶ୍ରୀମନ୍ଦିରକୁ ନିଜ ଗାଁ ଦେଉଳ ଭାବେ ବିବେଚନା କରିଆସୁଥିବା ପୁରୀବାସୀଙ୍କ ପାଇଁ ଏବେ ବଡ଼ଦେଉଳ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ ଚିନ୍ତାର ବିଷୟ ପାଲଟିଛି। ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଁ ପ୍ରଶାସନ ଯେଉଁ କଟକଣା ଲଗାଉଛି ସେଥିରେ ପ୍ରଭାବିତ ହେଉଛନ୍ତି ପୁରୀ ସହରବାସୀ। ଏଥିପାଇଁ ପୁରୀର ବିଭିନ୍ନ ବର୍ଗର ଲୋକେ ଶ୍ରୀମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି। ହେଲେ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାବେଳେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବ ସରକାର ପୁରୀବାସୀଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ନିଜର ପରିଚୟପତ୍ର ଦେଖାଇ ସେମାନେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରୁଥିଲେ। ହେଲେ ଏବେ ସେମିତି ସୁବିଧା ନାହିଁ। ବାହାର ଭକ୍ତ, ପର୍ଯ୍ୟଟକ ଆସିବେ ଯିବେ। କିନ୍ତୁ ପୁରୀବାସୀ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ଏବଂ ସେବାରେ ନିୟୋଜିତ ରହିବେ। ତେଣୁ ପୁରୀବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ସେମାନେ କିପରି ଶ୍ରୀମନ୍ଦିରକୁ ବାଧାମୁକ୍ତ ପ୍ରବେଶ ଏବଂ ଦର୍ଶନ କରିପାରିବେ ଏଥିରେ କେନ୍ଦ୍ର ସରକାର ହସ୍ତକ୍ଷେପ କରନ୍ତୁ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ।

## ବିଶ୍ୱ ମୃତ୍ତିକା ଦିବସ ପାଳିତ: ମାଟିର ଗୁଣବତ୍ତା ରକ୍ଷା ପାଇଁ ଚାଷୀଙ୍କୁ ପରାମର୍ଶ

ପୁରୀ,୫।୧୨(ସମିସ): ସ୍ଥାନୀୟ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍ୟାନ ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, କେଭିକେ କୃଷି ବୈଜ୍ଞାନିକ ଡ. ବିଷ୍ଣୁପଦ ଗିରି, ନିମାପଡ଼ା କୃଷି ଅଧିକାରୀ ସତ୍ୟନାରାୟଣ କର, ଏଡିଓ ପୁରୀ ସବ୍ୟସାଚୀ ଦାସ, ଏଡିଓ ସାକ୍ଷୀଗୋପାଳ ପରେଶ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ କହିଥିଲେ ଯେ, ୯୬ ପ୍ରତିଶତ ଖାଦ୍ୟ ଉତ୍ପାଦନ ମାଟିରୁ ହେଉଛି। ମାତ୍ର ମାଟିକୁ ଆମେ ବିଷ ଦେଉଛେ। ରାସାୟନିକ ସାରର ଅହେତୁକ ପ୍ରୟୋଗ ମାଟିର ଗୁଣବତ୍ତାକୁ ନଷ୍ଟ କରିଚାଲିଛି। ମୃତ୍ତିକାର ଗୁଣବତ୍ତା ରକ୍ଷା ପାଇଁ ଚାଷୀମାନେ ସଚେତନ ହେବା ନିତାନ୍ତ ଜରୁରି ହୋଇପଡ଼ିଛି। ମାଟିର ଅଣୁଜୀବ ହେଉଛନ୍ତି ମାଟି ଭିତରର ରାନ୍ଧୁଣିଆ। ତେଣୁ ଜିଆ ଖତର ପରିମାଣ ବଢ଼ାଇବା, ମାଟି ତଳେ ଅଣୁଜୀବ ସୁରକ୍ଷିତ ରହିବା ପାଇଁ ମାଟିର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିବା। ମୃତ୍ତିକା ସ୍ୱାସ୍ଥ୍ୟକୁ ୨/୩ ବର୍ଷରେ ପରୀକ୍ଷା କରେଇ ନେଇ ଆବଶ୍ୟକ।

ସେହିପରି ଚାଷ ଜମିରେ ଭଲ ଫସଲ ପାଇଁ ୨୫ ଭାଗ ପାଣି, ୨୫ ଭାଗ ପବନ, ୪୫ ଭାଗ ଖଣିଜ ପଦାର୍ଥ ଓ ୫ ଭାଗ ଜୈବିକ ପଦାର୍ଥ ରହିବା ଆବଶ୍ୟକ। ମାତ୍ର ଚାଷୀମାନେ ଏତେ ମାତ୍ରାରେ ପାଣି ମଡ଼ାଉଛନ୍ତି ଯେ ଅମ୍ଳଜାନ ଯିବା ପାଇଁ ବାଟ ରହୁନାହିଁ। ତେଣୁ ଚେର ମଜଭୁତ ହେଉନାହିଁ। ତେଣୁ ପାଣି ମଡ଼ାଇବାବେଳେ ଏକଥାକୁ ଦୃଷ୍ଟି ଦେବା ଦରକାର। ଫସଲ ଅବଶେଷକୁ ମାଟିରେ ପ୍ରୟୋଗ କଲେ ଏହା ମାଟିରେ ଜୈବିକ ଅଙ୍ଗାରର ପରିମାଣ ବଢ଼ାଇବାରେ ସହାୟକ ହୁଏ ବୋଲି ଅତିଥିମାନେ କହିଥିଲେ। ମାଟି ପରୀକ୍ଷା ପାଇଁ ଦୁଇଟି ଭ୍ରାମ୍ୟମାଣ ଗାଡ଼ିର ବ୍ୟବସ୍ଥା ରହିଛି। ଏହାବ୍ୟତୀତ କୃଷି ମିତ୍ରମାନେ ଚାଷୀମାନଙ୍କଠାରୁ ମାଟି ଆଣି ପରୀକ୍ଷା କରିବାର ସୁଯୋଗ ରହିଛି। ଚାଷୀମାନେ ଏହାର ସଦୁପଯୋଗ କଲେ କେବଳ ସେମାନେ ଭଲ ଫସଲ ଅମଳ କରିବେ ନାହିଁ ବରଂ ମାଟିର ସ୍ୱାସ୍ଥ୍ୟ ଭଲ ରହିବା ସହ ପରିବେଶ ଉପରେ ଏହାର ସୁପ୍ରଭାବ ରହିବ ବୋଲି ଅତିଥିମାନେ କହିଥିଲେ।

**୭ରୁ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା**

## ୧୦ ଜିଲ୍ଲାରୁ ଯୋଗଦେବେ ନାଟ୍ୟଅନୁଷ୍ଠାନ

ପୁରୀ,୫।୧୨(ସମିସ): ଆସନ୍ତା ୭ ତାରିଖରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ୧୭ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନୁଷ୍ଠାନ ଆମର ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୭ ତାରିଖରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନଗୁଡ଼ିକୁ ପୁରସ୍କାର ବିତରଣ କରାଯିବ ବୋଲି ଶୁକ୍ରବାର ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ଭରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ମାର୍ଗଦର୍ଶକ ପ୍ରସନ୍ନ କୁମାର ମିଶ୍ର, ଚକ୍ରଧର ମହାପାତ୍ର, ଶିବନାରାୟଣ ପୂଜାପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ମାର୍ଗଦର୍ଶକ ଚକ୍ରଧର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ମଞ୍ଚ ନାଟକ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଓଡ଼ିଶାର ୧୦ଟି ଜିଲ୍ଲାରୁ ବିଭିନ୍ନ ନାଟକ ଦଳ ଭାଗ ନେବେ। ପ୍ରତ୍ୟେକ ଦିନ ନାଟ୍ୟ ଉପସ୍ଥାପନ ଦଳଙ୍କୁ ୭ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଏବଂ ସର୍ବମୋଟ୍ ୨୭ଟି ପୁରସ୍କାର ପ୍ରଦାନ କରାଯିବ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଯଥାକ୍ରମେ ୧୫ ହଜାର, ୧୦ ହଜାର ଓ ୭ ହଜାର ଟଙ୍କା



ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ପ୍ରତିଯୋଗିତାରେ ବରେଣ୍ୟ ବିଚାରକ ଭାବେ ରାଜ୍ୟର ବରିଷ୍ଠ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଯୋଗଦେବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି କହିଛନ୍ତି।

## ଆଜିଠୁ ଗ୍ରେଟର ଓଡ଼ିଶା କ୍ରିକେଟ୍ ଲିଗ୍




ପୁରୀ,୫।୧୨(ସମିସ): ବଲ୍, ବ୍ୟାଟ୍ ଧରି କ୍ରିକେଟ୍ ପଡ଼ିଆକୁ ଓହ୍ଲାଇବେ ବ୍ୟବସାୟୀ। ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ 'ଗ୍ରେଟର ଓଡ଼ିଶା କ୍ରିକେଟ୍ ଲିଗ୍'। ଗୋଟିଏ ଜାଗାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିଷ୍ଠିତ ବ୍ୟବସାୟୀ ଏକାଠି ହୋଇ କ୍ରିକେଟ୍ ଖେଳିବେ। ଏଭଳି ଏକ ସୁଯୋଗ ଆଣି ଦେଇଛି ବିଜିନେସ୍ ନେଟ୍‌ୱର୍କ ଇଣ୍ଟରନ୍ୟାସ୍‌ନାଲ (ବିଏନ୍‌ଆଇ)। ଡିସେମ୍ବର ୬ ଓ ୭ ତାରିଖ ଦୁଇଦିନ ଧରି ମ୍ୟାଚ୍ ଅନୁଷ୍ଠିତ ହେବ। ବିଭିନ୍ନ ଜିଲ୍ଲାରୁ ୧୦ଟି ଚାପ୍ଟର ବା ଦଳ ଅଂଶଗ୍ରହଣ କରିବେ। ମୋଟ୍ ୨୪ଟି ମ୍ୟାଚ୍ ଖେଳାଯିବ। ବିଭିନ୍ନ ଜିଲ୍ଲାରେ ଥିବା ବ୍ୟବସାୟୀମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ସହ ସମ୍ପର୍କ ମଜଭୁତ ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି ବୋଲି ବିଏନ୍‌ଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୁନିତା ମହାନ୍ତି କହିଛନ୍ତି। ଶୁକ୍ରବାର ହୋଟେଲ ହଲିଡ୍ରେ ରିସର୍ଟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗ୍ରେଟର୍ ଓଡ଼ିଶା କ୍ରିକେଟ୍ ଲିଗ୍ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ ଆୟୋଜକ। ଓଡ଼ିଶାରେ ବିଏନ୍‌ଆଇର ମୋଟ୍ ୫୬୦ ସଦସ୍ୟ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଟି ଚାପ୍ଟରରୁ ପ୍ରାୟ ୧୫୦ ଜଣ କ୍ରିକେଟ୍ ଖେଳିବେ। ୬ ତାରିଖ ଅର୍ଥାତ୍ ଶନିବାର ଲିଗ୍ ମ୍ୟାଚ୍ ଖେଳାଯିବ। ୭ରେ ସେମି ଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ୮ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଜିତୁ ଶତପଥୀ, ଡ. ଶୀତଳ କୋଟନି, ଜୟ ଜଗଦୀଶ ପାତ୍ର, କେ. ସଞ୍ଜୀବ ପାତ୍ର, ସାଦ୍ ହାସ୍‌ମୀ, ଡ. କୁମାର ଅରୋଜ୍ୟୋତି ପ୍ରମୁଖ ଏହି କ୍ରିକେଟ୍ ଲିଗ୍ ସମ୍ପର୍କରେ ସୂଚନା ଦେଇଥିଲେ।

**ଆନ୍ତର୍ଜାତିକ ବାଲୁକା କଳା ଓ କୋଣାର୍କ ଉତ୍ସବ ଉଦ୍‌ଯାପିତ**

# ଓଡ଼ିଶୀ ଓ କଥକ ନୃତ୍ୟରେ ଦର୍ଶକ ବିଭୋର

କୋଣାର୍କ,୫।୧୨(ସମିସ): ଶୁକ୍ରବାର ୩୬ତମ କୋଣାର୍କ ଉତ୍ସବ ଏବଂ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ତିମ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡେମୀର ଓଡ଼ିଶୀ ନୃତ୍ୟଶିଳ୍ପୀ ଆରତୀ କର ଓ ତାଙ୍କ ସହକଳାକାର ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ। ଓଡ଼ିଶୀର ପ୍ରଥମ ପ୍ରସ୍ତୁତି ଥିଲା 'ତ୍ରିପଥଗା'। ଏହି ନୃତ୍ୟାଭିନୟଟିର ନୃତ୍ୟ ସଂରଚନା କରିଥିଲେ ଗୁରୁ ରମେଶ ଚନ୍ଦ୍ର ଜେନା ଓ ଗୁରୁ ଆରତୀ କର। ସଂଗୀତ ସଂଯୋଜନା କରିଥିଲେ ଗୁରୁ ଉମେଶ ଚନ୍ଦ୍ର



ଦାସ ଏବଂ ତାଳ ସଂଯୋଜନାରେ ଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଓଡ଼ିଶୀର ପରବର୍ତ୍ତୀ ପ୍ରସ୍ତୁତି ଥିଲା 'ନିୟତି'। ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଆରତୀ କର ଏବଂ ଗୁରୁ ଯୁଧିଷ୍ଠିର ନାୟକ। ସଂଗୀତ ସଂଯୋଜନା ଗୁରୁ ଉମେଶ ଚନ୍ଦ୍ର ଦାସ ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। କୋଣାର୍କ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ସଞ୍ଜୁକ୍ତା ସିହ୍ନା ଓ ତାଙ୍କ ସାଥୀ ଶିଳ୍ପୀବୃନ୍ଦଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷିତ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଆଦି ଅନନ୍ତ'। ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା 'ଲୀଳା'। ସ୍ୱର୍ଗୀୟ ଆନନ୍ଦର ନୃତ୍ୟ, କୃଷ୍ଣଙ୍କ ଦିବ୍ୟ କ୍ରୀଡ଼ାକୁ ପ୍ରତିଭାତ କରେ। ଏହା ଏକ ଆଧ୍ୟାତ୍ମିକ ଯାତ୍ରା, ଯାହା କଥକର ଅସୀମ ସମ୍ଭାବନା ଏବଂ ନୃତ୍ୟର କାଳଜୟୀ ସାରାଂଶ।

ଅନ୍ତିମ ଦିନରେ ଅନ୍ତର୍ଜାତୀୟ ବାଲୁକା କଳାର ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ବିଷୟବସ୍ତୁ ଥିଲା ଆତ୍ମନିର୍ଭର ଭାରତ ଏବଂ ମହିଳାମାନଙ୍କ ପାଇଁ ଥିଲା ବିକଶିତ ଭାରତ। ଦେଶ ବିଦେଶରୁ ଆସିଥିବା ବାଲୁକା ଶିଳ୍ପୀଗଣଙ୍କ କଳା ନୈପୁଣ୍ୟ ତଥା ପ୍ରକୃତି କୋଳରେ ତଲ୍ଲୀନ ହେବା ପ୍ରକ୍ରିୟା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି, ଓଡିଶାର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍‌ପତି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ଏହି ଉତ୍ସବକୁ ପର୍ଯ୍ୟଟନ ବିଭାଗ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ସଙ୍ଗୀତ ନାଟକ ଏକାଡେମୀର କର୍ମକର୍ତ୍ତା ବୃନ୍ଦ ପରିଚାଳନା କରିଥିଲେ। ପାଞ୍ଚଦିନବ୍ୟାପୀ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ। ପରିଚାଳନାରେ ସହଯୋଗ କରିଥିଲେ ଡ. ସଙ୍ଗୀତା ଗୋସାଇଁ।

## ସୌନ୍ଦର୍ଯ୍ୟଭରା ଭାଗୀରଥି ସାଗର

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ସତ୍ତ୍ୱେ ସୁଧୁରିଲାନାହିଁ ଗାରିମା

ଢେଙ୍କାନାଳ,୫ ।୧୨(ସମିସ)



ଢେଙ୍କାନାଳ ସହରର ସୌନ୍ଦର୍ଯ୍ୟଭରା ଭାଗୀରଥି ସାଗରର ପୁନରୁଦ୍ଧାର ନିମନ୍ତେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ସତ୍ତ୍ୱେ ଫେରିଲା ନାହିଁ ପୁରାତନ ଗାରିମା। ଭାଗୀରଥି ସାଗରର ସୌନ୍ଦର୍ଯ୍ୟକରଣ ନାମରେ କୋଟିକୋଟି ଖର୍ଚ୍ଚ ହେବାପରେ ମଧ୍ୟ ପୋଖରୀ ଏବେ ଅପରିଷ୍କାର ହୋଇ ପଡ଼ି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଆମ ପୋଖରୀ ଯୋଜନାରେ ସହରରେ ଥିବା ପୋଖରୀଗୁଡ଼ିକର ପଙ୍କ ଉଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣକୁ ନେଇ ବାରମ୍ବାର ପ୍ରଶ୍ନ ଉଠିଛି। ପୌରାଞ୍ଚଳର ୧୬ ପୋଖରୀ ମଧ୍ୟରୁ ୧୨ ପୋଖରୀର ପଙ୍କଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରାୟ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ପୋଖରୀଗୁଡ଼ିକୁ ପୁନରୁଦ୍ଧାର କରାଯାଇ ଚତୁଃପାଶ୍ୱର୍ ସୌନ୍ଦର୍ଯ୍ୟକରଣ ସହ ସଙ୍କୁଚିତ ନ କରି ସମସ୍ତ ପଙ୍କ ମାଟି ପୋଖରୀରୁ ବାହାର କରି ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ନିଷ୍ପତ୍ତି ହୋଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭର କିଛି ମାସ ମଧ୍ୟରେ ପୁନରୁଦ୍ଧାର ଯୋଜନାରେ ପଙ୍କ ମାଟିକୁ ପୋଖରୀ ହୁଡ଼ା ଭିତରେ ପକାଇ ଦେଇ ପ୍ରାୟ ୩୦ରୁ ୫୦ ଫୁଟ ସଙ୍କୁଚିତ କରାଯିବାରୁ ଅସନ୍ତୋଷ ଦେଖାଯାଇଥିଲା। ଏହାକୁ ଭାଗୀରଥି ସାଗର, କୁଞ୍ଜକାନ୍ତ ପୋଖରୀ ଏବଂ ହୀରାସାଗର ପୋଖରୀ ଅଞ୍ଚଳର ବାସିନ୍ଦା ବିରୋଧ କରିଥିଲେ। ଫଳରେ ପ୍ରଶାସନ ତରଫରୁ ଘଟଣାସ୍ଥଳ ପରିଦର୍ଶନ କରି ପୋଖରୀଗୁଡ଼ିକର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଦୃଷ୍ଟିରୁ ପୋଖରୀ ମଧ୍ୟରେ ଥିବା ସବୁ ପଙ୍କ ମାଟି ବାହାରକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ପଙ୍କ ମାଟି ସ୍ଥାନାନ୍ତର ନ କରି ଏହି ଐତିହାସିକ ପୋଖରୀଗୁଡ଼ିକୁ ପ୍ରାୟ ୫୦ ଫୁଟ ସଙ୍କୁଚିତ କରିଦିଆଯାଇଛି। ଆମ ପୋଖରୀ ଯୋଜନାରେ କୋଟିକୋଟି ଟଙ୍କା କେଉଁଠି ଖର୍ଚ୍ଚ ହେଲା ବୋଲି ପ୍ରଶ୍ନ ଉଠିଛି। ପୋଖରୀ ଉନ୍ନୟନ କାର୍ଯ୍ୟର ତଦନ୍ତ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବା ସହ ଠିକାଦାରଙ୍କ ବିଲ୍ ବନ୍ଦ କରିବାକୁ ଦାବି କରାଯାଇଥିଲା।

ବର୍ତ୍ତମାନ ଢେଙ୍କାନାଳର ସର୍ବପୁରାତନ ନୂଆପୋଖରୀ ଶ୍ରୀହୀନ ହୋଇପଡ଼ିଛି। ଏହି ପୋଖରୀ ଉପରେ ସହରବାସୀ ନିର୍ଭର କରୁଥିବା ବେଳେ ଏଠାକୁ ଶୀତ ଦିନରେ ହଜାର ହଜାର ସାଇବେରିଆନ ପକ୍ଷୀ ଆସିଥାନ୍ତି। ତେବେ ଏହି ପୋଖରୀରେ ଅଧିକ ପାଣି ନ ଥିବାରୁ ଚଳିତବର୍ଷ ପକ୍ଷୀମାନେ ଏଠାକୁ ଆସିବା ବନ୍ଦ କରିଦେଇଛନ୍ତି। ପୋଖରୀରୁ ପଙ୍କ ଉଠାଇ ଅନ୍ୟତ୍ର ସ୍ଥାନାନ୍ତର ସହି ପୋଖରୀ ଚାରିପାଖ ସୌନ୍ଦର୍ଯ୍ୟକଣ କରିବାକୁ ପ୍ରସ୍ତାବ ଥିବାବେଳେ ବର୍ତ୍ତମାନ ସୁଦ୍ଧା ହୋଇନାହିଁ।

● ମହିଳାଙ୍କୁ ଦୁଷ୍କର୍ମ, ଲୋକଲଜ୍ଜା ଭୟରେ ଆତ୍ମହତ୍ୟା

## ୫ ଦିନ ପରେ ପୁଲିସ ହାତ ଖାଲି

ଢେଙ୍କାନାଳ,୫ ।୧୨(ସମିସ): ସଦରଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରାଯିବା ପରେ ମହିଳା ଜଣକ ଲୋକଲଜ୍ଜା ଭୟରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାର ୫ ଦିନ ପରେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି। ମହିଳା ଜଣକ ୩୦ ତାରିଖ ରାତି ୧୦ଟାରେ ତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଏକୁଟିଆ ବାଡ଼ିପଟକୁ ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ସାହିର କବି ଦାସଙ୍କ ପୁଅ ଟୁକୁ ଦାସ ତାଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ସେ ମୁହଁକୁ ଚାପି ଧରି ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେବା ସହ ଦୁଷ୍କର୍ମ କରିଥିଲା। ଏମିତିକି କାହାକୁ କହିଲେ ସ୍ୱାମୀ ଏବଂ ପିଲାକୁ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲା। ଭୟରେ ମହିଳା ଜଣକ କାହାରିକୁ କିଛି କହି ନ ଥିବା ବେଳେ ପରଦିନ ସନ୍ଧ୍ୟାରେ ଟୁକୁ ପୁଣି ତାଙ୍କୁ ଧମକ ଦେବା ସହ ବାଡ଼ିପଟକୁ ମହିଳାଙ୍କୁ ଡାକିଥିଲେ। ତେବେ ମହିଳା ଜଣକ ଲୋକଲଜ୍ଜା ଭୟରେ ଘରେ ଆତ୍ମହତ୍ୟା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

## ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ

ପରଜଙ୍ଗ,୫ ।୧୨(ସମିସ): ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ କେଞ୍ଚୁଡ଼ି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ୩ ବଖରା ଚାଳଛପର ଘର ଭସ୍ମୀଭୂତ ହୋଇଛି। ଗ୍ରାମର ସୁକୁରୁ ପିଙ୍ଗୁଆ ଧାନ ଅମଳ କରିବା ପାଇଁ ବିଲକୁ ଯାଇଥିବା ବେଳେ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଘରର ସମସ୍ତ ଆସବାବପତ୍ର, ଧାନଚାଉଳ, ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ବିପନ୍ନ ପରିବାରକୁ ପ୍ରଶାସନ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସାଇ ବାବାଙ୍କ ବାର୍ଷିକ ଉତ୍ସବ



ଢେଙ୍କାନାଳ,୫ ।୧୨(ସମିସ): ସ୍ଥାନୀୟ ମୀନାବଜାରସ୍ଥିତ ସାଇ ଦରବାର ପ୍ରାଙ୍ଗଣରେ ସାଇବାବାଙ୍କ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସକାଳ ୬ଟାରେ କାକଡ଼ ଆରତି ପରେ ବାବାଙ୍କ ସ୍ନାନ ହୋଇଥିଲା। ପରେ ମଧ୍ୟାହ୍ନ ଆରତି, ହୋମ ଓ ସନ୍ଧ୍ୟାରେ ଧୂମ ଆରତି ହୋଇଥିଲା। ସନ୍ଧ୍ୟାରେ ଶ୍ରୀ ସାଇ ଭଜନ ସନ୍ଧ୍ୟା ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଭଜନ ଓ ସାଇ ଦିବ୍ୟଲୀଳା ପ୍ରବଚକ ଶୁଭାନ୍ୱେଷ ରଥଙ୍କ ଦ୍ୱାରା ସାଇଲୀଳା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ରାତି ସାଢ଼େ ୯ରେ ବାବାଙ୍କ ଶେଯ ଆରତି କରାଯାଇଥିଲା। ରତ୍ନ ମହାପାତ୍ର ପରିବାର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା।

## ମାଣବସା ଗୁରୁବାର ଭଜନ ସନ୍ଧ୍ୟା

ଭୁବନ,୫ ।୧୨(ସମିସ): ଭୁବନ ଏନ୍ଏସି ମହାଲକ୍ଷ୍ମୀ ବଣିକ ସଙ୍ଘ ପକ୍ଷରୁ ମାଣବସା ଗୁରୁବାର ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସଷ୍ଟାଣ୍ଡଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଭାପତି ଦୁଷ୍ମନ୍ତ ପୃଷ୍ଟି ଉଦଘାଟନ କରିଥିଲେ। ସମ୍ପାଦକ ବିପିନ ଦାସ ସଂଯୋଜନା କରିଥିଲେ। ବୁଦ୍ଧେଶ୍ୱର ଭଜନ ସନ୍ଧ୍ୟା ଅନୁଷ୍ଠାନର ମୁଖ୍ୟ ଚକ୍ରଧର ସାହୁ ପରିଚାଳନା କରିଥିଲେ।

## ଗଣେଶ ବଜାର ପକ୍ଷରୁ ମାଣବସା ଗୁରୁବାର ମହୋତ୍ସବ



ଢେଙ୍କାନାଳ,୫ ।୧୨(ସମିସ): ଗଣେଶ ବଜାର ପୂଜା ଅନୁଷ୍ଠାନ ପକ୍ଷରୁ ମାଣବସା ଗୁରୁବାର ମହୋତ୍ସବ ପାଳନ କରାଯାଇଛି। ଚଳିତ ବର୍ଷ ଏହି ମହୋତ୍ସବ ୭୫ ବର୍ଷରେ ପହଞ୍ଚିଥିବାରୁ ଅନୁଷ୍ଠାନ ପକ୍ଷରୁ ଏକ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଛି। ବଜାର ସଭାପତି ସଞ୍ଜୀବ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ଗଣେଶ ବଜାର ଉପଦେଷ୍ଟା ବସନ୍ତ କୁମାର ସାହୁ, ସଙ୍ଗୀତ ଗୁରୁ ଖାରବେଳ ପଟ୍ଟନାୟକ ଉଦଘାଟନ କରିଥିଲେ। ଗୁରୁବାର ପ୍ରାତଃରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। କର୍ତ୍ତା ଅତୁଲ କୁମାର ନାୟକ ଓ ପୁରୋହିତ ଜଗନ୍ନାଥ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଶତରୂପା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ୩ ହଜାର ଶ୍ରଦ୍ଧାଳୁ ମା'ଙ୍କ ପ୍ରସାଦ ସେବନ କରିଥିଲେ। ଅନୁଷ୍ଠାନର ଉପସଭାପତି ଶରତ କୁମାର ସାହୁ, ଉପଦେଷ୍ଟା ବିଶ୍ୱନାଥ ବେହେରା, ସମ୍ପାଦକ ଏମଡି ରଫିକ୍, ମାଧବ କୁମାର ସିଲ, ଶ୍ରୀକାନ୍ତ କୁମାର ସାହୁ, ଜଗନ୍ନାଥ ହୋତା, ଚିତ୍ତରଞ୍ଜନ ସାହୁ, ମାନସ କୁମାର ସାହୁ, ସୁଶାନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି ମିଡିଆ ପ୍ରଭାରୀ ଶ୍ୟାମସୁନ୍ଦର ସାହୁ ସୂଚନା ଦେଇଛନ୍ତି।

### ମନରେଗା କାର୍ଯ୍ୟରେ ଅନିୟମିତତା

## ଉପଜିଲ୍ଲାପାଳନଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

କାମାକ୍ଷାନଗର,୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କଁଛିଆ ଗ୍ରାମରେ ମନରେଗା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ସର୍ବସାଧାରଣ ସ୍ଥାନରେ ବେଆଇନ କାର୍ଯ୍ୟକୁ ବିରୋଧ କରି ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମରେ ମନରେଗା ଯୋଜନାରେ ରାସ୍ତା କାମ ହେଉଛି। ମାତ୍ର ଯେଉଁ ରାସ୍ତାରେ ଗ୍ରାମର ଶତାଧିକ ଲୋକଙ୍କ ଚଳପ୍ରଚଳ ରହିଥିଲା ଏବଂ ସେମାନେ ବିଲବାଡ଼ିକୁ ଯିବାଆସିବା କରୁଥିଲେ ସେହି ରାସ୍ତାକୁ ଠିକାଦାର ଖୋଲି ଦେଇ ବେଆଇନ ଭାବେ ମୋରମ ଉଠାଉଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ଠିକାଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ରାତି ଅଧରେ ଜେସିବି ମାଧ୍ୟମରେ ଠିକାଦାର ବେଆଇନ ଭାବେ ମୋରମ ଖୋଳିବା ସହ ଗ୍ରାମବାସୀଙ୍କୁ କାମ କରାଇବାର ସୁଯୋଗ ଦେଉନାହାନ୍ତି। ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଢେଙ୍କାନାଳ,୫ ।୧୨(ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି। ମୃତ୍ତିକା ପରୀକ୍ଷାଗାର ପରିସରରେ ଆୟୋଜିତ ଉତ୍ସବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ମାଟି ହେଉଛି ଆମର ଜୀବନ୍ତ ମାଆ। ଏହାକୁ ଗୁଣଯୁକ୍ତ କରିବା ଅତ୍ୟନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା ଅପରିହାର୍ଯ୍ୟ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି କହିଥିଲେ। ଜମିରେ ଅଧିକ ରାସାୟନିକ ସାର ପ୍ରୟୋଗ ମାଟି ମା' ପ୍ରତି ଅତ୍ୟାଚାର। ତେଣି ଖତ ଓ ଜୈବିକ ସାର ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଜମିକୁ ପଡ଼ିଆ ନ ରଖି ସର୍ବଦା ଚାଷ କାର୍ଯ୍ୟରେ ନିୟୋଜିତ କଲେ ଜମିର ଉର୍ବରତା ବୃଦ୍ଧି ପାଇବ ବୋଲି କହିଥିଲେ। ମାଟି ହେଉଛି ସକଳ ଜୀବର ଆଧାର ବୋଲି ସମବାୟ ସମିତି ସମୂହର ଉପନିବନ୍ଧକ ଉମାଶଙ୍କର ଦାସ କହିଥିଲେ। ପିପିଏଲ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ, ଆରଆରଟିଡିର ଆଡିସନାଲ ଡାଇରେକ୍ଟର ଡ. ଡିଆର ମିଶ୍ର, ମୃତ୍ତିକା ରସାୟନବିତ୍ ପଦାରବିନ୍ଦ ସାହୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର



ଆବଶ୍ୟକତା ଓ ଏହାର ଉପଯୋଗିତା ସମ୍ବନ୍ଧରେ ବୁଝାଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ଶ୍ରୁତିରେଖା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଅଧିକାରୀ ବିନୋଦ କୁମାର ଲେଙ୍କା ମାଟି ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୂମିତ୍ର, ଅଣୁସାର ଓ ସନ୍ତୁଳିତ ରାସାୟନିକ ସାର ବ୍ୟବହାର ଏବଂ ଅଧିକ ଜୈବିକ ଖତସାର ପ୍ରୟୋଗ ପାଇଁ ପ୍ରବର୍ତ୍ତାଇଥିଲେ।

### ମହଙ୍ଗା ପଡ଼ିଲା ସ୍ତ୍ରୀ ଥାଉ ଥାଉ ଦ୍ୱିତୀୟ ବିବାହ

## ହିନ୍ଦୋଳ ସବ୍ ଜେଲ୍‌ର ୱାର୍ଡର ଗିରଫ

ହିନ୍ଦୋଳ,୫ ।୧୨(ସମିସ): ପ୍ରଥମ ସ୍ତ୍ରୀ ଥାଉ ଥାଉ ପୁଣି ଅନ୍ୟ ଜଣଙ୍କୁ ପ୍ରେମ ବିବାହ। ନିଜ ପତ୍ନୀର ପରିଚୟ ଦେଇ ସରକାରୀ କ୍ୱାର୍ଟର୍ସରେ ମଧ୍ୟ ଦ୍ୱିତୀୟ ପତ୍ନୀଙ୍କୁ ରଖିଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ସରକାରଙ୍କୁ ଠକି ଚାଲିଥିବାବେଳେ ଆଇନ ଜାଲରେ ଫସିଛନ୍ତି ହିନ୍ଦୋଳ ସବ୍ ଜେଲ୍‌ର ୱାର୍ଡର ବିଜୟ କୁମାର ରାଉତ। ଶୁକ୍ରବାର ପୁଲିସ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଛି।

ବିଜୟଙ୍କ ଘର ଆଠଗଡ଼ ଥାନା ସାମ୍‌ସେରପୁର ଗ୍ରାମରେ। ସେ ପୂର୍ବରୁ ବୈଦିକ ରୀତିରେ ବିବାହ କରିଥିଲେ। ମାତ୍ର ଅନ୍ୟ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମସମ୍ପର୍କ ପରେ ଲୁଚିଛପି ତାଙ୍କୁ ମଧ୍ୟ ବିବାହ କରିଥିଲେ। ଏପରିକି ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ନ ଦେଇ ବିଜୟ ଦ୍ୱିତୀୟ ବିବାହ କରିବା ସହ ଦ୍ୱିତୀୟ ପତ୍ନୀଙ୍କୁ ହିନ୍ଦୋଳ ଉପ କାରାଗାର ସରକାରୀ କ୍ୱାର୍ଟର୍ସରେ ନେଇ ରଖିଥିଲେ। ତେବେ ପ୍ରଥମ ପତ୍ନୀ ନ୍ୟାୟ ପାଇଁ ଏ ସମ୍ପର୍କରେ ଖୋର୍ଦ୍ଧା ପରିବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ବିଜୟ ୨୦୨୪ ଜୁନ ୬ରୁ ଫେରାର ହୋଇଯାଇଥିଲେ। ତେବେ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିବା ପରେ ପୁଲିସ ତାଙ୍କୁ ଖୋଜୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଶୁକ୍ରବାର ଆଠଗଡ଼ ଅଞ୍ଚଳରୁ ପୁଲିସ ବିଜୟଙ୍କୁ କାବୁ କରିଛି। ପରେ ଖୋର୍ଦ୍ଧା ପରିବାର ଅଦାଲତରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଛି।

## ବିଦ୍ୟୁତ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ



ଖଜୁରିଆକଟା, ୫ ।୧୨(ସମିସ): ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ ନାଧରାସ୍ଥିତ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ସଂଘ ଉପଖଣ୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସର୍କଲ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଭିଜନ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ସହ ସମ୍ପାଦକ ଉପେନ୍ଦ୍ର ମାହୁନ୍ତ, ଡିଭିଜନ ସଂଗଠନ ସମ୍ପାଦକ ସଞ୍ଜିତ କୁମାର ଶତପଥୀ, ଉପଖଣ୍ଡ ସମ୍ପାଦକ ଶ୍ରୀବତ୍ସ ସାହୁ ଅତିଥି ରୂପେ ଯୋଗଦେଇ ସଂଘର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ବର୍ଷ ପାଇଁ ଉପଖଣ୍ଡ ସମ୍ପାଦକ ଭାବେ ଶ୍ରୀବତ୍ସ ସାହୁ, ସଂଗଠନ ସମ୍ପାଦକ କୁଲୁ ଜେନାମଣି, ହିନ୍ଦୋଳ ରୋଡ ସେକ୍ସନ ସମ୍ପାଦକ ପ୍ରଜିତ ନାଥ, ଖଜୁରିଆକଟା-ସଞ୍ଜୀବ ସର, ହିନ୍ଦୋଳ-ସନ୍ତୋଷ ସାମନ୍ତ, ପରିଚାଳନା କମିଟି ସଦସ୍ୟ ଭାବେ ହିନ୍ଦୋଳ ରୋଡ୍-ଜିତେନ୍ଦ୍ର ପରିଡ଼ା, ଖଜୁରିଆକଟା-ଦେବପ୍ରକାଶ ନାଥ, ହିନ୍ଦୋଳ-ପ୍ରକାଶ ସାମଲ, ବ୍ୟବସାୟିକ ସଂଗଠନ ସମ୍ପାଦକ ସନ୍ତୋଷ ବେହେରାଙ୍କୁ ଚୟନ କରାଯାଇଛି। ଆନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିରୋଧୀ ହିଂସା ବନ୍ଦ ପାଇଁ ସକ୍ରିୟତା




ଢେଙ୍କାନାଳ,୫ ।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଇଶୋ ଅନୁଷ୍ଠାନ ମିଳିତ ଉଦ୍ୟମରେ ୧୬ ଦିନିଆ ମହିଳା ଏବଂ ବାଳିକା ବିରୋଧୀ ହିଂସା ରୋକିବା ପାଇଁ ଆଲୋଚନାଚକ୍ର ଜିଲ୍ଲାର ପୀଡ଼ିତା ମହିଳା, ପିଏଲଭି, ଏନଜିଓମାନଙ୍କୁ ନେଇ ଡିଏଲଏସଏ ସଭାଗୃହରେ ଅନୁଷ୍ଠିତ ହୋଇଛି। ଇଶୋର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ରେଜିଷ୍ଟ୍ରାର ସଚିବ ସସ୍ମିତା ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର, ସମାଜସେବୀ ତଥା ଦଧିଚି ସଂଗଠନ ମୁଖ୍ୟ ଶୈଳବାଳା ମିଶ୍ର, ଭାନୁମତୀ ପାଣି, ସମାଜସେବୀ ଅନିମା ନାଏକ ପ୍ରମୁଖ ଯୋଗଦେଇଥିଲେ। ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ଆଇନଗୁଡ଼ିକ ସେମାନେ ଜାଣିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଗାୟତ୍ରୀ ମହନ୍ତ, ଗାୟତ୍ରୀ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଧକ୍କାରେ ବ୍ୟବସାୟୀ ମୃତ



ଢେଙ୍କାନାଳ,୫ ।୧୨(ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା କାଠଗଡ଼ା ନିକଟରେ ହାଇୱା ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଧ୍ୟପ୍ରଦେଶର ବାପୁଲାଲ ବଞ୍ଜାରା। ମଧ୍ୟପ୍ରଦେଶର କେତେକ ଲୋକ କାଠଗଡ଼ାରେ କମ୍ବଳ ବ୍ୟବସାୟ କରୁଥିଲେ। ଶୁକ୍ରବାର ସିଦ୍ଧି ଟ୍ରାନ୍ସପୋର୍ଟର ଏକ ହାଇୱା ଦ୍ରୁତଗତିରେ ଆସି ବାପୁଲାଲଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାପୁଲାଲଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ହାଇୱା ସହ ମୃତଦେହ ଜବତ କରିଛି। ଅନ୍ୟପଟେ ଗୁରୁବାର ବିଳମ୍ବିତ ରାତିରେ କାଠଗଡ଼ାଠାରୁ କିଛି ଦୂରରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ୫୫ନଂ ଜାତୀୟ ରାଜପଥ କଲେଜ ବାଇପାସ ଅଞ୍ଚଳ ଦୁର୍ଘଟଣାପ୍ରବଣ ଅଞ୍ଚଳ ରୂପେ ଚିହ୍ନଟ ହେବା ସତ୍ତ୍ୱେ ଜାତୀୟ ରାଜପଥ ବିଭାଗର ଚେତା କେବେ ପଶିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେବାରେ ଲାଗିଛି। ଏ ଦିଗରେ ପୁଲିସ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପକ୍କା ରାସ୍ତାରୁ ବଞ୍ଚିତ ସାପକରା, ବାରିଆରାଗୁଡ଼ି ଗ୍ରାମବାସୀ

ହିନ୍ଦୋଳ,୫ ।୧୨(ସମିସ)

### ବାରମ୍ବାର ଗୁହାରି ସତ୍ତ୍ୱେ ହେଉନି ରାସ୍ତା ନିର୍ମାଣ



୬୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ଅସରାଏ ବର୍ଷାରେ ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ। ଏଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ପଞ୍ଚାୟତ ସାପକରା ଓ ବାରିଆରାଗୁଡ଼ି ଗ୍ରାମରେ। ଗ୍ରାମର ଅଧାରୁ ଅଧିକ ଲୋକ ଅନୁସୂଚିତ ଜାତିର। ପିଲାମାନଙ୍କ ପ୍ରାଥମିକ ଶିକ୍ଷା ପାଇଁ ଗ୍ରାମରେ ବିଦ୍ୟାଳୟ ରହିଛି। ହେଲେ ଅଧିକ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀମାନେ ନିକଟସ୍ଥ ଦୁଦୁରୁକୋଟ ଗ୍ରାମକୁ ଯିବାକୁ ପଡ଼ିଥାଏ, ଯାହାକି ବାରିଆରଗଡ଼ି ଓ ସାପକରା ଗ୍ରାମଠାରୁ ୩ କିଲୋମିଟରରୁ ଅଧିକ ଦୂରରେ ଅବସ୍ଥିତ। ସତମାଇଲ ନିକଟ ପୂର୍ତ୍ତ ରାସ୍ତାଠାରୁ ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ୨ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମ। ବର୍ଷା ହେଲେ ଗ୍ରାମବାସୀ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଖରା ଓ ଶୀତ ଦିନରେ କଷ୍ଟେମଷ୍ଟେ ଗ୍ରାମକୁ ଯାଇହେଉଥିବା ବେଳେ ବର୍ଷା ଦିନରେ ଯିବା କଷ୍ଟକର। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି। ହେଲେ କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତୁରନ୍ତ ଏହି ଗାଁକୁ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।

## ଓଷ୍ଟାର ଜିଲ୍ଲାସ୍ତରୀୟ ସମ୍ମିଳନୀ

ଢେଙ୍କାନାଳ,୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓଷ୍ଟା ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ସଂଘ ସଭାପତି ରାମ ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି, ରାଜ୍ୟ ଶୈକ୍ଷିକ ସମ୍ପାଦକ ପ୍ରଣବ କୁମାର ଜେନା, ଆନ୍ଦୋଳନ ସମ୍ପାଦକ ରମାକାନ୍ତ ମହାପାତ୍ର ଓ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଙ୍କଡ଼ାହାଡ଼ ବ୍ଲକର ସମ୍ପାଦକ ଦିଲୀପ କୁମାର ମାଝି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସମ୍ପାଦକ ଶଶିକାନ୍ତ ଦାଶ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ କର୍ମଚାରୀଙ୍କ ପେନସନ ଏବଂ ଅନୁଦାନ ଦେବାରେ ସରକାରଙ୍କ ଟାଳଟୁଳ ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ଶିଶୁମେଳା ସୁଚାରୁରୂପେ ସମ୍ପାଦନ ପାଇଁ କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲେ। ପୂର୍ବତନ ସଭାପତି ସନ୍ତୋଷ ପାଣିଗ୍ରାହୀ ଓ ପୂର୍ବ ସମ୍ପାଦକ ବିଭୂତି ସାମଲ ହେବାକୁଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ଦାବି ପୂରଣ ପାଇଁ ଆଗାମୀ ୧୦, ୧୧ ଓ ୧୨ ତାରିଖ ରାଜଧାନୀରେ ଅହୋରାତ୍ର ଧାରଣା ଦେବାକୁ କୁହାଯାଇଥିଲା। ୧୫ ଦିନ ମଧ୍ୟରେ ଦାବି ହାସଲ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯାଇ ସମସ୍ତ ସ୍କୁଲ ତାଲା ବନ୍ଦ କରିବା ସହ ରାଜରାସ୍ତାରେ ଦୃଢ଼ ପ୍ରତିବାଦ କରି ସରକାରଙ୍କୁ ଅଚଳ କରାଯିବ ବୋଲି ବକ୍ତାମାନେ କହିଥିଲେ। ଅଶ୍ୱିନୀ ପଣ୍ଡା, ଅଞ୍ଜନ ମହାରଣା, ବିନୋଦ କୁମାର ସାହୁ, ଶୁଭସ୍ମିତା




ବେଉରା, ଜ୍ୟୋତିର୍ମୟ ପଟ୍ଟନାୟକ, ଉପଦେଷ୍ଟା ସରୋଜକାନ୍ତ ଦାସ ଏବଂ ପ୍ରଶାନ୍ତ କୁମାର ଧଳ, ବ୍ଲକ୍ ସମ୍ପାଦକ ତଥା ସଭାପତି ଯୋଗଦାନ କରିଥିଲେ। ସୁରେଶ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସଂଘ ଉପସଭାପତି ସୁବାସ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।